Split by PDF Splitter



## CORRESPONDENCE.

To

The Editor of the Utkal Dipica

Sir,

In reference to the letter of "A spectator" published in your issue of the 27th Instant, I beg to be allowed to remark that the writer was manifestly in a reverie at the time the report was being read at the last distribution of prizes in the Ravenshaw College premises. His statement wholly incorrect viz. "that the Pri- pal spoke to the effect that the total number of boys plucked in English in the Entrance Examination was ” for the report of the school contains the following "Fourteen were sent up to the Entrance Examination and 6 passed, against 10 of the preceding year. Of the failed candidates 2 failed in History and Geography only, 3 in English only and 3 in two or three subjects." "A Spectator" may have powerful *vision* but surely his tympanum cannot *a priori* be such as would require no mending in its hide. Such a gross distortion of facts, if deliberately made, deserves severe condemnation. Granting forsooth that your correspondent's mathematical acquirements are of a high order as he himself seems to imply, I am at a loss to understand how the arithmetical identity 14−6+2+3+3 could be hard of conception to him. Had the Principal stated "6 failed in English only, 2 in History and Geography only and 3 in two or more subjects" the total number of plucked candidates would have been 11 and this with the 6 passed would have made the total 17 instead of 14 which was actually the number sent up. The remarks of "A Spectator" evidently insinuate that the Principal has attempted unfairly to shield the Head master in whose subject lessons the failures have been more numerous. I really pity the ignorance of "Spectator" for if he had been a more attentive auditor he would have certainly heard at the time the expression of the Principal's dissatisfaction at the school Examination results. This disapprobation in definite terms was of course condemnatory of the school as well as of the Head master's work and the Head master also, I must do him the justice has himself recognised his own position however accidentally it might have been brought about.

"Spectator's" mathemaical precesion as well as his linguistic accuracy is admirable:—which year does he mean by his "last year" 1880 or 1881? It was in the report of 1880 I think the Principal said, your correspondent puts it "not a single boy was plucked in English in the F. A. Now if Spectator were a careful reader of reports he would have learnt in the same report that the Principal has given to the college lecturers their fair share of praise for the so called "last years" success.

Lastly "A spectator" has made an unjust reflection on our conscientious Commissioner who is too plain spoken a man to stoop to any thing so low as a sarcastic in a public assembly. Mr. Smith never shrinks from calling a thing by its proper name and if he had been dissatisfied with the F. A. results for that is the examination to which the "fluctuation" of Spectator principally refers he would have certainly said so in unmistakeable terms. As regards his desire to see the standard of education in the college further improved, all persons interested in the well being of Orissa must heartily approve and I am sure all officers of the college will do the same. But they cannot desist from noticing a glaring fact. True the Mednapur High school was established in 1873 but Balasore boys had no close acquaintance with Mednapur before 1879 in which year, they (or most of them) first presented themselves at the Midnapur centre (of the University Entrance and F. A. Examination) opened as such since December 1877. The Cuttack F. A. results have been I believe invariably better than that of Midnapur, and the Balasore undergraduates whose number has been decreasing in the Ravenshaw college since 1880 may have been, as some think, tempted to join the Mednapur college only on the score of the nearness of the place, its proximity to the metropolis and facility of communication.

3—5—82 } Yours faithfully
A Contradiction.

## ପ୍ରେରିତପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ

ମହାଶୟ !

ଅମ୍ଭେ କୃତଜ୍ଞତା ସହ ସ୍ୱୀକାର କରୁଅଛୁଁ କଟକ ଟାଉନ କ୍ଲବ୍ର ମଧ୍ୟରେ ବାଳକାମାନଙ୍କୁ; ହାରମୋନିୟମ ଶିକ୍ଷା ଦେବା ନିମନ୍ତେ ଗୋଟିଏ ହାରମୋନିୟମ ବାବତ ବାବୁ କାଳିପଦ ବନ୍ଦ୍ୟୋପାଧ୍ୟାୟ ଟ ୪୦ ଙ୍କା ବାବୁ ସଦାନନ୍ଦ ମହାନ୍ତି ଟ ୨୦ ଙ୍କା ଦାନ କରିଅଛନ୍ତି । ଇତି

୨।୬।୮୨ } ବଶମ୍ବଦ
ବାଲୁବଜାର } ଶ୍ରୀ ଦୀନନାଥ ବନ୍ଦ୍ୟୋପାଧ୍ୟାୟ

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟେଷୁ !

ମହାଶୟ !

ନିମ୍ନଲିଖିତ କେତେକ ପଂକ୍ତିକୁ ଆପଣଙ୍କର ଉତ୍କଳଦୀପିକା ନାମକ ସାପ୍ତାହିକ ପତ୍ରରେ ସ୍ଥାନ ଦାନ କରି ଚିରବାଧିତ କରିବା ହେବେ ।

କେତେକ ବର୍ଷ ଗତ ହେଲା ଏ ସମ୍ବଲପୁରରେ ଶୀତଳଷଷ୍ଠୀ ନାମକ ମହାଦେବଙ୍କର ଗୋଟିଏ ଯାତ୍ରା ହୁଏ । ଉକ୍ତ ଯାତ୍ରୋପଲକ୍ଷରେ ଗତ ତା ୨୩ ଋଖ ମଇରେ ଅନେକ ଲୋକଙ୍କର ସମାଗତ ହୋଇ ଥିଲା, ଅନେକ ଦୂରରୁ ଲୋକମାନେ ଯାତ୍ରା ଦର୍ଶନ ନିମନ୍ତେ ଆସି ଥିଲେ ଏଠାରେ ଦୁଇ ମହାପ୍ରଭୁଙ୍କର ଉକ୍ତ ଯାତ୍ରା ହୁଏ ବାଲୁଙ୍କେଶ୍ୱର ଓ ଲୋକନାଥ ।

ଉକ୍ତ ତା ୨୩ ଋଖ ରାତ୍ର ବାଲୁଙ୍କେଶ୍ୱରଙ୍କର ଯାତ୍ରା ପ୍ରଥମରେ ଗୁଡ଼ିଠାରୁ ପ୍ରାୟ ଘ ୮ ଘଣ୍ଟା ସରକ ବାହାରିଲା ଅନେକ ନାଚ ଓ ଆତସ ବାଜି ଓ ସ୍ୱେତଲାଇ ଓ ଠାକୁରଙ୍କ ବିମାନ ଅତ ଅଧିକ ପଟୁଆରରେ ଚଳିଲା ସମ୍ବଲପୁରର ଏକ ବେଢ଼ା ବୁଲିଲେ କିନ୍ତୁ ଯେତେବେଳେ କୁଞ୍ଜାଘଡ଼ା ଗୁଡ଼ୀ ନିକଟରେ ପ୍ରାପ୍ତ ହେଲା ଏବଂ ସୂର୍ଯ୍ୟୋଦୟ ହେଲେ ତେତେବେଳେ ପାଲିଙ୍କି

Digitized by srujanika@gmail.com

...ନ୍ତିରେ ନ ପଶ୍ଚିମକୁ ବିଶ୍ରଜମାନ କର ଥିଲେ ତାହା ଅତି ସୁନ୍ଦର ଶୋଭମାନ ହେଉଥିଲା ଯହିଁରେ ସୂର୍ଯ୍ୟଙ୍କର ତେଜ ପଡି ଅତି ମନୋହର ଦୃଶ୍ୟ ହେଲା ।

ଉତ୍ପରେ ତା ୨୪ ରଖ ଘଡ଼ିରେ ଘ ୬ ଘଣ୍ଟା ସମୟରେ ବାବା ଲୋକନାଥଙ୍କର ପ୍ରଭା, ନାଚ, ବିମାନ ଓ ସମ୍ପ୍ରଦାୟ ଓଗେର ପଞ୍ଚୁଆର ବ୍ରହ୍ମପୁର ମନ୍ଦିରଠାରୁ ବାହାରି ସମ୍ବଲପୁର ନଗରର ଏକ ବେଢ଼ା ବୁଲିଲେ ଏହି ଯାତ୍ରାର ପ୍ରଭା ଏବଂ ବିମାନସବୁ ଅତି ମନୋହର ହୋଇ ଥିଲା ଏବଂ ନାଚ ଇତ୍ୟାଦି ଅତି ମନୋହର ହୋଇ ଥିଲା ଇନ୍ଧନରୁ ଯହିଁରେ ହରଗୌରୀ ବିଶ୍ରଜମାନ କର ଥିଲେ ସେହି ପ୍ରଭା ସବୁଠାରୁ ଅଧିକ ପସନ୍ଦ ହୋଇ ଥିଲା ଯହିଁରେ ଦୀପସବୁର ଆଲୋକ ପଡି ଅତି ଚମତ୍କାର ଓ ଦର୍ପଣମାନଙ୍କ ସବୁ ପ୍ରତିବିମ୍ବିତ ହୋଇ ଅତି ମନୋହର ଦୃଶ୍ୟ ହୋଇ ଥିଲା ଆତସବାଜୀ ଓ ରୋଷନାଇ ସୁନ୍ଦର ହୋଇ ଥିଲା ।

ଏହି ଯାତ୍ରାକୁ ଏଦେଶୀୟ ଲୋକମାନଙ୍କର ଅତିଶୟ ଅନୁରାଗ ଥିବାର ଜଣା ଯାଏ କିନ୍ତୁ ଯାତ୍ରାରେ ଉଚିତ୍ ରୂପରେ କଳହ ତାଇ ହୋଇ ଉକ୍ତ ଯାତ୍ରା ନିଷ୍ଫଳ ହେଉ ଥିବାରୁ ଲୋକଙ୍କର ଅନୁରାଗ କମେ ଊଣା ହେଉଅଛି ଓ ଯାତ୍ରା ହେବାର ସୁବା ଦିନକୁ ଦିନ ଲୋପ ହେଉଅଛି । ପୂର୍ବରେ ଏହି ଯାତ୍ରାରେ ଅନେକ ଲୋକ ଜମା ହେଉ ଥିଲେ କିନ୍ତୁ ବର୍ତ୍ତମାନ ବହୁତ କମ ଲୋକ ଜମା ହୁଅନ୍ତି ଯେବେ ଇଚ୍ଛୁକ ଲୋକଙ୍କ ସାହାଯ୍ୟ ଓ ଉଦ୍ୟୋଗପୂର୍ବକ ହୋଇ ଉକ୍ତ କାର୍ଯ୍ୟ ନିଷ୍ପନ୍ନ କରନ୍ତେ ତେବେ ଅତି ଉତ୍ତମ ହୁଅନ୍ତା ।

ପରିଶେଷରେ ଯେବେ ଏଠାର ଜ... ଲୋକମାନେ ଉକ୍ତ କାର୍ଯ୍ୟରେ ଅନ୍ତରଙ୍କ ସାହାଯ୍ୟ ପ୍ରଦାନ କରନ୍ତେ ତେବେ ସେମାନଙ୍କର ପରକାଳକୁ ମଙ୍ଗଳ ହୁଅନ୍ତା ଏବଂ ପରମେଶ୍ୱରଙ୍କର କାର୍ଯ୍ୟସୁଦ୍ଧା ନିର୍ବିଘ୍ନରେ ସମ୍ପନ୍ନ ହୁଅନ୍ତା, ଇତି ।

ତା ୩୦।୬।୮୨ } ବଶମ୍ବଦ
ସମ୍ବଲପୁର } ଶ୍ରୀ ଶ୍ୟାମସୁନ୍ଦର ପଟ୍ଟନାୟକ ।

## ବିଜ୍ଞାପନ ।

### ନୃପବଲ୍ଲଭ ବଟିକା ।

ଅନୁପାନ ବିଶେଷରେ ସେବନ କଲେ ଅଠ ପ୍ରକାର ଜ୍ୱର ଭଲ ହୁଅଇ । ୧୬ ମାତ୍ରାକୁ ଟ ୧୮ ଙ୍କା ।

### ମୀନକେତନ ବଟିକା ।

ଅତି ଉତ୍କୃଷ୍ଟ ଧାତୁବୃଦ୍ଧିକର ପୁଂସକ ଔଷଧ । ଅନୁପାନ ବିଶେଷରେ ବାୟୁରୋଗ ଶାନ୍ତ ହୁଅଇ । ୪ ମାତ୍ରାକୁ ଟ ୧ ଙ୍କା

### କନ୍ଦର୍ପଚନ୍ଦ୍ରୋଦୟ ବଟିକା ।

ଏ ବଟିକାହାର ଅନୁକୂଳ ଅଛି ଏହି ବଟିକା ଧ୍ୱଜ ପୁଂସ୍ତ୍ୱଭଙ୍ଗ ରୋଗ ଭଲ ହୁଏଇ । ୪ ମାତ୍ରାକୁ ଟ ୧୮ ଙ୍କା ।

ଏ ସବୁ ଅର ମେହ ପ୍ରଭୃତି ରୋଗର ଉତ୍କୃଷ୍ଟ ଔଷଧମାନ ଆମ୍ଭ ନିକଟରେ ପ୍ରାପ୍ତବ୍ୟ । ଗ୍ରାହକମାନେ ଔଷଧ ଗ୍ରହଣ ସମୟରେ ସେବନ ବିଧିମାନ ଜାଣି ପାରିବେ ।

୧।୭।୮୨ }
ବାଲୁବଜାର } ଶ୍ରୀ ରାମଚନ୍ଦ୍ର ବେବର୍ତ୍ତ ପାକାସୂତ ।
କଟକ }

ବାଧକବେଦନାର ମହୌଷଧ ମୂଲ୍ୟ ଟ ୩୧ ଙ୍କା

ଏହା ଅଲ୍ପ ମାତ୍ର ବ୍ୟବହାର କଲେ ସମସ୍ତ ଯନ୍ତ୍ରଣା ନିବାରଣ ହୁଏ ଓ ସନ୍ତାନ ଉତ୍ପତ୍ତିର ବ୍ୟାଘାତ ଦୂର କରେ ।

---

ସ୍ୱଛିଦ୍ଧା ମୂଲ୍ୟ ଟ ୧ ।

ଶୀଘ୍ର ହୋଇ ବହୁ ଦିବସ ଉତ୍ପନ୍ନ ହେଲେ ଏମନ୍ତରେ ଆରୋଗ୍ୟ ହୁଏ । ମୂଲ୍ୟ ଟ ୨୮ ଙ୍କା

ଉପଦଂଶ ଅର୍ଥାତ୍ ଗରମୀ ରୋଗର

### ମହୌଷଧ ।

ନୂତନ ବା ପୁରାତନ ଘା ୭ ଦିନରେ ଆରୋଗ୍ୟ ହୁଏ । ଏଥିରେ କୌଣସିକ ପଥ୍ୟ ନାହିଁ । ମୂଲ୍ୟ ଟ ୦ ।

ରକ୍ତ ପରିଷ୍କାର, ଦେହରେ ଛୋଟ ଛୋଟ କୁଣ୍ଡିଆ ଗରମୀ ଓ ଗାଲ ବା ମୁଖରେ ମୁଖରେ ଘା ପ୍ରକାଶ ପାଇଲେ ସପ୍ତାହ ମଧ୍ୟରେ ଆରୋଗ୍ୟ ହୁଏ । ଆଉ କେବେ ସେ ରୋଗ ହୁଏ ନାହିଁ । ମୂଲ୍ୟ ଟ ୪ ।

### ମେହରୋଗର ମହୌଷଧ ।

ମୂଲ୍ୟ ଟ ୧୧ ଙ୍କା ମୁନା ଓହିଁ ଦିଅରେ ପୂର୍ବର ପିନ୍ଧିବାକୁ ହୁ । ଏଥିରେ ସ୍ତ୍ରୀ ପୁରୁଷ ସମସ୍ତଙ୍କର ନୂତନ ବା ପୁରାତନ ... ଏକ ସପ୍ତାହ ମଧ୍ୟରେ ଆରୋଗ୍ୟ ହୁଏ ।

ଶ୍ରୀ ହରିଚରଣ ଦାସ ।
ହାଲିଦାର ହୁଲି ।
ବଁଢ଼ା ପୋଷ୍ଟ ।

---

...ତି ସନ ଜୁନ ମାସ ତା ୧୨ ଦିନରେ ଓଡ଼ିଶା ପ୍ର... ...ର ଶ୍ରୀଯୁକ୍ତ କମିଶ୍ନର ସାହେବଙ୍କ କଚେରିରେ ପାଲର ... ଦିଆର ଘଡା ବାହାଦୂରଙ୍କ ଶୋ ୪ ଖା ତୁଗ୍ଗୀ ଓ ସୋ... ଘୋଡା ରଥ ନିଲାମ ନାମକ ସରକାର ଦାରା ... ହେବ । କିନ୍ତୁ ତାହାର ଦର ୧୨୫ ସଙ୍ଖ୍ୟାରୁ ... [illegible] ହେବ ଇଚ୍ଛୁକ ଜନମାନେ କମିଶ୍ନର ସାହେବଙ୍କ କଚେରୀ ହତାରେ ଅଛନ୍ତି ସେଠାରେ [illegible] ଦେଖିପାରିବେ । ଇତି ।

କଟକ }
ଗଭର୍ଣ୍ଣର ସୁପରିଣ୍ଟେଣ୍ଡେଣ୍ଟ } N. K. DAS
ସାହେବଙ୍କ କଚେରୀ }
ତା ୧୯ ଜୁନ ମଇ ସନ } ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ
୧୮୮୨ ସାଲ }

---

### ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫିଉଜ୍ ।

ଏହା କୁଇନାଇନର ପରିବର୍ତ୍ତେ ଉତ୍କୃଷ୍ଟ ଔଷଧ ବୋଲି ବିବେଚିତ । ଜ୍ୱରର ପ୍ରଧାନ ପ୍ରଧାନ ଇଉରୋପୀୟ ଓ ଦେଶୀୟ ଔଷଧାଳୟରେ ବ୍ୟବହୃତ ହୁଅଇ । କଲିକତା ବୋଟାନିକାଲ ଗାର୍ଡେନର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ନିମ୍ନଲିଖିତ ଦରରେ ମିଳିପାରିବ ଯଥା,—

ଡାକମାସୁଲ ସହିତ ୮ ଅଉନ୍ସକୁ ... । ୮ ଅଉନ୍ସକୁ ଟ ୧୧ ଙ୍କା । ୧୬ ଅଉନ୍ସକୁ ଟ ୨୦ ମୂଲ୍ୟ ନଗଦ ।

---

ମୂଲ୍ୟ ନଗଦ ଦେବ ।

Split by PDF Splitter

REGISTERED NO. 1

# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା

ଭା ୧୭ ଶ
ସଂ ୨୪ ଶ

ତାଃ ୧୭ ଇତ ମାହେ ଜୁନ ସନ ୧୮୮୨ ମସିହା । ମୁ । ଆଷାଢ଼ ତା ୪ ଠ ସନ ୧୨୮୯ ସାଲ ଶନିବାର

| ମୂଲ୍ୟ | ଅଗ୍ରିମ | ବକେୟା |
| --- | --- | --- |
| ବାର୍ଷିକ | ଟ ୨ ୧ | ଟ ୨ ୧ |
| ଡାକମାସୁଲ | ଟ ० ୯ | ଟ ୧ ୧ |

ଗତ ସପ୍ତାହ ଶେଷଭାଗରୁ ଏଠାରେ ଉତ୍ତମ ବୃଷ୍ଟି ହେଉଅଛି । ଉତ୍ତାପିତ ଗ୍ରୀଷ୍ମ ପରେ ଲୋକେ ଟିକିଏ ଶାନ୍ତି ଲଭିଲେ । କୃଷିକାର୍ଯ୍ୟ ପକ୍ଷରେ ଏ ବୃଷ୍ଟି ସର୍ବାଂଶରେ ଅନୁକୂଳ ଅଟେ । କାଳିଠାରେ ମଧ୍ୟ ତା ୮ ରଖରୁ ବୃଷ୍ଟି ଆରମ୍ଭ ହୋଇଥିବାର ସମ୍ବାଦ ଆସି ଅଛି । ଏ ବୃଷ୍ଟି ଉଭୟଦିଗ ଏବଂ ମୌସୁମୀ ବୃଷ୍ଟି ଆରମ୍ଭର ସୂଚନା ଅଟେ ଏଠା ନଦୀମାନ ତା ୧୨ ରଖରୁ ବଢି ଅଛି ଏବଂ ସର୍ବତ୍ର ଋତୁର ଅବସ୍ଥା ଉତ୍ତମ ଅଟେ ।

— * —

ଆମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ପାଠକମାନଙ୍କୁ ଜଣାଉଅଛୁଁ ଯେ ମୟୂରଭଞ୍ଜର ମୃତ ମହାରାଜାଙ୍କର ପାଟମହାଦେଈ ଶ୍ରୀମତୀ ଗଦାଧରକୁଂଆରୀ ଦେବୀ ଗତ ମାସ ତା ୨୬ ରଖରେ ସ୍ନେହ ବସନ୍ତ ରୋଗରେ ଦେହ ତ୍ୟାଗ କଲେ । ଏ ରାଣୀ ଅତୀବ ବୁଦ୍ଧିମତୀ ଏବଂ ମୃତ ମହାରାଜାଙ୍କର ନାନା ବିଷୟରେ ପରାମର୍ଶଦାତ୍ରୀ ଥିଲେ । ଏ ବଞ୍ଚିଥିଲେ ଅବଶ୍ୟ ନାବାଳକ ରଜାଙ୍କର ଅନେକ ପକ୍ଷରେ ମଙ୍ଗଳକର ହୋଇଥାନ୍ତା । ମାତ୍ର ବିଧାତାଙ୍କର ଇଚ୍ଛାକୁ କାହାର ଅଧୀନ ! ସେ ସୁଖରେ ସ୍ୱର୍ଗରେ ସ୍ୱାମୀଙ୍କ ସହ ବାସ କରନ୍ତୁ ଏହିତ ଆମ୍ଭମାନଙ୍କର ପ୍ରାର୍ଥନା !!

ଶୁଣୁଅଛୁଁ ଯେ ମୃତ ମହାରାଜାଙ୍କର ମାତା ଜୀବିତା ଅଛନ୍ତି । ତାଙ୍କ ଜୀବନରେ ଅବଶ୍ୟ ନାବାଳକଙ୍କର ଅନେକ ହିତ ଘଟନା ହେବାର ଅଛି ମାତ୍ର ଏବମ୍ଭୂତ ଅବସ୍ଥାପନ୍ନ ଅଙ୍ଗ ହୀନ ଜୀବନ ଯେ କପରି କାଳର ହେଉଥିବ ସ୍ମରଣ କଲେ ହୃଦୟ ଫାଟି ଯାଉଅଛି !!!

———

ପାଲଲହଡ଼ା ରଜାଙ୍କର ଗୋ ୬ ଟି ଘୋଡ଼ା ସ ୪ ର ହାତୀ ନିଲାମ ହେବା ସମ୍ବାଦ ବିଜ୍ଞାପନ ଦିଆଯାଇଥିବାର ପାଠକେ ଦେଖି ଅଛନ୍ତି । ଗତ ତା ୧୬ ରଖ ସୋମବାର ଦିନ ନିର୍ଦ୍ଦିଷ୍ଟ ସମୟରେ ନିଲାମର କାର୍ଯ୍ୟ ଆରମ୍ଭ ହେଲା । ଯେପରି ହିଁ ଅନୁମାନ କରାଯାଇ ଥିଲା ତେବେ ଅଧିକ ଲୋକେ ଏକତ୍ରିତ ହୋଇ ନ ଥିଲେ ଗୋ ୪ ଟି ହାତୀ ମଧ୍ୟରୁ କେବଳ ସାନ ଦୁଇଗୋଟି ଟ ୮०० ଙ୍କା ଏବଂ ଟ ୭୨୫ ଙ୍କାରେ ନିଲାମ ହେଲା । ଅନ୍ୟ ଦୁଇ ବଡ଼ ହାତୀକୁ ଗ୍ରାହକ ହେଲେ ନାହିଁ ବଡ଼ବଡ଼ ଘୋଡ଼ାମାନ ଟ ୫०।୧୫।୧୧୫।୬०।୮० ଏହିପରି ଅଳ୍ପମୂଲ୍ୟରେ ନିଲାମ ହେଲେ, ପୁଣି ଗୋଟିଏ ତ ହାତୀଙ୍କରେ ରହିଗଲା । ଶୁଣିବାରେ ରଜା ବାହାଦୁର ଏମାନ ଟ ୬००।୩००।୪०० ଙ୍କାର ଅନ୍ୟୂନ ମୂଲ୍ୟରେ କିଣି ନ ଥିଲେ ମାତ୍ର ବନ୍ଧା ହୋଇ ଘୋଡ଼ାମାନ ଅକର୍ମଣ୍ୟ ହୋଇଯାଇଅଛନ୍ତି । ରଜାଙ୍କର ବାର୍ଷିକ ଆୟ ମୋଟ ଟ ୧୧००० ଙ୍କା ହେବ କର୍ଜ ବର୍ତ୍ତମାନକୁ ଟ ୩୮००० ଙ୍କାରୁ ଅଧିକ ଅଟେ ଏପରି ଅଳ୍ପ ଆୟବାନ୍ ଲୋକ ମୂଲ୍ୟବାନ୍ ଘୋଡ଼ାମାନ କିଣି ତହିଁର ଉତ୍ତମ ବ୍ୟବହାର ନ କରି ବାନ୍ଧି ରଖି ଖର୍ଚ୍ଚାନ୍ତ ହୋଇ ଶେଷରେ ଏହିପରି ଅଳ୍ପ ମୂଲ୍ୟରେ ନିଲାମ ହେବାର ଉପଯୁକ୍ତ ଦଣ୍ଡ ଇକାରେ ଯେ କ ଲାଭ ଅଛି ଆମ୍ଭେମାନେ ତାହା ସହଜରେ ବୁଝି ପାରୁ ନାହୁଁ ମାତ୍ର ଏହା ଏଠା ରଜା ଓ ଜମିଦାରଙ୍କର ପ୍ରଚଳିତ ନୃଶଂସ ଅଟେ । ଘରର ନ ଥାଏ ଥିଭ-ଦରବାର ଯାଏ ନାହି- ଏ ସେହିପରି କଥା । ଏହିନ କୁଶଳ ଯେତେ ଶୀଘ୍ର ବନ୍ଦ ହୁଏ ସେତେ ଭଲ ଏ ଉନ୍ନବିଂଶ ଶତାବ୍ଦିର ଜ୍ଞାନାଲୋକ କି ଟିକିଏ ସୁଦ୍ଧା ଏମାନଙ୍କ ହୃଦୟରେ ପଶିବ ନାହିଁ ?

— * —

ପୂର୍ବେ କରେନ୍‌ସିନୋଟର ଅର୍ଦ୍ଧେ ହଜିଗଲେ ଯେଉଁ ନିୟମରେ ଟଙ୍କା ପାଇବାର ଥିଲା ବର୍ତ୍ତମାନ ତାହା ପରିବର୍ତ୍ତିତ ହୋଇଅଛି । କଣ୍ଟ୍ରୋଲର ଜେନରଲଙ୍କ ଆଦେଶାନୁ ଏ ବିଷୟରେ ନୂତନ ଲିଖି ଜାରି ହୋଇଅଛି ଓ ସେ ବିଷୟର ବିସ୍ତାରିତ ବିବରଣ ଏଜୁକେଶନ ଗେଜେଟରେ ଛପା ହୋଇଅଛି । ନିୟମମାନ ବଡ଼ କଠିନ ଅଟଇ ଏବଂ ଯେରୂପ ପ୍ରମାଣ ଉତ୍ଥାପନର ଉଲ୍ଲେଖ ହୋଇଅଛି ତଦନୁସାରେ କାର୍ଯ୍ୟ କରି ହଜିବା ନୋଟର ଟଙ୍କା ପାଇବା ସହଜ ନୁହଇ । ବର୍ତ୍ତମାନର ନିୟମାନୁସାରେ ଉତ୍କୃଷ୍ଟ ପ୍ରମାଣ ପହଞ୍ଚାଇଲେ ମଧ୍ୟ ଛଅମାସ ପର୍ଯ୍ୟନ୍ତ ଟଙ୍କା ମିଳିବ ନାହିଁ । ପ୍ରମାଣ ମଧ୍ୟରେ କାଗ—

Digitized by srujanika@gmail.com

Split by PDF Splitter
124



ଠାରୁ ନୋଟ ବଦଳ ମିଳିଲା ଅଥା ନୋଟ ବଦଳ ହେଲା ରେଜଷ୍ଟ୍ରୀ ହୋଇଥିଲା ବ ନାହିଁ ଇତ୍ୟାଦି ଅନେକ କଥା ଅଛି ଏବଂ ଉଠିପଡ଼ ଓ ହେସାବ ପ୍ରଭୃତି ଦଲିଲ ମଧ୍ୟ ଦାଖଲ କରି- ବାକୁ ହେବ । ପ୍ରମାଣ ସନ୍ତୋଷଜନକ ହେଲେ ଏବଂ କରେନସି ଅଫିସର ହେଡ କମିସ୍ନର ତାହା ମଞ୍ଜୁର କଲେ ଛମାସ ଭିତରୁ ତହିଁର ଟଙ୍କା ମିଳିବ ଏପର ଯଦ୍ୟପି ଉକ୍ତ ନମ୍ବରର ଦୁଇଖଣ୍ଡ ନୋଟ ତାହାର ହାତରେ ଭ୍ରମବଶତଃ ଯାଇଥ ହେବ ତେବେ ବର୍ତ୍ତମାନଥର ସେ ତହିଁ- ର ଟଙ୍କା ପାଇବ ନାହିଁ । କରେନ୍‌ସି ଅଫିସକୁ ତାହା ପେଷ କଲେ ସେ କେବଳ ଏତିକ ଲେଖିଦେବେ ଯେ ଏଥିର ଟଙ୍କା ମିଳିବ ନାହିଁ ।

ଏ ସବୁ କମ୍ବମର ମନ୍ତବ୍ୟ ଏଥିଉପର ଅମ୍ଭମା- ନଙ୍କୁ ବୋଧ ହୁଅଇ ଯେ ଏଣିକି ଅଧା ନୋଟ- ର କାରବାର ଅଧିକ ଚଳିବ ନାହିଁ । ଏଥିର ଯୁଗ ନୋଟ ଜମା କରି ଡାକରେ ପଠାଇବାକୁ ହେବ ଏବଂ ନଗଦ ଟଙ୍କାପର ନୋଟକୁ ସାବ- ଧାନ ପୂର୍ବକ ରକ୍ଷା କରିବାକୁ ହେବ ଅନ୍ୟଥା ଅର୍ଥନଷ୍ଟ ଏବଂ କଷ୍ଟର ସମ୍ଭାବନା ।

———

## ବଙ୍ଗଦେଶର ପାଗଲଖାନା ।

ସନ ୧୮୮୧ ମସିହାର ବଙ୍ଗଦେଶର ପାଗ- ଲଖାନାର କାର୍ଯ୍ୟର ବିବରଣ ପତ୍ର ବଙ୍ଗାଳ ଗବର୍ଣ୍ଣମେଣ୍ଟଙ୍କର ଅବଧାରଣ ସହ କଲିକତା ଗଜେଟରେ ପ୍ରକାଶିତ ହୋଇଅଛି । ସନ ୧୮୭୭ ମସିହାଠାରୁ ପାଗଲଖାନାରେ ଗୃହୀତ ହେବା ପାଗଲଙ୍କ ସଂଖ୍ୟା ଅନେକ ହ୍ରାସ ହୋଇ ଯାଉଅଛି । କେବଳ ଅପରାଧୀ, ନବାନୁ ବ୍ୟକ୍ତି- ଙ୍କ ଦଣ୍ଡ ବନ୍ଦ ବା ଉପଯୁକ୍ତ ଅଥବା ଦରଖାସ୍ତ ଦାଖଲ କରିବାମାନଙ୍କୁ ଗ୍ରହଣ କରିବା ବିଷୟକ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କ ଆଦେଶ ଏଥିର କା- ରଣ ଅଟଇ । ବଙ୍ଗଦେଶରେ କଲିକତା, ଢାକା, ପାଟନା, କଟକ ଏବଂ ବହରମ୍ପୁରରେ ପାଗଲ- ଖାନା ଅଛି ଏବଂ ତହିଁରେ ୧୦୨୪ ପାଗଲ ରହିବାର ବନ୍ଦୋବସ୍ତ ହୋଇଥିବାସ୍ଥଳେ କେ- ବଳ ଦୈନିକ ହାରାହାରି ୮୭୦ ଜଣ ଗୃହୀତ ହୋଇଥିଲେ । କଟକ ପାଗଲଖାନାରେ ଜ ୨୧୩ ଜଣ ପାଗଲଙ୍କ ସ୍ଥାନ ଥିବା ସ୍ଥଳେ ଜ ୬୦୭ ଣ ବାସବାଇ ପ୍ରଭୃତି ପ୍ରଦ୍ୟାନତ ହେଉଥିଲେ ଅତି ଉତ୍କଳରେ ଜ ୪୩ ଜଣର ସ୍ଥାନ ନିର୍ଦ୍ଦିଷ୍ଟ ଥିବା ସ୍ଥଳେ ହାରାହାରି ଜ ୩୯ ଣ ପଡ଼ଅଛି ।

ଦେଶୀୟ ଅଭାବ ଏବଂ ପୂର୍ବାକୁ ପ୍ରତିବର୍ଷ ଅସ୍ୱସ୍ଥ- ତା ଥାଡ଼ି ସଂଖ୍ୟା ଦୃଷ୍ଟିରେ ଏଠା ପାଗଲଖାନା- ର ଅସୁବିଧା କଟାଇବାର ଆବଶ୍ୟକ । ସ୍ଥାନା- ଭାବରେ କଟକ ଅଷ୍ଟଦଶାଇଞ୍ଚ ପାଗଲମାନେ ବାରଣ୍ଡାରେ ଶୋଇବାକୁ ଅନୁମତି ଥିବାର ଶୁଣାଯାଏ ମାତ୍ର ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କର ଅ- ଦେଶ ବିରୁଦ୍ଧ ଏବଂ ବାରଣ୍ଡାରେ ଥିଲେ ଅନୁ- ଚରରୂପେ ପଡ଼ନ ସେବନ କେଉଁଥିବା ଦେଖୁରୁ ଏପର ସ୍ଥିତ ଅପବିତ୍ରଜନକ ଅଟେ । ପାଗଲ ହେବାର କାରଣ ଅନୁସନ୍ଧାନ କରିବା ଅନେକ ସ୍ଥଳରେ ଅସମ୍ଭବ ଅଟେ । ୨୮୩ ଜଣ ପାଗଲଙ୍କ ମଧ୍ୟରୁ କେବଳ ୧୧୧ ଜଣଙ୍କର କାରଣ ନିର୍ଦ୍ଦିଷ୍ଟ ହୋଇଅଛି ଯେ ତହିଁ ମଧ୍ୟରୁ ଜ ୭୬ ଣ ଗଞ୍ଜାଇ ଜ ୧୩ ଣ ମଦ, ଜ ୩ ଣ ଭାଙ୍ଗ ଓ ଚରସ ଏବଂ ଜ ୬ ଣ ଅଫିମ ସେବନରେ ପାଗଲ ହୋଇଥିଲେ । ସର୍ଜନ ଜେନରଲ କହନ୍ତି ଯେ ପାଗଲଙ୍କ ପକ୍ଷରେ ମାଦକଦ୍ରବ୍ୟ ସେବନ ଗୋଟିଏ ପ୍ରଧାନ କାରଣ ହୋଇ ଅନୁମାନ ହୁଏ । ଚକିତ୍ସିତ ଭାଲବାକୁ ଗତ ବର୍ଷର ଅବସ୍ଥାର ଫଳ ଅତ୍ୟନ୍ତ ସନ୍ତୋଷଜନକରୂପେ ହୋଇ ଥିବାର ଦେଖାଯିବ ।

| ସନ | ପାଗଳଙ୍କ ସଂଖ୍ୟା | ଆରୋଗ୍ୟ | ଉପଶମ | ମୃତ୍ୟୁ |
|---|---|---|---|---|
| ୧୮୭୯ | ୧୧୮୬ | — | — | ୧୦୧ |
| ୧୮୮୦ | ୧୧୦୪ | ୭୪ | ୩୪ | ୧୦୯ |
| ୧୮୮୧ | ୧୦୧୪ | ୧୩ | ୬୧ | ୮୪ |

ଷଷ୍ଠ ଛାଣ ବେଗରୁ ଅନେକ ମୃତ୍ୟୁ ହେଉ ଥିବାର ଦେଖାଯାଏ । ଏଥିରେ ଖାଦ୍ୟଦ୍ରବ୍ୟ ଯୋଗାଇବା ପକ୍ଷେ କୃଷ୍ଟ ପଡ଼ୁ ଥିବାର ଅନୁମାନ ଏବଂ ସଙ୍ଗତ ଶୋଷଣ ଶର୍ତ୍ତ ଜଣା ହୋଇଥିବା- ର ଦେଖାଯାଏ ।

ସମୁଦାୟ ବଙ୍ଗଦେଶର ଲୋକସଂଖ୍ୟା ଦୃଷ୍ଟି- ରେ ଅନୁମାନ ହୁଅଇ ଯେ ପାଗଲଙ୍କ ମଧ୍ୟରୁ ଅତି ଅଳ୍ପ ସଂଖ୍ୟା ଲୋକ ପାଗଲଖାନାରେ ଗୃହୀତ ହୁଅନ୍ତି । ଯେବେ ଏପର ହେଲା କେ- ବେ ଏଥି ସକାଶେ ଗୋଟିଏ ଭଲ ବନ୍ଦୋବସ୍ତ କର ଅକାରଣ ଶର୍ତ୍ତାନ୍ତ ହେବାର ଆବଶ୍ୟକ କି ? ଅନ୍ୟ ଶ୍ରେଣୀର ପ୍ରାୟ ଦୀପପାଳକମାନଙ୍କ- ରେ ଏମାନଙ୍କର ଅବସ୍ଥା ହେଲେ ଏକପକ୍ଷରେ ଯେପର ଶର୍ତ୍ତାର ହ୍ରାସ ହେବ ଅନ୍ୟ ପକ୍ଷରେ ସେହିପର ଲୋକଙ୍କର ଅନେକ ସୁବିଧା ମଧ୍ୟ ଘଟିବ । ଅମ୍ଭେମାନେ ଆଶା କରୁଁ କି ଗବର୍ଣ୍ଣମେ- ଣ୍ଟ ଏଥି ପକ୍ଷରେ ଉଚିତ ବିଚାର କର ପାଗଲ- ଖାନାଦ୍ୱାରା ସମସ୍ତ ପାଗଲଙ୍କର ଯେପର ଉପ- କାର ହେବ ତହିଁର ସୁବିଧା କର ଦେବେ ।

———

## ଦେଶୀୟ ସମ୍ବାଦପତ୍ର ।

ଦେଶୀୟ ସମ୍ବାଦପତ୍ରର ସ୍ୱାଧୀନତା ହରଣ କର ସେମାନଙ୍କ ଅନ୍ୟାୟ ଶାସନାଧୀନରେ ରଖିବା ସମ୍ବନ୍ଧୀୟ ଯେଉଁ ଗବର୍ଣ୍ଣର ଜେନେରଲ ଲର୍ଡ ଲିଟନ ସାହେବଙ୍କର ଶାସନକାଳୀୟ ବନ୍ଦୋବସ୍ତକୁ ଆ ୯ ଉନ ମହାମ୍ଭ ରିପନ ସାହେବ ସୁଦ୍ଧାର ପୂର୍ବକ ଉଠାଇ ଦେଇ ଥିବାର ପାଠକେ ଅବଗତ ଅଛନ୍ତି ଏବଂ ତହିଁ- ରେ ଏ ଦେଶୀୟ ଲୋକମାନେ ସାହେବ ମହୋଦୟଙ୍କୁ ଯେ ଅଭିନନ୍ଦନପତ୍ରମାନ ଅର୍ପ- ଣାର ଅନନ୍ତ ପୂର୍ଣ୍ଣ ଦୃଢ଼ଚିତ୍ତ ହୃଦୟ ଯେତ ଦେଇ ଥିଲେ ତାହା ମଧ୍ୟ ତାହାଙ୍କ ଅବଦିତ ନାହିଁ । ସେହି ଅଭିନ ଅନୁଗ୍ରହ ତାଙ୍କ ଦେ- ଖାଇ ଦେଖି ସମସ୍ତ ଭାରତବର୍ଷର ଲୋକେ ହୃଦୟରେ ଜାଗର ହୋଇ କହନ୍ତି ଅଶୁଭ ଅପଳା କର ସେଉଁ କୋଳାହଳ କରୁଥିଲେ ତାହା ଇ ଲଣ୍ଡରେ ପ୍ରତିଧ୍ୱନିତ ହୋଇଥିଲା ଏବଂ ଏପର ଅଶୁଭ ଅନ୍ୟାୟ କାର୍ଯ୍ୟରେ ଭାର- ତବାସିମାନଙ୍କର ଗୁହାର ଯଥାର୍ଥ ଥିବାର ପ୍ରତ୍ୟେକ ବଡ଼ ଲୋକ ସ୍ୱୀକାର କର ଏଠା ଗବର୍ଣ୍ଣମେଣ୍ଟକୁ ସମାଲୋଚନ ନିନ୍ଦା କର ଥିଲେ ସେ ଇଂରାଜ ଭୂପତିଙ୍କ ବର୍ତ୍ତମାନ ଅବଗତ ହୋଇ ଇଂରେଜଙ୍କର ପ୍ରକୃତ ଉଦାରତାର ପରିଚୟ ଦିଅଅଛି ଏବଂ ସେଥି ନିମନ୍ତେ ଅମ୍ଭେ- ମାନେ ତାହାଙ୍କ ସମସ୍ତ ଭାରତବାସୀ ଓ ଇଙ୍ଗ- ଲଣ୍ଡବେ ଲର୍ଡ ରିପନଙ୍କର ବହୁତ ପ୍ରଶଂସା କରୁଅଛନ୍ତି ଏବଂ କରୁଅଛନ୍ତି । ବର୍ତ୍ତମାନ କୁନ୍- ପେଚୁ ଅଛି ଦେଶୀୟ ସମ୍ବାଦପତ୍ର ପକ୍ଷରୁ ଗୋ- ଟିଏ ଭିତର ଏବଂ ନ୍ୟାୟସଙ୍ଗତ ଗୁହାର ଶୁଣା କରୁଥିବାର ଦେଖି ଅମ୍ଭେମାନେ ଅତ୍ୟନ୍ତ ଅହ୍ଲାଦିତ ହୋଇଅଛୁଁ ଏବଂ ଏହାକୁ ଉଚିତରେ ବିଚାର କରୁଁ ଗବର୍ଣ୍ଣମେଣ୍ଟ ତହିଁ ପ୍ରତି ସୁବିଧା କରବେ ତୋହଲେ ଦେଶୀୟ ସମ୍ବାଦପତ୍ରର ଟାଣ ସରେ ରହି ଯିବ ବାଣ୍ଡୁ କେବଳ ଗୋଟିଏ ଅନ୍ୟଥାର ସୁବିଧାଜନକ ହୋଇ ପଡ଼ଅଛି ମିଳିବ ।

ଆମ୍ଭେ ହେତୁ ଅଛି କୋଲେଗ୍ ଯେ ସନ ୧୮୮୭ ମସିହାରେ ଯେଉଁ ଶୀପାଇବନ୍ଦୋବସ୍ତ ହୋଇଥି- ଲା ତହିଁରେ ଦେଶୀୟ ସମ୍ବାଦପତ୍ରମାନ କେତେକେତେ ନବାନ୍ତ ହୁଦଳ ଥିଲେ ମଧ୍ୟ

Digitized by srujanika@gmail.com

ଅସୀମ ବଳିବାଳର କାର୍ଯ୍ୟ କର ଗବର୍ଣ୍ଣମେଣ୍ଟଙ୍କୁ ପ୍ରତିପଦରେ ସାହାଯ୍ୟ ଦେଇ ଥିବାରୁ ସେ ସମୟର ଗବର୍ଣ୍ଣର ଜେନରଲ ଲର୍ଡ କାନିଂ ସାହେବ ଦେଶୀୟ ସମ୍ବାଦପତ୍ରର ମତାମତ ଅନୁବାଦ କର ଗବର୍ଣ୍ଣମେଣ୍ଟରେ ଅଗତ ହେବାକୁ ଆଦେଶ କର ଥିଲେ । ଏ ପଦରେ ଗ୍ରିଉତ୍ତକନ୍ ଲଙ୍ଗ ସାହେବ ତାଙ୍କର ପ୍ରଧାନ ସାହାଯ୍ୟକାରୀ । ପରେ ଲର୍ଡ ଲରେନ୍ସ ସାହେବ ଲଙ୍ଗ ସାହେବଙ୍କ ପରାମର୍ଶରେ ଆଦେଶ କଲେ ଯେ ଉକ୍ତ ମତାମତମାନ ନିର୍ଦ୍ଦିଷ୍ଟ ଏକ ସମୟରେ କ୍ରମାଗତ ଗବର୍ଣ୍ଣମେଣ୍ଟରେ ଅଗତ ହେଉଥିବ ଏବଂ ତାହା ଛପା ହୋଇ ସ୍ଥାନୀୟ ଗବର୍ଣ୍ଣମେଣ୍ଟ, ବିଭାଗୀୟ ଅଧ୍ୟକ୍ଷ, ଭାରତ ସମ୍ବାଦପତ୍ର ଓ ବିଲାତସ୍ଥ ଭାରତ ବର୍ଷୀୟ ଅଫିସକୁ ପଠାଯିବ । ଏହିରୂପରେ ଦେଶୀୟ ସମ୍ବାଦପତ୍ରର ଗୌରବ ଏବଂ କାର୍ଯ୍ୟକାରିତା ବୃଦ୍ଧି ହେଲା । ପ୍ରଥମରେ ସେହି ରିପୋର୍ଟମାନ ପାକ୍ଷିକ ବାହାରୁ ଥିଲା ପରେ ତାହା ସାପ୍ତାହିକ ହୋଇଗଲା । ଏହିରୂପରେ ଇଂରାଜୀ ସମ୍ବାଦପତ୍ରମାନଙ୍କରେ ମତାମତ ବାହାରିବାରୁ ଦେଶୀୟ ସମ୍ବାଦପତ୍ରମାନ ସର୍ବସାଧାରଣରେ ପରିଚିତ ହେଲା ଏବଂ ସମ୍ପାଦକମାନେ ନିଜ କାର୍ଯ୍ୟର ଗୁରୁତା ବୁଝି ଅଧିକ ସାବଧାନ ହୋଇ ଲେଖିବାକୁ ଆରମ୍ଭ କଲେ ଏହିରୂପରେ ଅନ୍ୟାୟକାରୀ ହାକିମଙ୍କର କାର୍ଯ୍ୟମାନ ସୁତରାଂ ସାଧାରଣରେ ପ୍ରକାଶ ହେବାରୁ ହାକିମମାନେ ଅଧିକ ସାବଧାନ ହେବାକୁ ଆରମ୍ଭ କଲେ ମାତ୍ର ମନେ ମନେ ସେମାନଙ୍କର ଦେଶୀୟ ସମ୍ବାଦପତ୍ର ପ୍ରତି ବିଦ୍ୱେଷ ଜାତ ହେଲା । ଅବଶେଷରେ ବକ୍ରବୁଦ୍ଧି ମତାବଲମ୍ବୀ ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କ ପରାମର୍ଶରେ ଲର୍ଡ ନର୍ଥବ୍ରୁକ୍ ସାହେବ ଅନୁବାଦକର ରିପୋର୍ଟମାନ ସାଧାରଣରେ ପ୍ରଚାର କରିବାର ବନ୍ଦ କଲେ ଏଣୁ ଦେଶୀୟ ପତ୍ରମାନଙ୍କ ବଳ ଏବଂ କାର୍ଯ୍ୟକାରିତା ଏକାବେଳକେ ଊଣା ହୋଇ ଗଲା । ଏଣୁ ସମ୍ବାଦପତ୍ର ସମ୍ବନ୍ଧୀୟ ଆ ୯ ନ ତୁଟି ଯିବା ସଙ୍ଗେ ପୂର୍ବ ପ୍ରାୟ ଅନୁବାଦକର ରିପୋର୍ଟମାନ ସାଧାରଣରେ ପ୍ରଚଳିତ ହେବା ବନ୍ଧ ହେବାର ଉଚିତ ଏବଂ ଏଥି ପକ୍ଷେ ଲର୍ଡ ରିପନ ସନ୍ତୁଷ୍ଟଚିତ୍ତରେ ସେ ପ୍ରଥା ପ୍ରଚଳିତ କରିବାର ସେ ଭରସା କରନ୍ତି ନୋହିଲେ ଦେଶୀୟ ସମ୍ବାଦପତ୍ରର କାର୍ଯ୍ୟକାରିତା କଦାଚ ଉନ୍ନତ ହେବ ନାହିଁ । ସେ ଅନ୍ତର ବହନ୍ତି ଯେ ଇଂରାଜୀ ସମ୍ବାଦ ପତ୍ରମାନଙ୍କୁ ଯେଉଁ ପରି ସରକାରୀ ରିପୋର୍ଟ ଆଦି ଏକ ପ୍ରସ୍ତୁ ଦିଆଯାଏ ସେହିପରି ଦେଶୀୟ ସମ୍ବାଦପତ୍ରମାନଙ୍କୁ ଦିଆଯିବାର ଉଚିତ ନୋହିଲେ ସେମାନେ ପ୍ରତ୍ୟେକ କାର୍ଯ୍ୟରେ ଗବର୍ଣ୍ଣମେଣ୍ଟଙ୍କର ଅଭିପ୍ରାୟ କାହୁଁ ଜାଣିବେ ତଥା ତାହା ହେଲେ ଅସମ୍ପୂର୍ଣ୍ଣ ସମ୍ବାଦ ପ୍ରଚାର କରିବାରେ ସେମାନଙ୍କୁ ଦୋଷୀ ହେବାକୁ ହେବ ନାହିଁ ।

ଅମ୍ଭେମାନେ ଏଥିର ସମ୍ପୂର୍ଣ୍ଣ ଅନୁମୋଦନ କରୁଅଛୁଁ ଏବଂ ସମ୍ପୂର୍ଣ୍ଣ ଭରସା ରଖିଅଛୁଁ ଯେ ଏହିଳ ନ୍ୟାୟ ସଙ୍ଗତ ଶୁଦ୍ଧାର ଲର୍ଡ ରିପନଙ୍କ ସୁବିବେଚକ ବୁଦ୍ଧିରେ ଅବଶ୍ୟ ପେଲା ହେବ । ଅନେକ ସମୟରେ ଅସମ୍ପୂର୍ଣ୍ଣ ସମ୍ବାଦ ପ୍ରଚାର କରିବାରେ ଅମ୍ଭେମାନେ ଦରବାରରେ ପଡ଼ି ଅଛୁଁ ମାତ୍ର ପ୍ରତ୍ୟେକ କାର୍ଯ୍ୟ କାହିଁକି କିପରି ଭାବରେ ହେଉଅଛି ତାହା ନ ଜଣାଇ ସମ୍ବାଦ ପତ୍ରକୁ ଏପରି ଦୋଷୀ କରିବାର ନିତାନ୍ତ ଅନ୍ୟାୟ । ଅବଶ୍ୟ କୌଣସି ବିଷୟ ପ୍ରଚାର କରିବାକୁ ଗଲେ ତହିଁର ତତ୍ତ୍ୱ ଆଗେ ସମ୍ପୂର୍ଣ୍ଣରୂପେ ବୁଝିବାର ଉଚିତ ମାତ୍ର ଏହିଳ ଶୁଣା ଶୁଣି କଥାର ତତ୍ତ୍ୱ କଚେରୀମାନଙ୍କରେ ବୁଝିବାକୁ ଗଲେ ଅକାରଣ ଅନେକ ଖର୍ଚ୍ଚ ଓ ସମୟ ନଷ୍ଟ ହୁଏ ପୁଣି ପଛକୁ ମଧ୍ୟ କେତେକ ଜାଣିବା କଥା ଲୁଚି ରହି ଯାଏ । ପ୍ରଥମ ପ୍ରସ୍ତାବ ସମ୍ବନ୍ଧରେ ହିନ୍ଦୁପେଟ୍ରିଅଟ ଯାହା କୋଉ ଅଛନ୍ତି ତାହା କଥିତ ହେବାର ନିତାନ୍ତ ଉଚିତ । ପୂର୍ବେ ଯେତେବେଳେ ଅନୁବାଦକର ରିପୋର୍ଟ ପ୍ରଚଳିତ ହେଉଥିଲା ସେତେବେଳେ ମୋଫସଲସ୍ଥ ହାକିମମାନଙ୍କର ଅନ୍ୟାୟର ଅନେକ ଅଂଶରେ ଊଣା ହୋଇ ଯାଇଥିଲା ମାତ୍ର ତାହା ରହିତ ହେଲା ଦିନରୁ ପୁଣି ସେମାନଙ୍କର ଅନ୍ୟାୟପ୍ରାକୃତ ଦିନ୍ ବଢିବାର ଦେଖା ଯାଉଅଛି ଏବଂ ଅମ୍ଭେମାନେ ଅନେକ ସମୟରେ ସେଥି ବିଷୟରେ ଲେଖି ଅଛୁଁ । ପ୍ରକୃତ ବିଷୟ ପ୍ରକାଶ କରିବା ସମ୍ବାଦ ପତ୍ରର କାର୍ଯ୍ୟ ପ୍ରକୃତ ଅନ୍ୟାୟ ବିଷୟର ପ୍ରତିକାର କରିବା ଯଦି କେବଳ ଅର୍ଥରେ କେବଳ କଷ୍ଟ ପ୍ରାପ୍ତ ହେବ ପୁଣି ତହିଁ ନିମନ୍ତେ ସ୍ଥାନୀୟ ହାକିମଙ୍କର ପ୍ରଚଣ୍ଡ କୋପାନଳରେ ପଡି ଅନେକ ସମୟରେ ହରବର ହେବାକୁ ହେବ ତେବେ ତାହାଠାରୁ ସମ୍ବାଦପତ୍ରମାନ ଉଠାଇ ଦେଇ ସ୍ୱେଚ୍ଛାଚାର ରାଜ୍ୟଶାସନ ଚଳାଇବାର ଉଚିତ—ଅଲଗା ସ୍ୱାଧୀନଭାବେ କୌଣସି ପ୍ରୟୋଜନ ନାହିଁ ।

# ସାପ୍ତାହିକ ସଂବାଦ ।

ଅସ୍ମମାନଙ୍କର କଲେକ୍ଟର ସାହେବ ଗତ ମଙ୍ଗଳବାର କେନ୍ଦ୍ରପଡ଼ାକୁ ଯାଇ ଗତ କାଲି ଫେରି ଆସିଲେ ନିକଟରେ ଯାଜପୁର ଯିବାର କଥା ଅଛି ।

ଏଥର ରଥ ଯାତ୍ରାକୁ ଅଧିକ ଯାତ୍ରୀ ହେବାର ଅମ୍ଭେମାନେ ଲେଖି ଥିଲୁଁ ପ୍ରକୃତ ତାହା ଘଟିବାର ଦେଖା ଯାଉ ଅଛି । ବର୍ତ୍ତମାନ ନଦୀରେ ଜଳ ଅଧିକ ହୋଇ ଥିବାରୁ ପାର ହେବା ଘାଟରେ ଯାତ୍ରୀ ଭିଡ଼ା ଭିଡ଼ି ହୋଇ ଯାଉ ଅଛନ୍ତି ।

କଙ୍ଗବାସୀରେ ଲେଖାଅଛି ଯେ, କେତେକ ଦିନ ଅତୀତ ହେଲା ବାବୁ କେଶବଚନ୍ଦ୍ର ସେନ ସନ୍ନ୍ୟାସୀ ସଙ୍ଗୀତର ଧାରଣ କରିଥିଲେ । ତଦୁପଲକ୍ଷରେ ବାବୁ ଉମାନାଥ ଗୁପ୍ତ ସାତ୍ତ୍ୱିକ ଚନ୍ଦ୍ରହାର ବାସ ଉତ୍ତରୀୟ ପରିଧାନ କରି ସଖୀ ସାଜିଥିଲେ । କେଶବ ବାବୁ ସ୍ୱୟଂ କାଉପିନ ଜାଙ୍କରି ସାଜି କୃତ୍ୟ କରିଥିଲେ । ସେହି ସମୟରେ ତ୍ରୈଲୋକ୍ୟ ବାବୁ ଗାନ କରିଥିଲେ;—"ହରିବଲରେ । ଆମାର କେଶବ ନାଚେ, ହାତେବାର ଚୌଖାଖାର୍ଯ୍ୟ ନକ—ତ୍ରିଭାବନ ମାଝେ ଅପରୂପ ସାଜେ"— ଉମାନାଥ ବାବୁ ତାଙ୍କର ରାଧା ଆଉ ସଖୀ ସାଜିଥିଲେ । ଦୃଶ୍ୟଟି ଅତ୍ୟନ୍ତ ମନୋହର ହୋଇଥିଲା । ଗତ ସପ୍ତାହର ନବଚଧାନ ପତ୍ର ପାଠ କରି ଅବଗତ ହେଲୁଁ ଯେ, ବ୍ରାହ୍ମମାନେ "ନବ ବୃନ୍ଦାବନ" ନାମରେ ଖଣ୍ଡିଏ ନାଟକ ଲେଖିଅଛନ୍ତି ସମ୍ପ୍ରତି କମଲକୁଟିରରେ ସେହି ନାଟକର ଅଭିନୟ ହେବ । ଆଚାର୍ଯ୍ୟ ମହାଶୟ ଓ ତାଙ୍କର ଶିଷ୍ୟମାନେ ସେହି ନାଟକ ଅଭିନୟ କରିବେ ।

ମୁକୁମୁରରେ ଭୂତପୂର୍ବ ମହାରାଜାଙ୍କ ସଙ୍ଗରେ କୌଣସି ଦିବ ନାଚିବାକୁ ଚାହିଁଲେ ନାହିଁ ତହିଁରୁ ସୁନାଉବାର ଉପଯୋଗିତା ଦେଖାଇ ଏମନ୍ତ ଦିବ ପାଇ ସଙ୍ଗରେ ନାଚିବାକୁ ଆରମ୍ଭ କରିଅଛନ୍ତି ।

ମହାରାଣୀଙ୍କ ଜନ୍ମଦିନ ଉପଲକ୍ଷରେ କାଶ୍ମୀରର ସ୍ରୀନଗରରେ ତିଥିବ ଓ ୩୧ ଟି ତୋପଧ୍ୱନି ହୋଇଥିଲା, ଏବଂ ସେଠାର ରେସିଡେଣ୍ଟ ଶାସନକର୍ତ୍ତା କାଶ୍ମୀରର ମହାରାଜାଙ୍କ ନାମରେ ଏକ ମହାଭୋଜ ପ୍ରଦାନ କରିଥିଲେ ।

ନୂତନ ଛିଷ୍ଟାଲେ କେତେକଗୁଡିଏ ଅର୍ଥ ଲୋଲୁପ ଗ୍ରାମ ସ୍ତ୍ରୀବରକାରୀ ସେନ ଗବର୍ଣ୍ଣମେଣ୍ଟଙ୍କୁ ଅଧିକ ଟଙ୍କା ଦେବାକୁ ସ୍ୱୀକାର ହୋଇ ନିଜର ଦ୍ୱୀପ କାଣ୍ଟି ଦ୍ୱୀପମାନ ଭଣ୍ଡାରି ନେଇଅଛନ୍ତି । ଯେଉଁମାନେ କାଣ୍ଟି ଦ୍ୱୀପରେ ଘବାନ ପଶୁ ଅହଣ୍ଣ କରନ୍ତି ସେମାନେ ତାହାଙ୍କୁ ପ୍ରତ୍ୟେକ ପଶୁ ନିମନ୍ତେ ଦୁଇଗୁଣ ପଇସା ପୁରସ୍କାର ଦିଅନ୍ତି । ଏହି ସାମାନ୍ୟ ସକରେ ଲୁବ୍ଧ ହୋଇ ହତାହିତ ବିବେଚନା ଶୂନ୍ୟ ଧୀବର ସେମାନେ ରଇପକ୍ଷୀ ପଶୁମାନଙ୍କୁ କାଣ୍ଟି ଦ୍ୱୀପରେ ପକାଇ ବସ୍ତୁ ଭଦ୍ର ଲୋକମାନଙ୍କୁ କ୍ଷତିଗ୍ରସ୍ତ କରୁଅଛନ୍ତି । ଅତଏବ କାଣ୍ଟି ଦ୍ୱୀପର ସମସ୍ତ କର୍ତ୍ତୁପକ୍ଷୀୟମାନଙ୍କ ନିକଟରେ ଅସ୍ମମାନଙ୍କର ସାନୁନୟ ନିବେଦନ ଏହି ଯେ, ଯଦ୍ୟପି ଏହିରୂପ ଥାଏ ଉହିତ ହୁଏ ତଦ୍‌ବିଷୟରେ ମନୋଯୋଗୀ ହେଉନ୍ତୁ । ସୁ, ସ୍,

ସିମଲା ପାହାଡ଼ର ଏକ ସ୍ଥାନରେ ନୀଳକାନ୍ତମଣି ଅବସ୍ଥିତ ହୋଇଅଛି । ଯେଉଁ ସ୍ଥାନରେ ସେହି ମଣି ମିଳେ, ତହିଁ ନିକଟରେ ଜଣେ ଲୋକ ଲମା ବାସ କରନ୍ତି । ସେ ବ୍ୟକ୍ତି ପ୍ରଥମେ ସେହି ସ୍ଥାନରେ ନୀଳର ଅନ୍ୱିଷ୍ଟ ପାଦ ପଥର ଦେଖି ତାହାକୁ ଶୁକ୍ତି ସ୍ଫଟିକ ବା କାଞ୍ଚନ ବୋଧ କରି ତହିଁରୁ ଖଣ୍ଡିଏ ଭାଙ୍ଗି ପକାଇଲେ । ସେଥର କେତେକ ଖଣ୍ଡ ସେ ମହାଜନମାନଙ୍କୁ ଦେଇ ଧନ ଓ ଚମାଲ ପ୍ରଭୃତ

Split by PDF Splitter
Digitized by srujanika@gmail.com

Split by PDF Splitter



କରିବେ ଏବଂ ସେ ପଥର କେଉଁଠାରେ ଥିଲେ ତାହା କାହାକୁ କହିଲେ ନାହିଁ । ଗତ ଶତାବ୍ଦୀରେ ସେହି ପ୍ରସ୍ତରର କେତେକଗଣ୍ଡ ସନ୍ନ୍ୟାସୀ କୌଣସି ଲୋକକୁ ପ୍ରଦାନ କଲେ । ସେମାନେ ସେ ପ୍ରସ୍ତର ସିନ୍ଦୂରକୁ ଆସିଥିଲେ । ତହିଁ ସେହି କାଗଜ ଅତ ଉତ୍କୃଷ୍ଟ ପ୍ରସ୍ତର ସେ ପାଇଥିଲେ ତାହା ନିକଟକୁ ଜଣେ ସନ୍ନ୍ୟାସୀ ଶିବମୂର୍ତ୍ତି ନିର୍ମାଣ ନିମନ୍ତେ ତାହା ଗ୍ରହଣ କଲା । ପରେ ସେହି ପଥର କାନ୍ଥରେ ମହାରାଜାଙ୍କ ନିକଟକୁ ଆଣିଥିଲା । ବର୍ତ୍ତମାନ ସେ ବସ୍ତୁ ପ୍ରକାଶ ପାଇଅଛି ।

ଗତ ମଇମାସ ତା ୩୦ ଦିନ ମଙ୍ଗଳବାର ରାତ୍ର ମିରଟ ଠାରେ ଭୂମିକମ୍ପ ହୋଇଥିଲା । ବେଲଗାଡ଼ି ଷ୍ଟେସନର ଗୋଦାମଘରର କୁହାର ଛାତ ସ୍ଥାନ ପଡ଼ିଲା ସେ ତହିଁରେ ଘଣ୍ଟା ନ ରହଣ ଦୁଇ ଅଧିକ ପାଇଅଛନ୍ତି ଏବଂ ବହୁତ ଲୋକ ମଧ୍ୟରେ ମୃତ ହୋଇଅଛି । ସହେଦସ୍ଥଳ ଓ କେତେକ ଭାଗରେ ଭୂମି ଉଦ୍‌ଗତ ହୋଇଅଛି ଓ ସରକାରୀ କାଗଜପତ୍ର ସେଠି ଯାଇଅଛି ମଧ୍ୟ ଅନ୍ୟ ଅନେକ ପ୍ରକାରରେ କ୍ଷତି ହୋଇଅଛି । ଏହା ଅତି ଅଦ୍ଭୁତ ଯେ ଏହି ଭୂକମ୍ପ କେଉଁ ସମୟରେ ଲେଖାଯାଇ ଯେ ସମୟରେ ଘଟିବା ଅସମ୍ଭବ ହୋଇ ଗଲା ।

ଫିରୋଜପୁରନିବାସୀ ଖଜାଞ୍ଚି ବାବୁ ଶ୍ରୀଯୁକ୍ତ ଚକ୍ରବର୍ତ୍ତୀ ଦ୍ୱାରା ଜାଣିବା ଗଲାରେ ଏକମସହର ସଂଲଗ୍ନ ଲୋକଙ୍କ କୂଅରେ ଯେ ତହିଁରେ ଜଳଯାଉନ୍ତି ଅଥବା ହୋଇଥିବା ଲୋକ ସ୍ଥାନ ଅନ୍ୟ ସମସ୍ତ ଲୋକ ଅନେକ ହୁଏ । କେତେକ ବସ୍ତୁ ସେ ଅନେକ ଲୋକ ଯାଇଅଛନ୍ତି ଏବଂ ସେ କାହାର ଲୋକ ଶିବା ଅଧିକାର ଦେଖାଯାଏ । ଜଣେ ମୁସଲମାନ ରକ୍ତ ଦେଖିବାକୁ ହୋଇ ମଧ୍ୟରେ ଅଧିକ ଏବଂ ଅନେକ ହେଲେ ତହିଁ ଲୋକରେ ଗୋଟିଏ କୂଅ ଖୋଳିବାର ନାମରେ ବହୁ ଧନ ମାନ ଅନେକ ହେବାକୁ ଅଛି ତାହା କଲ ନାହିଁ । କେତେକ ପରେ ଜଣେ ଲୋକ ତାକୁ ନାମରେ ଅନୁରାଗୀ କର୍ମ ନ କରି ଥିବାର ବହୁ ଜାଗାର ପ୍ରକାର କରୁ ଥିବାର ସେ ସ୍ଥାନରେ ଦେଖି ତହିଁ ଅନେକ କୂଅ ଖୋଳାଇବା ସମୟରେ ଉଠିବ ଲୋକ ହୁଏ କରିବ ପଡ଼ିଲ । ତହିଁ ସେ ସ୍ଥାନ ଗତ ଅନ୍ୟ ସ୍ଥାନରେ କୂଅ ଖୋଳିବାର ଇଚ୍ଛା କର ତାକୁ ଗୋଟ ଦେଖ ମାତ୍ର ସ୍ଥାନରେ ସେହି ଦେଶ ସ୍ତ୍ରୀ ସେଠାରେ ଜଳର ଓ ମୃତ ଥିବାର ଜଳ ନ ଥିବାର ତାକୁ ସ୍ଥାନରେ ସ୍ୱାଦ ହେଲେ । ସେ ତହିଁ ଅବଗତ ସେ କଥା ପ୍ରକୃତ ଥିବାର ଦେଖି କୂଅ ଖୋଳାଗଲ । କେତେ ଦିନ ବହୁ କଷ୍ଟ କୂଅ ଖୋଳା ହେଲ ଦେଖେ ତହିଁ ପାଣି ଦୁଧ ଅଛି ତାକୁ ଧରିଥିଲ ପରେ ସେହି କୂଅକୁ ଜଣେ କୁମ୍ଭକର୍ଣ୍ଣ ପାଣି ହେଲ ସାଂଘୋର ଅବସ୍ଥା ଘର କାହାରୁ ତହିଁର ସ୍ତରର ପଡ଼ିଲ ଛିଲ । ଏ ଘର ଭଳ ଅନେକ ସ୍ଥାନରେ ଦେଖାଯାଏ ଏବଂ ଜଳଭାବ ପ୍ରବଳ ସଂଯୋଗ ତହିଁର ମୂଳ କାରଣ ।

ଲଣ୍ଡନର ଡକ୍ଟର ସେଲାରଡ ଡାକ୍ତର ସାହେବ ଗତମାସ ତା ୩ ଦିନରେ ମାନବସଭା ସମ୍ମୁଖ କଲେ । ସେ ଜଣେ ଲକ୍ଷ ଲୋକ ଥିଲେ ଏବଂ ତାଙ୍କ ସବାଶେ ରହିଲା ଲୋକେ ବହୁତ ଶୋକ କରୁଅଛନ୍ତି ।

ରେଲବୋଡ଼ିର ସ୍କୁଲ ଏବଂ ସ୍ନାନ ଗୃହର ବିଂହରର ମୁଖଦେଶରୋଲକୁ ଜଣାଇ ଅଛନ୍ତି ସେ ପରଦେଶରେ ଗଲବୁ ଏକ ଲୋକ ଅନ୍ୟ ବହୁ ଦେଲେ ଲୋକ ଏଥେ କଥା ଏହରେ ସବୁ ସବୁଁର ଗଲ ସ୍ତମର ଦେବଲେ ଦେଶ ଏଥ ଯିବ ।

ଇଲ୍‌ଗତ ମର୍ତ୍ତିଦର ଏକ ସହାୟକରେ ଲେଖାଅଛି ସେ ଉତ୍ତରମାସ ତା ୨ ଦିନରେ ପଟୋରଠାରେ ଭୂମିକମ୍ପ ହୋଇଥିଲା ସେ ତହିଁରେ ପୋଲିସର ଏକେଶ ଜଣ ୨ ପ୍ରଶିକ୍ଷକ ଘର କଲପାତରେ ନଷ୍ଟ ହୋଇଅଛି ମାତ୍ର ସୌଭାଗ୍ୟ ଜନେ କୌଣସି ଜୀବ ନଷ୍ଟ ହୋଇ ନାହିଁ ।

ଲକ୍ଷ୍ମୀ ଗଜେଟ କହନ୍ତି ହରଦୋଇର ଜେଲଖାନାର ଜାମନ ଜଣେ କଏଦୀ ୫୪୦୦୦ ଲାଖ ଅଧୀନ ଦେଇ ଭାରତଗୁରୁ ମହାରାଣୀଙ୍କ ସମ୍ମୁଖରେ ଯାଇଥିବା ସମୟରେ ଅଭାବ ହ ୧୦୦ ଏ ଅନୁଗ୍ରହର ଦେବେ ବଡ଼ ଜାନଏଦ ମାସ ତା ୧୬ ଦିନରେ ତାହା ଲୁଟ କର ନେଲେ ଏବଂ ଏଥିରେ ୫ ୨୨୦୦୦ ଜର ମାଲର ନଷ୍ଟ ହୋଇଅଛି ଲଣ୍ଡିଷ ଗବର୍ଣ୍ଣମେଣ୍ଟରେ ଏ ଦେଶର କଷ୍ଟର ଜନନେ ଅଧେକ ବସ ଯାଉଅଛି ।

କଲକତାରେ ଜଣେ ଡକ୍ଟରଙ୍କ ସ୍ତ୍ରୀ ଦେଶ ଅତ୍ୟନ୍ତ ଶୀଘ୍ର ହେବାକୁ ଲଗିଲେ ପିଲାରେ ଅପଣା ଶିଶୁ ସନ୍ତାନ ଅତ ଯୋଉଥିବା ସମୟରେ ଏକ ୩ ତା ୪ ଟା ବେଳେ ଗୋଟିଏ ଭଲ୍ଲୁକ ଆସି ଶିଶୁକୁ ନେଇ ଗଲ ଗଲ ତତ୍‌କ୍ଷଣ ହ ଅନୁସନ୍ଧାନ କରା ଗଲ ମାତ୍ର ଶିଶୁ କଥା କରୁଅଛ କୌଣସି ଉଦ୍ଦେଶ ମିଳିଲ ନାହିଁ ।

କଲକତାର ଶିବ ମନ୍ଦିର ଗତରେ ବଳନାଥ ଦେ ନାମକ ଜଣେ ଧନର କୁମ୍ଭର ନାମ୍ନୀ ସ୍ତ୍ରୀର ଉପରେ ପ୍ରତ ସନ୍ଦେହ କର ତାହାକୁ ଗୋଟିଏ ଟେଙ୍ଗାରେ ମାର ପକାଇ ଅଛି । ଅପରାଧୀ ଧରା ପଡ଼ିଅଛି । ଶ୍ରୀଯୁକ୍ତଙ୍କ ଲୁକଜ୍ଜ ହେବାର ଅନେକ ଅନର୍ଥ ଘଟେ ।

ଜାଲନଟର ନାମକ ଜଣେ କଲକତାର ଚଣ୍ଡୀଗତ ଡାକ୍ତର ମୁସଲମାନ ଦେଶ ସ୍ୱାଧୀନ ଚଳାଇବାକୁ ସ୍ଥିର ହୋଇ ଅଛିନ୍ତି । ସେ କେବେହେଁ ଦୁଃଖୀ ଲୋକଙ୍କ ଘରେ ଯେଏ କଲେ ନାହିଁ ମଧ୍ୟ ବେ ଯେଏ ଜର ଦେଲେ ତାହାଙ୍କୁ ସଙ୍ଗରେ ନେଇ ନାହିଁ ମାତ୍ର ଅନ୍ୟ ଦୁଃଖୀ ଲୋକଙ୍କୁ କେତେବେଳେ ସାହାଯ୍ୟ କର ଥାଏ ଏବଂ ପଶ ମଧ୍ୟରେ ସେ ଧନଦାତ, ଦାନବାନ, ଅପକାର, ଡିଉଟର, ରେଶମ ଚମଡ଼, କଲେଜ, ତୁଣ୍ଡ ଏବଂ ଲାଭୋଦର ସାହେବମାନଙ୍କ ସବୁ ଘଟନା ଚର୍ଚ୍ଚ ଯେଏ କର ଥାଏ । ଏହା ପଢ଼ିବ ସମସ୍ତ ପର୍ଯ୍ୟନ୍ତ ଯେଏକାରୁ ଚନ୍ଦ୍ର ପଥୋଦରେ ସହର ମଧ୍ୟରେ ଭାତରେ ଲୁଚ ଥର ଥାଅ ଥଲେ । ଗତ ଗାଅର ମିଶନରେ ସେ ସମ୍ପ୍ରଦାୟରେ ଜନର୍ଦ୍ଦ ଜମାଏ ଦେଲଗାଇରେ ଜଣାଇ ଅଛି । ଯାକୁ କହନ୍ତୁ ଯେଏ ।

ଅକୋଲାର ଡେପୁଟୀ କମିଶନରଙ୍କ ରପୋଟର ଜଣେ ୫ ୭୦୮ ଲୋକ ଲେଗୀ ହରଗ ହାର ଜନ ଜନ ୫ ୨୦୦୦ ଜା ଅନୁଗ୍ରହ କରଅଛ । ଅନୁସନ୍ଧ ଲେନରର ସାହେବ ତହସିଲ ଗର୍ତ୍ତର ହରାଉ ତଳକ ଉଠିବା ସମୟରେ ଏହା ପ୍ରକାଶ ହେଲ ।

## ବିଜ୍ଞାପନ ।

ବାଥଲବେଦନାର ମହୌଷଧ ମୂଲ୍ୟ ୫ ୩୦ ଖା

ଏହା ଅବେ ମାତ୍ର ବଂଶୋର ଜଲେ ସମସ୍ତ ସନ୍ଧର ଫଟାଇଏ ଦୁଏ ଓ ସନ୍ତାନ ଉତ୍ପତ୍ତିର ବ୍ୟାଘାତ ଦୂର କରେ ।

---

## ସୁଧଦା ମୂଲ୍ୟ ୫ ୧ ।

ଶୀଘ୍ର ହୋଇ ବହୁ ଦିନର ଅଜୀର୍ଣ୍ଣର ହେଲେ ଏହା ସେବନରେ ଅନେକ ଦୁଏ । ମୂଲ୍ୟ ୫ ୨୦ ଖା

## ଉପଦଂଶ ଅର୍ଥାତ୍ ଗରମୀ ରୋଗର ମହୌଷଧ ।

ନୂତନ ବା ପୁରାତନ ଗା ଘ ୩ ଦିନରେ ଆରୋଗ୍ୟ ହୁଏ । ଏଥିରେ ଲେଶମାତ୍ର ଦାଗ ନାହିଁ । ମୂଲ୍ୟ ୫ ୧ ।

ଉକ୍ତ ପଦ୍ଧାର, ଦେହରେ ଛୋଟ ଛୋଟ ବଟିଷ ଗରମୀ ଓ ଘାଉ ବା ମଧ୍ୟରେ ମଧ୍ୟରେ ଯା ପ୍ରକାଶ ପଉରେ ସପ୍ତାହ ମଧ୍ୟରେ ଆରୋଗ୍ୟ ହୁଏ । ଅଭ କେବେ ସେ ରୋଗ ହୁଏ ନାହିଁ । ମୂଲ୍ୟ ୫ ୪ ।

## ମେହରୋଗର ମହୌଷଧ ।

ମୂଲ୍ୟ ୫ ୮ ଖା ପୁଣା ତହିଁ ପଥରେ ପୁଣି ପିଶାବକୁ ହୁଏ । ଏଥିରେ ସ୍ତ୍ରୀ ପୁରୁଷ ସମସ୍ତଙ୍କର ନୂତନ ବା ପୁରାତନ ମେହ ଏକ ସପ୍ତାହ ମଧ୍ୟରେ ଆରୋଗ୍ୟ ହୁଏ ।

ଶ୍ରୀ ଡାକ୍ତରଙ୍କ ଦୋକାନ ।
ଚାଲିବାର ହାଟ ।
ବଂଶୀବନ୍ଦୀ ଲେନ ।

---

## ଲୁପଗଲ୍ଲିତ ବଟିକା ।

ଅନୁପାତ ଚଦେଶରେ ସେବନ କରେ ଅତି ପ୍ରକାର ରୋଗ ଭଲ ହୁଏ । ୧୮ ମାତ୍ରାକୁ ୫ ୧୮ ଖା ।

## ଶୀତବେଦନା ବଟିକା ।

ଅତ ଉତ୍କୃଷ୍ଟ ଆଯୁର୍ବେଦୀୟ ମୁଁ ଔଷଧ । ଅନୁପାତ ଚଦେଶରେ ବାମୁରୋଗ ଶାନ୍ତ ହୁଏ । ୪ ମାତ୍ରାକୁ ୫ ୧ ଖା

## ଚନ୍ଦ୍ରମଣ୍ଡିତହୋବାନ୍ତ ବଟିକା ।

ଏ ବଟିକାର ଅନୁପାତ ଅଚ ଦଶ ବର୍ଷ ନୂତନ ପୁରାତନ ପୁଷ୍ପରୋଗ ଭଲ ହୁଏ । ୪ ମାତ୍ରାକୁ ୫ ୧୮ ଖା ।

ଏ ସବୁ ଅନ୍ୟ ମେହ ପ୍ରଭୃତ ରୋଗର ଉତ୍କୃଷ୍ଟ ଔଷଧମାନ ଅନ୍ୟ ରହିଛି ପ୍ରାପ୍ତବ୍ୟ । ଗ୍ରାହକମାନେ ଔଷଧ ଉଚିତ ସମୟରେ ସେବନ ଉପଯୋଗ ଜାଣି ପାରିବେ ।

ସୋମ } ଚାନ୍ଦନୀଚକ } ଶ୍ରୀ ଗୁମଜକ କେଦାର ଗାତାଖଣ୍ଡି ।
କଟକ }

---

## ଗବର୍ଣ୍ଣମେଣ୍ଟ ଫିଜିକାଲ ଫେକୁଲ୍‌ଟିକ୍ ।

ଏହା ଡାକ୍ତରଖାନରେ ଚିକିତ୍ସାକର ଅଚିତ୍‌ଗରେ ଉତ୍କୃଷ୍ଟ ଔଷଧ ଦୋଇ ଦିଅନ୍ତି । କଲକତାର ପ୍ରଧାନ ପ୍ରଧାନ ଡାକ୍ତରମାନେ ଓ ଦେଶୀୟ ଔଷଧାଳୟରେ ଚତୁରୂପ ହୁଏ, କଲକତା ବୋଷ୍ଟାଟନଙ୍କ ଗାର୍ଡେନର ସୁପରଭେଣ୍ଟେଣ୍ଡର ଜଣେ ଲେ ଚଳାଇଲ ଛଲରେ ମିଳିପାରେ ଯଥା,—

ଚାଳନାର ସହିତ ୪ ଅଧବଳକୁ ୫ ୧୦ । ୮ ଅଧବଳକୁ ୫ ୧୧ ଖା । ୧୬ ଅଧବଳକୁ ୫ ୨୦ ମୂଲ୍ୟ ଦେଲ ।

---

## ADVERTISEMENT.

Notice is hereby given that the College and Collegiate school will reopen on Monday the 19th. June 1882 and will be held at the usual hours, from 10½ A. M. to 4 P. M.

By order of the Principal
Ram Das Chukerbutty.
*Head master*
*Ravenshaw Collegiate school.*

*Katak 11th June 1882*

---

ଏହି ଉତ୍କଳଦୀପିକା ଏବର ଏବଂ ଦୟାବନ୍ଧାଭନ୍ତ ଗ୍ରିଣିଙ୍ଗ୍‌ପ୍ରେସରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା

ଖ ୧୭ ଶ
ସଂ ୨୫ ସଂଖ୍ୟା

ତା ୨୪ ରଖ ମାହେ ଜୁନ ସନ ୧୮୮୨ ମସିହା । ମୁ । ଆଷାଢ ଦ ୧୨ ନ ସନ ୧୨୮୯ ସାଲ ଶନିବାର

| ମୂଲ୍ୟ | ଅଗ୍ରିମ | ବକାୟା |
|---|---|---|
| ବାର୍ଷିକ | ଟ ୫ ୲ | ଟ ୬ ୲ |
| ଡାକମାସୁଲ | ଟ ୦ ୷ | ଟ ୧ ୲ |

ଏଥର ପୁରୀର ରଥଯାତ୍ରା ନିର୍ବିଘ୍ନରେ ସମ୍ପନ୍ନ ହୋଇଅଛି । ଓଲାଉଠା ହେତୁ ଅଧିକ ଯାତ୍ରୀର ସମାଗମ ହୋଇ ନାହିଁ ପୁରୁଷୋତ୍ତମଚନ୍ଦ୍ରିକାଙ୍କ ମତରେ କେବଳ ଦଶ ହଜାର ଯାତ୍ରୀ ହୋଇ ଥିଲେ ଏବଂ ସରକାରଙ୍କ ପକ୍ଷରୁ ଉତ୍ତମ ବନ୍ଦୋବସ୍ତ ହେବାରୁ ସେମାନେ ସ୍ୱଚ୍ଛନ୍ଦରେ ଦର୍ଶନ କରି ଅଛନ୍ତି । ରଥଯାତ୍ରା ସମ୍ପର୍କରେ କେବଳ ଏକ ଦୁର୍ଘଟନା ଏହି ହୋଇଅଛି ଯେ ଲୋକମାନେ ରଥ ଦୌଡ ବନ୍ଦକୀ ସମୟରେ ଦୌଡ ବଳା ଖାଇ ଭଙ୍ଗିଯାଇ ଜଣେ ଲୋକର ମୁଣ୍ଡରେ ଗୁରୁତର ଆଘାତ କଲା ଏବଂ ତଦ୍ଦ୍ୱାରା ତାହାର ମୃତ୍ୟୁ ହେଲା । ଡାକ୍ତରଙ୍କର ଚିକିତ୍ସାରେ କିଛି ଉପକାର ହେଲା ନାହିଁ ।

---

ସମ୍ବଲପୁର, ରାଇପୁର ଓ ଗଞ୍ଜାମର ସୈନ୍ୟ ଛଡା କଳାହାଣ୍ଡିର ବିଦ୍ରୋହ ନିବାରଣାର୍ଥ ବେରାରୁ ସାହେବ ସିନ୍‌ଘ ନାମକ ସୈନିକ ପାଙ୍ଗାଙ୍କ ପୁଲିସର ସାହାଯ୍ୟ ପାଇଅଛନ୍ତି । ଏହି ପୁଲିସ ସାହାଯ୍ୟରେ ଡେପୋଟି କମିଶ୍ନର କନ୍ଧମାନଙ୍କୁ ଆକ୍ରମଣ କରି ସେମାନଙ୍କ ମଧ୍ୟରୁ ଦଶ ଜଣ ସର୍ଦ୍ଦାର ଧୃତ କରିଅଛନ୍ତି । ବିଚାରରେ ସେମାନେ ବର୍ତ୍ତମାନର ଦାଙ୍ଗାକାଣ୍ଡରେ ଲିପ୍ତ ଥିବାର ଷଡ଼ଯନ୍ତ୍ରକାରକରୂପରେ ପ୍ରମାଣ ହେବାରୁ ସେସମସ୍ତଙ୍କୁ ଫାଶୀଦଣ୍ଡ ହେଲା । କନ୍ଧମାନେ ଏଥିରେ ଭୀତ ହୋଇ ପର୍ବତମାନଙ୍କୁ ପଳାୟନ କରି ସେଠାରୁ ଖଣ୍ଡ ଖଣ୍ଡ ଦଳରେ ଲୋକମାନଙ୍କୁ ଆକ୍ରମଣ କରି କଷ୍ଟ ଦେବାର ଚେଷ୍ଟାରେ ଥିବାର ଅନୁମାନ ହୁଏ । ଏହା ହେଲେ ସେମାନଙ୍କର ବିଶେଷ କ୍ଷତି ଓ ଜ୍ୱରରୋଗରେ ପ୍ରପୀଡିତ ହେବାର ସମ୍ପୂର୍ଣ୍ଣ ସମ୍ଭବ ।

---

ଗତ ଅପ୍ରେଲ ମାସରେ ଗୃହୀତ ହୋଇଥିବା ଏଣ୍ଟ୍ରାନ୍ସ ପରୀକ୍ଷାର ଫଳାଫଳ ଗତ ବଙ୍ଗଳା ଗେଜେଟରେ ବାହାରିଅଛି । ତହିଁରୁ ଦେଖାଯାଏ ଯେ ଏବର୍ଷ ସର୍ବସୁଦ୍ଧା ୨୫ ଜଣ ଛାତ୍ର ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଯଥା;—କାବ୍ୟରେ ୧୪ ଜଣ, ସ୍ମୃତିରେ ୨ ଜଣ, ଦର୍ଶନଶାସ୍ତ୍ରରେ ୩ ଜଣ, ନ୍ୟାୟରେ ୩ ଜଣ ବେଦାନ୍ତରେ ଏକ ଜଣ ଏବଂ ସାଂଖ୍ୟରେ ଏକଜଣ । ଏଥି ମଧ୍ୟରେ ଓଡିଶାର ଛାତ୍ର ଏକଜଣର ନାମ ଦେଖି ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ । ଏ ଛାତ୍ରର ନାମ ସଦାଶିବ ମିଶ୍ର ପୁରୀ ସଂସ୍କୃତ ବିଦ୍ୟାଳୟ ଏହାଙ୍କର ଶିକ୍ଷାସ୍ଥାନ ଏବଂ ପଣ୍ଡିତ ଗୋପୀନାଥମିଶ୍ର ଏହାଙ୍କର ଅଧ୍ୟାପକ ଅଟନ୍ତି । ଏ ମହାଶୟ କାବ୍ୟରେ ଉତ୍ତୀର୍ଣ୍ଣ ହୋଇ କାବ୍ୟକଣ୍ଠ ଉପାଧି ପାଇଅଛନ୍ତି ଏବଂ ରାଜା ଶ୍ୟାମାନନ୍ଦ ଦେଙ୍କ ଟ ୩୦୲ କା ଏବଂ ଗୌରୀଶଙ୍କରଙ୍କର ଟ ୪୦୲ କା ଛାତ୍ର ବୃତ୍ତି ପ୍ରାପ୍ତ ହୋଇଅଛନ୍ତି । ଉତ୍ତୀର୍ଣ୍ଣଛାତ୍ରଙ୍କ ସଂଖ୍ୟାରେ ତ୍ରୟୋଦଶ ସ୍ଥାନ ପାଇଥିବାରୁ ଗବର୍ଣ୍ଣମେଣ୍ଟ ବୃତ୍ତି ପାଇଁ ନାହାନ୍ତି । ପୁରୀର ସଂସ୍କୃତ ବିଦ୍ୟାଳୟ ପକ୍ଷରେ ଏହା ପ୍ରଶଂସାର ବିଷୟ ଅଟଇ ଏବଂ ଆମ୍ଭେମାନେ ଆଶା କରୁଁ କି ଓଡିଶାବାସିଏ ଏ ସ୍ଥଳରେ ଉତ୍ସାହିତ ହେବେ ।

---

ମିଶର ସମ୍ବନ୍ଧରେ ଇଣ୍ଡଗୋଲ କମିଟି ବସିଲା । ବଡ଼ବଡ଼ ପାସା ସେଠାରେ ଉପସ୍ଥିତ ସମସ୍ତ ବିବାଦ ମୀମାଂସା କରିବାର ଉଦ୍ୟମ କରୁଥିଲେ । ଏଥି ମଧ୍ୟରେ ଗତମାସ ଶେଷ ଭାଗରେ ଅଲେକ୍‌ଜାଣ୍ଡ୍ରିୟା ନଗରରେ ଦେଶୀୟ ଲୋକମାନେ ମେଳବାନ୍ଧି ସେଠା ଇଉରୋପୀୟ ନିବାସିଙ୍କୁ ଆକ୍ରମଣ କଲେ । ମେଳିଆମାନେ ବେଲେଲୋକଙ୍କୁ ହତ ଓ ଆହତ କଲେ ଏବଂ ଅନେକଗୁଡିଏ ଘର ପୋଡି ଦେଲେ । ଦେଶୀୟ ଲୋକଙ୍କର ଜଣେ ମାଲଟା ନଗର ନିବାସିଙ୍କ ସହିତ ବାଟରେ ଝଗଡା ହେବାଦ୍ୱାରା ଏହିଦ୍ରୋହ ଆରମ୍ଭ ହେଲା । ଘଟଣାଦ୍ୱାରା ଦେଖାଯାଇଅଛି ଯେ ଏ ବିଦ୍ରୋହରେ ଏକଶତ ଇଉରୋପୀୟ ଏବଂ ତହିଁ ମଧ୍ୟରେ ପାଞ୍ଚଜଣ ଇଂରାଜ ହତ ହୋଇଅଛନ୍ତି । ବିଦ୍ରୋହର ସମ୍ବାଦ ଶୁଣି ଦରବେଶପାସା ଏବଂ ଖେଦିବ ଘଟଣା ସ୍ଥଳକୁ ଯାଇ ଥିଲେ ଏବଂ ତହିଁ ପରେ ସେନା ସାହାଯ୍ୟରେ ଗୋଳମାଳ ନିବାରଣ ହୋଇଥିଲା । ସମ୍ପ୍ରତି ବିଦ୍ରୋହୀମାନଙ୍କ ମଧ୍ୟରୁ ପ୍ରାୟ ୨୦୦ ଜଣ ଧରାପଡିଅଛନ୍ତି ଏବଂ ଶାନ୍ତିରକ୍ଷାର ସମସ୍ତ ଉପାୟ ହେଉଅଛି । ମାତ୍ର ଏଘଟନାରେ ଇଉରୋପୀୟମାନେ ବିଶେଷତଃ ଇଂରାଜ ଓ ଫରାସି ବଡ଼ ବ୍ୟସ୍ତରେ ପଡିଅଛନ୍ତି

Digitized by srujanika@gmail.com

ଏବଂ ଏଥି ମଧ୍ୟରେ ୧୮୦୦ ଇଂରାଜ ସୈନ୍ୟ ସେଠାରେ ଠୁଳ ହୋଇଅଛନ୍ତି ।

---

ଦଶପଲ୍ଲା ରାଜା ଓ ତାଙ୍କ ମେନେଜର ବାବୁ ମଦନମୋହନ ପଟ୍ଟନାୟକ ମଧ୍ୟରେ ଉଭୟମଧ୍ୟରେ ମନାନ୍ତର ଘଟିବାରୁ ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କ ସମୀପକୁ ମାନେଜର ଇସ୍ତଫା ଏବଂ ରାଜା ମାନେଜରଙ୍କୁ ବାହାର କରି ଦେଇ ଆପଣା ହାତକୁ ରାଜ୍ୟ ନେବା ଲାଗି ରିପୋର୍ଟ ପଠାଇଅଛନ୍ତି ମଧ୍ୟ ମାନେଜରଙ୍କ ନାମରେ ରାଜାଙ୍କ ସାକ୍ଷରରେ କେତେଗୋଟି ବେନାମୀ ଦରଖାସ୍ତ ପଡ଼ିଥିବାର ଶୁଣା ଯାଏ । ମାନେଜର ନିଯୁକ୍ତ ହେଲା ଦିନରୁ ସେ କାର୍ଯ୍ୟୋପଯୋଗୀ ହୋଇ ନ ପାରିବାର ଆମ୍ଭେମାନେ ଅନୁମାନ କରିଥିଲୁଁ ଦଶପଲ୍ଲାର ରାଜା ନିତାନ୍ତ ଅକର୍ମଣ୍ୟ ଏବଂ ନିର୍ବୋଧ ପ୍ରାୟ ଟମସ୍ ସାହେବ ଅତି ଅଳ୍ପଦିନ ମାତ୍ର କମିଶନର ହୋଇ ତାଙ୍କର ଅନୁପଯୋଗିତା ଦେଖି ତାଙ୍କଠାରୁ ସେନ ଆସି କ୍ଷମତା ଖାସ କରିବାକୁ ବସିଥିଲେ ପଛକୁ ଜଣେ ମାନେଜର ନିଯୁକ୍ତ କଲେ ଯେ ସେ ମଧ୍ୟ [illegible] ମର ଗଲେ । ରେବନସା ସାହେବ ତାହାର କାର୍ଯ୍ୟ ଚଳାଇବା ନିମନ୍ତେ କେତେ ଜଣ ଲୋକ ରାଜାଙ୍କୁ ଯା ।ଏ ବଇବା ଭାଉଣ ନିଯୁକ୍ତ କରି ଗୋଟିଏ କମିଟୀ ସ୍ଥାପନ କରିଥିଲେ ସେମାନଙ୍କ ସଙ୍ଗରେ ରାଜାଙ୍କର ଅମେଳ ହେବାରୁ ବର୍ତ୍ତମାନ ଲିଷ୍ଟର ସାହେବ ଗବର୍ଣ୍ଣମେଣ୍ଟଙ୍କ ଆଦେଶ ଆଣାଇ କମିଟୀ ଉଠାଇ ଦେଇ ମାନେଜର ନିଯୁକ୍ତ କଲେ ରାଜାଙ୍କୁ ଏପରି ଆଦେଶ ହୋଇଥିଲା ଯେ ଏଥିରେ ମଧ୍ୟ ଉତ୍ତମରୂପେ କାର୍ଯ୍ୟ ନ ଚଳାଇଲେ ଷ୍ଟେଟ ଏକବାରଗି ଖାସ ହେବ । କ୍ଷମତାର ଏପରି ଅନିଶ୍ଚିତାବସ୍ଥାରେ ଜଣେ ଦକ୍ଷ ଏବଂ ଅଭିଜ୍ଞ ଲୋକ ନିଯୁକ୍ତ ହେବାର ଉଚିତ ଥିଲା ଏବଂ ଆମ୍ଭେମାନେ ଜଣେ ନୂଆ ସ୍କୁଲ ଛାଡ଼ି ସ୍କୁଲ ସବ୍‌ଇନ୍‌ସ୍ପେକ୍ଟରୀ କର୍ମ କରୁଥିବା ଲୋକଙ୍କୁ ମାନେଜର ସ୍ୱରୂପ ନିଯୁକ୍ତ ହେବାରୁ ଦେଖି ଯାହା ଅନୁମାନ କରିଥିଲୁଁ ତାହା ଦେଖିବାରେ ଆସିଲା । ସୁପରିଣ୍ଟେଣ୍ଡେଣ୍ଟ ସାହେବ ଏଥିରେ କି କରିବେ କିଛି ଜଣା ଯାଇ ନାହିଁ ଆମ୍ଭମାନଙ୍କ ବିବେଚନାରେ ରାଜାଙ୍କୁ ରଖି ଆଉ ମାନେଜର ନିଯୁକ୍ତ କରି । ଉଚିତ ନହେ ଏହା ହେଲେ ଭଲ ହେବ । [illegible] ଅଣା ଯିବା କର୍ତ୍ତବ୍ୟ ଭଗବାନ ରାଜାଙ୍କର ସଦ୍‌ବୁଦ୍ଧି ଦେଲେ ଭଲ ରାଜ୍ୟଶାସନର ଦଣ୍ଡନୀୟ ମତ ନିଶ୍ଚୟ କଥା ଏହିକ ଯେ ଯେତେ ଦିନ ରାଜାଙ୍କର ପାଶ ଲୋକେ ବର୍ତ୍ତମାନ ଥିବେ ସେତେଦିନ ରାଜାଙ୍କର ମଙ୍ଗଳ ନାହିଁ ଏବଂ ଏହି ଏକ କାରଣରୁ ଅନେକ ଗଡ଼ଜାତ ରାଜାଏ ନଷ୍ଟ ହେଉ ଅଛନ୍ତି ।

---

## ପୁରୀ ଜଗନ୍ନାଥଙ୍କ ମନ୍ଦିର ।

ପୁରୀ ରାଜା କଳାପାଣିକୁ ପ୍ରେରିତ ହେବା ଦିନଠାରୁ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରର କାର୍ଯ୍ୟ ନିର୍ବାହ ପକ୍ଷରେ ନୂତନ ବନ୍ଦୋବସ୍ତ କରିବାର ଅବଶ୍ୟକତା ପ୍ରତ୍ୟକ୍ଷ ହୋଇଥିଲା ଏବଂ ଶ୍ରୀଯୁକ୍ତ ଡାମ୍ପିୟର ସାହେବ ବୋର୍ଡ ରେବିନ୍ୟୁର ମେମ୍ବର ଏବିଷୟରେ ଖଣ୍ଡିଏ ଆଇନର ପାଣ୍ଡୁଲିପି ସୁଦ୍ଧା ପ୍ରସ୍ତୁତ କରିଥିଲେ । ସେତେବେଳେ ଏହି କଥା ସମସ୍ତଙ୍କୁ ଜଣାଥିଲା ଯେ କେବଳ ପୁରୀ ରାଜାଙ୍କ ଅନୁପସ୍ଥିତ କାଳ ନିମିତ୍ତ ମନ୍ଦିର ସମ୍ପର୍କରେ ମଧ୍ୟକ୍ ବନ୍ଦୋବସ୍ତ ହେବ ଅର୍ଥାତ୍ ଗୋଟିଏ ସ୍ୱଳ୍ପ କମିଟୀ ଗଠିତ ହୋଇ ତାହାର ତତ୍ତ୍ୱାବଧାରଣରେ ଜଣେ ବେତନଭୋଗୀ ମାନେଜରଦ୍ୱାରା ମନ୍ଦିରର କାର୍ଯ୍ୟ ଚଳିବ ଏବଂ ପୁରୀ ରାଜଗଦିରେ ଯୋଗ୍ୟବ୍ୟକ୍ତି ଅଭିଷିକ୍ତ ହେଲାରୁ ସେ ପରମ୍ପରା ରୀତିଅନୁସାରେ ଜଗନ୍ନାଥଙ୍କ ମନ୍ଦିରର ସେବା ଚଳାଇବେ । ଉକ୍ତ ଆଇନ ଏବଂ ସଦାବର୍ତ୍ତ ସମ୍ପର୍କୀୟ ଆଇନର ପାଣ୍ଡୁଲିପି ମାନ ଏକ ସମୟରେ ଇଣ୍ଡିଆ ଗବର୍ଣ୍ଣମେଣ୍ଟରେ ଉପସ୍ଥିତ ହୁଅନ୍ତେ ମହାମାନ୍ୟ ଲର୍ଡ ରିପନ ଧର୍ମ ବିଷୟରେ ଗବର୍ଣ୍ଣମେଣ୍ଟଙ୍କର ହସ୍ତକ୍ଷେପ କରିବା ଅଯୌକ୍ତିକ ଜ୍ଞାନ କରି ସଦାବର୍ତ୍ତର ଆଇନକୁ ଅଗ୍ରାହ୍ୟ କଲେ କିନ୍ତୁ ପୁରୀମନ୍ଦିର ବିଷୟରେ କୌଣସି ନିଷ୍ପତ୍ତି ହୋଇ ନ ଥିବାରୁ ଏଥିର ନୂତନ ବ୍ୟବସ୍ଥା ହେବ ବୋଲି ସମସ୍ତେ ଆଶା କରିଥିଲେ । ଏପରି ଅନେକ ଦିନ ବାହାରି ଗଲା ଏବଂ ଆଉ କିଛି ଶୁଣାଗଲା ନାହିଁ । ତହିଁର ବିଲମ୍ବ ଦେଖି କେହି୨ ମନେ କରିଥିଲେ ପ୍ରାୟ ଗବର୍ଣ୍ଣମେଣ୍ଟ ଏଥିରେ ସ୍ୱକୀ ଧର୍ମର ଯୁକ୍ତିକୁ ଅନୁସରଣ କରି କିଛି କରିବେ ନାହିଁ ଏଥିମଧ୍ୟରେ ଦେବାନୀ କାର୍ଯ୍ୟ ବିଧିର କେତେକ ବିଷୟ ସଂଶୋଧନ ନିମିତ୍ତ ଗୋଟିଏ ନୂତନ ଖସଡ଼ା ଆଇନର ପାଣ୍ଡୁଲିପି ବାହାରିଲା ଏବଂ ନିୟମିତ ରୂପେ ତାହା ବ୍ୟବସ୍ଥାପକ ସଭାରେ ବର୍ଣ୍ଣିତ ହୋଇ [illegible] ହେଲା । ଏହି ଅବକାଶରେ ବ୍ୟବସ୍ଥାପକ ସଭା ଶୁଦ୍ଧ ଅଇନଟିକୁ ଅଲଗା ପ୍ରକାଶ ନ କରି ଦେବାନୀ କାର୍ଯ୍ୟ ବିଧିର ସଂଶୋଧିତ ଆଇନ ବୋଲି ଦେବାନୀ କାର୍ଯ୍ୟବିଧି ବିଷୟକ ସନ ୧୮୮୬ ସାଲର ୧୪ ଆଇନ ଗୋଟାସୁଦ୍ଧା ପ୍ରଚାର କଲେ ଏବଂ ସେହି ଆଇନ ତତ୍‌କାଳ ମାତ୍ର ଅଦ୍ୟରୁ ଜାରି ହେଲା । ଦେବାନୀ କାର୍ଯ୍ୟବିଧି ଆଇନରେ ପୁରୀମନ୍ଦିରର ବ୍ୟବସ୍ଥା ହେବ ଏହା ସ୍ୱପ୍ନର ଅଗୋଚର ଏବଂ ଉକ୍ତ ଆଇନ ସଂଶୋଧନ ସମୟର ତର୍କବିତର୍କରେ ଏଥିର କୌଣସି ଉଲ୍ଲେଖ ସୁଦ୍ଧା ହୋଇ ନ ଥିଲା ସୁତରାଂ କେ ଏ କାହିଁକି ମନେ କରନ୍ତା ଯେ ଦେବାନୀ କାର୍ଯ୍ୟବିଧିରେ ପୁରୀମନ୍ଦିରର ବ୍ୟବସ୍ଥା ହୋଇଅଛି । ବାସ୍ତବରେ ନୂତନ ଦେବାନୀ କାର୍ଯ୍ୟବିଧି ଗେଜେଟରେ ଛପା ହେବାର ପ୍ରାୟ ଏକ ମାସ ଉତ୍ତାରୁ ଦେଖାଗଲା ଯେ ଉକ୍ତ ଆଇନର ୫୩୯ଧାରା ଶେଷରେ ଲେଖାଅଛି ଯେ ଏହି ଦ୍ୱାରା ସନ ୧୮୪୦ ସାଲର ୧୦ ଆଇନ ଦୂର ଥାଇ ରହିତ ହେଲା । ଏହି ଦୂର ଥାଇରେ ଖୋରଧାର ରାଜାଙ୍କୁ ଜଗନ୍ନାଥଙ୍କ ମନ୍ଦିରର ସୁପରିଣ୍ଟେଣ୍ଡେଣ୍ଟ ନିଯୁକ୍ତ କରି ଯାଇଥିଲା ଏବଂ ତଦନୁସାରେ ଏପର୍ଯ୍ୟନ୍ତ ତାଙ୍କ ଅଧିକାର ହସ୍ତ ଗ୍ରହଣ କରି ଚଳାଇ ଆସୁଅଛନ୍ତି । ଏପରି ବ୍ୟବସ୍ଥା କରିବାର ଫଳ ଏହି ହେଲା କି ପୁରୀ ରାଜାଙ୍କ ତତ୍ତ୍ୱାବଧାରଣରୁ ଉଦ୍ଧାର ନିମିତ୍ତ ମନ୍ଦିର ବାହାରିଗଲା ଏବଂ ଅନ୍ୟାନ୍ୟ ଧର୍ମାର୍ଥ ଏବଂ ସଦାବର୍ତ୍ତ ମନ୍ଦିର ସଙ୍ଗରେ ତହିଁର ବିଶେଷ କିଛି ରହିଲା ନାହିଁ । ଏଣିକି ମନ୍ଦିରର କାର୍ଯ୍ୟରେ ବିଶୃଙ୍ଖଳା ଘଟିଲେ ସ୍ୱାର୍ଥବାନ୍ ବ୍ୟକ୍ତିଙ୍କ ଅଭିଯୋଗମତେ ଅନିବାର୍ଯ୍ୟ ସଦାବର୍ତ୍ତ ମଠ ବାଡ଼ିପରି ଦେବାନୀ ଅଦାଲତ ତହିଁର ସୁବନ୍ଦୋବସ୍ତ କରି ଦେବେ ଆଉ ଗବର୍ଣ୍ଣମେଣ୍ଟଙ୍କର କୌଣସି ସମ୍ପର୍କ ରହିଲା ନାହିଁ, ଆମ୍ଭମାନଙ୍କ ମନରେ ଲର୍ଡ ରିପନଙ୍କ କଥାର ଏବଂ କୌଶଳ ବିଷୟ ପ୍ରଶଂସନୀୟ ଅଟଇ । ଏକ ପକ୍ଷରେ ଧର୍ମ ବିଷୟରେ ହସ୍ତକ୍ଷେପ ନ କଲେ ଏଠାରୁ କଳଙ୍କ ପର୍ଯ୍ୟନ୍ତ ଗୋଲ ହେବ ଅନ୍ୟ ପକ୍ଷରେ ଉତ୍କଳବାସିମାନେ ପୁରୀ ରାଜାଙ୍କଠାରୁ ମନ୍ଦିର କାଢ଼ି ନେବାକୁ ସୁଖକର ମଣିବେ ନାହିଁ ଏହି ହେତୁ ସେ କୌଣସି ଆନ୍ଦୋଳନ ନ କରି ଅଲକ୍ଷିତ ଭାବରେ ମନ୍ଦିରକୁ ସ୍ୱତନ୍ତ୍ର କରି ଦେଲେ ଏବଂ ଲୋକଙ୍କ ଅଭିଯୋଗମତେ ତମିଟ ନିଯୋଗ କରିବାର ଆଜ୍ଞା ଦେଲେ । ଗବର୍ଣ୍ଣମେଣ୍ଟ ପୁରୀ ରାଜାଙ୍କୁ ସୁପରିଣ୍ଟେଣ୍ଡେଣ୍ଟ ନିଯୁକ୍ତ କରିଥିଲେ ସେବେ ସେ ନିଯୋଗ ରହିତ ହେଲ ତେବେ ସୁପରିଣ୍ଟେଣ୍ଡେଣ୍ଟ କାର୍ଯ୍ୟ

Digitized by srujanika@gmail.com

Split by PDF Splitter



ନବୀନ ନିମିତ ବ୍ୟବସ୍ଥା କରିବା ଗବର୍ଣ୍ଣମେଣ୍ଟଙ୍କର କର୍ତ୍ତବ୍ୟ ହେଉଅଛି ଏହି ହେତୁ ଗବର୍ଣ୍ଣମେଣ୍ଟ ଗୋଟିଏ କମିଟି ଗଢିବା ପାଇଁ ସ୍ଥାନୀୟ ହାକମଙ୍କୁ ଆଦେଶ ଦେବାରୁ ତଦନୁସାରେ ପୁରୀର କଲେକ୍ଟର ଜାଂଣ ବ୍ରଡ୍ରଲୋକଙ୍କ ନାମ ଲେଖି କମିଶ୍ନର ସାହେବଙ୍କ ମନୋନୀତ ନିମନ୍ତେ ପଠାଇ ଅଛନ୍ତି । କମିଶ୍ନର ସାହେବ ଆଗାମୀ ମଙ୍ଗଳବାର ପୁରୀକୁ ଯାତ୍ରା କରିବେ ଏବଂ ଅମ୍ଭେମାନେ ଆଶା କରୁଁ କି ସେଠାରେ ସର୍ବସାଧାରଣଙ୍କ ମତାମତ ବୁଝି ଉପଯୁକ୍ତ ବ୍ୟକ୍ତିଙ୍କୁ କମିଟିଭୁକ୍ତ କରିବେ । ପ୍ରଥମ ଯେଉଁମାନେ କମିଟିଭୁକ୍ତ ହେବେ ସେମାନଙ୍କ ଯୋଗ୍ୟତା ଓ କାର୍ଯ୍ୟ ଶୃଙ୍ଖଳା ଉପରେ ସମସ୍ତ ବିଷୟ ନିର୍ଭର କରିବ । ଯାହାଙ୍କ ପ୍ରତି ଲୋକଙ୍କର ଅନୁକୂଳ ମତ ନାହିଁ ସେପରି ବ୍ୟକ୍ତିଙ୍କୁ କଦାଚ ସ୍ଥାନ ଦେବା ଉଚିତ ନୁହଇ ଆଉ ରେଭିନ୍ୟୁ ଏବଂ ଫଉଜଦାରୀ ଏଇ-ଡାର ସରକାରୀ କର୍ମଚାରୀଙ୍କୁ ମଧ୍ୟ କମିଟିରୁ ଅନ୍ତର ରଖିବା ଉଚିତ କାରଣ ଏମାନେ ସ୍ୱାଧୀନ ଭାବରେ କମିଟିର କାର୍ଯ୍ୟ ପର୍ଯ୍ୟାବେକ୍ଷଣ କରିବେ ଏମାନେ କମିଟିରେ ରହିଲେ ତାଦୃଶ ଫଳ ହେବ ନାହିଁ ।

---

### ଅନୁଶାସନ ।

ଯଥେଚ୍ଛାଚାର ବଳର ବ୍ୟତୀତ ଯାବତୀୟ ସୁଚରିତ ଶାସନପ୍ରଣାଳୀରେ ପ୍ରଜାମାନଙ୍କର ରାଜ୍ୟ ଶାସନ ବିଷୟରେ ପ୍ରଚୁର କ୍ଷମତା ଅଛି । ଇଂଲଣ୍ଡ, ଫ୍ରାନ୍ସ, ଇଉନାଇଟେଡ୍‌ଷ୍ଟେଟ୍ସ ପ୍ରଭୃତି ସୁସଭ୍ୟ ପ୍ରଦେଶମାନ ଏହାର ଦୃଷ୍ଟାନ୍ତସ୍ଥଳ । ଏହି ପ୍ରଦେଶମାନଙ୍କରେ ପ୍ରଜା ପ୍ରତିନିଧି ସଭା-ଦ୍ୱାରା ସବୁ ରାଜକାର୍ଯ୍ୟ ସମ୍ପନ୍ନ ହୋଇ ଥାଏ । ପ୍ରଜାର ସମଷ୍ଟି ରାଜ୍ୟ, ଅତ୍ ପ୍ରଜାର ସୁଖସମୃଦ୍ଧି ରାଜ୍ୟର ଉନ୍ନତି । କିଅଣ କଲେ ବା କି ଉପାୟରେ ଉକ୍ତ ଉନ୍ନତି ସାଧିତ ହୋଇ ପାରେ ତାହା ପ୍ରଜା ଛଡା ଅପରେ କିଏ ବୁଝିବେ ? ଯେଉଁ ଦେଶରେ ରାଜ୍ୟଶାସନ ଓ ପ୍ରଜାଙ୍କର ଉନ୍ନତି ଭାର ପ୍ରଜା ପ୍ରତିନିଧି ବ୍ୟକ୍ତିମାନଙ୍କ ହସ୍ତରେ ନ ଥାଇଁ କେବଳ କେତେକ ଜଣ ରାଜାନୁଗୃହୀତ ବ୍ୟକ୍ତିମାନଙ୍କର ହସ୍ତରେ ନ୍ୟସ୍ତ ହୁଏ, ସେହି ଦେଶରେ ପ୍ରଜାର ଉନ୍ନତି ଯେ କେତେଦୂର ପ୍ରକୃତ ପରିମାଣରେ ହୋଇ ନ ପାରେ ତାହା ଇତିହାସ ପାଠକଙ୍କର ଅବିଦିତ ନାହିଁ ।

ଏତ ଦୀର୍ଘଦିନ ହେଲା ଅମ୍ଭେମାନେ ଇଂରେଜ ଶାସନାଧୀନରେ ଥାଇ ନାନା ବିଷୟରେ ସୁଖ ଭୋଗ କରି ଆସୁଅଛୁଁ । ମାତ୍ର ଏତାବତ୍‌କାଳ ଅନୁଶାସନ ବିଷୟରେ ଅମ୍ଭେମାନେ କେବେ କିଛି ମାତ୍ର ଶିକ୍ଷା ପାଇନାହୁଁ । ବରଂ ରାଜ ପୁରୁଷମାନଙ୍କର ଏହି ବିଷୟରେ ଚିରକାଳ ଔଦାସ୍ୟଭାବହିଁ ଦେଖା ଯାଏ । ଅନୁଶାସନର କଥା ହେଲେ ସେମାନେ ବୋଲନ୍ତି ଯେ ଭାରତବର୍ଷୀୟମାନେ ଏବେ ସେ ବିଷୟରେ ଉପଯୁକ୍ତ ହୋଇ ନାହାନ୍ତି ।

ଅନୁଶାସନର ନାମାନ୍ତର ତନ୍ତ୍ର ସଂଗଠନ; ଅର୍ଥାତ୍ ସ୍ୱାର୍ଥପରତା ପରିହାର କରି ଏପରି ସଙ୍ଗତ ହେବା ଉଚିତ, ଯହିଁରେ ଅମ୍ଭମାନଙ୍କର ଆଉ ସମାଜର ପ୍ରକୃତ ମଙ୍ଗଳ ସାଧିତ ହୋଇ ପାରେ । ଦାୟିତ୍ୱ ତନ୍ତ୍ର ସଂଗଠନର ଏକ ପ୍ରଧାନ କାରଣ । ଯାହାଙ୍କ ଉପରେ ଯେ ବିଷୟରେ ଯେତେ ଦାୟିତ୍ୱ ସେ ସେହି ବିଷୟରେ ତେତେ ସାବଧାନ ହୁଅନ୍ତି । ଏ ଦେଶରେ କୃତବିଦ୍ୟମାନଙ୍କର ସଂଖ୍ୟା ଦିନକୁ ଦିନ ବୃଦ୍ଧି ହେଉଅଛି । ଏମାନେ ସକଳ ବିଷୟରେ ପାରଗ ହୋଇ କେବଳ ଅନୁଶାସନ ବିଷୟରେ ଯେ ଅସମର୍ଥ ଏହା କେବେ ବିଶ୍ୱାସ ଯୋଗ୍ୟ ନୁହେ । ବିଶେଷତଃ ଯେତେବେଳେ ଦେଖୁ ଅଛୁଁ ଯେ ଅତି ଅସଭ୍ୟ ଲୋକମାନେ ମଧ୍ୟ ଆପଣା କାର୍ଯ୍ୟ ସବୁ ଏକ ପ୍ରକାର ଚଳାଉ ଅଛନ୍ତି, ସେତେବେଳେ ସୁସଭ୍ୟ କୃତବିଦ୍ୟ ଭାରତବାସିମାନେ ତାହା କରିବାରେ ଅନୁପଯୁକ୍ତ ଏହା କି ଯୁକ୍ତିସଙ୍ଗତ କଥା ? ଅମ୍ଭେମାନେ "ଅନୁପଯୁକ୍ତ" ଓ "ଅପାରଗ" ଏହା ରାଜପୁରୁଷମାନେ ସର୍ବଦା କହୁଅନ୍ତି, ମାତ୍ର ସେମାନେ ଏ ଦେଶୀୟମାନଙ୍କୁ ଯେତେବେଳେ ଯେଉଁ କାର୍ଯ୍ୟରେ ନିଯୁକ୍ତ କରିଅଛନ୍ତି ଏମାନେ ସେହି କାର୍ଯ୍ୟ ଅତି ପ୍ରଶଂସାର ସହିତ ନିର୍ବାହ କରିଅଛନ୍ତି।

ଅମ୍ଭମାନଙ୍କ ଦୟାଳୁ ଓ ଉଦାର ଚିତ୍ତ ଗବର୍ଣ୍ଣରଜେନରଲ ଲର୍ଡ ରିପନ ବାହାଦୁର ଅନୁଶାସନ ବିଷୟରେ ଅମ୍ଭମାନଙ୍କୁ ଶିକ୍ଷା ଦେବା ପାଇଁ ଆପାତତଃ କିଛି ପରିମାଣରେ କ୍ଷମତା ପ୍ରଦାନ କରିବାକୁ ଇଚ୍ଛା ପ୍ରକାଶ କରିଅଛନ୍ତି । ଏହି କ୍ଷମତାମାନ ଅଳ୍ପ ହେଲେ ମଧ୍ୟ ତାହା ଇତିପୂର୍ବରେ ଅମ୍ଭେମାନେ ହାହାର ନିକଟରୁ ପାଇ ନ ଥିଲୁଁ ବା ପାଇବାର ଆଶା ମଧ୍ୟ କରି ନ ଥିଲୁଁ ।

ଲର୍ଡ ରିପନ ବାହାଦୁରଙ୍କ ପ୍ରକାଶିତ ମନ୍ତ୍ତବ୍ୟାନୁସାରେ ପ୍ରତ୍ୟେକ ଜିଲ୍ଲାରେ ସ୍ଥାନୀୟ ବୋର୍ଡ ବା ସଭା ସବୁ ସଂଗଠିତ ହୋଇ ଏମାନଙ୍କ ହସ୍ତରେ ମିଉନିସିପାଲିଟି, ସାଧାରଣ ଶିକ୍ଷା, ପଥ-କର, ସ୍ଥାନୀୟ ପୂର୍ତ୍ତିକାର୍ଯ୍ୟ, ଓ ଚିକିତ୍ସାଳୟମାନଙ୍କର କର୍ତ୍ତୃତ୍ୱାଦିର ଭାର ନ୍ୟସ୍ତ ହେବ । ଉକ୍ତ ସଭାସମୂହର ସଭ୍ୟମାନେ ସାଧାରଣ ପ୍ରଜାମାନଙ୍କ-ଦ୍ୱାରା ନିର୍ବାଚିତ ହୋଇ ଦୁଇ ବର୍ଷାଧିକ କାଳ ସଭ୍ୟପଦେ ଅଧିଷ୍ଠିତ ହୋଇ ରହିବେ । ପ୍ରଧାନ ନଗରମାନଙ୍କରେ ଆପାତତଃ ନିର୍ବାଚନ ପ୍ରଣାଳୀ ପ୍ରବର୍ତ୍ତିତ ହେବାର ପ୍ରସ୍ତାବ ହୋଇଅଛି । ପ୍ର-ୟୋଜନ ହେଲେ କ୍ଷୁଦ୍ର ନଗର ବା ପଲ୍ଲୀଗ୍ରାମମାନଙ୍କରେ ମଧ୍ୟ ତାହା ପ୍ରଚଳିତ ହୋଇ ପାରିବ ।

ଏତାବତ୍ କାଳ ମିଉନିସିପାଲିଟି ରୋଡ଼ସେସ ପ୍ରଭୃତି ସଭମାନଙ୍କ କାର୍ଯ୍ୟ ମାଜିଷ୍ଟ୍ରେଟମାନଙ୍କ କର୍ତ୍ତୃତ୍ୱାଧୀନରେ ଚାଲି ଆସୁଅଛି । ମାତ୍ର ଅତଃ-ପର ଇଚ୍ଛା କଲେ ପ୍ରଜାମାନେ ସ୍ୱୟଂ ଚେୟାରମ୍ୟାନ ନିଯୁକ୍ତ ହୋଇ ସ୍ୱାଧୀନ ଭାବରେ ଉକ୍ତ କାର୍ଯ୍ୟ ସବୁ ନିର୍ବାହ କରି ପାରିବେ । ସେ ବିଷୟରେ ମାଜିଷ୍ଟ୍ରେଟ ସାହେବଙ୍କ କୌଣସି ସମ୍ବନ୍ଧ ରହିବ ନାହିଁ । ଅତଏବ ସ୍ୱଦେଶ ବାସୀ ଓ ଉତ୍କଳୀୟ ମଙ୍ଗଳାକାଂକ୍ଷୀ—ମହୋଦୟଗଣ ! ଦେଶର ଉନ୍ନତି ସାଧନରେ ଅଗ୍ରସର ହେଉନ୍ତୁ ଉତ୍ତମ ସମୟ ଉପସ୍ଥିତ ହୋଇଅଛି ! ଧାର୍ମିକ-ବର ଲର୍ଡ ରିପନ ବାହାଦୁର ଅମ୍ଭମାନଙ୍କ ପ୍ରଧାନ ଶାସକ; ନ୍ୟାୟସଙ୍ଗତ ଯାହା ପ୍ରାର୍ଥନା କରିବ ତାହା ମଧ୍ୟ ପାଇ ପାରିବ । କଟକରେ ଯେପରି ନିର୍ବାଚନ ପ୍ରଣାଳୀ ପ୍ରବର୍ତ୍ତିତ ହୁଏ ତଦ୍ ବିଷୟରେ ଆପଣମାନେ ବିଶେଷ ଚେଷ୍ଟା କରନ୍ତୁ ।

---

# ସାପ୍ତାହିକ ସଂବାଦ ।

ମଧ୍ୟପ୍ରଦେଶ ଗଜେଟରୁ ଜଣାଯାଏ ଯେ ଗୋଟ ହର୍ବେର୍ଟ ଓଆର୍ଡ ସାହେବ କଣ୍ଠଦେଶ ବିଷୟ ବୁଝିବା କାରଣ ଉପରି-କଳ୍ପର ଅଥବା କମିଶ୍ନର ସ୍ୱରୂପ ନିଯୁକ୍ତ ହୋଇ ଅଛନ୍ତି ଏବ ସମ୍ବଲପୁର ଅଞ୍ଚଳର କମିଶ୍ନର ଗଡଜାତ ସାହେବ କଲାହାଣ୍ଡୀର ଚୌକ ନଜର ଷମତା ପାଇ ଅଛନ୍ତି ।

ଇଷ୍ଟ ଡାନିକ ଏକ ପତ୍ରିକାରେ ଲେଖା ଅଛି ଯେ ଜଣେ ଏକଜିକ୍ୟୁଟିବ ଇଞ୍ଜିନିୟର ସାହେବ ଅତ୍ୟନ୍ତ କ୍ରୋଧାନ୍ଧ ହୋଇ ତାଙ୍କ କିରାଣୀର କୋଠରୀରେ ପଶି ତାର ଦେହ ଉପରେ ଅପଣା କୋଠରୀର ଥାଳି କେଳ ପାଇ ପଡିଲା ରକ୍ତ କାଗଜ ପରିପୂର୍ଣ୍ଣ ହେଲା ଏବଂ ତାହା ମୁଣ୍ଡ ଉପରେ ଥୋଇ ଦେଲେ !—ଧନ୍ୟ ସାହେବ ! ମାତ୍ର ସେତ କିରାଣୀ କାଳୁ !

ମାନ୍ଦ୍ରାଜ ମେଲ କହନ୍ତି ଯେ ଜଣେ ସନ୍ନ୍ୟାସୀ ଅଲ୍ଲାହାବାଦ ପଲେ ମଦମଲବୁ ଅଗ୍ନି ସେଠାରେ ରହିଥିଲେ ସେ ତାମ୍ବାକୁ ସୁନା କରି ପାରନ୍ତି ଏହି କଥା ରଷ୍ଟ ହେବାରେ ଅନେକ

Digitized by srujanika@gmail.com

Split by PDF Splitter



## ପ୍ରେରିତପତ୍ର ।

ଶ୍ରୀମଦୁତ୍କଳଦୀପିକା ସମ୍ପାଦକ ମହାଶୟେଷୁ

ମହାଶୟ !

ବଡ଼ୋଦାର ମହାରାଜା ପ୍ରଥମ ପତ୍ନୀଙ୍କ ଜୀବଦ୍ଦଶାରେ ପୁଣି ବିବାହ ହେବେ ବୋଲି ଗୁଜୁରାଟୀ ପତ୍ରିକା ରଟନ୍ତି ବହୁବିବାହ ନିଷେଧ ଆମେରିକାଖଣ୍ଡରେ ରାଜଶାସନ ଜାରି ହେଲା ପ୍ରାୟ ଭାରତବର୍ଷରେ ମାନ୍ୟବର ଗବର୍ଣ୍ଣର ଜେନେରଲଙ୍କ ହୃଦୟରେ ଈଶ୍ୱର କୋ ଦେଉନେ ଜନ୍ମାଉ ନାହାନ୍ତି ? ଓଡିଶାର ବଙ୍ଗଳାର ରାଜା ଓ କୁଳୀନ ( ବ୍ରାହ୍ମଣ ) ମାନେ ବହୁ ବିବାହରେ ଅତ୍ୟନ୍ତାଭିଳାଷୀ ମାତ୍ର ଦୁର୍ଭାଗ୍ୟବଶତଃ ମୂହୂର୍ତ୍ତାନନ୍ତର ସ୍ତ୍ରୀର ମୁଖାବଲୋକନ କରନ୍ତି ନାହିଁ ଯେମନ୍ତ ଶବାରେ ବିବାହ ହୋଇପଡ଼ନ୍ତି ତେମନ୍ତ କୋଥାବଶ୍ଚ ହୋଇ ସ୍ୱପତ୍ନୀଙ୍କ ଜୀବିତାବସ୍ଥାରେ ରଖିଲେ ପର କର ଦଅନ୍ତି ଅହେ ପାଠକ ଭାଇମାନେ ଏଥିର କାରଣ ଅମ୍ଭେ କହୁ ନୁହୁଁ ନାହୁଁ ମାଙ୍କ ଅମ୍ଭ ନଗରରେ ଦେଖା ଯାଉ ଅଛି କ ବହୁବିବାହୀ ପୁରୁଷମାନଙ୍କ ମରଣାନ୍ତେ ବହୁ ନାରୀଙ୍କା ବିଧବା ହୋଇ ମୁଣ୍ଡ ଧର ଲଙ୍କକୁ ଜାଉ ଜାତ ଭାଙ୍ଗି ଘରକୁ ଆସି ସ୍ୱେଚ୍ଛାବିହାରୀ ହୋଇ ଭ୍ରୂଣହତ୍ୟା କଲେ ସ୍ୱର୍ଗଲାଭ କରୁର ପର ? ଈଶ୍ୱରଙ୍କଠାରେ ଏକାନ୍ତ ପ୍ରାର୍ଥନା ଏହି ଯେ ଭାରତବର୍ଷରେ ବହୁବିବାହ ନିଷେଧ ଶାସନ ପ୍ରଚାର କର ଦଅନ୍ତୁ । ତା ୪ ରିଖ ଜୁନ ସନ ୧୮୮୨ ।

ବଶମ୍ବଦ——

ଜଣେ ସତ୍ୟବାଦୀ——

---

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ବାଦପତ୍ର ସମ୍ପାଦକ

ମହାଶୟ ସମୀପେଷୁ ।

ମହାଶୟ !

ଏହି ସମ୍ବଲପୁର ନଗରରେ ବର୍ତ୍ତମାନ ଡିପୋଟି କମିଶ୍ନରଙ୍କ ନାମାନୁସାରେ "ମେକଡୁଗେଲ ବଜାର" ନାମକ ଗୋଟିଏ ବଜାର ଗତ ଗୁରୁବାରରେ ବସିବାକୁ ଆରମ୍ଭ ହେଉ ଅଛି । ଉକ୍ତ ବଜାର ସମ୍ବଲପୁର ନଗରର ଉତ୍ତର ପୂର୍ବ ଦିଗରେ "ଦାଗୀବନ୍ଧ" ନାମକ ପୁଷ୍କରିଣୀର ଆମ୍ବ ବଗିଚାରେ ବସୁଅଛି । ଗତ ତା ୧ ରିଖ ଜୁନରେ ଉକ୍ତ ମେକଡୁଗେଲ ବଜାର ପ୍ରଥମରେ ବସାଗଲା ତହିଁମିତ୍ତ ସମ୍ବଲପୁର ନଗରସ୍ଥ ଅନେକ ନାଟ ଓ ବାଜଣା ସବୁ ଜମ୍ବା ଯାଇ ଥିଲା ଏବଂ ସେଠାରେ ସ୍ତମ୍ଭ ପୁଷ୍ପ ଟଣା ଯାଇ ଉଲ୍ଲଧରେ ମେଜ ଟେବଲ ବେଞ୍ଚ ଇତ୍ୟାଦି ରଖା ଯାଇ ଥିଲା ଓ ତାହା ଚତୁର୍ଦ୍ଦିଗରେ ସମସ୍ତ ମହାଜନମାନେ ଆପଣା ଦୋକାନ ବିସ୍ତାରିତ କର ଥିଲେ ମଧ୍ୟାହ୍ନର ସ ୨ ଘା ସମୟରେ ସାହେବ ଡେପୋଟି କମିଶ୍ନର ଓ ଏକଷ୍ଟ୍ରା ଅସିଷ୍ଟାଣ୍ଟ କମିଶ୍ନର ଓ ଅନ୍ୟାନ୍ୟ କେତେକ ରାଜକର୍ମଚାରୀ ସେଠାରେ ଉପସ୍ଥିତ ହୋଇ ଉପବେଶନ କଲେ । ଏହି ବଜାର ବସିବାରେ ପଣ୍ଡିତ ଶ୍ରୀ ଧୀରେଶ୍ୱର ମିଶ୍ର ମିଉନିସିପଲ ସେକ୍ରେଟରୀ ମହାଶୟ ଅତିଶୟ ଯତ୍ନ କରଥିଲେ । ଉକ୍ତ ସାହେବ ଓ ଏକଷ୍ଟ୍ରା ଅସିଷ୍ଟାଣ୍ଟ କମିଶ୍ନର ଇତ୍ୟାଦି ବଜାରରେ ଉପବେଶନ କଲା ସମୟରେ ଉକ୍ତ ମିଉନିସିପଲ କମିଟିର ସେକ୍ରେଟରୀ ଓ ଟ୍ରେଜରର ସୁପରିଣ୍ଟେଣ୍ଡେଣ୍ଟ ସମସ୍ତଙ୍କୁ ଯଥୋଚିତ ମାନ୍ୟରେ ଅତର ଓ ପାନ ଇତ୍ୟାଦି ଦେଲେ ତତ୍ପରେ ସାହେବ ମହୋଦୟମାନେ ପ୍ରସ୍ଥାନ କଲାରୁ ସମସ୍ତ ନାଚ ଓ ବାଜା ଇତ୍ୟାଦି ହେବାକୁ ଆରମ୍ଭ ହେଲା ।

ଉକ୍ତ ବଜାର ବସିବା ସ୍ଥାନ ଅତି ମନୋରମ ହୋଇଅଛି ଜଳ ଅତିଶୟ ନିକଟରେ ଅଛି ଏବଂ ମିଲଟେରି ଲାଇନ ଓ ପାଦରି ସାହେବଙ୍କର ବଙ୍ଗଳା ମଧ୍ୟ ନିକଟରେ ଅଛି । ଏବଂ ଉକ୍ତ ସ୍ଥାନରେ ଅଧିକ ଆମ୍ବଗଛ ଥିବାରୁ ସର୍ବଦା ଛାୟା ଥାଏ ଏହେତୁ ଲୋକମାନଙ୍କ ଖରାରେ ରହି କଷ୍ଟ ପାଇବାକୁ ହୁଏ ନାହିଁ ଯାହା ହେଉ ଯଦ୍ୟପି ଉକ୍ତ ବଜାରକୁ ଚତୁର୍ଦ୍ଦିଗରୁ ଲୋକମାନେ ଗତାୟାତ କରନ୍ତି ତେବେ ଏହାର ଆକାର ଅତିଶୟ ବୃହତ୍ ହେବ ଓ ମନୁଷ୍ୟମାନଙ୍କ ଉତ୍ସାହ ବାନ କରବ ଏଥିରେ ସଂଶୟ ନାହିଁ ।

ସମ୍ବଲପୁର ⎫ ବଶମ୍ବଦ

୮।୬।୮୨ ⎭ ଶ୍ରୀ ଶ୍ୟାମସୁନ୍ଦର ପଟ୍ଟନାୟକ

---

## ବିଜ୍ଞାପନ

ବାଥଜବେଦନାର ମହୌଷଧିର ମୂଲ୍ୟ ଟ ୩ଙ୍କା ଏହା ଥରେ ମାତ୍ର ବ୍ୟବହାର କଲେ ସମସ୍ତ ସନ୍ଧିଗୁଣା ନିବାରଣ ହୁଏ ଓ ସନ୍ତାନ ଉତ୍ପତ୍ତିର ବ୍ୟାଘାତ ହୁଅବଲେ ।

### ସୁଭଙ୍କା ମୂଲ୍ୟ ଟ ୧ ।

ସ୍ତ୍ରୀଧର୍ମ ହୋଇ ବହୁ ଦିବସ ରକ୍ତସ୍ରାବ ହେଲେ ତହିଁରେ ଆରୋଗ୍ୟ ହୁଏ । ମୂଲ୍ୟ ଟ ୨୲ କା

### ଉପଦଂଶ ଅର୍ଥାତ୍ ଗରମୀ ରୋଗର ମହୌଷଧ ।

ନୂତନ ବା ପୁରାତନ ଘା ୭ ୩ ଦିନରେ ଆରୋଗ୍ୟ ହୁଏ । ଏଥିରେ ଲେଶମାତ୍ର ପାରା ନାହିଁ । ମୂଲ୍ୟ ଟ ॰ ୷ ରକ୍ତ ପରିଷ୍କାର, ଦେହରେ ଛୋଟ ଛୋଟ ବ୍ରଣ୍ଣ ଗରମୀ ଓ ପାରା ବା ମଧରେ ମଧରେ ଘା ପ୍ରକାଶ ପାଇଲେ ସପ୍ତାହ ମଧ୍ୟରେ ଆରୋଗ୍ୟ ହୁଏ । ଆଉ କେବେ ଏ ରୋଗ ହୁଏ ନାହିଁ । ମୂଲ୍ୟ ଟ ୪ ୷

### ମେହରୋଗର ମହୌଷଧ ।

ମୂଲ୍ୟ ଟ ୧୲ କା ସୁନା ଭସ୍ମ ଦ୍ୱାରରେ ପ୍ରବଳ ପିଣ୍ଡବାକୁ ହୁଏ । ଏଥିରେ ସ୍ତ୍ରୀ ପୁରୁଷ ସମସ୍ତଙ୍କର ନୂତନ ବା ପୁରାତନ ମେହ ଏକ ସପ୍ତାହ ମଧ୍ୟରେ ଆରୋଗ୍ୟ ହୁଏ ।

ଶ୍ରୀ ହରିଚରଣ ଦସ୍ତାର ।

ତାଲତାଲ ଷ୍ଟ୍ରିଟ ।

କଲିକତା ପୋଷ୍ଟ ।

---

### ନୃପବଲ୍ଲଭ ବଟିକା ।

ଅନୁପାନ ବିଶେଷରେ ସେବନ କଲେ ଅଠ ପ୍ରକାର ଶୂଳ ଭଲ ହୁଅଇ । ୧୬ ମାତ୍ରାକୁ ଟ ୧୲ କା ।

### ମୀନକେତନ ବଟିକା ।

ଏହା ଉତ୍କୃଷ୍ଟ ଧାତୁବୃଦ୍ଧିକର ପୁଂସତ୍ୱ ଔଷଧ । ଅନୁପାନ ବିଶେଷରେ ବାୟୁରୋଗ ଶାନ୍ତ ହୁଅଇ । ୪ ମାତ୍ରାକୁ ଟ ୧ କା

### କନ୍ଦର୍ପଚନ୍ଦ୍ରୋଦୟ ବଟିକା ।

ଏ ବଟିକାଦ୍ୱାରା ଯୁବକଙ୍କ ଆଉ ଦଶ ବର୍ଷରୁ ନ୍ୟୂନ ପୁଂସତ୍ୱହୀନ ରୋଗ ଭଲ ହୁଅଇ । ୪ ମାତ୍ରାକୁ ଟ ୧୲ କା ।

ଏ ସବୁ ଆଉ ମେହ ପ୍ରଭୃତି ରୋଗର ଉତ୍କୃଷ୍ଟ ଔଷଧମାନ ଆମ୍ଭ ନିକଟରେ ପ୍ରାପ୍ତବ୍ୟ । ଗ୍ରାହକମାନେ ଔଷଧ ଗ୍ରହଣ ସମୟରେ ସେବନ ବିଧିମାନ ଜାଣି ପାରିବେ ।

୧।୬।୮୨ ⎫
କଟକବଜାର ⎬ ଶ୍ରୀ ରାମଚନ୍ଦ୍ର ବେବର୍ତ୍ତ ପଟ୍ଟନାୟକ ।
କଟକ ⎭

---

### ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫିଉଜ୍ ।

ଏହା କୁଇନାଇନର ପରିବର୍ତ୍ତରେ ଉତ୍କୃଷ୍ଟ ଔଷଧ ବୋଲି ବିବେଚିତ । କଲିକତାର ପ୍ରଧାନ ପ୍ରଧାନ ଇଂଲେଣ୍ଡୀୟ ଓ ଦେଶୀୟ ଔଷଧାଳୟରେ ବିକ୍ରୟ ହୁଅଇ । କଲିକତା ବୋଟାନିକଲ ଗାର୍ଡନର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ନିମ୍ନଲିଖିତ ଦରରେ ମିଳିପାରେ ଯଥା,—

ଡାକମାସୁଲ ସହିତ ୪ ଅଉନ୍ସକୁ ଟ ୨ ଙ୍କା । ୮ ଅଉନ୍ସକୁ ଟ ୧୧ କା । ୧୬ ଅଉନ୍ସକୁ ଟ ୨୦ ମୂଲ୍ୟ ନଗଦ ।

---

## NOTICE.

[illegible]nted a 4th Teacher for the [illegible]ore Zilla School; salary Rs. 30 [illegible] mensem. None need apply who [illegible] not passed the First Arts Examin[illegible]on of the Calcutta University.

(*Sd.*) Radhanath Rai,

*Jt. Inspector of Schools.*

---

[illegible]ଳପତ୍ର ଦେଖ ।

Digitized by srujanika@gmail.com

Split by PDF Splitter

Digitized by srujanika@gmail.com

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା


ଭାଗ ୧୭ ଶ | ଭା ୧ ରଙ୍ଗ ମାହେ ଜୁଲାଇ ସନ ୧୮୮୨ ମସିହା । ମୂ । ଆଷାଢ଼ ତା ୧୯ ନ ସନ ୧୨୮୯ ସାଲ ଶନିବାର | ମୂଲ୍ୟ ଅଗ୍ରିମ ବକାୟା
ସଂଖ୍ୟା ୨୬ ଶ | | ବାର୍ଷିକ ଟ ୫ ୧ ଟ ୬ ୧
| | ଡାକମାସୁଲ ଟ ୦ ୵ ଟ ୧ ୧


ବଙ୍ଗଳ ଛୋଟ ଲାଟ ଇଡନ ସାହେବଙ୍କ ସ୍ମରଣାର୍ଥ କୃଷ୍ଣନଗରର ଛୋଟ ଅଦାଲତର ଜଜ ବାବୁ ବ୍ରଜମୋହନ ଦତ୍ତ ରାୟବାହାଦୁର ଗୋ ୩ ଟି ୧୦୦ ଟଙ୍କିଆ ଓ ଗୋଟିଏ ୫୦ ଟଙ୍କିଆ ପୁରସ୍କାର ସ୍ଥାପନ କରି ଅଛନ୍ତି । ଯେ କେହି ଦେଶୀୟ ସ୍ତ୍ରୀ ଲୋକ ଇଂରେଜୀ, ସଂସ୍କୃତ କିମ୍ବା ବଙ୍ଗଳାରେ ଭଲ ରଚନା ଲେଖିବେ ତାହାଙ୍କୁ ଉକ୍ତ ପୁରସ୍କାର ଦିଆଯିବ । ମଧ୍ୟ ସେ ରଚନା ଛାପା ହେବା ନିମନ୍ତେ ଆଉ ୫୦୦ ଟଙ୍କା ରଖି ଅଛନ୍ତି ମଧ୍ୟ ଏହି ରଚନାରୁ ଯାହା ଲାଭ ହେବ ତାହା ସ୍ତ୍ରୀ ଶିକ୍ଷା ସମ୍ବନ୍ଧରେ ବ୍ୟୟ ହେବାର ସେ ବାଞ୍ଛା କରନ୍ତି । ରଚନା ମଧ୍ୟ ଏପରି ହେବ ଯେ ଯାହା ସ୍ତ୍ରୀ ବିଦ୍ୟାଳୟର ପାଠ୍ୟପୁସ୍ତକ ସ୍ୱରୂପ ବ୍ୟବହାର ହୋଇ ପାରିବ । ବାବୁ ମହାଶୟଙ୍କର ଏହି ଦାନ ପ୍ରଶଂସନୀୟ ଅଟଇ । ଏବଂ ଏଥିପାଇ ଛୋଟ ଲାଟ ସାହେବ ତାହାଙ୍କୁ ଧନ୍ୟବାଦ ଦେଇ ଅଛନ୍ତି ।

---

ବାକି ତଉଜିର କାର୍ଯ୍ୟ ନିର୍ବାହ ନିମିତ୍ତ ଏହି ପରି ବନ୍ଦୋବସ୍ତ ଗବର୍ଣ୍ଣମେଣ୍ଟ ମଞ୍ଜୁର କରି ଅଛନ୍ତି ଯେ ଖୋର୍ଦ୍ଧାର ତହସିଲଦାର ବାବୁ ବଳରାମ ଦାସ ୨ୟ ଶ୍ରେଣୀର ସବଡେପୁଟି ପଦରେ ବହାଲ ହେଲେ ଏହାଙ୍କର ପଦର ବେତନ ଟ୧୦୦ଙ୍କା ଏବଂ ଅଧିକା ବେତନ ପାଉଥିବାରୁ ବଢ଼ି ଟ୧୦୦ଙ୍କା ଏପରି ମାସକୁ ଟ୨୦୦ଙ୍କା ପାଇବେ ଓ ଦ୍ୱିତୀୟ ଶ୍ରେଣୀର ମାଜିଷ୍ଟ୍ରେଟ ଏବଂ ଡେପୁଟି କଲେକ୍ଟରଙ୍କ କ୍ଷମତା ଏହାଙ୍କୁ ଦିଆଯିବ ଅମଲମାନେ ବର୍ତ୍ତମାନ ପ୍ରାୟ ରହିଲେ । ସୁତରାଂ ଖର୍ଚ୍ଚାର ଡେଣା ଅଧିକ କିଛି ନାହିଁ । ଏକ ବର୍ଷ ପରଠାରୁ ଆବଶ୍ୟକ ହେଲେ ଅନ୍ୟ ବନ୍ଦୋବସ୍ତ ହୋଇ ପାରେ । ଆମ୍ଭମାନଙ୍କ ମତରେ ଏ ବନ୍ଦୋବସ୍ତ ଉତ୍ତମ ହୋଇ ଅଛି କାରଣ ଏହା ଦ୍ୱାରା ବାକି ବାସିନ୍ଦାଙ୍କର ଯେତେ ଦୂର କଷ୍ଟ ଲାଘବ କରାଯାଇ ପାରେ ତାହା ହୋଇ ଅଛି । ବୋଧ ହୁଏ ସାମାନ୍ୟ ଫଉଜଦାରୀ ମୋକଦମା ଏବଂ କଲେକ୍ଟରୀ ମୋକଦମା ସବୁ ସେହିଠାରେ ଦାଏର ହୋଇ ପାରିବ ।

---

ଏ ସପ୍ତାହରେ ପ୍ରତି ଦିନ ପ୍ରାୟ ମେଘାଚ୍ଛନ୍ନ ଏବଂ କେବେ୵ ବର୍ଷଣ ହୋଇଥିଲେହେଁ ଗ୍ରୀଷ୍ମ ଅତ୍ୟନ୍ତ ହୋଇଥିଲା । ବୃଷ୍ଟି ସଙ୍କେ ଆଦୌ ଦେଖା ନାହିଁ । ନଦୀ ଯାହା କିଛି ବଢ଼ିଥିଲା ତାହା ଶୁଖି ଯାଇଅଛି । ଏପ୍ରକାର ଋତୁ ରୋଗର କାରଣ ହୋଇଅଛି । ଅନେକ ଲୋକ ଜ୍ୱରରୋଗରେ ପୀଡ଼ିତ ହେଉଅଛନ୍ତି - ଓଲାଉଠା ଏ ନଗରରେ ସାମାନ୍ୟରେ ରହି ଅଛି ଗତ ଶନିବାର ଜ ୫ ଣ ଲୋକ ଏକା ଦିନରେ ମରି ପଡ଼ିଲେ ତହିଁ ଉତ୍ତାରୁ ଊଣା ପଡ଼ି ଗଲା । ଶୁଣିଲୁଁ ଯାତ୍ରିମାନେ ଏ ରୋଗରେ ଅଧିକ ମରୁଅଛନ୍ତି । ପୁରୀରେ ଯାତ୍ରୀ ଛଡ଼ା ପୁରବାସିଙ୍କ ମଧ୍ୟରେ ଏ ରୋଗ ଊଣା ଅଛି ଏବଂ ଯାଜପୁରରେ ମଧ୍ୟ ଏ ରୋଗ ଅଳ୍ପ ରହି ଅଛି । ଯେମନ୍ତ ସମୟ ହୋଇଥିଲା ଯେବେ ଏ ବର୍ଷ ଯାତ୍ରୀ ବିସ୍ତର ହୋଇଥାନ୍ତେ ତେବେ ମହାବିପଦ ଉପସ୍ଥିତ ହୋଇ ଥାନ୍ତା ଈଶ୍ୱର କୃପାରୁ ଯେ ଯାତ୍ରିମାନେ ବାହାର ଗଲେଣି ଏଥର ପ୍ରଚୁର ବୃଷ୍ଟି ହେଲେ କୃଷି ଏବଂ ସ୍ୱାସ୍ଥ୍ୟ ଦୁଇ ପ୍ରକାର ଉପକାର ହେବ ।

---

ପୁରୁଷୋତ୍ତମପତ୍ରିକାରୁ ଅବଗତ ହେଲୁଁ ଯେ ପୁରୀ ମିଉନିସିପାଲିଟିର ଜମାଦାରମାନେ ନଗରବାସିଙ୍କ ପ୍ରତି ଅତ୍ୟାଚାର କରିବା ହେତୁ ଶ୍ରୀଯୁକ୍ତ ଚେୟାରମ୍ୟାନ ଗ୍ରାଣ୍ଟ ସାହେବ କେତେ୵ କମିଶ୍ନର ଏବଂ ଭଦ୍ର ଲୋକଙ୍କଠାରୁ ଅବଗତ ହୋଇ ଗୃହ ଜମାଦାରଙ୍କୁ ଗୃହଗଣ କମିଶ୍ନରଙ୍କ ଅଧୀନ କରି ଦେଇ ଆଜ୍ଞା ଦେଇଅଛନ୍ତି ଯେ ଜମାଦାରମାନେ ତାହାର ବାଡ଼ରେ ମଇଳା ଜମି ଥିବାର ଦେଖିଲେ ଆପଣା କମିଶ୍ନରଙ୍କଠାରେ ରପୋର୍ଟ ଦେବେ ଏବଂ କମିଶ୍ନର ସ୍ୱୟଂ ତହିଁର ସତ୍ୟତା ଅନୁସନ୍ଧାନ କରି ମଞ୍ଜୁର ଦେଲେ ଫଉଜଦାରୀରେ ନାଲିଶ ଚଳିବ । ଶ୍ରୀଯୁତ ଗ୍ରାଣ୍ଟ ସାହେବଙ୍କର ଏ ଆଜ୍ଞା ଅତ୍ୟନ୍ତ ଯୁକ୍ତିଯୁକ୍ତ ଏବଂ ପ୍ରଶଂସନୀୟ ହୋଇଅଛି ବାସ୍ତବରେ ଅନର୍ଥକ ଏବଂ ବଳଲୁଣ୍ଠନକ ମୋକଦମାରୁ ପ୍ରଜାଙ୍କୁ ରକ୍ଷା କରିବାର ଏଥିଁ ବଳି ସୁନ୍ଦର ଉପାୟ ହୋଇ ନ ପାରେ । ଦୁଃଖର ବିଷୟ ଯେ ଏ ନଗରର କମିଶ୍ନର ମାନଙ୍କୁ ଏପରି କିଛି ଘର

Split by PDF Splitter

134



କଥା ଯାଉ ନାହିଁ । ଏଠାରେ ଗ୍ରଇସ୍ ଟେଥର ମ୍ୟାନ ସବେସବା ଓ କମିଶ୍ନରମାନେ ତାହାଙ୍କର କଳ୍ପନ୍ଲ ମାତ୍ର ଅଟନ୍ତି । ଏମାନଙ୍କର ଆଉ କଛି କ୍ଷମତା ନାହିଁ ।

---

ଢକାବାଣ୍ଡିର କନ୍ଧମାନେ ବିଦ୍ରୋହୀ ହେବାରୁ ସେମାନଙ୍କର ଦମନ ନିମନ୍ତେ ସୈନ୍ୟର ସାହାଯ୍ୟ ନେବାକୁ ପଡ଼ିଲା ଏବଂ ନିକଟରେ ସୈନ୍ୟ ଥିଲେ ବୋଲି ଅନେକ ସୁବିଧା ହେଲା ଏଣୁ ସମ୍ବଲପୁର ଆଉ ଗଞ୍ଜାମରୁ ସେନା ସନ୍ନିବେଶ ଉଠି ଯିବାର ଯେଉଁ ପ୍ରସ୍ତାବ ହେଉଥିଲା ତାହା ବର୍ତ୍ତମାନ ବୃଥାର ବୋଲି କଥିତ ହୁଏ । ଏଥିରୁ ଡେଲିନ୍ୟୁସ କହନ୍ତି କି ଯେଉଁମାନଙ୍କ ମତରେ ଭାରତବର୍ଷ କଳା ସୈନ୍ୟରେ ଚଳି ପାରେ ସେମାନେ ଏ କଥା ଭାବି ଯିବାର ନିଃସନ୍ଦେହ ଅନ୍ୟ କୌଣସି ଉପାୟ ଉଦ୍ଭାବନ କରି ପାରନ୍ତି ମାତ୍ର ସମ୍ବଲପୁର ଆଉ ଗଞ୍ଜାମର ସୈନିକ ବିଭାଗ ଉଠି ଗଲା ପରେ କନ୍ଧମାନେ ଯାହା ବିଦ୍ରୋହ ଆରମ୍ଭ ନ କଲେ ଏତଦ୍ଦ୍ୱାରେ ତାଙ୍କର ନିତାନ୍ତ ନିର୍ବୋଧତା ପ୍ରକାଶ ପାଉଅଛି !—ପ୍ରକୃତ ଅଗଠାରୁ ସୈନିକ ବିଭାଗରେ ଅନେକ କାଟାକଟ ହୋଇଅଛି । ଏହିଁ ଅଧିକ କାଟାକଟ କରିବାରେ କେବଳ ଆପଣା ଦେଶର ବଳ ହ୍ରାସ ହେଉଅଛି ସୁତରାଂ ତାହା କଦାପି ଅନୁମୋଦିତ ନୁହେ । ମାତ୍ର ଭାରତର ବଳ ଏପ୍ରକାର ଅବିବେଚକ ରୂପରେ ହ୍ରାସ କରି ଇଂଲଣ୍ଡୀୟ ବଣିକମାନଙ୍କ ପ୍ରତି ଅଯଥା ଅନୁଗ୍ରହ ପ୍ରକାଶ ପୂର୍ବକ ଦେଶରେ ଅକାରଣ ଅସନ୍ତୋଷର ଗଜବପନ କରିବାରେ ସ୍ୱବିବେକ ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟ ଯେ କେଉଁ ରାଜନୀତିର ମାର୍ଗ ଅବଲମ୍ବନ କରି ଅଛନ୍ତି ସହଜରେ ବୁଝିବା କଠିନ !

ଆମ୍ଭମାନଙ୍କ ବିବେଚନାରେ କଟକରୁ ମଧ୍ୟ ସେନା ସନ୍ନିବେଶ ଉଠିଯିବା ଉଚିତ ନୁହେ ।

---

ଏଠାର ଗବର୍ଣ୍ଣମେଣ୍ଟ ଓଡ଼ମ୍ବା ଅନୁବାଦକ ଶ୍ରୀଯୁକ୍ତ ଲେଶି ସାହେବଙ୍କର କାର୍ଯ୍ୟରେ ନାନା ପ୍ରକାର ତ୍ରୁଟି ପ୍ରମାଣ ପାଇବାରୁ ଗବର୍ଣ୍ଣମେଣ୍ଟ ତାହାଙ୍କୁ କାର୍ଯ୍ୟ ତ୍ୟାଗ କରିବା ନିମନ୍ତେ ଆଦେଶ ଦେଇଥିଲେ ଏବଂ ଏ ସମ୍ବାଦ ଆମ୍ଭେମାନେ ଗତ ମାସ ଭିତରେ ପାଠକମାନଙ୍କୁ ଜଣାଇଥିଲୁଁ । ସେ ଆଜ୍ଞା ଉପରେ ବାହାରିଗଲା । ସମ୍ପ୍ରତି ଲେଶି ସାହେବଙ୍କ ପ୍ରାର୍ଥନାମତେ ଶ୍ରୀଯୁକ୍ତ କମିଶ୍ନର ସାହେବ ତାହାଙ୍କୁ ଡାକ୍ତର ସାହେବଙ୍କ ସାର୍ଟିଫିକଟ ଅନୁସାରେ ଛଅମାସର ଛୁଟି ଦେଇ ତାହାଙ୍କ କର୍ମରେ ଶ୍ରୀଯୁକ୍ତ ପାଦ୍ରି ମିଲର ସାହେବଙ୍କୁ ଏକଟିଂ ନିଯୁକ୍ତ କରି ଅଛନ୍ତି । ଲେଶି ସାହେବ କଛି ନୂଆ ପୀଡ଼ିତ ହୋଇ ନାହାନ୍ତି ସେ ଏହି ପରି ପୀଡ଼ା ଗତ ବର୍ଷ ହେଲା ଭୋଗ କରୁଥିବା ପ୍ରତ୍ୟକ୍ଷେ ଯେବେ ସରକାରୀ କାର୍ଯ୍ୟ ନିର୍ବାହ କରି ପାରିଲେ ତେବେ ଆଜ ତାହାଙ୍କ ଛୁଟି ଦେବାର ଆବଶ୍ୟକତା କ ହେଲା । ପ୍ରହେବ ଏତକ ଏତେକାଳ ପରେ ପରୀକ୍ଷା ହେଉଥିଲା ଏଣିକ ଜେନେରଲ ହାସପାତାଳରେ ରହି ପରୀକ୍ଷିତ ହେବେ । କମିଶ୍ନର ସାହେବ ତାହାଙ୍କ ଉପରେ ଅତିରିକ୍ତ ଦୟା ପ୍ରକାଶ କରି ଅଳ୍ପରେ ତୁଷ୍ଟ ହେଲେ ଆଉ ଛଅମାସ ସେହି ଭୂଷ ଚଲାଇ ନେଇଥିଲେ ପୂର୍ଣ୍ଣ ବେତନ ପାଇ ସେ ଅଧିକ ଧନ୍ୟବାଦ ଦିଅନ୍ତେ । ପାଦ୍ରି ମିଲର ସାହେବ ଏ ନଗରର ଜଣେ ମାନ୍ୟ ଲୋକ ଅଟନ୍ତି ଏବଂ ସେ ଯଥାର୍ଥ ପରିଶ୍ରମ ଓ ଯତ୍ନ ପୂର୍ବକ ଏ ଭାର ନିର୍ବାହ କରୁ ଅଛନ୍ତି କେବଳ ଏ କାର୍ଯ୍ୟଟି ପକ୍ଷେ ପାଦ୍ରିଙ୍କର ଏକାହାତିଆ ହୋଇ ରହିଯାଏ, ଏଥି ନିମିତ୍ତ କେହି ଅସନ୍ତୋଷ ଥିବାର ଜଣାଯାଏ । କିନ୍ତୁ ଆମ୍ଭେମାନେ ଶୁଣୁ ଅଛୁଁ ଯେ ଶ୍ରୀଯୁକ୍ତ ମିଲର ସାହେବ ଲେଶି ସାହେବଙ୍କ ଦୁରବସ୍ଥାରେ ବ୍ୟଥିତ ହୋଇ ତାହାଙ୍କ ଉପକାର କାରଣ ଏ କାର୍ଯ୍ୟର ଭାର ଅପେ ନେଇ ଅଛନ୍ତି ଏବଂ ଅଧା ବେତନରେ ନୂତନ ଲୋକ ଏ ପଦରେ ନିଯୁକ୍ତ ହେବାରୁ ସମ୍ମତ ହେବାର କଠିନ ଜାଣି କମିଶ୍ନର ସାହେବ କଛି କାଳନିମିତ୍ତ ତାହାଙ୍କୁ ନିଯୁକ୍ତ କରି ଅଛନ୍ତି ।

---

ଭାରତବର୍ଷରୁ ଯେସମସ୍ତ ବାଣିଜ୍ୟ ଦ୍ରବ୍ୟ ଅନ୍ୟାନ୍ୟ ଦେଶକୁ ରପ୍ତାନି ହୁଅଇ ତହିଁର ଫର୍ଦ୍ଦ ବିବରଣ ଏଡ଼ୁକେଶନ ଗଜେଟରେ ଲେଖା ହୋଇଥିଲା । ତହିଁରୁ ପ୍ରକାଶ ଯେ ଗତ ବର୍ଷ ଭାରତବର୍ଷରୁ ୭୯ କୋଟି ୪୫ ଲକ୍ଷ ଟଙ୍କାର ବାଣିଜ୍ୟ ଦ୍ରବ୍ୟ ବିଦେଶକୁ ରପ୍ତାନି ହୋଇଥିଲା । ଭାରତବର୍ଷର ପ୍ରଧାନ ରପ୍ତାନି ଦ୍ରବ୍ୟ କପା ଓ ତୁଳାଜାତ ଦ୍ରବ୍ୟ, ଅଫୁ, ଗହମ, ଚାଉଳ, ଖସା ପ୍ରଭୃତି ତୈଳଜ ମଞ୍ଜି ଝୋଟ, ନୀଳ, ଚା, ଚର୍ମ୍ମ, କାଫି, ଲାଖ, ଚନ; ରେଶମ, ସାଗୁଆନକାଠ, ତେଲ ଏବଂ ସୋରା ଏହିମାନ ଅଟଇ । କପା ବିଷୟରେ କଲିକତାରୁ ରପ୍ତାନି ହୁଅଇ ଗତ ବର୍ଷ ୨ କୋଟି ୮୪ ଲକ୍ଷ ଟଙ୍କାର କପା ଇଂଲଣ୍ଡକୁ ଏବଂ ଦୁଇକୋଟି ଟଙ୍କାର କପା ଇଟାଲିକୁ ଯାଇଥିଲା । ବମ୍ବେଇଠାରୁ ଅଧିକ କପା ରପ୍ତାନି ହୁଅଇ ଏବଂ ସେଠାରେ ପ୍ରସ୍ତୁତ ହେଉଥିବା ଥାନଲୁଗା ମଧ୍ୟ ଅନେକ ଦେଶକୁ ଯାଏ । ଗତ ବର୍ଷ ୫୬ ଲକ୍ଷ ଟଙ୍କାର କପାଲୁଗା ରପ୍ତାନି ହୋଇଥିଲା । ଏଥିର ଅଧିକାଂଶ ଥାନଲୁଗା କେବଳ ଅଳ୍ପ ପରିମାଣରେ ଧଡ଼ିଶୀଲୁଗା ଅଛି । ଅତଏବ ଦେଶୀୟ ଲୁଗାର ଆଦର ବିଦେଶରେ ଅଛି ବଡ଼ ସୁଖର ବିଷୟ ଅଟଇ ଏବଂ ଏଠା ଧନୀମାନେ ଯତ୍ନ କଲେ ଏ ବ୍ୟବସାୟ ବିସ୍ତର ବୃଦ୍ଧି ହୋଇପାରେ ।

ଗତ ବର୍ଷ ଗହମ ଓ ଚାଉଳ ରପ୍ତାନି ପୂର୍ବାପେକ୍ଷା ବୃଦ୍ଧି ହୋଇଥିଲା ଅର୍ଥାତ୍ ୮ କୋଟି ୬୦ ଲକ୍ଷ ଟଙ୍କାର ଗହମ ଏବଂ ୮ କୋଟି ୩୦ ଲକ୍ଷ ଟଙ୍କାର ଚାଉଳ ଯାଇଥିଲା । ଚାଉଳ ରପ୍ତାନି ପରିମାଣରେ ବଢ଼ିଅଛି କେବଳ ଶସ୍ତା ଥିବାରୁ ମୂଲ୍ୟ ଅଳ୍ପ ହୋଇଅଛି । ଝୋଟ ଏବଂ ଅଖା ପ୍ରଭୃତି କେବଳ ବଙ୍ଗଳାରୁ ରପ୍ତାନି ହୁଅଇ ଏହାର ପରିମାଣ ୫୦୩ ଲକ୍ଷ ଅଟଇ । ଏହି ବର୍ଷ ସାଢ଼େତିନକୋଟି ଟଙ୍କାର ନୀଳ ରପ୍ତାନି ହୋଇଥିଲା । ଚର୍ମ୍ମ ବଙ୍ଗଳାରୁ ଏବଂ ରେଶମ ବମ୍ବେଇରୁ ରପ୍ତାନି ହୁଅଇ । ଗତ ବର୍ଷ ଏ ଉଭୟ ରପ୍ତାନି ଜଣା ହୋଇଥିଲା । ସାଗୁଆନକାଠ କେବଳ ବ୍ରହ୍ମଦେଶରୁ ରପ୍ତାନି ହୁଅଇ ଏହାର ପରିମାଣ ସମାନ ଅଛି । ସୋରା ଏକା କଲିକତାରୁ ରପ୍ତାନି ହୁଅଇ ଗତ ବର୍ଷ ୩ କୋଟି ୬୧ ଲକ୍ଷ ଟଙ୍କାର ସୋରା ରପ୍ତାନି ହୋଇଥିଲା । ଏଥିର ଅଧିକାଂଶ ଚୀନକୁ ଏବଂ ଅଳ୍ପ ପରିମାଣରେ ଅଷ୍ଟ୍ରେଲିଆକୁ ଯାଇଥିଲା ।

---

### ମିଉନିସିପାଲିଟୀ ।

ଏ ବିଷୟରେ କେତେକ ଦିନ ହେଲା ଅନେକଗୁଡ଼ିଏ କଥା ଆମ୍ଭେମାନେ ପ୍ରକାଶ କରିବାର ଦେଖି ପାଠକେ ଚମକିତ ହେବେ ନାହିଁ ତ ଏମନ୍ତ ମନରେ ବୁଝିବେ ନାହିଁ ଯେ ଆମ୍ଭେମାନେ କୌଣସି ମନ୍ଦ ଅଭିପ୍ରାୟରେ ମିଉନିସିପାଲିଟିର ଦୋଷ ଖୋଜି ଖୋଜି ପତ୍ରିକାରେ ପ୍ରକାଶ କରୁଅଛୁଁ । ଦେଶର ହିତ ବାଞ୍ଛା ଏବଂ ସାଧାରଣ ସତ୍ତ୍ୱରକ୍ଷା ସମ୍ପାଦକଙ୍କର ଅବଶ୍ୟ କର୍ତ୍ତବ୍ୟ କାର୍ଯ୍ୟ ଓ ଗୁରୁତର ଦାୟ ଅଟଇ ସୁତରାଂ ଯେଉଁଠାରେ ତହିଁର ବ୍ୟତିକ୍ରମ ଦେଖାଯାଏ ସେଠାରେ ଦୁଇ କଥା

Digitized by srujanika@gmail.com

କହିବାକୁ ଅମ୍ଭେମାନେ ବାଧ୍ୟ ହୋଇ ଏ ସମସ୍ତ ଲେଖିବାକୁ ପଡ଼ୁଅଛୁ ।

ସେ ଦିନ ଏଠା ପଲଟନର ଗ୍ରୋଚର ପ୍ରତ୍ୟା ନିଲାମ ହେଲା । ଶୁଣିଲୁଁ ଯେଉଁ ବ୍ୟକ୍ତି ନିଲାମରେ ସର୍ବୋଚ୍ଚ ଡାକ ଡାକିଲା ସେ କୌଣସି ପ୍ରକାରେ ମିଉନିସିପାଲଟୀର ଅବାଧ୍ୟତା ବା ଅନ୍ୟ ହେତୁରୁ ଉପେକ୍ଷିତ ହୋଇ ତାହା ହେଲେ ଯେ ଡାକ ଥିଲା ତାକୁ ଗୋଚର ଦିଆଗଲା । ସର୍ବୋଚ୍ଚ ଡାକ ଡାକିଥିବା ବ୍ୟକ୍ତି ତଦଣ୍ଡେ ସମୁଦାୟ ଟଙ୍କା ଅଗଉଣ ଦାଖଲ କରିବା କାରଣ ପ୍ରସ୍ତୁତ ଥିଲା । ମାତ୍ର କଣ୍ଟୋନମାଜିଷ୍ଟ୍ରେଟ ଇହାର ନିଲାମ ଡାକ ଯୋଗା ନ କଲେ । ତହୁଁ ସେ ନିଲାମ ଫର୍ଦ୍ଦର ନକଲ ସକାଶେ ଆବେଦନ କଲା ସାହେବ ତାହା ନାମଞ୍ଜୁର କଲେ ଏବଂ ନାମଞ୍ଜୁରୀ ହୁକୁମର ନକଲ ସୁଦ୍ଧା ତାହାକୁ ଦେଲେ ନାହିଁ ତହୁଁ ସେ ମାଜିଷ୍ଟ୍ରେଟ ପଣି ସାହେବଙ୍କ ସମୀପରେ ଏଥିର ଦରଖାସ୍ତ ଦେଲା । ପଣିସାହେବ ନକଲ ଦେବା କାରଣ ମାକିଣ୍ଟି ସାହେବଙ୍କୁ ଲେଖିଲେ ମାତ୍ର କଣ୍ଟୋନମାଜିଷ୍ଟ୍ରେଟ କହିଲେ ଯେ ପଲଟନର ମାଜିଷ୍ଟ୍ରେଟ ସ୍ୱରୂପ ସେ ଜିଲ୍ଲା ମାଜିଷ୍ଟ୍ରେଟଙ୍କର ଅଧୀନ ନୁହନ୍ତି ସୁତରାଂ ପଣି ସାହେବ ଶାରବ ରହି ତାହାକୁ ନକଲ ଦେଲେ ନାହିଁ । ଏହା କଣ୍ଟୋନ ମାଜିଷ୍ଟ୍ରେଟ ସାହେବଙ୍କ ସ୍ୱେଚ୍ଛାଚାରିତା ଏବଂ ଜିଲ୍ଲା ମାଜିଷ୍ଟ୍ରେଟଙ୍କର ଦୁର୍ବଳତାର ଗୋଟିଏ ଉଦାହରଣ ଅଟଇ । ଅମ୍ଭେମାନେ ବୁଝିଥିଲୁଁ ଯେ ମାଜିଷ୍ଟ୍ରେଟ ଗବର୍ଣ୍ଣମେଣ୍ଟଙ୍କ ପକ୍ଷରୁ ଜିଲ୍ଲାର ପ୍ରତିନିଧି ଅଟନ୍ତି ଏବଂ ତାହାଙ୍କ ସାହାଯ୍ୟ ନିମିତ୍ତ ଯେତେ କଣ୍ଟୋନ ଅସିଷ୍ଟାଣ୍ଟ ବା ଡେପୁଟି ଅଛନ୍ତି ଶାସନ ସମ୍ପର୍କରେ ସେ ସମସ୍ତଙ୍କ ଉପରେ କର୍ତ୍ତୃତ୍ୱ କରି ପାରନ୍ତି ଏବଂ ସମସ୍ତ ଅନ୍ୟାୟର ପ୍ରତିକାର ତାହାଙ୍କ ହାତରେ ଅଛି । କିନ୍ତୁ ତାହାଙ୍କର ଏ କାର୍ଯ୍ୟ ଦେଖି ଅନୁମାନ ହୁଏ ଯେମନ୍ତ ଅଦ୍ୟାପି ତାହାଙ୍କର ଅସ୍ତିତ୍ୱ ନାହିଁ ସୁତରାଂ ଅଧ୍ୟାୟର ବଢିବାରେ ବଢ଼ନ୍ତ ବ ଅଛି ? ସର୍ବୋଚ୍ଚ ଡାକ ଡାକିବା ବ୍ୟକ୍ତିକୁ ଗ୍ରହଣ ନ କରିବା ପକ୍ଷେ ପ୍ରବଳ କାରଣ ଥାଇ ପାରେ କିନ୍ତୁ ନକଲ ଦେବାରେ ଯେ କି ଆପତ୍ତି ଅଛି ଅମ୍ଭେମାନେ ତାହା ବୁଝି ପାରୁଁ ନାହୁଁ ଏବଂ କେଉଁ ଆଇନ ଅନୁସାରୀ ଯେ ନକଲ ପାଇବାର ପ୍ରାର୍ଥନା ଅଗ୍ରାହ୍ୟ ହେଲା ଅମ୍ଭେମାନେ ବୁଝି ପାରୁଁ ନାହୁଁ ନିଲାମ ଫର୍ଦ୍ଦ ନେଇ ଅବେଦନକାରୀ ଅପୀଲ କରି ଥାନ୍ତା ?–ଏଥିକି ଏ ଉହୁଁ ଯେ ପ୍ରବଳ କାରଣ ଯାହା ଥିଲା ତାହା ଲେଖି ଦେଇଥିଲେ ସନ୍ତୋଷ ହୁଅନ୍ତା । ଯଦି ନ୍ୟାୟକୁ କେହି ରୁଦ୍ଧି ନ ପାରେ ଅକାରଣ ଅନ୍ୟାୟ ବୋଲି କହି ଉଚ୍ଚସ୍ଥାନରେ ଗୋଳମାଳ ଘଟାଇବ ତହିଁରେ କାହାର କ୍ଷତି ନାହିଁ । ଏକା ନ୍ୟାୟ ସେସ୍ଥାନରେ ଉତ୍ତର ଦେବ । ଫଳତଃ ଅମ୍ଭମାନଙ୍କ ବିବେଚନାରେ ନକଲ ନ ଦେବା ସ୍ୱେଚ୍ଛାଚାରିତା ଭିନ୍ନ ଆଉ କିଛି ନୁହଇ ।

---

## ଅଧସ୍ତନ ବଙ୍ଗର ସମ୍ପର୍କୀୟ କର୍ମଚାରୀଙ୍କର ବେତନ ବୃଦ୍ଧି ।

ଗତ ବର୍ଷର ଆୟବ୍ୟୟ ପ୍ରଦର୍ଶନ ସମୟରେ ରାଜସ୍ୱ ମନ୍ତ୍ରୀ ଶ୍ରୀଯୁକ୍ତ ମେଜର ବେରିଙ୍ଗ ସାହେବ ଅଧସ୍ତନ ଶାସନ ଏବଂ ବିଚାର ସମ୍ପର୍କୀୟ କର୍ମଚାରୀଙ୍କର ବେତନ ବୃଦ୍ଧିର ପ୍ରସ୍ତାବ ସର୍ବସାଧାରଣଙ୍କୁ ଜଣାଇ ତହିଁ ନିମିତ୍ତ ଆବଶ୍ୟକୀୟ ଟଙ୍କା ଗବର୍ଣ୍ଣମେଣ୍ଟ ମଞ୍ଜୁର କରି ଥିବାର ପ୍ରକାଶ କରି ଥିଲେ । ଗବର୍ଣ୍ଣମେଣ୍ଟଙ୍କର ଉକ୍ତ ଅଭିପ୍ରାୟ କାର୍ଯ୍ୟରେ ପରିଣତ କରିବା ଉଦ୍ଦେଶ୍ୟରେ ଏଥି ମଧ୍ୟରେ ବଙ୍ଗଳା ଗବର୍ଣ୍ଣମେଣ୍ଟଙ୍କର ଏକ ନିର୍ଦ୍ଧାରଣ ପତ୍ର କଲିକତା ଗେଜେଟରେ ପ୍ରକାଶିତ ହୋଇଅଛି ତହିଁରୁ ଜଣାଗଲା ଯେ ଶାସନ ସମ୍ପର୍କୀୟ କର୍ମଚାରୀ ଅର୍ଥାତ୍ ସବଡେପୁଟୀ କଲେକ୍ଟର ଏବଂ ଡେପୁଟିଙ୍କ ମଧ୍ୟରେ କାହାକୁ କିପରି ବେତନ ବୃଦ୍ଧି ଦିଆଯିବ ତହିଁର ପରାମର୍ଶ ଗବର୍ଣ୍ଣମେଣ୍ଟ ବଙ୍ଗାଳ ଏବଂ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ମଧ୍ୟରେ ଅଦ୍ୟାପି ଲାଗି ଅଛି କିଛି ସ୍ଥିର ହୋଇ ନାହିଁ । କିନ୍ତୁ ବିଚାର ସମ୍ପର୍କୀୟ କର୍ମଚାରୀ ଅର୍ଥାତ୍ ମୁନସଫ ଓ ସବ୍‌ଜଜଙ୍କ ବେତନ ବୃଦ୍ଧି ପ୍ରସଙ୍ଗ ନିମ୍ନଲିଖିତ ରୂପେ ସ୍ଥିର ହୋଇଅଛି । ଯଥା;—

### ପ୍ରଚଳିତ ବ୍ୟବସ୍ଥା ।

| | | | | |
|---|---|---|---|---|
| ୨ | ସବ୍‌ଜଜ | ବେତନ | ଟ ୧୦୦୦ | ୧କା ଲେଖାଏ |
| ୧୦ | " | " | ଟ ୮୦୦ | " |
| ୧୦ | " | " | ଟ ୭୦୦ | " |
| ୧୫ | " | " | ଟ ୬୦୦ | " |
| ୪ | " ଅତିରିକ୍ତ | " | ଟ ୫୫୫ | " |
| ୩୦ | ମୁନସଫ | " | ଟ ୪୦୦ | " |
| ୨୭ | " | " | ଟ ୩୦୦ | " |
| ୨୨ | " | " | ଟ ୨୫୦ | " |
| ୨୨ | " | " | ଟ ୨୦୦ | " |
| ୧୧ | " | " | ଟ ୧୫୦ | " |
| ୨୮୩ | | | | |

### ସଂକଳ୍ପିତ ବ୍ୟବସ୍ଥା ।

| | | | | |
|---|---|---|---|---|
| ୨ | ସବଜଜ | ବେତନ | ଟ ୧୦୦୦ | " |
| ୧୫ | " | " | ଟ ୮୦୦ | " |
| ୨୨ | " | " | ଟ ୭୦୦ | " |
| ୭୫ | ମୁନସଫ | " | ଟ ୪୦୦ | " |
| ୬୦ | " | " | ଟ ୩୦୦ | " |
| ୭୫ | " | " | ଟ ୨୫୦ | " |
| ୨୫ | " | " | ଟ ୨୦୦ | " |
| ୨୮୩ | | | | |

ଏଥିରେ ଯଦ୍ୟପି କ କର୍ମଚାରୀଙ୍କର ସଂଖ୍ୟା ବୃଦ୍ଧି ହୋଇ ନାହିଁ ମାତ୍ର ଅନେକ କର୍ମଚାରୀଙ୍କୁ ବେତନ ବୃଦ୍ଧି ଦିଆ ଯାଇ ଅଛି ଏବଂ ଏପରି ବନ୍ଦୋବସ୍ତ ହୋଇଅଛି କି ନିମ୍ନ ଶ୍ରେଣୀର କର୍ମଚାରୀମାନେ ଶୀଘ୍ର ପଦୋନ୍ନତି ପାଇବେ ଏବଂ ଦୁଇ ଶହ ଟଙ୍କାରୁ ଊଣା ବେତନ କେହି ପାଇବ ନାହିଁ । ଯେଉଁମାନେ ଏକଟିଂ ସ୍ୱରୂପ ନିମ୍ନ ଶ୍ରେଣୀରେ ନିଯୁକ୍ତ ହେବେ ସେମାନଙ୍କୁ ସୁଦ୍ଧା ମାସକୁ ଟ ୨୦୦ ଙ୍କା ବେତନ ଦିଆ ଯିବାର ବିଧାନ ହୋଇଅଛି । ଏହି ନିୟମ ଅକ୍ଟୋବର ବଙ୍ଗପ୍ରଦେଶର ସର୍ବତ୍ରରେ ପ୍ରଚଳିତ ହେବାର ଆଜ୍ଞା ହୋଇଅଛି । ଏହି ବ୍ୟବସ୍ଥା କରିବାରେ ଗବର୍ଣ୍ଣମେଣ୍ଟଙ୍କର ବାର୍ଷିକ ଟ ୧୦୩୨୦୦ ରୁ ଅଧିକା ବ୍ୟୟ ପଡ଼ିବ ବଜେଟ ବାହାରିବା ବେଳେ ଆଗେ ଡେପୁଟି କଲେକ୍ଟରଙ୍କର ବେତନ ବୃଦ୍ଧିର ପ୍ରସ୍ତାବ ବାହାରିଥିଲା ମାତ୍ର କାର୍ଯ୍ୟତଃ ସବ୍‌ଜଜ ଏବଂ ମୁନସଫମାନେ ଆଗେ ବେତନ ବୃଦ୍ଧି ପାଇଲେ । ଏମାନଙ୍କର କପାଳ ଠିକ ବୋଲିବାକୁ ହେବ । ଡେପୁଟିମାନେତ ଭୁଖ ପଡ଼ିରକୁ ଗୃହୁଁ ବସି ଅଛନ୍ତି ଦେଖା ଯିବ ତାହାଙ୍କ ଭାଗ୍ୟକୁ କିପରି ଫଳବ । ଫଳତଃ ଯେପରି ମୁନସଫ ପ୍ରଭୃତିଙ୍କ ସମ୍ପର୍କରେ ସୁବ୍ୟବସ୍ଥା ହୋଇ ଅଛି ତହିଁରୁ ଅନୁମାନ ହୁଅଇ ଯେ ଡେପୁଟିମାନଙ୍କ ପକ୍ଷରେ ମଧ୍ୟ ଉତ୍ତମ ବ୍ୟବସ୍ଥା ହେବ ।

—॰✻॰—

## ଓରିଏଣ୍ଟାଲ ଗବର୍ଣ୍ଣମେଣ୍ଟ ସିକ୍ୟୁରିଟି ଲାଇଫ୍ ଏସ୍ୟୁରାନ୍ସ କମ୍ପାନୀ ।

ବମ୍ବେଇ ନଗରରେ ଏହି ନାମରେ ଗୋଟିଏ କମ୍ପାନି ସ୍ଥାପିତ ହୋଇଅଛି । ଜୀବନ ବିମା କରିବା ଏହାର ଉଦ୍ଦେଶ୍ୟ ଅଟଇ । ଜୀବନ ବିମା କରିବାର ଉଦ୍ଦେଶ୍ୟ ଏହିକି ଏକ ପକ୍ଷରେ ଯେମନ୍ତ କଏ କେତେକାଳ ବଞ୍ଚିବ ତହିଁର ସ୍ଥିରତା ନାହିଁ ତେମନ୍ତ ଅନ୍ୟ ପକ୍ଷରେ ଆପଣାର ବାର୍ଦ୍ଧକ୍ୟ ଦଶା ନିମିତ୍ତ କମ୍ପା ଅପଣା

Split by PDF Splitter

135



ଅନ୍ତେ ସ୍ତ୍ରୀ ପୁତ୍ରାଦିଙ୍କ ଭରଣ ପୋଷଣ ନିମିତ୍ତ କୌଣସି ଉପାୟ କରିବା ଅତ୍ୟନ୍ତ କର୍ତ୍ତବ୍ୟ ଅଟଇ । ବଡଲୋକମାନେ ଜମିଦାରୀ, କାରଖାନା ଗବର୍ଣ୍ଣମେଣ୍ଟ କାଗଜ ଇତ୍ୟାଦି ନାନାପ୍ରକାରରେ ଭବିଷ୍ୟତର ଉପାୟ କରି ପାରନ୍ତି ମାତ୍ର ଯାହାଙ୍କର ସାମାନ୍ୟ ଆୟ ସେମାନଙ୍କ ପକ୍ଷରେ ତାହା ଅସମ୍ଭବ । ଏମାନଙ୍କ ପକ୍ଷରେ ଜୀବନ ବୀମା କରିବା ଅତ୍ୟନ୍ତ ପ୍ରୟୋଜନ ଅଟଇ । ଅଳ୍ପ ଆୟବିଶିଷ୍ଟ ଚାକର ଦୋକାନଦାର କାରିଗର କୃଷକ ବା ମଜୁର ଜୀବନ ବୀମା କଲେ ପ୍ରତିମାସ ଅବା ସୁବିଧାକ୍ରମେ ପ୍ରତିବର୍ଷ ବା ଛମାସରେ କିଛି ଟଙ୍କା ଦେଇ ଭବିଷ୍ୟତରେ ଆପଣା ନିମିତ୍ତ ଅଥବା ଆପଣା ପରିବାର ନିମିତ୍ତ କେତେଗୁଡିଏ ଟଙ୍କା ଲାଭ କରି ଜୀବନର ସୁସାର କରି ପାରନ୍ତି । ଇଂଲଣ୍ଡ ପ୍ରଭୃତି ସଭ୍ୟଦେଶରେ ଅନେକ କମ୍ପାନୀ ଏହି ଉଦ୍ଦେଶ୍ୟରେ ସ୍ଥାପିତ ହୋଇ ଅଛି ଏବଂ ବହୁତ ଲୋକ ଏହାଙ୍କର ସାହାଯ୍ୟରେ ସାଂସାରିକ କଷ୍ଟରୁ ପାର ପାଉଅଛନ୍ତି । ଭାରତବର୍ଷରେ ଏପରି କମ୍ପାନୀ ନ ଥିବାରୁ ବମ୍ବେଇ ନିବାସୀ କେତେକ ଧନାଢ୍ୟ ଓ ଉଦ୍ୟମଶୀଳ ଲୋକ ଉପର ଲିଖିତ କମ୍ପାନୀ ସ୍ଥାପନ କରିଅଛନ୍ତି ଏବଂ ଆମ୍ଭେମାନେ ଏହାର ସପ୍ତମ ବର୍ଷୀୟ ବାର୍ଷିକ ରିପୋର୍ଟ ପାଠ କରି ଅତ୍ୟନ୍ତ ପ୍ରୀତ ହୋଇଅଛୁଁ । ଏ କମ୍ପାନୀଦ୍ୱାରା କି ପ୍ରକାର ଉପକାର ହେବାର ସମ୍ଭାବନା ତହିଁର ଗୋଟିଏ ଦୃଷ୍ଟାନ୍ତ ଏଠାରେ ଲେଖୁଅଛୁଁ ଯଥା;—ଏକବ୍ୟକ୍ତି କି ୨୦ ବର୍ଷ ବୟସ ସମୟରେ ଇଚ୍ଛା କଲା କି ତାହାର ଭବିଷ୍ୟତ ଉପାୟ ସକାଶେ ପାଞ୍ଚହଜାର ଟଙ୍କା ଜମା କରିବ । ସେ ଯେବେ ପ୍ରତିମାସ ଟ ୧୩୲ଙ୍କା କିମ୍ବା ବର୍ଷକୁ ଟ ୧୬୩୲ଙ୍କା ଦେବ ତେବେ ସେ ପଞ୍ଚାବନ ବର୍ଷ ସମୟରେ କମ୍ପାନୀଙ୍କଠାରୁ ପାଞ୍ଚହଜାର ଟଙ୍କା ପାଇବ ଏବଂ ଯେବେ ଏଥି ମଧ୍ୟରେ ମରି ଯିବ ତେବେ ତାହାର ଉତ୍ତରାଧିକାରୀ ଉକ୍ତ ଟଙ୍କା ପାଇବ । ବୀମା କରିବା ଦିନରୁ ଥରେ ମାତ୍ର ଖର୍ଚ୍ଚା ଦେଇଥିଲେ ସୁଦ୍ଧା ଉକ୍ତ ଟଙ୍କା ପାଇବ । ଅଧିକ ବୟସରେ ବୀମା କଲେ କିଛି ଅଧିକ ମାସିକ ବା ବାର୍ଷିକ ଖର୍ଚ୍ଚା ପଡଇ । ଅତଏବ ଅଳ୍ପ ବୟସରେ ବୀମା କରିବା ଉଚିତ । ଯେହି ମତେ ଲୋକ ପାରନ୍ତି କି ଟଙ୍କା ଦେଇ ୨ ଯେବେ କମ୍ପାନୀ ଦେବାଳିଆ ହୋଇ ଯିବ ବା ଧ୍ୱଂସ ଶଙ୍କା ତେବେ ଭବିଷ୍ୟତର ଉପାୟ କେଉଁଠାରେ ରହିଲା । ବାସ୍ତବରେ ଅନେକ କମ୍ପାନୀର ସେପରି ଦଶା ଘଟି ଅଛି ଏବଂ ତହିଁର ଆଶ୍ରୟ ନେଇଥିବା କେତେକ ବ୍ୟକ୍ତି ନିରାଶ୍ରୟ ହୋଇଅଛନ୍ତି । ଉକ୍ତ ଦୁର୍ଘଟଣା ନିବାରଣ ନିମିତ୍ତ ଏ କମ୍ପାନୀ ଅତି ସୁବନ୍ଦୋବସ୍ତ କରିଅଛନ୍ତି । ବୀମା କରିବା ବ୍ୟକ୍ତିଙ୍କଠାରୁ ଯେତେ ଖର୍ଚ୍ଚା ଆଦାୟ ହେବ ତହିଁରୁ ଶତକଡା ଅଶୀ ଟଙ୍କା କେବଳ କମ୍ପାନୀ କାଗଜରେ ସରକାରୀ ମାଇଫଇଦାର ଅର୍ଥାତ୍ ଅଫିସିୟଲ ଟ୍ରଷ୍ଟିଙ୍କ ଜମା ରହିବ । ସୁତରାଂ ଏ କମ୍ପାନୀ ନିଷ୍ଫଳ ହେବାର ସମ୍ଭାବନା ନାହିଁ । ସମ୍ପ୍ରତି ଟ ୩୩୫୦୦୦୲ଙ୍କା ସରକାରୀ କାଗଜରେ ଜମା ଅଛି । ଗତବର୍ଷ ୩୫୫ ଜଣ ଇଉରୋପୀୟ ଏବଂ ୬୪୧ ଜଣ ଦେଶୀୟ ବ୍ୟକ୍ତି ସର୍ବ ସୁଦ୍ଧା ଟ ୩୪୮୬୨୬୩୲ଙ୍କା ବୀମା କରିଥିଲେ ଏମାନଙ୍କଠାରୁ ଟ ୬୨୮୯୨୲ଙ୍କା ଖର୍ଚ୍ଚା ଆଦାୟ ହୋଇଅଛି । ଗତବର୍ଷ ସର୍ବସୁଦ୍ଧା କମ୍ପାନୀର ଆୟ ଟ ୨୧୧୫୩୦୲ଙ୍କା ଏବଂ କେବଳ ଟ ୧,୫୩,୯୬୮୲ଙ୍କା ବ୍ୟୟ ହୋଇଥିଲା । ଏଥିରୁ କମ୍ପାନୀର ଅବସ୍ଥା କେମନ୍ତ ଉତ୍ତମ ଅନାୟାସରେ ପ୍ରତିପନ୍ନ ହେଉଅଛି । ଅନ୍ୟାନ୍ୟ ବର୍ଷର ଫଳ ସଙ୍ଗେ ତୁଳନା କରି ଦେଖିବାରେ ଜଣାଯାଏ ଯେ କମ୍ପାନୀର ଅବସ୍ଥା ଦିନକୁଦିନ ବୃଦ୍ଧି ହେଉଅଛି ଏବଂ ଏହାର କାର୍ଯ୍ୟ ନିର୍ବାହକମାନେ ଅନ୍ୟାନ୍ୟ ଏହି ପ୍ରକାର କମ୍ପାନୀ ଅପେକ୍ଷା ଅନେକ ଅଳ୍ପ ଖରଚରେ ଏଥିର କାର୍ଯ୍ୟ ନିର୍ବାହ କରୁଅଛନ୍ତି । ଏଥି ସଙ୍ଗେ ପ୍ରକାଶ ହୋଇଥିବା ବିଜ୍ଞାପନରେ ପାଠକମାନେ ଦେଖିବେ ଯେ ଓଡିଶା ସକାଶେ ଶ୍ରୀଯୁକ୍ତ ଉଇଲ୍ୟମ୍ସ ସାହେବ ଉକ୍ତ କମ୍ପାନୀର ଏଜେଣ୍ଟ ନିଯୁକ୍ତ ହୋଇଅଛନ୍ତି ଏବଂ ତାହାଙ୍କଠାରୁ କମ୍ପାନୀସମ୍ବନ୍ଧୀୟ ସକଳ ସମାଚାର ଯେ କେହି ଇଚ୍ଛା କରିବେ ଅନାୟାସରେ ଜାଣି ପାରିବେ ।

---

## ସାପ୍ତାହିକ ସଂବାଦ ।

ଅନୁଶାସନ ପ୍ରଣାଳୀ ଭାରତବର୍ଷବାସିଙ୍କ ପ୍ରତାପ କୃତ-ଜ୍ଞତାର ମହାମାନ୍ୟ ଲର୍ଡ ରିପନଙ୍କୁ ଧନ୍ୟବାଦ ଦେବା ନିମିତ୍ତ ଗତ ମାସ ତାରିଖ ୨୮ ତା ସମୟରେ ଏ ନଗର ଟ୍ରେନିଂ କଲେଜର ଅଧିକାରରେ ଏକ ବୃହତ ସଭା ହୋଇଥିଲା । ନଗରବାସୀ ଦେଶୀୟ ବିଦେଶୀୟ ଅନେକ ଲୋକ ଉପସ୍ଥିତ ହୋଇଥିଲେ ଅଗ୍ରହପୂର୍ବକ ସଭାର କାର୍ଯ୍ୟ ନିର୍ବାହ କରିଥିଲେ । ସମ୍ପାଦକଙ୍କୁ ସଭାର ତରଫରୁ ଅଗାମୀ ସ୍ତୋତ୍ରକୁ ଭକ୍ତି ଦେବାକୁ ବାଧ୍ୟ ହେଉଁ ।

ଗତ ମଙ୍ଗଳବାର ଅପରାହ୍ନ କାଳରେ ୪ ଘଣ୍ଟାର ପୂର୍ବ ସମୟରେ ଭୂକମ୍ପ ବଡ଼ ପ୍ରବଳ ଅର୍ଥାତ୍ ଗୋଟିଏ ଧକ୍କା ପଲ୍ଲୀରେ ଏବଂ ଅନ୍ୟାନ୍ୟ ନୂଆସ୍ଥାନରେ ଏକାଧିକ ଘର ଜାଳିଲେ । ପୁଲିସ ବହୁତ ଯେ ଉଦ୍ୟୋଗ କଲେ ସବୁ ହୋଇ ନାହିଁ ।

ଖାଜିପୁରର ଖୁନ ମୋକଦ୍ଦମାରେ ଅସାମୀ ଯୋଷାଇଁ ଭାସ୍କରଙ୍କ ଗୃହ ଅସ୍ତମାନଙ୍କ ଜଜ ସାହେବ ଉଚ୍ଚ ବୌଧରେ ଫାଶି ଦଣ୍ଡ ବିଧାନ କରିବାର ଏସପ୍ରେ ଲେଖିଥିଲେ । ସମ୍ପ୍ରତି ଶୁଣିଲୁଁ ଯେ ହାଇକୋର୍ଟ ଅପିଲ ବିଚାରରେ ତାହାକୁ ଜନ୍ମ ଦେଇଅଛନ୍ତି । ଏ ମୋକଦ୍ଦମାରେ ଏଠାର ବଡ ଉକିଲ ବାବୁ ତ୍ରିପୁରାପ୍ରସାଦ ଅସାମିର ଉକିଲ ହୋଇ ବିଶେଷ ପରିଶ୍ରମ କରିଥିଲେ ଏବଂ ହାଇକୋର୍ଟର ଅପିଲ ଦରଖାସ୍ତ ମଧ୍ୟ ସେ ଲେଖିଥିଲେ । ଏଥିରେ ତାହାଙ୍କର ଯୋଗ୍ୟତା ବିଶେଷରୂପେ ପ୍ରକାଶ ପାଇଅଛି ।

ଯାଜପୁର ଏକନାଥ ହେଲ ମଧୁରଭଞ୍ଜ ପଡ଼ ନୀଳଗିରିରେ ବସନ୍ତ ରୋଗର ଭାରି ପ୍ରାଦୁର୍ଭାବ ହୋଇଅଛି । ଅନ୍ୟାନ୍ୟ ସଡ଼କାତରେ ମଧ୍ୟ ଏ ରୋଗ ମାଡ଼ିବାର ଶୁଣାଯାଏ । ଉତ୍କଳାଧିପମାନେ ଟୀକା ଦେଇବାର ବନ୍ଦବସ୍ତ କରନ୍ତୁ ।

ଶାରେଶ୍ୱରର କଲେକ୍ଟର ମହାଶୟଙ୍କ ଜାଲାରେ ଖାସ ମହଲରାଜ ବାବର ଏକଖଣ୍ଡ ନାଗଙ୍କାର ଭାର ହୋଇ ଥିବାର ଖବର ପାଇଅଛି ଏବଂ ତହିଁପାଇଁ ମହାସିଂହ ଓ ଜଣେ ମୋହରର ଇତ୍ୟାଦିର ସସପେଣ୍ଡ ହୋଇଅଛନ୍ତି । ଏ ମୋକଦ୍ଦମାର ବିଚାର ହେଉଅଛି ।

କଲାହାଣ୍ଡିର ଲୋକମାନେ ବର୍ତ୍ତମାନ ଶାନ୍ତ ହେବାର ଜଣାଯାଏ । ମାତ୍ର ତେବେହେଁ ଉତ୍ତମାନଙ୍କ ବର୍ତ୍ତମାନ ଅବସ୍ଥା କହିବା ଉଚିତ ନୁହେ । ସେତେବେଳେ ଯାଏ ସମସ୍ତ ପ୍ରଧାନ ସରଦାରମାନେ ଧରାପଡି ନାହାନ୍ତି ତେତେବେଳ ଯାଏ ଏମନ୍ତେ ମନେ ହେଉ ଥିବାରୁ ଛାଉଣି ଉଠାଇବା ଉଚିତ ନୁହେ । ତଥାପି ପକ୍ଷରେ ପଡ଼ିବୁ ସରଦାରମାନଙ୍କୁ ଧରାଇଦେବା ଲାଗି କନ୍ଧମାନଙ୍କ ପ୍ରତି କଡ଼ା ପ୍ରକାଶ କରିବା ଉଚିତ ଅନ୍ୟଥା ତାଙ୍କୁ ଉଠାଇ ନ ପାରେ ।

ଜେଲଗଣ୍ଡରୁ ଲେଖିଅଛନ୍ତି ଯେ ହାଇକୋର୍ଟର ସନ ୧୮୭୯ ମସିହାର ନ ୨୧୭ ଓ ୨୪୬ ନମ୍ବର ମୋକଦ୍ଦମାରେ ସନ ୧୮୮୧ ମସିହା ମାର୍ଚ୍ଚ ମାସ ତା ୩୧ ଦିନରେ ଉକ୍ତ କହିଥିବା ଡିକ୍ରୀ ହୋଇ ସମ୍ପତ୍ତି କାର୍ଯ୍ୟ ନିଲାମ ହେଲ ପରେ ବସ୍ତୁ କେଉଁ କେଉଁ ସନ ୧୮୮୨ ମସିହା ଜୁନ ମାସ ତା ୧୭ ଦିନ ହୋଇଥିଲା । ଏକାଳକୁ ତେର ମାସ କାଳ ବିତିଲା ଏ ଭଳ୍ପଣରେ ଅଧିକ ସମ୍ପତ୍ତି ହେବ ନାହିଁ । ଏ ଅଣ୍ଡା ଅନ୍ୟ ଜାତକ ହେଲ ।

ଜେଲଗଣ୍ଡର ଲେଖନ୍ତି ଯେ ବଙ୍ଗଳାରେ ଘଟଣା ବୃଷ୍ଟି ହେବୁ ନଇ ବୋଇଲେ ପିଶାମତର ଘର ଭାଙ୍ଗି ଯାଇ ଏବେ ବଡ ଅଟପିଶାରେ ରହୁଅଛି । ଏଥିରେ ପ୍ରାଣୀ ଲୋକେ ଅଧିକ ପରିମିତ ହୋଇଥିବାର ଜଣାଯାଏ ।—କାର୍ଯ୍ୟତଃ, କର୍ତ୍ତାଙ୍କ ଅଧିକ ଜାମ କାହିଁ ମିଳିବ ଯେ ଅଧିକ ଅଣି ଅଧିକ ଖାଇବେ ?

ତଳଗଡ଼ା ଥିବା ସ୍ଥାନରେ ପ୍ରବାହ ଅନଡାବାତରେ କରଣ ଗ୍ରାମ୍ୟପଥିକ ଚଳାଚଳ ହୋଇଅଛି ।—ଏ ଉତ୍ତବିଷୟଗାମିନୀ ? ତଳଗା ମାତ୍ର ପାର ହୋଇବାର, ପିବାହାର ଉଚିତ ନାହିଁ ?

ସିମଲାଠାରେ ଗବର୍ଣ୍ଣମେଣ୍ଟ କଲେଜ ସହାୟରେ ୫୨୨୫୦୦ ଟଙ୍କାରେ ଗୋଟିଏ ଘର ଗଢ଼ିବା କରିବାର ପ୍ରସ୍ତାବ ହେଉଅଛି ବାର ଶୁଣାଯାଏ ।

ପୁରୀଠାରେ ପଞ୍ଚପାଦ ଜେ ଗେଟ ଦେଖି କରିବାର ଜେଲଗଣ୍ଡରୁ ଲେଖିଅଛନ୍ତି ।

---

ଏଣ୍ଡ ଏବ ଉତ୍କଳଦୀପିକା ସବୁର ଜାଗର ଡିଗ୍ରୀ ଆଇଟଭ ଟ୍ରେନିଂକଲେଜ ଦକ୍ଷିଣ ମଧ୍ୟ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

ଉତ୍କଳଦୀପିକା ତା ୧ ରଖ ମାହେ ଜୁଲାଇ ସନ ୧୮୮୬ ମସିହା ।

ରୁଷିୟମାନଙ୍କ ତୁର୍କିସ୍ଥାନ ଅସ୍ତାବାଦଠାରେ ୪୬୦୦୦ ସୈନ୍ୟ ସଂଗ୍ରହ କରିଥିବାର ସମ୍ବାଦପତ୍ରମାନଙ୍କରେ ପ୍ରକାଶିତ ହୋଇଅଛି । ତହିଁର କାରଣ ଅଦ୍ୟାପି ଜଣା ପଡ଼ି ନାହିଁ । ବୋଧ ହୁଏ ଏଥର ଆଫଗାନିସ୍ଥାନ ଜୟ କରି ଅଗ୍ରକୁ ବାଟ ସଫା କରି ରଖିବା ଚେଷ୍ଟାରେ ବା ସେମାନେ ଲାଗିଅଛନ୍ତି ।

ସରଜେମ୍ସ ଫରଗୁସନଙ୍କର ସ୍ମାରକ ଫଣ୍ଡର କମିଟି ବମ୍ବାଇ ଗବର୍ଣ୍ଣମେଣ୍ଟଙ୍କୁ ପୁନାଠାରେ ଗୋଟିଏ ଶିଳ୍ପ କର୍ମର ସ୍କୁଲ ସ୍ଥାପନ କରିବା କାରଣ ପ୍ରାର୍ଥନା କରିଅଛନ୍ତି । କମିଟି ହସ୍ତରେ ବର୍ତ୍ତମାନ ଟ ୪୦୦୦୦ଙ୍କା ଅଛି । ଅଉ ଦେଶୀୟ ଟଙ୍କା ଦେଇ କମ୍ପାନୀ ସେତିକି ଟଙ୍କା ଦେଇ ସ୍କୁଲ ସ୍ଥାପନ କରିବା କାରଣ ପ୍ରାର୍ଥନା ହୋଇଅଛି । [illegible] ।

ଜଣେ ଇଂଗ୍ରେଜ ଡାକ୍ତରଙ୍କ କର୍ମଚାରୀଙ୍କ ସୋ ୨୫୬ ଟ ଡାକ୍ତର ସୋ ୫୫୨ ଟ ଦାନ୍ତ ଗାଇ ତାଙ୍କୁ ଏକପକ୍ଷ ମଧ୍ୟରେ ବାଂଛାର କରି ଦେବାର କହନ୍ତି । ଏଥିରୁ ଅଉ ଜଣେ ଲେଖକ ସେ ତେବେ ସେ ଏହି ଦରରେ ଅଳ୍ପଦିନ ମଧ୍ୟରେ ଜମିଦାର ଅର୍ଦ୍ଧେକ ଭାଗ ବନ୍ଦ କରିଦେବେ ।

ଉତ୍କଳ ହେଲ କଲିକତାରେ ଏକ ନୂତନ ଉଦ୍ୟମର ନମ୍ବରରେ ଅଭିନୟ ହୋଇଥିଲା । କେତେଗୁଡ଼ିଏ ଦୁଷ୍ଟ ଲୋକର ଏକ କମିଟି କୋମ୍ପାନି, ଜୁଭିଲ ବାର୍ଷିକ କୋମ୍ପାନି ପ୍ରଭୃତି ଭାଳୁକର ନାମ ଧାରଣ କରି ମୋଫସଲରେ ଅଳ୍ପ ମୂଲ୍ୟରେ ଉତ୍ତମ ଦ୍ରବ୍ୟ ଦେବେ ବୋଲି ବିଜ୍ଞାପନ ପ୍ରଚାର କଲେ । ମୋଫସଲର ଅନେକ ଲୋକ ଯେଉଁମାନଙ୍କର କଲିକତା ଯିବା ଆସିବାର ସୁବିଧା ନାହିଁ ସେମାନେ ଡାକଯୋଗରେ ଟଙ୍କା ପଠାଇ ଦୁଏତ କିଛି ପାଇ ନାହାନ୍ତି, ଅଥବା ଯାହା ପାଇଅଛନ୍ତି ଅତି ଜଘନ୍ୟ । ଏହି ପ୍ରକାରେ ଅନେକ ଲୋକ ପ୍ରତାରିତ ହୋଇ ସର୍ବ୍ବସ୍ୱ ପୁଲିସରେ ଏତଦ ବେଦନ କରିଅଛନ୍ତି । ପୁଲିସ ଉକ୍ତ କମ୍ପାନୀର ପ୍ରଧାନଙ୍କୁ ଧରିଅଛନ୍ତି ଅନ୍ୟ ସମସ୍ତଙ୍କୁ ଧରିବା ଚେଷ୍ଟାରେ ଅଛନ୍ତି ।

ଗୋଲେରଠାରେ ତେବର ନାମକ ଜଣେ ଲୋକ ଯୀତ ଜ୍ୱାଳା ସହି ନ ପାରି ଶେଷରୁ ବିଷ ପାନ କରି ପ୍ରାଣ ତ୍ୟାଗ କରିଅଛି । ଏତେ ଜ୍ୱାଳା !

ପ୍ରସନ୍ନକୁମାର ଠାକୁରଙ୍କ ପ୍ରତିମୂର୍ତ୍ତି ସେନେଟ ଗୃହରେ ସ୍ଥାପନ କରିବା କାରଣ ଯୋତିନ୍ଦ୍ରମୋହନ ଠାକୁର ପ୍ରସ୍ତାବ କରିଅଛନ୍ତି ।

ଅସ୍ମାକଙ୍କର ଲେପ୍ଟେନାଣ୍ଟ ଟମସନ ସାହେବ ମହୋଦୟ [illegible] ସଭାର ସଭାପତି ପଦ ଗ୍ରହଣ କରିଅଛନ୍ତି । ପୂର୍ବେ ଇଲିଅଟ ସାହେବ ଏଥିରେ ସଭାପତି ଥିଲେ ।

ଶ୍ୟାମ ଦେଶର ନୂତନ ରାଜପ୍ରାସାଦ ଟ ୨୦୦୦୦୦ଙ୍କାରେ ନିର୍ମିତ ହେଉଅଛି ତହିଁରେ ଲକ୍ଷ ଟଙ୍କାର ଅଳଙ୍କାର ଲାଗିବ ।

ଅଯୋଧ୍ୟାରେ ଅନାବୃଷ୍ଟି ହୋଇ ଶୀତ ଫସଲ ନଷ୍ଟ ହେବାର ଉଦ୍ବେଗ ଘଟିଅଛି । ଏହା ନିତାନ୍ତ ଦୁର୍ଦ୍ଦୈବ !

କଲିକତାରେ ଜଣେ ସ୍ତ୍ରୀଲୋକ ଭୁଲଭାବେ ଭ୍ରମରେ ନଗ୍ନିକା ଔଷଧ ଦେବାରେ ଗୋଟିଏ ବାଳକର ପ୍ରାଣ ନଷ୍ଟ ହୋଇଅଛି ।

ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କ ଅଜ୍ଞାନୁବର୍ତ୍ତୀ ହୋଇ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ଅସ୍ପିପିଗଇ ନାମକ ଜଣେ ଦେଶୀୟ ବଣିକଠାରୁ ସମୁଦାୟ ଲେଖିବାର କାଳି କ୍ରୟ କରିବାର ଆଦେଶ କରିଅଛନ୍ତି । ଏହାଙ୍କ କାଳି ଉତ୍ତମ ଓ ସବୁଠାରୁ ସସ୍ତା ଅଟେ ।

ଫରିଦପୁର ଡାକଘରରେ ଟ ୮୦୦ କାର ନୋଟ ଚୋରି ଯାଇଥିବାର ଟେଲିଗ୍ରାଫରୁ ଅବଗତ ହେଲୁଁ । ତହିଁର ଅନୁସନ୍ଧାନ ଚଳିଅଛି ।

ଉକ୍ତ ପତ୍ରିକା ଲେଖିଅଛନ୍ତି ଯେ ଗୋଟିଏ ଦଶ ବର୍ଷର ବାଳକା ଅଧିକ କରେସିନ ତେଲ ପାନ କରି ପ୍ରାଣ ତ୍ୟାଗ କରିଅଛି । ସମସ୍ତ ଚିକିତ୍ସାରେ କୌଣସି ଫଳ ଦର୍ଶିଲା ନାହିଁ ।

ଗ୍ରାମ୍ୟ ଚଉକିଦାରମାନଙ୍କ ଚାନ୍ଦା ରେଜେଷ୍ଟ୍ରି କରିବାର କ୍ଷମତା ଦିଆଯିବାରେ କାର୍ଯ୍ୟ ଉତ୍ତମରୂପେ ଚଳିବାରୁ ସେମାନଙ୍କୁ ଚିଠି ଜମା କରିବାର କ୍ଷମତା ଦେବା କାରଣ ପ୍ରସ୍ତାବ ହେଉଅଛି ମଧ୍ୟ ଟ ୨୦ ଙ୍କା ପର୍ଯ୍ୟନ୍ତ ମନିଅର୍ଡର କରିବାର ଜମା ଟଙ୍କା ଦେଇ ପାଇବାର କ୍ଷମତା ପାଇ ପାରନ୍ତି ।

ମାନ୍ଦ୍ରାଜର ପଣ୍ଡିତମାନେ ବିଧବା ବିବାହ ବିପକ୍ଷରେ ବକ୍ତୃତା ଦେଇଥିବାର କଥିତ ହୁଏ । କାହିଁକି ? ଏମାନେ କେଉଁ ଯୁଗର ?

ଖରକଟର ସ୍ତ୍ରୀ ଆବେଦନ କରିବାରୁ ତାଙ୍କୁ ସୋ ୧୫ ଟ ଭୋଗ ଷ୍ଟେସନୀ ଦିଆଯିବାର ଷ୍ଟେଟ ସେକ୍ରେଟେରୀ ମଞ୍ଜୁର କରିଥିବାର ମାନ୍ଦ୍ରାଜମେଲ ଲେଖିଅଛନ୍ତି । ଉଚିତ ।

ହ୍ୟୁନ ସେଣ୍ଟ ଅଟରୁ ଅବଗତ ହେଲୁଁ ଯେ ଦକ୍ଷିଣାପଥର ଗତ ସୋମବାରେ ମଣି ନାମକ ଜଣେ ସ୍ତ୍ରୀଲୋକ ଆପଣାର ଦୁଇ ଶିଶୁସନ୍ତାନଙ୍କୁ ମାରି ଦେଲେ ଅସ୍ୱାଭାବିକ ଉଦଯୋଗ ଅପରାଧରେ ଦଣ୍ଡିତ ହୋଇଅଛି । ସେ କହେ ଯେ ତାହାର ସ୍ୱାମୀକୁ ପ୍ରବାସ ଯେଣ ଯିବାରେ ସେ ଭରଣପୋଷଣ ଉପାୟ ବଞ୍ଚିନ ହୋଇ ଏପରି କରିଅଛି । ବସ୍ତୁତରେ ସେ ସ୍ତ୍ରୀ ପ୍ରତି ଯାବଜ୍ଜୀବନ ଦ୍ୱୀପାନ୍ତରର ଆଦେଶ ହୋଇଅଛି । ପେଟର ଦାୟରେ ଲୋକେ କେମନ୍ତ ଦୁଷ୍କୃତି କରନ୍ତି !

କଟ୍ଣାଇରେ ଗତ ବର୍ଷାରେ ଉପ୍ରାଜକ ଜଳ ବୃଦ୍ଧି ହୋଇଅଛି ତହିଁରେ ବାନ୍ଧ ଏବଂ ଜଗଦାର ରେଲବାଟ ବନ୍ଦ ହୋଇଅଛି ଏବଂ ପଞ୍ଜାବମେଲ ଅଲ୍ଲାହାବାଦ ଓ ଜବଲପୁର ବାଟେ ଯାଉଅଛି ।

ଗତମାସ ତା ୪ ରଖ ଉଦବାଇରଜ ପୁନାଠାରେ ମୌସୁମୀ ବୃଷ୍ଟି ଆରମ୍ଭ ହେବାର ଟେଲିଗ୍ରାମ ଲେଖିଅଛନ୍ତି ।

ପାଣ୍ଡୋଲେସ୍ୱର ନଗରରେ ଉତ୍ତରପଶ୍ଚିମଠାରେ ରାମସେବକ ନାମକ ଜଣେ ଲୋକର ଟ ୨୦୦ ଙ୍କା ଚୋରି ଯିବାରୁ ସେ ତାହାର କର୍ମଚାରୀ ରାମକୁମାରକୁ ସନ୍ଦେହ କରି ସେ ନ ମାନିବାରୁ ପୁଲିସକୁ ସମ୍ବାଦ ଦେବାର ଅଭିପ୍ରାୟ ଦେଖାଇ ଅନ୍ୟ ଗୃହସ୍ଥଙ୍କ ସହିତ ସଙ୍ଗରେ ତାହାକୁ ନାନା ପ୍ରକାର ଯନ୍ତ୍ରଣା ଦେଇ ଶେଷକୁ ତାହା ପିଠିରେ ଜ୍ୱଳନ୍ତ ପଥର କୋଇଲାର ଗିଅଁ ଦେଲେ । ତହିଁରେ ରାମକୁମାର ମନ୍ଦ କଲା । ଏଥିରେ ତାହା ପ୍ରତି ଫାଶୀର ଦଣ୍ଡ ହୋଇଥିବାର କଥିତ ହୁଏ । ପୂର୍ବ୍ବଙ୍ଗ ପ୍ରଦେଶରେ ଏହିପରି କାର୍ଯ୍ୟ ହେଉଥିବାର ଲୋକେ କହନ୍ତି ମାତ୍ର ନୂତନ ପ୍ରଥାରେ କେତେ ସ୍ଥାନରେ ଏହା ହୁଏ ନାହିଁ ।

ଲଣ୍ଡନର ଦଶ୍ୟାତ ସେକାଫଟ ଗାଡ଼ିକଲ୍ପ ସାହେବ ଗତମାସ ତା ୩ ରଖରେ ମାନବଲୀଳା ସମ୍ବରଣ କଲେ । ସେ ଜଣେ ଦକ୍ଷ ଲୋକ ଥିଲେ ଏବଂ ତାଙ୍କ ଅକାଳେ ମରିବାରୁ ଲୋକେ ବହୁତ ଶୋକ କରୁଅଛନ୍ତି ।

ହୁଗଲୀର ନିକଟବର୍ତ୍ତୀ ହାଲିସହର ଗ୍ରାମରେ କୃଷ୍ଣମଣି ନାମରେ ଗୋଟିଏ ଦରିଦ୍ର ସ୍ତ୍ରୀ ଲୋକ ଥିଲା । ସେ କଷ୍ଟରେ ଏହାର ତାହାର ଘରକୁ ବେଗାର ନେବା ଆଣିବା କରି ଦିନ ଗୁଜରାଣ କରୁଥିଲା । ସେ ଅତ୍ୟନ୍ତ ମିତବ୍ୟୟୀ ଅଥଚ କୃପଣ ଥିଲା । କ୍ରମାଃ ସମସ୍ତଙ୍କୁ ତାହାର ଏକ ହଜାର ଟଙ୍କା ଜମା ହୋଇଗଲା । ମୃତ୍ୟୁଶଯ୍ୟାରେ ସେ ଟଙ୍କା ମଧ୍ୟରୁ ଟ ୫୦୦ ଙ୍କା ହାଲିସହର ସ୍କୁଲର ଉନ୍ନତି ପାଇଁ ଦାନ କଲା ଏବଂ ଅବଶିଷ୍ଟ ଟ ୫୦୦ ଙ୍କା ଗୋଟିଏ ଶବଦାହ ଘାଟ ନିର୍ମାଣାର୍ଥେ ଦେଲା । ଏରୂପ ଉଚିତରୂପ ଦାନ ପ୍ରଶଂସାର୍ହ ଅଟଇ । ଅସ୍ମାନଙ୍କ ଦେଶରେ ପ୍ରଧାନତଃ ଦୁଇ ଉଦ୍ଦେଶ୍ୟରେ ଦାନ କରାଯାଏ, (୧) ଦାନ କରି ନାମ କରିବା, (୨) ଦାନ କରି ଇଂରେଜଙ୍କୁ ସନ୍ତୁଷ୍ଟ କରିବା । କାମସ୍କଟକାରେ ଗୃହ ବସ୍ତ୍ର ହୋଇଅଛି—ଷ୍ଟିମ୍ବୋଟ ଉପରେ ଜଳ ବିଶ୍ରାମ ଗୃହ ନାହିଁ ବୋଲି ପଥିକଙ୍କର କଷ୍ଟ ହୁଏ—ଅତଏବ ହେ ଧନଶାଳୀଗଣ ! ଏ ଉଦ୍ଯୋଗ ଅଭାବ ଦୂରୀକରଣାର୍ଥ ତୁମ୍ଭେମାନେ ସ୍ନାନାଗାରରେ ସାହାଯ୍ୟ କର, କଟକ ମହା ଦୁଇଦେଶରେ ତୁମ୍ଭର ନାମ ପତ୍ରିକା ନାହିଁ, ଦୁଇ-ଦେଶରୁ ଷ୍ଟାଇଷ୍ଟେଲ ଅସିବ ନାହିଁ । ଅଉ ସ୍ୱଦେଶଗତ ଇଂରେଜଙ୍କର ପ୍ରତିମୂର୍ତ୍ତି ନିର୍ମାଣ କର, ଇଂରେଜଙ୍କ ଉପକାରାର୍ଥେ ହସ୍ପିଟାଲ ପାଇଁ ଚାନ୍ଦା ଦିଅ, ଏବଂ ଇଂରେଜ କହୁଅଛନ୍ତି ବୋଲି ଗ୍ରାମ ନିକଟରେ ଗୋଟିଏ ସଡ଼କ ବନାଇ ଦିଅ ଜଣେ ହେଁ ଇଂରେଜ ସଙ୍ଗ କରିବେ । କିନ୍ତୁ କୃଷ୍ଣମଣି ଏ ଦାନ ଇଂରେଜପ୍ରସାଦର ଉଦ୍ଧାରଣୀ ହୋଇ କରି ନାହାନ୍ତି । କୃଷ୍ଣମଣିର ଏ ଦାନ ମହାରାଜାଙ୍କର ଲକ୍ଷ ଟଙ୍କା ଦାନ ଅପେକ୍ଷା ଅଧିକ, ମହାରାଣୀଙ୍କର ଦଶଲକ୍ଷ ଟଙ୍କା ଅପେକ୍ଷା ଅଧିକ ଏ ତାହାର ତୁଳନା ନାହିଁ । କୃଷ୍ଣମଣିର ଦୃଷ୍ଟାନ୍ତ ଅନୁକରଣୀୟ ।

## ସମାଲୋଚନା ।

### ଦଲାଲ ସଙ୍ଗ୍ରହ ।

କୁମାର ବୈକୁଣ୍ଠନାଥ ଦେବଙ୍କଦ୍ୱାରା ସଙ୍ଗୃହୀତ ଏବଂ ତାହାଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଦଲାଲ-ସଙ୍ଗ୍ରହ ନାମକ ପୁସ୍ତକ ପ୍ରାପ୍ତ ହେବାରୁ ଅମ୍ଭେମାନେ କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ଏଥିରେ ନାନାସ୍ଥାନରୁ ପଞ୍ଚା କରୁଣାମୃତ ଉମାସୁନ୍ଦ

Split by PDF Splitter



ଜବାର ପ୍ରଭୃତି ସମ୍ପତ୍ତି ହସ୍ତାନ୍ତରପତ୍ର ଏବଂ ସାଲିସ୍ ଫଏସଲା ସ୍ୱୀକାରପତ୍ର ଇତ୍ୟାଦ ଦଲିଲ-ମାନଙ୍କର ଆଦର୍ଶ ପ୍ରଚଳିତ ରୀତିରେ ପ୍ରକାଶିତ ହୋଇଅଛି ଏବଂ ଏଥିରେ ଅର୍ଜି ବର୍ଣ୍ଣନା ଏବଂ ଅପିଲ ଦରଖାସ୍ତର ଆଦର୍ଶ ମଧ୍ୟ ସନ୍ନିବେଶିତ ହୋଇଅଛି । ପରିଶେଷରେ ପତ୍ର ଲେଖିବାର ଧାରା ଦଖା ଯାଇଅଛି । ମୋଫସଲବାସିମାନେ ଉକିଲ ଅଥବା ସଙ୍ଗତ ଅଭାବରେ ପ୍ରୟୋଜ-ନୀୟ ଦଲିଲମାନ କରିବାକୁ ଅକ୍ଷମ ଅଥବା ଅନଭିଜ୍ଞ ଲୋକଙ୍କ ଦ୍ୱାରା ପ୍ରତାରଣ ହେବା ଏବଂ ପାଠଶାଳା ଛାତ୍ରମାନଙ୍କର ଭବିଷ୍ୟତରେ ଏହି ପ୍ରକାର ଅଭାବ ମୋଚନ କରିବା ଏ ପୁସ୍ତକର ଉଦ୍ଦେଶ୍ୟ ବୋଲି ଗ୍ରନ୍ଥକାର ଭୂମିକାରେ ଲେଖିଅଛନ୍ତି ଏବଂ ତାହାଙ୍କ ପ୍ରାର୍ଥନାମତେ ଓଡ଼ିଶା ସ୍କୁଲସମୂହର ଇନସ୍‌ପେକ୍ଟର ବାବୁ ରାଧାନାଥ ରାୟ ଏ ପୁସ୍ତକର ଅନୁକୂଳରେ ମତ ଦେଇଅଛନ୍ତି । ଆମ୍ଭେମାନେ ଦୁଃଖିତ ହୋଇ କହୁଅଛୁଁ ଯେ ଏ ପୁସ୍ତକର ଉପଯୋଗିତା କଣମାତ୍ର ଆମ୍ଭେମାନେ ଦେଖୁ ନାହୁଁ । ପୁରୁଣା ଧରଣର ଦଲିଲ ଇତ୍ୟାଦିକୁ ଆଦର୍ଶ ରଖିବା ଉଚିତର ବିଷୟ ନୁହଇ । ବର୍ତ୍ତମାନ ଏମାନ ଯେଉ ସବୁରେ ଲେଖାପଢା ହେଉଅଛି ତାହା ବିଶୁଦ୍ଧ ନୁହଇ ଏଥିରେ ଅନେକ ଅନାବଶ୍ୟକ କଥା ଲେଖାଯାଏ ଓ ସେ ସମସ୍ତ ଏ ପୁସ୍ତକରେ ବିଦ୍ୟମାନ ରହିଅଛି । ମୋଫସଲବାସିଙ୍କ ଦଲିଲ କରିବା ସଙ୍ଗେ ଷ୍ଟାମ୍ପ ଓ ରେଜେଷ୍ଟ୍ରୀ ଆଇନ ଜାଣିବା ଆବଶ୍ୟକ ହେଉଥିବାରୁ ସେମା-ନଙ୍କୁ ଉକିଲ ମୋକ୍ତାରଙ୍କ ଅନୁସରଣ କରିବାକୁ ହେବ ଏବଂ ମୋଫସଲରେ ଯେଉଁମାନେ ଟପକନବିସୀ କରନ୍ତି ଏପ୍ରକାର ଆଦର୍ଶ ତାହାଙ୍କ ନିକଟରେ ବିଦ୍ୟମାନ ରହିଅଛି । ଅନ୍ତତଃ ଯେବେ କୁମାର ମହାଶୟ କୌଣସି ଉକିଲର ମତ ସହିତ ଏ ପୁସ୍ତକ ପ୍ରକାଶ କରିଥାନ୍ତେ ତେବେ ହେଲେ ଏଥିର ପ୍ରକୃତ ମୂଲ୍ୟ ସେ ଜାଣିପାରନ୍ତେ ଏବଂ ପ୍ରାୟ ଏତେ ବଡ଼ ପୁସ୍ତକ ପ୍ରକାଶ କରିବାର ପ୍ରୟୋଜନ ହୋଇ ନ ଥାନ୍ତା । ବାସ୍ତବରେ ଏ ପୁସ୍ତକ ବୈଷୟିକ-ପରିକାର ସାନ ଭଲ ଅଟଇ ଏବଂ ପାଠଶାଳା ସମ୍ପର୍କୀୟ ଗବର୍ଣ୍ଣମେଣ୍ଟ ଟଙ୍କା ଏ ବାଟରେ ଖର୍ଚ୍ଚ ହେବା ସାଧାରଣ ଦୁଃଖର ବିଷୟ । ଶିକ୍ଷାବିଭା-ଗର କର୍ତ୍ତାମାନଙ୍କର ଅଗଣ୍ୟ ଉତ୍ସାହଦାନ ଦ୍ୱାରା ଆଜିକାଲି କେବଳ ଏହିପ୍ରକାର ପୁସ୍ତକର ସଙ୍ଖ୍ୟା ବଢୁଅଛି । ଉତ୍କଳ ଭାଷାରେ ଭଲ ପୁସ୍ତକ ବାହାରିବା ଏଣିକି ଆଉ ଦେଖା ନାହିଁ । ଆମ୍ଭେମାନେ ଉତ୍କଳର ହିତକାଙ୍କ୍ଷିମାନଙ୍କୁ ପ୍ରାର୍ଥନା କରୁଅଛୁ କି ଯେସମସ୍ତ ପୁସ୍ତକଦ୍ୱାରା ଉତ୍କଳର ପ୍ରକୃତ ଉପକାର ହେବ ତହିଁ ପ୍ରତି ମନୋଯୋଗୀ ହେଉନ୍ତୁ । ଆଉ ଆପଣାର ବହୁ-ମୂଲ୍ୟ ସମୟ ଓ ପରିଶ୍ରମକୁ ଏପରି ମାର୍ଗରେ ଖର୍ଚ୍ଚ ନ କରନ୍ତୁ ।

## ପ୍ରେରିତପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ମହାଶୟ !

ଆମ୍ଭେମାନେ କୃତଜ୍ଞତାର ସହିତ ସ୍ୱୀକାର କରୁଅଛୁଁ କି ନିମ୍ନଲିଖିତ ମହାଶୟମାନେ କଟକ ଟାଉନ ଲାଇବ୍ରେରିରେ ଦାନ କରିଅଛନ୍ତି ।

ବାବୁ ଆର୍ତ୍ତବଲ୍ଲଭ କର ଖଣ୍ଡିଏ ବେଞ୍ଚ ।

ବାବୁ କାଳୀପଦ ବନ୍ଦ୍ୟୋପାଧ୍ୟାୟ [କଟକ] ଗୋଟିଏ ଅଲ୍‌ମାରି ।

ଢାକାର ନବାବୀ—ମନ୍ତ୍ରୀ ଅବଦୁଲ ଗଫୁରଙ୍କ ଭ୍ରାତା ମିଜ ସାହେବ "କଟକ ଟ୍ରେ-ଡିଂ କମ୍ପାନୀଙ୍କ ନାମରେ" ଖଣ୍ଡିଏ ସୁନ୍ଦର ସାଇନ ବୋର୍ଡ଼ ।

ତା ୧୨ ଇଂ ଜୁନ } ବଶମ୍ବଦ
୧୮୮୬ ମସିହା }

HURRI CHURN BANNERJEA
*Officiating Secretary*
*Cuttack Town Library.*

---

ମାନନୀୟ ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ମହାଶୟ !

ଆମ୍ଭେମାନେ ଜଳଦାଗମରେ ପ୍ରାୟ ଅନେ-କଥର ଦେଖିଅଛୁଁ ଯେ, ଏହା ସମୟରେ ଏକ ଦିଗରେ ଖରା ଓ ଅନ୍ୟ ଦିଗରେ ଜଳ । ଏହା ପଲ୍ଲୀଗ୍ରାମରେ ପ୍ରଶସ୍ତ କ୍ଷେତ୍ରମାନଙ୍କରେ ସୁସ୍ପଷ୍ଟରୂ-ପେ ଅନୁଭୂତ ହୁଏ । ଓ୍ୱାଟ (Watt) ସାହେବ ଫରେଷ୍ଟ ଡିପାର୍ଟମେଣ୍ଟ (Forest Department) ରୁ ଫେରି ଆସି ଏଡୁକେସନେଲ ଡିପାର୍ଟମେଣ୍ଟ (Educational Department) ରେ ପ୍ରବେଶ କରିବାକୁ ଚେଷ୍ଟା କରିବାରୁ ତାଙ୍କୁ କଟକ କଲେଜକୁ ପଠାଇବାର କ୍ରଫ୍ଟ (Croft) ସାହେବଙ୍କ ଅଭିପ୍ରାୟ ଥିବାର ଶୁଣି ଆମ୍ଭମାନଙ୍କ ଅନ୍ତଃକରଣ-କ୍ଷେତ୍ରରେ ସତେ ସେପରି ସେହିପରି କିଛି ଅନୁଭୂତ ହେଲା ଏପରି ଲକ୍ଷଣ ଅର୍ଥାତ୍ ଆମ୍ଭେମାନେ ଏକ ପକ୍ଷରେ ସନ୍ତୁଷ୍ଟ ଅନ୍ୟ ପକ୍ଷରେ ଦୁଃଖିତ ହେଲୁଁ ତାହାର କାରଣ ଏହି ଯେ ବଙ୍ଗଦେଶର ଯେ କୌଣସି ସ୍ଥାନରୁ ଯେ କୌଣସି ପ୍ରିନ୍ସିପଲ (Principal) ଆସନ୍ତୁ ସେ କୃତବିଦ୍ୟତାରେ ଏଜର ସାହେବଙ୍କ ଅପେକ୍ଷା ଉତ୍ତମ ଥିବେ, ଏଥିରେ ସନ୍ଦେହର କୌଣସି ସ୍ଥଳ ନାହିଁ । କିନ୍ତୁ ଯେଉଁ ବିଶେଷ ଅଭାବ ନିମନ୍ତେ ଜନ ସାଧାରଣ ସାହେବ ପ୍ରଶଂସିତଙ୍କୁ ସ୍ୱୀୟ କାରର ଅନୁପଯୁକ୍ତ ବୋଲି ଜ୍ଞାନ କରନ୍ତି, ଯେବେ ସେ-ହି ଅଭାବ, ନୂତନ ପ୍ରିନ୍ସିପଲ (Principal) ଆସି ମଧ୍ୟ, ମୋଚନ ଏବଂ ସମ୍ପୂରଣ ନ ହେଲା, ତେବେ ବଦଳଥିବାକୁ କରଣ, ତାହାଙ୍କ ଆ-ସିବା ଓ ନ ଆସିବା ଉଭୟ ସମାନ । ଆମ୍ଭମାନଙ୍କ ବର୍ତ୍ତମାନ ଜଜ ଦତ୍ତ ମକଦ୍ଦମା ବସ୍ତୁର ଭଉ-ବାର ଜଭାଲ ପ୍ରିୟ ଥିବାରୁ ଦେଓ୍ୱାନୀ ମକଦ-ମା ପ୍ରାୟ ଅପୀଲ ହେଉନାହିଁ ! ଲୋକେ କହନ୍ତି "He is a better magistrate than a judge" ଓ୍ୱାଟ (Watt) ସାହେ-ବଙ୍କ ସମ୍ବନ୍ଧରେ ଯଦ୍ୟପି ଆମ୍ଭେମାନେ ଏହି ଦୃଷ୍ଟାନ୍ତ ସମ୍ପୂର୍ଣ୍ଣରୂପେ ଖଟାଇ ନ ପାରୁଁ ତଥାପି ସେ ଏଠାକୁ ଆସି ଯେଉଁ କାର୍ଯ୍ୟର ଭାର ନେବେ ତହିଁ ସମ୍ବନ୍ଧରେ ଆମ୍ଭେମାନେ ତାହା ଆଂଶିକ ଖଟାଇ ପାରୁଁ । କାରଣ ସେ ଏଥି ପୂର୍ବେ ହୁଗୁଳି କଲେଜରେ ସାଇନ୍ସ (Science) ଦର୍ଶନଶାସ୍ତ୍ରର ପାଠ ଦେଉଥିଲେ ଏବଂ ଏଠା-କୁ ଆସି ମଧ୍ୟ ସେହି ଭାର ଗ୍ରହଣ କରିବେ । ଉକ୍ତ ଶାସ୍ତ୍ରରେ ସେ କେତେ ଦୂର ପାରଦର୍ଶିତା ଲାଭ କରିଅଛନ୍ତି ଏହା, ବୋଧ ହୁଏ, କାହା-ରି ଅଜଣା ନାହିଁ । ଫଳତଃରେ, ତାହାଙ୍କ ଛାତ୍ରମାନେ ଉକ୍ତ ଶାସ୍ତ୍ରରେ ନାନାଦ କଲେଜ-ରେ ଅଧ୍ୟାପକତା କରୁଅଛନ୍ତି । କିନ୍ତୁ ସେ ବିଷୟ ଆମ୍ଭମାନଙ୍କର ଅଜର ଉଦ୍ଦେଶ୍ୟ ନୁହେ ; କାହିଁକି, ତାଙ୍କର ଜଣେ ଶିଷ୍ୟ କି ସେହି ଶାସ୍ତ୍ରରେ ଏ କଲେଜରେ ସୁଶୃଙ୍ଖଳରୂପେ ଶିକ୍ଷା ଦେଇ ପାରନ୍ତେ ନାହିଁ ? ସମସ୍ତେ ଜାଣିବେ କ୍ରଫ୍ଟ (Croft) ସାହେବଙ୍କର କଟକ କଲେଜ ପ୍ରତି କୃପା ଦୃଷ୍ଟି କିନ୍ତୁ ଆମ୍ଭମାନଙ୍କ ମତରେ ଜଣେ ଇଂଲିଶ (English) ଶିକ୍ଷାଦାତା ପ୍ରିନ୍ସିପଲ ପଠାଇ ଥିଲେ କ୍ରଫ୍ଟ ସାହେବଙ୍କ ନାମ ଚିର ଅକ୍ଷୟ ହୋଇ ରହିଥାନ୍ତା ।

କଟକ } ଆପଣଙ୍କର ବଶମ୍ବଦ
୨୮।୬।୮୬ } ଶ୍ରୀ—

Digitized by srujanika@gmail.com

Split by PDF Splitter



## ବିଜ୍ଞାପନ ।

ଚଣ୍ଡପଡ୍ଡା ବନ୍ଧାର ସଜାଙ୍କୁ ଆଜ ବନ୍ଧାର ଶାସନକାର୍ଯ୍ୟରେ ସାହାଯ୍ୟ କରିବା ନିମନ୍ତେ ଜଣେ ମେନେଜର ନିଯୁକ୍ତ ହେବାର ଆବଶ୍ୟକ । ମାସିକ ବେତନ ଟ ୧୦୦ ଙ୍କା । ପ୍ରାର୍ଥୀମାନେ ଆଗାମୀ ଜୁଲାଇ ମାସ ତା ୧୫ ରଖ ପୂର୍ବରୁ ନିମ୍ନ ସ୍ୱାକ୍ଷରକାରିଙ୍କ ସମୀପକୁ ଆବେଦନ ପତ୍ର ପଠାଇବେ । ଯେଉଁ ପ୍ରାର୍ଥୀ ଇଂରାଜୀ ଓ ଓଡ଼ିଆ ଭାଷା ଉତ୍ତମରୂପେ ଜାଣିଥିବେ ଓ ଯାହାଙ୍କର ଜମିଦାରୀ କାର୍ଯ୍ୟ ଚଳାଇବା ବିଷୟରେ ଅନୁଭୂତି ଥିବ ତାଙ୍କୁ ଅଗ୍ରଗଣ୍ୟ କରାଯିବ ।

ଓଡ଼ିଶା ଡିଭିଜନର ମହାଲର
ସୁପରିଣ୍ଟେଣ୍ଡେଣ୍ଟଙ୍କ ଅଫିସ
କଟକ ତା ୨୫।୬।୮୨ } J. M. Roy
ଅଫିସିଏଟିଂ ସୁପରିଣ୍ଟେଣ୍ଡେଣ୍ଟ

ଉତ୍କଳ ବ୍ରାହ୍ମସମାଜର ଅଷ୍ଟୋବିଂଶ ସାମ୍ବତ୍ସରିକ ଉତ୍ସବ ଉପଲକ୍ଷରେ ସମାଜଗୃହରେ ଥିବା ଉପାସନା ଘରରେ ତା ୧ ରଖ ଜୁଲାଇ ଶନିବାର ଦିନ ପ୍ରାତଃକାଳ ଓ ସନ୍ଧ୍ୟା ସମୟରେ ବ୍ରହ୍ମୋପାସନା ହେବ ।

କଟକ
ଗୁରୁବାର
୨୯।୬।୮୨ } ଶ୍ରୀ ମଧୁସୂଦନ ରାଓ
ଉତ୍କଳ ବ୍ରାହ୍ମସମାଜ ସମ୍ପାଦକ

A lecture on 'Religious duty' will be delivered by Babu Madhusudan Rao at 8 P. M. on Sunday the 2nd Proximo at the Cuttack Printing Company's Hall.

Cuttack.
30—6—82 } DIGENDRA NATH DUTT

**ORIENTAL**
**GOVERNMENT SECURITY LIFE ASSURANCE COMPANY "LIMITED"**
*BOMBAY*

For prospectus, yearly reports of meetings, the fast progress of the Co. and for all other information, please apply to

J. WINTERSCALE,
*Agent in Orissa*
No.1 Cantonments.

ଓରିଏଣ୍ଟାଲ ଗବର୍ଣ୍ଣମେଣ୍ଟ ସିକ୍ୟୁରିଟି ଲାଇଫ୍ ଆସୁରେନ୍ସ ... ଜୀବନ ବୀମା କରିବାର କମ୍ପାନୀ ମୋହାନ ହେଉ ।
ଏ କମ୍ପାନୀର ଅବସ୍ଥା ଉପରେ ବାର୍ଷିକ ରିପୋର୍ଟ ଏବଂ ବାର୍ଷିକ ପ୍ରବୃଦ୍ଧି ବିବରଣ ଏବଂ ଅନ୍ୟାନ୍ୟ ସମାଚାର ଜାଣିବାକୁ ଇଚ୍ଛା କଲେ ଏଜେଣ୍ଟଙ୍କଠାରେ ଆବେଦନ କଲେ ପ୍ରାପ୍ତ ହେବ ।

ଜେ ଉଇଣ୍ଟରସ୍କେଲ
ଓଡ଼ିଶାର ଏଜେଣ୍ଟ
କଟକ ନ ୧ ସୁର କଣ୍ଟନମେଣ୍ଟ ବଜାର ।

### ନୃପବଲ୍ଲଭ ବଟିକା ।

ଅନୁପାନ ଭେଦରେ ସେବନ କଲେ ଆଠ ପ୍ରକାର ଜ୍ୱର ଭଲ ହୁଅଇ । ୧୫ ମାତ୍ରାକୁ ଟ ୧୦ ଙ୍କା ।

### ମୀନକେତନ ବଟିକା ।

ଏ ଉତ୍କୃଷ୍ଟ ଧାତୁବୃଦ୍ଧିକର ପୁଷ୍ଟିକର ଔଷଧ । ଅନୁପାନ ଭେଦରେ ବାୟୁବେଗ ଶାନ୍ତ ହୁଅଇ । ୫ ମାତ୍ରାକୁ ଟ ୧ ଙ୍କା ।

### କନ୍ଦର୍ପଚନ୍ଦ୍ରୋଦୟ ବଟିକା ।

ଏ ବଟିକାଦ୍ୱାରା ଧ୍ୱଜଭଙ୍ଗ ଅତି ତରୁଣ ବୟସରୁ ନ୍ୟୂନ ପୁଂସ୍ତ୍ୱ ଦୁଷ୍ଟ ରୋଗ ଭଲ ହୁଅଇ । ୭ ମାତ୍ରାକୁ ଟ ୧୦ ଙ୍କା ।

ଏ ସବୁ ଅତି ମେହ ପ୍ରଭୃତି ରୋଗର ଉତ୍କୃଷ୍ଟ ଔଷଧମାନ ଅମ୍ଭ ନିକଟରେ ପ୍ରାପ୍ତବ୍ୟ । ଗ୍ରାହକମାନେ ଔଷଧ ଗ୍ରହଣ ସମୟରେ ସେବନ ବିଧିମାନ ଜାଣି ପାରିବେ ।

୨।୭।୮୨
କାଜିବଜାର
କଟକ } ଶ୍ରୀ ରାମଚନ୍ଦ୍ର ବେହେରା ପାଠକ ।

### ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫିଉଜ୍ ।

ଏହା ଜ୍ୱରରୋଗରେ କୁଇନାଇନର ପରିବର୍ତ୍ତରେ ଉତ୍କୃଷ୍ଟ ଔଷଧ ବୋଲି ବ୍ୟବହୃତ । କଲିକତାର ପ୍ରଧାନ ପ୍ରଧାନ ଇଂରେଜୀୟ ଓ ଦେଶୀୟ ଔଷଧାଳୟରେ ବିକ୍ରୟ ହୁଅଇ । କଲିକତା ବୋଟାନିକାଲ୍ ଗାର୍ଡେନର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ନିମ୍ନଲିଖିତ ଦରରେ ମିଳିପାରେ ଯଥା;—

ଡାକମାସୁଲ ସହିତ ୪ ଅଉନ୍ସର ଟ ୭ ଙ୍କା । ୮ ଅଉନ୍ସର ଟ ୧୨ ଙ୍କା । ୧୬ ଅଉନ୍ସର ଟ ୨୦ ମୂଲ୍ୟ ନଗଦ ।

ଶ୍ରୀଯୁକ୍ତ ହେମଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ
କୃତ
ଦ୍ୱିବାସୀନବତ୍ତ ମହୌଷଧ ।

# ଅମୃତ ଚୂର୍ଣ୍ଣ ।

ଏକପ୍ରସ୍ଥ [ ୨୦ ମସାର ] ମୂଲ୍ୟ ଟ ୪ । ଅଣା ୧୪ ପ୍ରସ୍ଥ ଏକାବେଳକେ ନେଲେ ଟ ୫୦ ଙ୍କା, ଡାକମାସୁଲ ପ୍ରତି ବଣ୍ଡିଲ ଟ ୦ । ଦୁଇଅଣା ଏବଂ ୫ ପ୍ରସ୍ଥ ଔଷଧ ଏକ ବଣ୍ଡିଲରେ ଟ ୦ । ଅଣା ମାସୁଲରେ ଯାଇ ପାରେ ।

ଏହି ଔଷଧ ସେବନ କଲେ ଅନେକାନେକ ଦୁଃସାଧ୍ୟ, ଅସାଧ୍ୟ, ଓ କଷ୍ଟସାଧ୍ୟ ରୋଗର ଉପଶମ ହୁଏ । ଏମନ୍ତ କି କ୍ଷୟ, ଯକ୍ଷ୍ମା, ଜଠରାନଳର ଶୂଳ, ଶିରଃପୀଡ଼ା, ହୃଦରୋଗ, ଶ୍ୱାସକାଶ, ଦୁଷ୍କର୍ମ, ଅମ୍ଳପିତ୍ତ, ଅମ୍ଳଶୂଳ, ପ୍ରସୂତ ଜ୍ୱର, ପ୍ଲୀହା, ଯକୃତ, ଅତିସାର, ବାତ, ଅର୍ଶ, ପ୍ରସ୍ରାବ ପ୍ରମେହ, ଉପଦଂଶ, ପାରଦଘଟିତ ଦୋଷ, ରକ୍ତବିକାର, ମୂତ୍ରକୃଚ୍ଛ୍ର ବା ବହୁମୂତ୍ର, ଏବଂ ନାନାବିଧ ଜଟିଳ ଓ ଏକତ୍ରୀଭୂତ ପୁରାତନ ଓ କଠିନ ରୋଗ ପ୍ରତୀକାର ପକ୍ଷରେ ଏହା ଅତି ଉତ୍କୃଷ୍ଟ ଔଷଧ ।

ସ୍ତ୍ରୀଲୋକମାନଙ୍କର କେତେକ ସ୍ଥଳେ ବିଶେଷ ରୋଗର ଏହା ଶୀଘ୍ର ପ୍ରତୀକାରକ ଅଟଇ । ଯଥା; ସୂତିକା, ରକ୍ତସ୍ରାବ, ପ୍ରଦର, ମୂର୍ଚ୍ଛା, ଭୌତିକ ରୋଗ, ସ୍ୱପ୍ନରେ ଭୂତ ଦର୍ଶନ, ମୃତବତ୍ସା ପ୍ରଭୃତି ରୋଗରେ ସୁଫଳଦାୟକ ଅଟଇ ! ଏହା ଏରୂପ ନିର୍ଦ୍ଦୋଷ ଔଷଧ ଯେ ଦୁଗ୍ଧପୋଷ୍ୟ ଶିଶୁ ଓ ଗର୍ଭବତୀ ସ୍ତ୍ରୀମାନେ ମଧ୍ୟ ସେବନ କରି ପାରନ୍ତି । ଏଥିରେ କୌଣସି ପ୍ରକାର ମାଦକ ଓ ବିଷାକ୍ତ ବସ୍ତୁର ଲେଶମାତ୍ର ନାହିଁ । ଏହା ସେବନ କଲେ ରକ୍ତ ପରିଷ୍କାର କ୍ଷୁଧାବୃଦ୍ଧି ପୁଷ୍ଟି ଏବଂ ବଳବୃଦ୍ଧି ହୁଏ ।

ଆମ୍ଭଠାରୁ ପତ୍ର ଲେଖିବାକୁ ହେଲେ ବଙ୍ଗଳା କିମ୍ବା ଇଂରାଜୀରେ ଲେଖିବ କାରଣ ଏଠାରେ କେହି ଓଡ଼ିଆ ଭାଷା ଜାଣନ୍ତି ନାହିଁ ।

# ଓଲାଉଠାର ଅମୋଘ ଏବଂ

### ଅଗ୍ନିଗାମ୍ୟ ବଟିକା ।

ସର୍ବ ପ୍ରକାର ଔଷଧଠାରୁ ଏହି ବଟିକା ଫଳପ୍ରଦ ଅଟେ । ଶତକଡ଼ା ୯୫ଣରୁ ଅଧିକ ରୋଗୀ ଆରୋଗ୍ୟ ହୋଇଅଛନ୍ତି । ଓଲାଉଠାର ୫୦ଟି ବଟିକାର ମୂଲ୍ୟ ବର୍ତ୍ତମାନ ଟ ୪ଙ୍କା । ଏଥିରେ ୨୦ଣରୁ ଅଧିକ ରୋଗୀ ଆରୋଗ୍ୟ ହୋଇ ପାରନ୍ତି । ୨୫ ଗୋଟି ବଟିକାର ମୂଲ୍ୟ ଟ ୨ । ଏହା ସେବନ କଲେ ଶର୍ଦ୍ଦି ଗର୍ମି ରୋଗ ଅତି ଆଶ୍ଚର୍ଯ୍ୟରୂପେ ଅଳ୍ପସମୟ ମଧ୍ୟରେ ସମ୍ପୂର୍ଣ୍ଣ ଆରୋଗ୍ୟ ହୁଏ । ଏହା ସେବନ କରାଇ ଅନ୍ୟ ଔଷଧ ସେବନ ନ କରାଇଲେ ନିଶ୍ଚୟ ରୋଗୀ ଆରୋଗ୍ୟ ହେବ ।

ଶ୍ରୀ ହେମଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ
ମହଲ୍ଲା ମିଶିର ପୋଖରା, ସହର ବନାରସ

ସମ୍ପାଦକସ୍ୟ ନିବେଦନ ମିଦଂ ।

ମହାଶୟ !

୨ୟ ଅର ଅମୃତଚୂର୍ଣ୍ଣ ଅଣାଇ ଆମ୍ଭର ଜଣେ ଆତ୍ମୀୟଙ୍କୁ ସେବନ କରାଇବାରୁ ସେ ପୁରାତନ ପ୍ରମେହ ପାରଦ ଘଟିତ ବାତ ଓ ଜ୍ୱର ପ୍ରଭୃତି ଦୁଶ୍ଚିକିତ୍ସ୍ୟ ବ୍ୟାଧିସମୂହରୁ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରି ଅଛନ୍ତି । ଆମ୍ଭର ଉପଦେଶାନୁସାରେ ସେବନ ଆମ୍ଭର ଆତ୍ମୀୟ ସ୍କନ୍ଧଯୋଡ଼ା ନିବାସୀ ଶ୍ରୀଯୁକ୍ତ ଗିରୀଶଚନ୍ଦ୍ର ମଣ୍ଡଳ ଅମୃତଚୂର୍ଣ୍ଣ ଅଣାଇ ଅଳ୍ପଦିନ ସେବନ କରିବାରୁ ଜ୍ୱର କାଶ ଓ ଅର୍ଶ ରୋଗର ଅନେକ ଉପଶମ ବୋଧ କରି ଅଛନ୍ତି । ଆପଣଙ୍କର ଅମୃତଚୂର୍ଣ୍ଣର ଗୁଣ ଅସ୍ମଦ୍ଦେଶରେ ଏବେ ଦିନକେ ପ୍ରସିଦ୍ଧ ହେବାରୁ ବୋଧହୁଏ ଅନେକ ଲୋକଙ୍କ ରୋଗଯନ୍ତ୍ରଣାରୁ ମୁକ୍ତି ଲାଭ କରି ଦୀର୍ଘଜୀବନ ଲାଭ କରିବେ । ଆମ୍ଭେମାନେ ଏହାର ଉପକାରିତା ବିଷୟ ସାଧାରଣ ସମାଜରେ ପ୍ରସ୍ତୁ

Digitized by srujanika@gmail.com

Split by PDF Splitter



ଗଡ଼ କରିବାକୁ ତ୍ରୁଟୀ କରି ନାହୁଁ କି କରିବୁ ନାହିଁ ।

ଶ୍ରୀ ସ୍ୱମଦାସ ମଣ୍ଡଳ
ଷ୍ଟାନାଦ୍‌ଗୀ ଜଲ କଲ୍‌କତ୍ତା

ସୁଣାଶ୍ରିବେଷୁ ।

ମହାତ୍ମନ୍, ଭବଦୀୟ ପ୍ରେରିତ ସୁବିଖ୍ୟାତ ଅମୃତଚୂର୍ଣ୍ଣ ସେବନ କରିବାରୁ ଆମ୍ଭର ନାନାବିଧ ରୋଗର ଶାନ୍ତି ହୋଇଅଛି । ଯଥା ପାରଦ ଦୋଷ ଜାତ ଗଳିଗା, ଶିରଃପୀଡ଼ା, ପରୀସ୍ରୁ ବସ୍ତୁ ପାନ କଲା ସମୟରେ ନାସିକାବାଟେ କେତେକ ଅଂଶ ନିଃସୃତ ହେବାର, କୌଣସି ବସ୍ତୁର ଘ୍ରାଣ ଶକ୍ତି ରହିତର ଓ ଉପଦଂଶ ପ୍ରଭୃତି ନାନାବିଧ ଜଟିଲ ଓ ପୁରାତନ ବ୍ୟାଧିରୁ ସମ୍ପୂର୍ଣ୍ଣରୂପେ ଆପଣଙ୍କର ଜଗଦ୍ବିଖ୍ୟାତ ସଦ୍ୟ ରୋଗନାଶକ ଅମୃତଚୂର୍ଣ୍ଣଦ୍ୱାରା ଉତ୍ତମରୂପେ ନିଷ୍କୃତି ଲାଭ କରିଅଛୁଁ । ଆମ୍ଭେ ଆପଣଙ୍କ ସମୀପରେ ଅଙ୍ଗୀକାର ପୂର୍ବକ କହୁଅଛୁଁ ଯେ, ଆମ୍ଭେ ଯେତେଦିନ ଜୀବିତ ଥିବୁଁ ସେତେଦିନ ପର୍ଯ୍ୟନ୍ତ ଏହି ପରମ ଔଷଧର ଗୁଣ ବିଜ୍ଞାପନ ଓ ମୌଖିକ ଘୋଷଣାଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତ କରିବାକୁ କଦାପି ତ୍ରୁଟି କରିବୁ ନାହିଁ । ବିବେଚନା କରୁଁ ଏହି ମହୌଷଧୀର ଗୁଣ ସର୍ବସାଧାରଣରେ ଜାଣିଥିଲେ କେବେହେଁ ଲୋକେ ବ୍ୟାଧିଗ୍ରସ୍ତ ହୋଇ ଅକାଳରେ କାଳର କରାଳ କବଳରେ ପତିତ ହୁଅନ୍ତେ ନାହିଁ ।

ଶ୍ରୀ ଶ୍ୟାମାଚରଣ ଭଟ୍ଟାଚାର୍ଯ୍ୟ
ନର୍ଥହାମ୍ପଟନ୍ ଜେଲ ସୁପରିଣ୍ଟେଣ୍ଡେଣ୍ଟ

ମହାଶୟ !

ଆପଣଙ୍କ ଭଣ୍ଡାରରେ କ୍ଷୟ, ଯକ୍ଷ୍ମା ଓ ବହୁମୂତ୍ର ପ୍ରମେହ ରୋଗର ଗୋଟିଏ ମହୌଷଧି ଅଛି । ସେହି ଔଷଧ ସେବନ କରି ଆମ୍ଭର ଶଙ୍କାସ୍ପଦ ଭ୍ରାତାର ବହୁକାଳର ପ୍ରମେହ କ୍ଷୟ ଓ ଯକ୍ଷ୍ମା ରୋଗ ଏକାବେଳକେ ଆରୋଗ୍ୟ ହୋଇ ଅଛି । ଆପଣଙ୍କର ଏହି ଅମୃତଚୂର୍ଣ୍ଣ ମହୌଷଧୀର ଗୁଣ ଆମ୍ଭେ ଆମ୍ଭର ବନ୍ଧୁମାନଙ୍କ ନିକଟରେ ପ୍ରଚାରିତ କରିବାକୁ ତ୍ରୁଟି କରିବୁଁ ନାହିଁ । ଏବଂ ଯହିଁରେ ଦନାଜପୁର ଜିଲାର ପଲ୍ଲୀ ଗ୍ରାମରେ ପ୍ରଚାର ହେବ ସେଥିପାଇଁ ଆମ୍ଭେ ସ୍ଥାନେ ସ୍ଥାନେ ହାଟ ବଜାରରେ ଏହି ଅମୃତଚୂର୍ଣ୍ଣର ଗୁଣ କାଗଜରେ ଲେଖି ପ୍ରକାଶ କଲୁଁ ।

ଶ୍ରୀ ପ୍ରଭାସଚନ୍ଦ୍ର ମୁଖୋପାଧ୍ୟାୟ
ସବ୍‌ପୋଷ୍ଟମାଷ୍ଟର ଘୋଡ଼ାଘାଟ ଦନାଜପୁର

ମହାଶୟ !

ସମ୍ପ୍ରତି ଆମ୍ଭଙ୍କ ସହରରେ ଯେ ଓଲାଉଠା ରୋଗର ପ୍ରାଦୁର୍ଭାବ ହୋଇଥିଲା ତହିଁରେ ଆପଣଙ୍କର ଓଲାଉଠାର ବଟିକା ଏରୂପ ଫଳଦାୟକ ହୋଇଥିଲା ଯେ, ଆମ୍ଭେ ଏହାର ଗୁଣ ବର୍ଣ୍ଣନ କରିବାକୁ ଅସମର୍ଥ ଓ ... ତ ପର୍ଯ୍ୟନ୍ତ ଆଶ୍ଚର୍ଯ୍ୟାନ୍ୱିତ ହୋଇଅଛୁଁ ତାହା କହି ପାରୁ ନାହୁଁ ଶଏ ଅଠସ୍ତରିଶତଜଣ ବ୍ୟକ୍ତିଙ୍କୁ ଏହି ଔଷଧୀଦ୍ୱାରା ଚିକିତ୍ସା କରି ସମ୍ପୂର୍ଣ୍ଣରୂପେ ଆରୋଗ୍ୟ କରିଅଛୁଁ । କେବଳ ଗୋଟିଏ ରୋଗୀ ପ୍ରଥମେ ଆପଣଙ୍କର ଔଷଧୀ ସେବନ କରି ତତ୍‌ବାଦ ଅନ୍ୟ ଔଷଧୀ ସେବନ କରିବାରୁ ମୃତ୍ୟୁଗ୍ରାସରେ ପତିତ ହେଲା ବୋଧ କରୁଁ ଅନ୍ୟ ଔଷଧ ସେବନ କରି ନ ଥିଲେ ତାହାର ଜୀବନ ରକ୍ଷା ହୋଇ ଥାନ୍ତା କର୍ପାତ ଆପଣଙ୍କ ଔଷଧୀଦ୍ୱାରା ଅନେକ ପରିମାଣରେ ରୋଗ ନିବାରଣ ହୋଇଥିଲା । ଯାହା ହେଉ ଏହା ଗୋଟିଏ ମହାନ୍ ଦୁଃଖର ବିଷୟ କହିବାକୁ ହେବ । ଆମ୍ଭର ସମ୍ପୂର୍ଣ୍ଣ ବିଶ୍ୱାସ ଏଥି ସମାନ ଦ୍ୱିତୀୟ ଔଷଧୀ ଏପର୍ଯ୍ୟନ୍ତ ଆବିଷ୍କୃତ ହୋଇ ନାହିଁ ଏବଂ ମନୁଷ୍ୟମାନଙ୍କୁ ଏହି ଭୟାନକ ଦୁର୍ଦମ୍ୟରୋଗରୁ ନିଷ୍କୃତି ଦେବା ନିମନ୍ତେ ସୃଷ୍ଟିକର୍ତ୍ତା ଆପଣଙ୍କୁ ଏହି ଅମୂଲ୍ୟ ଔଷଧୀ ପ୍ରଦାନ କରି ଅଛନ୍ତି । ଆମ୍ଭେ ଅକୁତ କହିପାରୁ- ଯେ, ଓଲାଉଠାରୋଗପ୍ରପୀଡ଼ିତ ମୁମୂର୍ଷୁ ବ୍ୟକ୍ତିଙ୍କି ମଧ୍ୟ ଅର୍ଥାତ୍ ଶେଷାବସ୍ଥାର ରୋଗିଙ୍କୁ ସୁଦ୍ଧା ଆପଣଙ୍କର ଏହି ଔଷଧୀ ନିୟମିତରୂପେ ସେବନ କରାଇଲେ ମୃତ୍ୟୁର ଭୟ ନ ଥିବ । ଆମ୍ଭ ବିବେଚନାରେ ଆପଣଙ୍କର ଔଷଧୀ ସେବନ କରାଇ ଅନ୍ୟ ଔଷଧୀ ସେବନ କରାଇବା କଦାଚ ଉଚିତ ନୁହଇ । ଅତ୍ରନଗରର ମାନ୍ୟବର ଅସିଷ୍ଟାଣ୍ଟ ସର୍ଜନ ମହାଶୟ ଆପଣଙ୍କର ଔଷଧୀର କ୍ଷମତା ଦେଖି କହିଥିଲେ ଯେ, ଏରୂପ ଆଶ୍ଚର୍ଯ୍ୟ ଘଟଣା ମନୁଷ୍ୟକୃତ ଔଷଧୀଦ୍ୱାରା ବାସ୍ତବିକରେ ସମ୍ପାଦିତ ହୋଇ ପାରେ ।

ଅତୀବ ଦୁଃଖର ବିଷୟ ଯେ, ଏଠାର ମାନ୍ୟବର ଡେପୁଟୀ କମିଶନର ସାହେବ ଆପଣଙ୍କ ପ୍ରେରିତ * ବଟିକା ଔଷଧୀ ଲାହୋର ଅମୃତସହର ଓ ଜଲନ୍ଧରରେ ବିତରଣ କରିବାକୁ ନେବାକୁ ସ୍ୱୀକୃତ ହୋଇ ନାହାନ୍ତି ।

ଶ୍ରୀ ବ୍ରଜବିହାରି ମୁଖୋପାଧ୍ୟାୟ
ହେଡ୍‌କ୍ଲାର୍କ ଡେପୁଟୀ କମିଶନର୍ସ ଅଫିସ, ।
ଅମ୍ବାଲା

ପ୍ରିୟ ମହାଶୟ !

ଗତ ବର୍ଷ ଆମ୍ଭର ଉତ୍ସାହୀ ଗ୍ରାହକ ବାବୁ ଈଶାନଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ ମହାଶୟ ଆପଣଙ୍କ ନିକଟରୁ ଯେଉଁ କଲେରା ପିଲ କ୍ରୟ କରି ଥିଲେ ଆମ୍ଭେ ଅନାୟାସରେ କହୁଛୁ ତାହାର ମହତ୍ ରୋଗ ନିବାରଣୀ ଶକ୍ତିର ସାକ୍ଷ୍ୟ ଦେଉଅଛୁଁ ।

ବହୁ ସଂଖ୍ୟକ ଓଲାଉଠା ରୋଗିଙ୍କଠାରେ ଏହା ବ୍ୟବହାର କରିବାରେ ଯେଉଁ ଆଶା କରାଯାଇଥିଲା, ତାହା ସମ୍ପୂର୍ଣ୍ଣ ସଫଳ ହୋଇଅଛି ଅର୍ଥାତ୍ ଶୀଘ୍ର ରୋଗର ପ୍ରତୀକାର ହୋଇଅଛି ଯେଉଁସବୁ ଜଣ ବ୍ୟକ୍ତିଙ୍କୁ ଏହା ସେବନ କରାଇ ଦିଆଯାଇଥିଲା, ସମସ୍ତେ ଆରୋଗ୍ୟଲାଭ କରି ଅଛନ୍ତି । ପ୍ରକୃତ ଏଥିର ଅଲୌକିକ ଶକ୍ତି ଆମ୍ଭମାନଙ୍କ ମଧ୍ୟରେ ପ୍ରକାଶିତ ହୋଇଅଛି ।

ଯଦି ଓଲାଉଠା ରୋଗର କୌଣସି ଯଥାର୍ଥ ଔଷଧୀ ଆବିଷ୍କୃତ ହୋଇଥାଏ ତେବେ ଉକ୍ତ ଔଷଧୀ ଆପଣଙ୍କର କଲେରାପିଲ ବ୍ୟତୀରେକେ ଅନ୍ୟ କିଛି ନୁହେ । ଆମ୍ଭେ ସମ୍ଭ୍ରାନ୍ତ ଓ ଭଦ୍ର ମହାଶୟମାନଙ୍କୁ ଜଣାଇ କରି ଅନୁରୋଧ କରୁଅଛୁଁ ସେ ଯେମନ୍ତ ବ ସେମାନେ ଏହି ଔଷଧୀରୁ କିଛି ସଂଗ୍ରହ କରି ରଖନ୍ତୁ । କର୍ପାତ ଓଲାଉଠାର ପ୍ରାଦୁର୍ଭାବ ସମୟରେ ସେମାନେ ଏହାଦ୍ୱାରା ବିଶେଷ ଉପକାର ଲାଭ କରି ପାରିବେ । ଆମ୍ଭେ ଏହାକୁ ଆମ୍ଭମାନଙ୍କ ଘରେ ଗୋଟିଏ ବଳ ସ୍ୱରୂପ ଜ୍ଞାନ କରୁଁ ଏବଂ ଏହା ମଧ୍ୟ ଆମ୍ଭର ବିଲକ୍ଷଣ ପ୍ରତୀତ ହୋଇଅଛି ଯେ ଏହା ଯେଉଁ ମୂଲ୍ୟରେ ବିକ୍ରୀତ ହୁଏ, ସେଥିର ଅତି ଉପଯୁକ୍ତ ।

ଆପଣ ଇଚ୍ଛା କଲେ ଉପରୋକ୍ତ କେତେକ ପଂକ୍ତି ବ୍ୟବହାର କରି ପାରନ୍ତି । ଆମ୍ଭେ ଯାହା କହୁଅଛୁଁ ତାହା ସତ୍ୟ ବ୍ୟତିରେକେ ଅନ୍ୟ କିଛି ନୁହେ ଅର୍ଥାତ୍ ବଢ଼ାଇ କରି କହୁ ନାହୁଁ । ଜଗଦୀଶ୍ୱର କରନ୍ତୁ ପ୍ରଚୁର ପରିମାଣରେ ଆପଣଙ୍କର ଏହି ମହାମୂଲ୍ୟ ଔଷଧୀ ବିକ୍ରୟ ହେଉ ।

ଶ୍ରୀ ସ୍ୱମଗତ୍ୟ ମୁଖୋପାଧ୍ୟାୟ
ହେଡ଼ବଷ୍ଣୀ ବେହାର ପଣ୍ଡିତଙ୍କ ପ୍ଲାଣ୍ଟାରସ୍
ଏସୋସିଏସନ୍ ।

ନ ୫୪ ମଲ

ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ମାଧବଚନ୍ଦ୍ର ଦାସ | ଡାକ୍ତର | ଅଗ୍ରିମ ୫ ୫ ୯୮ |
| ଶ ଶ ପଣ୍ଡା ବଣ୍ଟେ ବସ୍ତୀଗଡ଼ | | ବରସ୍ମା ୫ ୭୦ |

ଶ୍ରୀ ... ଦେଶ ।

Digitized by srujanika@gmail.com

...TERED NO. 1

# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା

୧୭ ଭାଗ
୨୭ ସଂଖ୍ୟା

ତା ୮ ଦଶ ମାହେ ଜୁଲାଇ ସନ ୧୮୮୨ ମସିହା । ମୁ । ଆଷାଢ ଦି ୨୬ ଜ ସନ ୧୨୮୯ ସାଲ ଶନିବାର

| ମୂଲ୍ୟ | ଅଗ୍ରିମ | ବକେୟା |
|---|---|---|
| ବାର୍ଷିକ | ଟ ୫ ୵ | ଟ ୬ ୵ |
| ଡାକମାସୁଲ | ଟ ୦ ।୰ | ଟ ୧ ୵ |

...ଜିର ତହସିଲଦାର ବାବୁ ବଳରାମ ଘୋଷ ...ତ୍ତଳ ତୃତୀୟଶ୍ରେଣୀର ମାଜିଷ୍ଟ୍ରେଟଙ୍କ କ୍ଷମ... ପାଇ ଅଛନ୍ତି ଡେପୁଟୀ କଲେକ୍ଟରୀ କ୍ଷମତା ...ଇ ନାହାନ୍ତି । ଯେପରି ଲିଖିତ କ୍ଷମତାଟି ଅମ୍ଭେ... ...ନେ ଭ୍ରମବଶତଃ ଗତ ସପ୍ତାହରେ ଲେଖି...ଲୁଁ ।

—※—

...ତ ମଇ ମାସରେ ଅଗ୍ନିଷ୍ଟଣ୍ଟ ପ୍ରଭୃତିଙ୍କର ...ଥିଁ ଷାଣ୍ମାସିକ ପରୀକ୍ଷା ହୋଇଥିଲା ତହିଁ... ଓଡିଶାରେ କେବଳ କଟକର ଜଣେ ...ପୁଟୀ କଲେକ୍ଟର ଶ୍ରୀଯୁକ୍ତ ଯେ ଏସ୍ ...ବଡ଼ସନ୍ ସାହେବ ଉପସ୍ଥିତ ହୋଇ ଥିଲେ ... ଉଚ୍ଚଶ୍ରେଣୀର ଓଡିଆ ଏବଂ ହିନ୍ଦୋସ୍ଥାନିରେ ...ତ୍ତୀର୍ଣ୍ଣ ହୋଇ ଅଛନ୍ତି କେବଳ ,ଆଇନରେ ...କ୍ଷା ଦେବାର ବାକି ରହିଲା ।

—※—

ସରକାରୀ ସମ୍ବାଦରୁ ଜଣାଯାଏ ଯେ କଲା... ...ତ୍ରିର ଗୋଲମାଳ ବର୍ତ୍ତମାନ ଶାନ୍ତ ଅଛି । ...ମାନେ ଅସ୍ତ୍ର ତ୍ୟାଗ କରି ଏବେ ତେଣେ ...ଇ ଅଛନ୍ତି ମାତ୍ର ତାହାଙ୍କର ଗତି ଶଙ୍କାଯୁକ୍ତ ...ାଧ ହେଉଅଛି । ପ୍ରଧାନ ମେଳିଆମାନେ ଧରା ...ତା ଏବଂ ଲୋକେ ନିଶ୍ଚିନ୍ତ ହେବା ପର୍ଯ୍ୟନ୍ତ ...ଠାରେ ସେନା ଏବଂ ପୁଲିସ ରହିବେ । ...ାଲତିମାନେ ଆପଣା୨ ଗ୍ରାମକୁ ଫେରି ଆସି... ...କୁ ଭସ୍ମ କରୁଅଛନ୍ତି ଏବଂ ଅନେକ କ୍ଷେତ ...ପ୍ତ ପଡିଅଛି । ଏଥିରେ ଅନ୍ନକଷ୍ଟ ବୃଦ୍ଧି ହେବାର ସମ୍ଭାବନା । ବର୍ତ୍ତମାନ ଋତୁ ହେତୁରୁ ସୈନ୍ୟ ମଧ୍ୟରେ ପୀଡ଼ା ବୃଦ୍ଧି ହେଉଅଛି ।

———

ମହିସଭାଧିଷ୍ଠିତ ମହାମାନ୍ୟ ଗବର୍ଣ୍ଣର ଜେନେରଲ ବାହାଦୁର ଜୟ୍ପ ବକ୍ସ୍ ହୃଦର୍ଶନପତ୍ର ବିଷୟକ ସନ ୧୮୮୧ ସାଲର ୨୬ ଆଇନର ୩ ଧାରାର ବିଧାନାନୁସାରେ ତଳଲିଖିତ ବ୍ୟକ୍ତିଙ୍କୁ ଉକ୍ତ ଆଇନ ମତେ ନୋଟେରି ପବ୍ଲିକର କ୍ଷମତା କ୍ରମ କର୍ମ କରିବା କାରଣ ନିଯୁକ୍ତ କରି ଅଛନ୍ତି ଯଥା;—

କଟକ—ବାବୁ ନୀଳମାଧବ ବୋଷ ଏମ୍ ଏ ଓ ବି ଏଲ ଏବଂ ବାବୁ ହରବଲ୍ଲଭ ବୋଷ ବି, ଏ ଓ ବି, ଏଲ ।

ବାଲେଶ୍ୱର—ମୁନସି ଅବଦୁଲ ଶୋଭାନ ଖାନ ଓ ବାବୁ ରାମଚରଣ ଚକ୍ରବର୍ତ୍ତୀ ।

ପୁରୀ—ବାବୁ ଯୋଗେନ୍ଦ୍ରନାଥ ଲାହିଡ଼ୀ ।

———

ମିଶର ଦେଶର ବ୍ୟାପାର କ୍ରମଶଃ ଜଟିଳ ଭାବ ଧାରଣ କରୁଅଛି । ସୁଲତାନ ଇଉରୋପୀୟ କ୍ଷମତାମାନଙ୍କର ପରାମର୍ଶ ପ୍ରତି କର୍ଣ୍ଣ ନ ଦେଇ ଏକାକୀ ସମସ୍ତ ଗୋଲମାଲ ଭାଙ୍ଗି ଦେବାର ଚେଷ୍ଟା କରୁଅଛନ୍ତି ଏବଂ ଆରେବୀପାସାଙ୍କୁ କନଷ୍ଟାଣ୍ଟିନୋପଲକୁ ଡକାଇ ଅଛନ୍ତି । ମାତ୍ର ତହିଁରେ କିଛି ଫଳ ହେବାର ଦେଖାଯାଉ ନାହିଁ । ଇଂଲଣ୍ଡ ଫ୍ରାନ୍ସ ପ୍ରଭୃତି ରଣତରୀ ଏବଂ ସୈନ୍ୟ ସୁସଜ୍ଜିତ କରିବାରେ ବ୍ୟସ୍ତ ଅଛନ୍ତି । ଚଳିତ ମାସ ତା ୩ ରିଖର ତାରଡାକ ସମ୍ବାଦରୁ ଜଣାଯାଏ ଯେ ଇଂଲଣ୍ଡର ପଲଟନ ପ୍ରସ୍ତୁତ ରହି ଅଛନ୍ତି ଆଜ୍ଞା ମାତ୍ରକେ ମିଶରରେ ଆସି ପ୍ରବେଶ ହେବେ । ଆଲେକ୍ଜାଣ୍ଡ୍ରିୟାରୁ ଉକ୍ତ ତାରିଖରେ ସମ୍ବାଦ ଆସି ଅଛି କି ଆରେବୀ ପାସା ମନ୍ତ୍ରି ଦଳଙ୍କୁ ଡକାଇ ସଭା କରିଥିଲେ ଏବଂ ସୈନ୍ୟ ସଂଗ୍ରହ କରିବାର ପରାମର୍ଶ ହେଲା । ତଦନୁସାରେ ଉକ୍ତ ନଗରର ଛାଉଣିରେ ୧୧୦୦୦ ସେନା ଏକତ୍ରିତ ହୋଇ ଅଛନ୍ତି ଏବଂ ଯୁଦ୍ଧର ଆୟୋଜନ ସମସ୍ତ ହେଉଅଛି । ଅବଧି ସୁଏଜ କାନାଲ ପକ୍ଷରେ କୌଣସି ବ୍ୟାଘାତ ଜାତ ହୋଇ ନାହିଁ ମାତ୍ର ଯୁଦ୍ଧର ଆୟୋଜନ ଦେଖି ସେ ପକ୍ଷରେ ସମ୍ପୂର୍ଣ୍ଣ ଶଙ୍କା ରହି ଅଛି ।

———

ସିମଲାରୁ ତାରଡାକ ଯୋଗେ ସମ୍ବାଦ ଆସିଅଛି କି କଲିକତା ହାଇକୋର୍ଟର ପ୍ରଧାନ ଜଜ ସର ଗାର୍ଥ ସାହେବ ଛୁଟୀ ନେବାରୁ ତାହାଙ୍କ ଅନୁପସ୍ଥିତ କାଳରେ ମାନ୍ୟବର ରମେଶଚନ୍ଦ୍ର ମିତ୍ର ଏକଟିଂ ପ୍ରଧାନ ଜଜ ହେବେ । ହାଇକୋର୍ଟର ବିଧି ଅନୁସାରେ ମାନ୍ୟବର ମିତ୍ର ମହାଶୟ ଏ ପଦ ପାଇବାର ଯୋଗ୍ୟ ହୋଇ ଅଛନ୍ତି ମାତ୍ର ଜଣେ କଳା ମନୁଷ୍ୟ ପ୍ରଧାନ ବିଚାରାଳୟର ପ୍ରଧାନ ପଦ ଲାଭ କରି ଶ୍ୱେତକାୟ ସିବିଲସ୍ୱାନ ଜଜ ଏବଂ ମାଜିଷ୍ଟ୍ରେଟଙ୍କ ଉପରେ କର୍ତ୍ତୃତ୍ୱ କରିବ ଏହା କି ସହ୍ୟ ହେବାର କଥା?

Digitized by srujanika@gmail.com

ଏଥିପାଇଁ ସେପ୍ରକାର ଦଳର ମୁଖପତ୍ର ଇଂଲିସମାନ ଏବଂ ସେହିଦଳ ଆଉ ଦୁଇ ଏକ ଖଣ୍ଡ ଇଂରାଜୀପତ୍ର ମିତ୍ର ମହାଶୟଙ୍କ ନିଯୋଗ କରୁଥିବାରେ ଅନେକ ଯୁକ୍ତି ଦେଖାଇ ଥିଲେ ମାତ୍ର ସେ ସମସ୍ତ କିଛି କାର୍ଯ୍ୟରେ ଆସିଲା ନାହିଁ । ମହାମାନ୍ୟ ଲର୍ଡ଼ ରିପନ ସେପ୍ରକାର କୁହୁକରେ ଭୁଲିବାର ଲୋକ ନୁହନ୍ତି । ଧର୍ମନିଷ୍ଠା ଉଦାରତା ଏବଂ ସ୍ୱାଧୀନ ଓ ନିରପେକ୍ଷ ଭାବରେ ସେ ସମୁଦାୟ ଭାରତବର୍ଷରେ ମହା ପ୍ରଶଂସିତ ହନ-ଲୁ ଦଳ ଅର୍ଜ୍ଜୁ ଥିବା ସ୍ଥଳେ ସେ କ କଳା ଧଳା ବର୍ଣ୍ଣ ଦେଖି ଅନ୍ୟ ମାର୍ଗ ଅନୁସରଣ କରନ୍ତେ ? ସମସ୍ତେ ଆଶା କରିଥିଲେ ଯେ ଲର୍ଡ଼ ରିପନ କୌଣସି କଥା ନ ଶୁଣି ନ୍ୟାୟ ବିଚାର କରିବେ ଏବଂ ତାହାହିଁ ପ୍ରତ୍ୟକ୍ଷ ହେଲା । ବର୍ତ୍ତମାନ ଆମ୍ଭେମାନେ ଆନନ୍ଦିତ ହୋଇ ତାହାଙ୍କୁ ଧନ୍ୟ ଧନ୍ୟ କହୁଅଛୁ ।

---

## କଟକ ମିଉନିସିପାଲିଟିର କାର୍ଯ୍ୟ ।

କଟକ ମିଉନିସିପାଲିଟି ଆପଣାର ଗୋଟିଏ ଭ୍ରମ ଜାଣିପାରି ତହିଁର ପ୍ରତୀକାର କରିଥିବାର ଶୁଣି ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହୋଇ ଅଛୁଁ । ସମୁଦାୟ ନଗର ମଧ୍ୟରେ ଏଣିକି ଛପରଘର କେହି କରିବ ନାହିଁ ବୋଲି ଅନୁମତି ଦେଲେ ଯେଉଁ ଆଜ୍ଞା ପ୍ରଚାରିତ ହୋଇଥିଲା ଏବଂ ଯହିଁର ଅନିଷ୍ଟକାରିତା ଆମ୍ଭେମାନେ ସର୍ବସାଧାରଣଙ୍କୁ ଜଣାଇଥିଲୁଁ ମିଉନିସିପଲ କମିଶନରମାନେ ଗତ ଅଧିବେଶନରେ ତାହା ଆଂଶିକ ସଂଶୋଧନ କରି ଅଛନ୍ତି ଅର୍ଥାତ୍ ଉକ୍ତ ସଭା ଏହି ଆଦେଶ କରିଅଛନ୍ତି କି ଉକ୍ତ ନିୟମ କେବଳ ଲାଲବାଗ ଫାଟକଠାରୁ ଅଦାଲତ କଚେରି ପର୍ଯ୍ୟନ୍ତ ସଡ଼କ ଦୁଇ ପାଖରେ ଏବଂ ଚାନ୍ଦିନୀଚୌକ ବଜାରର ଏକ ଅଂଶରେ ପ୍ରଚଳିତ ହେବ । ସମୁଦାୟ ନଗରକୁ ଛାଡ଼ି ଦେଇ କେବଳ [illegible]ରେ ଉକ୍ତ ନିୟମ ଜାରି କରିବାରୁ ଜଣାଯାଏ ଯେ କମିଶନରମାନେ ଆପଣା ଭ୍ରମ ଜାଣିପାରି ସୁଦ୍ଧା କେବଳ ଜିଦ ରଖିବା କାରଣ ଏହା କରିଅଛନ୍ତି । ନଗରର ଏହି ଅଂଶ ବର୍ତ୍ତମାନ ବଡ଼ ବଡ଼ ମହାଜନ ଏବଂ ଦୋକାନଙ୍କ ହାତ ଉନ୍ନତି ଲକ୍ଷ୍ୟ ଅଛି । ଏଠାରେ କୋଠା ଘର ଯେତେ ଶୀଘ୍ର ହେଉଅଛି ଏମନ୍ତ ନଗରର ଅନ୍ୟ କୌଣସିଠାରେ ହେଉ ନାହିଁ । [illegible]ମାନେ ଧନ କରି ସୁଦ୍ଧା ଆପଣା ସମ୍ପତ୍ତି ରକ୍ଷା ଅଥବା ଅଧିକ ଲାଭ ଆଶାରେ କୋଠାଘର ନିର୍ମାଣ କରୁଅଛନ୍ତି । ଏ ଅଞ୍ଚଳର ନିବାସୀ ବା ଭୂମ୍ୟଧିକାରୀମାନେ ଆଇନ ତାହାର ଅପେକ୍ଷା ରଖି ନାହାନ୍ତି । ସୁତରାଂ ଏଠାରେ ଆଇନ ଜାରି କରିବା କେବଳ ବାହାଦୁରୀ ଦେଖାଇବା ଭିନ୍ନ ଆଉ କିଛି ନୁହଇ । ଏଥି ମଧ୍ୟରେ ଯେଉଁ ଦୁଇ ଚାରି ଜଣ ଦୁଃଖୀ ଲୋକ ଅଛନ୍ତି କେବଳ ସେମାନଙ୍କୁ ଉଠାଇ ଦେବା ଏଥିର ତାତ୍ପର୍ଯ୍ୟ ଅନୁମିତ ହୁଅଇ ଏବଂ ମିଉନିସିପଲ କମିଶନରମାନଙ୍କର ଯେବେ ଏହାହିଁ ବାଞ୍ଛା ତେବେ ଦୁଃଖୀ ଲୋକଙ୍କର ଦରିଦ୍ରତାର ଫଳ ଲାଭ କରିବାକୁ ଇଚ୍ଛା ନ କରି ସେମାନଙ୍କ ଉପଯୁକ୍ତ କ୍ଷତିପୂରଣ ଦେଇ ବିଦାୟ କରି ଦେବାର ନିୟମ କଲେ ପ୍ରଶଂସନୀୟ ହୁଅନ୍ତା । ଦୁଃଖର ବିଷୟ ଯେ କମିଶନରମାନେ ଆପଣା ପଦବୀରେ ବହାଲ ହୋଇ ଦୁଃଖିଙ୍କ ଅବସ୍ଥା ପ୍ରତି ଆଦୌ ସହାନୁଭୂତି ପ୍ରକାଶ କରି ପାରୁ ନାହାନ୍ତି କେବେ ଏମାନେ ଆପଣା କର୍ତ୍ତବ୍ୟ ଶିକ୍ଷା କରିବେ ।

ଅନୁତ ଅବଗତ ହେଲୁଁ ଯେ ଏହି ଅଧିବେଶନରେ କମିଶନରମାନେ ଏ ନଗରର ଶାଖା ଚିକିତ୍ସାଳୟକୁ ପ୍ରଥମଶ୍ରେଣୀର ହାସପାତାଲ କରିଅଛନ୍ତି ଏବଂ ନଗରର ସକଳ ବଜାର ଓ ଗଳିରେ ସାଇନ୍ ବୋର୍ଡ ଅର୍ଥାତ୍ ସଙ୍କେତ ଫଳକ ବସାଇବାର ଆଦେଶ ଦେଇ ଅଛନ୍ତି । ଉକ୍ତ ଫଳକରେ ପ୍ରତ୍ୟେକ ବଜାର ଓ ଗଳିର ନାମ ଇଂରାଜୀ ଓ ଓଡ଼ିଆ ଅକ୍ଷରରେ ଲେଖା ଯିବ ଯେ ତାହା ପଢ଼ି ଲୋକେ ଆଉ ବଣା ହେବେ ନାହିଁ ସହଜରେ ବଜାର ଓ ଗଳିର ନାମ ପଢ଼ି ନେବେ ।

ପ୍ରଥମଶ୍ରେଣୀର ହାସପାତାଲ ହେଲେ ଯେବେ ରୋଗିଙ୍କର ଅଧିକ ଉପକାର ହେବ ଏବଂ ବର୍ତ୍ତମାନାପେକ୍ଷା ଉଚ୍ଚଶ୍ରେଣୀର ଡାକ୍ତର ଏବଂ ଉତ୍ତମ ଔଷଧ ଲବ୍ଧ ହେବ ତେବେ ଅବଶ୍ୟ ଆନନ୍ଦର ବିଷୟ ଅଟଇ ନୋହିଲେ ନାମ ପରିବର୍ତ୍ତନରେ କି ଫଳ ? ସାଇନ୍ ବୋର୍ଡଦ୍ୱାରା କାହାରି କାହାରି ଉପକାର ହୋଇ ପାରେ ମାତ୍ର ସାଧାରଣଙ୍କ ପକ୍ଷରେ ତହିଁର ବିଶେଷ କାର୍ଯ୍ୟକାରିତା ଅନୁଭବ କରି ପାରୁ ନାହୁଁ ବାସ୍ତବରେ ବର୍ତ୍ତମାନ ସମୟରେ ପଣିନାଳି ଏବଂ ଖାଦ୍ୟଜଳ ଯୋଗାଇବା ଇତ୍ୟାଦି ଶତ ଶତ ସ୍ୱାସ୍ଥ୍ୟର ଅଭାବ ଥିବା ପ୍ରତ୍ୟକ୍ଷେ ମିଉନିସିପାଲିଟିର ଅର୍ଥ ଆଲୋକପ୍ରଦାନ ଏବଂ ସାଇନ ବୋର୍ଡ ଇତ୍ୟାଦି ଶୋଭା ଓ ଆଡ଼ମ୍ବର କାର୍ଯ୍ୟରେ ବ୍ୟୟ କରିବା କେବଳ ଦୁଃଖିଲୋକଙ୍କ ପେଟରେ ଗୋଡ଼ ଦେଇ ବଡ଼ଲୋକଙ୍କର ସୁଖବର୍ଦ୍ଧନ କରିବା ଭିନ୍ନ ଆଉ କିଛି ନୁହଇ । ଯେଉଁ ଅର୍ଥ ଏହି ସମସ୍ତ କାର୍ଯ୍ୟରେ ବ୍ୟୟ ହେଉଅଛି ଯେବେ ତଦ୍ୱାରା କେତେଗୁଡ଼ିଏ ସଡ଼କର କର ନାଳ କିମ୍ବା କେତେଗୁଡ଼ିଏ ପୁଷ୍କରିଣୀର ପଙ୍କୋଦ୍ଧାର ଏହି ବର୍ଷ ହୋଇ ଥାନ୍ତା ତେବେ କେତେ ମଙ୍ଗଳ ହୁଅନ୍ତା । କିନ୍ତୁ ନୂଆ କଥା ନ କଲେ ତ ନାମ ବାହାରେ ନାହିଁ । ବୋଧ ହୁଅଇ ଏହି ହେତୁ ଏ ସମସ୍ତ ଆଡ଼ମ୍ବର ହେଉଅଛି । ଶୁଣିଲୁଁ ଯେ ଅଳ୍ପଦିନ ତଳେ ଭାଇସଚେଆରମାନ ସାହେବ ଖାସମହାଲର କୌଣସି ପଡ଼ିଆ ଜମିକୁ ପରିଷ୍କାର ରଖିବା କାରଣ କଲେକ୍ଟର ସାହେବଙ୍କ ନାମରେ ହୁକୁମନାମା ଜାରି କରି ଥିଲେ । କିନ୍ତୁ ଯେବେ ଏହି ସାମାନ୍ୟ ବିଷୟରେ ଅଧିକାର ନ ଦେଖାଇ ଖାସମହାଲ ଅନ୍ତର୍ଗତ ଗଙ୍ଗାମନ୍ଦିର ବା ଅଦାଲତ ପୁଷ୍କରିଣୀକୁ ପରିଷ୍କାର ରଖିବାପାଇଁ ପରୁଆନା ଜାରି କରି ଥାନ୍ତେ ତେବେ ଆମ୍ଭେମାନେ ତାହାଙ୍କୁ ଧନ୍ୟବାଦ ଦିଅନ୍ତୁ । ବୃଥା କାର୍ଯ୍ୟରେ ଏତେ ଧୂମଧାମର ପ୍ରୟୋଜନ କି ?

—*—

## ଅମୃତ ସର ସମ୍ବନ୍ଧୀୟ ସଭାର ବିବରଣୀ ।

ଗତ ସପ୍ତାହ ଶୁକ୍ରବାର ଏଠା ଛାପାଖାନାରେ ଯେଉଁ ସଭା ହୋଇଥିଲା ଏବଂ ଯହିଁର ସମ୍ବାଦ ମାତ୍ର ଗତସପ୍ତାହରେ ଆମ୍ଭେମାନେ ଲେଖିଥିଲୁଁ ଏପରି ସଭା ପାର୍ଶ୍ଵିକ ହେଲା ଏ ନଗରରେ ଦେଖା ଯାଇ ନାହିଁ । ନଗରବାସୀ ସ୍ୱଜାତିହିତୈଷୀ ଗଣ୍ୟମାନ୍ୟ କର୍ମଚାରୀ ଓ ଜମିଦାର ମହାଜନ ଦୋକାନଦାର ପ୍ରଭୃତି ଏତେ ଲୋକ ଏକତ୍ରିତ ହୋଇଥିଲେ ଯେ ହୋମହଲ ଘର ଭିତର ଛଡ଼ା ଦୁଇପାଖ ବାରଣ୍ଡାରେ ମଧ୍ୟ ସ୍ଥାନ ହେଲା ନାହିଁ । ଅନେକ ଲୋକ ସ୍ଥାନ ନ ପାଇ ଫେରି ଗଲେ ଏବଂ ଅନେକ ଲୋକ ତଳେ ଛିଡ଼ା ହୋଇ ରହିଲେ । ସଭାଗୃହ ଏବଂ ବାରଣ୍ଡାରେ ପ୍ରାୟ ତ ୪୦୦ ଶ ସଭ୍ୟ ଉପସ୍ଥିତ ଥିଲେ । [illegible]ଯୁକ୍ତ ବାବୁ ହରିବଲ୍ଲଭ ପଣ୍ଡିତ ସଭାପତି ପଦରେ ବରଣ ହୁଅନ୍ତେ ଦୁଇ ମୃତକଥାରେ ସ୍ୱଜନପ୍ରେମ ଉକ୍ତ ସ୍ଥାନ ସଭାଙ୍କ ସମ୍ମତିରେ କୃତଜ୍ଞତା ସ୍ୱୀକାର କଲେ ଏବଂ ଯୋଗ୍ୟତା ସହିତ ସଭାର କାର୍ଯ୍ୟ ନିର୍ବାହ କଲେ । ବାବୁ ହରିବଲ୍ଲଭ ବୋଷ ସଭାର ପ୍ରଥମ

Split by PDF Splitter

Digitized by srujanika@gmail.com

Split by PDF Splitter



143

ନିର୍ଦ୍ଧାରଣ ଏହିପରି ପ୍ରସ୍ତାବ କଲେ କି ଅସ୍ମଶାସନରୂପ କ୍ଷମତା ପ୍ରଦାନ କରିବାରୁ ଅସ୍ମଦ୍ଦେଶୀୟମାନେ ଯଥେଷ୍ଟ ଆନନ୍ଦ ଏବଂ କୃତଜ୍ଞତା ସହିତ ମହାମାନ୍ୟ ଲର୍ଡ ରିପନଙ୍କୁ ଧନ୍ୟବାଦ ଦେଉଅଛନ୍ତି । ଶ୍ରୀଯୁକ୍ତ ରାଜା ବୈକୁଣ୍ଠ ଭୋମପତି ଏ ପ୍ରସ୍ତାବକୁ ଅନୁମୋଦନ ଏବଂ ବାବୁ ମଧୁସୂଦନ ରାଓ ସମର୍ଥନ କଲେ । ଇହଁଙ୍କ ପରୁ ବାବୁ ମଧୁସୂଦନ ଦାସ ଦ୍ୱିତୀୟ ନିର୍ଦ୍ଧାରଣ ଏହିପରି ପ୍ରସ୍ତାବ କଲେ କି ଏ ନଗର ଓଡ଼ିଶାର ରାଜଧାନୀ ଏବଂ ବାଣିଜ୍ୟର ପ୍ରଧାନ କେନ୍ଦ୍ର ହୋଇ ଥିବାରୁ ଏବଂ ନାନା ବିଷୟରେ ଏହା ବଙ୍ଗଳାର ଅନେକ ନଗରଠାରୁ ଉନ୍ନତ ହୋଇଥିବାରୁ ଏଠାରେ ନିର୍ବାଚନ ପ୍ରଣାଳୀଦ୍ୱାରା ସଭା ସଙ୍ଗଠନର ବ୍ୟବସ୍ଥା ପ୍ରଚଳିତ ହେଉ ଏବଂ କମିଶ୍ନର ଏବଂ ସ୍ୱାସ୍ଥ୍ୟ ବୋର୍ଡର ସଭାପତି ଗବର୍ଣ୍ଣମେଣ୍ଟଙ୍କଦ୍ୱାରା ନିଯୁକ୍ତ ନ ହୋଇ ସଭାର ମନୋନୀତ ଅନୁସାରେ ନିଯୁକ୍ତ ହେଉନ୍ତୁ । ହାଜି ଅବଦୁଲରହ୍ମାନ ମୁନ୍ସୀ ଏ ପ୍ରସ୍ତାବକୁ ଅନୁମୋଦନ ଏବଂ ଭଗୀନବହାଶ ମିତ୍ର ସମର୍ଥନ କଲେ ।

ପରିଶେଷରେ ବାବୁ ଯୋଗେଶ୍ୱରଚନ୍ଦ୍ର ତୃତୀୟ ନିର୍ଦ୍ଧାରଣ ଏହିରୂପେ ପ୍ରସ୍ତାବ କଲେ କି ଉପର ଲିଖିତ ନିର୍ଦ୍ଧାରଣମାନ ମହାମାନ୍ୟ ଲର୍ଡ ରିପନ ଏବଂ ମାନ୍ୟବର ବଙ୍ଗ ପ୍ରଦେଶର ଲେଫ୍ଟନାଣ୍ଟ ଗବର୍ଣ୍ଣରଙ୍କ ଗୋଚରାର୍ଥେ ଏ ସଭାର ବିବରଣର ଏକପ୍ରସ୍ତ ପ୍ରତିଲିପି ସେମାନଙ୍କ ସନ୍ନିଧିକୁ ପ୍ରେରିତ ହେଉ । ବାବୁ ପ୍ରିୟନାଥ ଚଟ୍ଟୋପାଧ୍ୟାୟ ଏ ପ୍ରସ୍ତାବକୁ ଅନୁମୋଦନ ଏବଂ ବାବୁ ହରିଚରଣ ବାନାର୍ଜୀ ସମର୍ଥନ କଲେ । ବାବୁ ହରବଲ୍ଲଭ ଘୋଷ ବାବୁ ମଧୁସୂଦନ ଦାସ ବାବୁ ଯୋଗେଶ୍ୱରଚନ୍ଦ୍ର ଏବଂ ବାବୁ ପ୍ରିୟନାଥ ଚଟ୍ଟୋପାଧ୍ୟାୟ ଇଂରେଜୀରେ ଏବଂ ବାବୁ ମଧୁସୂଦନ ରାଓ ବାବୁ ଭଗୀନବହାଶ ମିତ୍ର ଏବଂ ବାବୁ ହରିଚରଣ ବାନାର୍ଜୀ ଦେଶୀୟ ଭାଷାରେ ବକ୍ତୃତା କରିଥିଲେ । ସ୍ଥାନାଭାବରୁ କେବଳ ନିମ୍ନୋକ୍ତ ବକ୍ତୃତାର ସାରାଂଶ ପାଠକମାନଙ୍କ ଜାଣିବା ନିମିତ୍ତ ଏଠାରେ ପ୍ରକାଶ କଲୁଁ ଯଥା;—

ବାବୁ ହରବଲ୍ଲଭ ଘୋଷ କହିଲେ କି ଆତ୍ମଶାସନରୂପ ଯେଉଁ ମହାରତ୍ନ ଲର୍ଡ ରିପନ ଦାନ କରିବାକୁ ପ୍ରସ୍ତୁତ ହୋଇଅଛନ୍ତି ତହିଁରେ ସେ ସମସ୍ତ ଭାରତବାସିଙ୍କର କୃତଜ୍ଞତାର ପାତ୍ର ହୋଇଅଛନ୍ତି ଓଡ଼ିଶାବାସିମାନେ ସେହି କୃତଜ୍ଞତା ବ୍ୟକ୍ତ କରିବାକୁ ଏଠାରେ ସମବେତ ହୋଇଅଛନ୍ତି । ଏପରି ଦାନ ଏକା ଇଂରାଜଙ୍କ ପରି ସ୍ୱାଧୀନପ୍ରିୟ ଜାତିଙ୍କର ଗୌରବ ବୃଦ୍ଧି କରୁଅଛି ଏବଂ ଲର୍ଡ ରିପନଙ୍କର ମହତ୍ ଅନ୍ତଃକରଣ ଏବଂ ଦୟାଶୀଳ ଶାସନ ଏଥିରେ ପ୍ରତିବିମ୍ବିତ ହେଉଅଛି । ଏହାଦ୍ୱାରା ଭାରତବର୍ଷରେ ନୂତନ ଯୁଗ ଆରମ୍ଭ ହେବ ଏବଂ ଏହି ଦାନଟି ଭାରତବାସିଙ୍କ ସ୍ୱାଧୀନତାର ସନନ୍ଦସ୍ୱରୂପ ହୋଇଅଛି । କେହି କେହି ସଙ୍କୀର୍ଣ୍ଣ ହୃଦୟ ଇଂରାଜ ଏ ଦାନର ବିରୁଦ୍ଧରେ କେତେ କଥା କହୁଅଛନ୍ତି ସତ୍ୟ ମାତ୍ର ଏହା ଉନ୍ନତ ଏବଂ ସ୍ୱାଧୀନ ଇଂରାଜମାନଙ୍କର ଜାତୀୟ ଭାବ ନୁହଇ । ବିଲାତର ସମ୍ବାଦପତ୍ର...ନ ଏପ୍ରକାର ଦାନ ସକାଶେ ଲର୍ଡ ରିପନଙ୍କର ପ୍ରଶଂସା କରୁଅଛନ୍ତି ଏବଂ ଏହା ଇଂରାଜ ଜାତିର ଯୋଗ୍ୟ ବୋଲି ମୁକ୍ତକଣ୍ଠରେ ସ୍ୱୀକାର କରୁଅଛନ୍ତି । ମହାମତି ଲର୍ଡ ରିପନ ଯେମନ୍ତ ଉଦାର ଓ ଉନ୍ନତ ନୀତିର ଅନୁସରଣ କରି ଆତ୍ମଶାସନ ଆମ୍ଭମାନଙ୍କୁ ଦେଉଅଛନ୍ତି ତେମନ୍ତ ଆମ୍ଭମାନଙ୍କର ଉଚିତ ଯେ ଏ ଗୁରୁଭାର ବହିବାର ଯୋଗ୍ୟତା କାର୍ଯ୍ୟଦ୍ୱାରା ପ୍ରତିପନ୍ନ କରିବୁଁ । ଅବଶ୍ୟ ଦେଶୀୟମାନଙ୍କୁ ଯେତେ ସାଧାରଣ କାର୍ଯ୍ୟଭାର ଦିଆଯାଇଅଛି ସେ ସମସ୍ତ ସେମାନେ ଯୋଗ୍ୟତା ସହିତ ନିର୍ବାହ କରିଅଛନ୍ତି । ଆତ୍ମଶାସନରେ ମଧ୍ୟ ସେହି ଯୋଗ୍ୟତା ଦେଖାଇବେ ସନ୍ଦେହ ନାହିଁ ଏବଂ ତେତେବେଳେ ଏହାର ଶତ୍ରୁମାନେ ଲଜ୍ଜିତ ହେବେ ସନ୍ଦେହ ନାହିଁ । ବାବୁ ମଧୁସୂଦନ ରାଓ ଭାରତବର୍ଷର ପୂର୍ବ ଅବସ୍ଥା ମୁସଲମାନଙ୍କର ଅତ୍ୟାଚାର ଏବଂ ଇଂରାଜଙ୍କ ଏ ଦେଶ ଅଧିକାର କରିବାର ଐତିହାସିକ ବିଷୟମାନ ସ୍ମରଣ କରାଇ କହିଲେ କି ଭାରତବାସୀମାନଙ୍କୁ ଉଦାର ଇଂରାଜ ଯେ ସ୍ୱାଧୀନତା ଦାନ କରିବେ ଏଥିରେ ବିଚିତ୍ର କିଛି ନାହିଁ ତାହା ସେମାନଙ୍କର ସ୍ୱାଭାବିକ କାର୍ଯ୍ୟ ଅଟଇ । ବ୍ରିଟିଶସିଂହ ପ୍ରବଳ ପରାକ୍ରମୀ ହେଲେହେଁ ସୈନ୍ୟ ଓ ତୋପଦ୍ୱାରା ଶାସନ କରିବାକୁ ସୁଖ ମଣନ୍ତି ନାହିଁ । ନ୍ୟାୟ ଓ ଧର୍ମ ବଳରେ ପ୍ରଜାଙ୍କ ମନ ଆକର୍ଷଣ କରିବା ଏମାନଙ୍କର ପ୍ରକୃତ ଶାସନପ୍ରଣାଳୀ ଅଟଇ । ଏତେକାଳ ପ୍ରଜାଙ୍କୁ ଜ୍ଞାନ ଓ ସଭ୍ୟତା ଶିଖାଇ ସେମାନଙ୍କ ଯୋଗ୍ୟତା ଅନୁସାରେ ଆତ୍ମଶାସନର ଭାର ଦେଉଅଛନ୍ତି ଏଣିକି ଅଧିକ ସ୍ୱାଧୀନତା ଦାନ କରିବେ । ବାବୁ ମଧୁସୂଦନ ଦାସ କହିଲେ କି ଓଡ଼ିଶାର ପୂର୍ବାବସ୍ଥା ଯାହା ଆଜି ଗତ ୧୫।୨୦ ବର୍ଷ ହେଲା ଏଠାରେ ଶିକ୍ଷାର ଉନ୍ନତି ହେଉଅଛି ପ୍ରତିବର୍ଷ ଅନେକ ଛାତ୍ର ବିଶ୍ୱବିଦ୍ୟାଳୟର ଉପାଧିମାନ ପ୍ରାପ୍ତ ହୋଇ ଯୋଗ୍ୟତାର ପରିଚୟ ଦେଉଅଛନ୍ତି । ବାଣିଜ୍ୟ ବ୍ୟବସାୟର ବୃଦ୍ଧି ସଙ୍ଗେ ସଙ୍ଗେ ସାଧାରଣ ଲୋକଙ୍କର ଜ୍ଞାନ ଓ ସଭ୍ୟତା ବୃଦ୍ଧି ହେଉଅଛି ଅଳ୍ପବୟସ୍କ ବିଦ୍ୟାଳୟର ଛାତ୍ର ଏବଂ ସାମାନ୍ୟ ଦୋକାନଦାର ସୁଦ୍ଧା ହାକିମମାନଙ୍କ କାର୍ଯ୍ୟର ନ୍ୟାୟ ଅନ୍ୟାୟ ଅନୁଭବ କରିବାକୁ ସମର୍ଥ ହେଉଅଛନ୍ତି । ଏପରି ଅବସ୍ଥାରେ ଯେଉଁମାନେ ବୋଲନ୍ତି କି ଏଠାରେ ଆତ୍ମଶାସନପ୍ରଣାଳୀ ଚଳାଇବାର ସମୟ ହୋଇ ନାହିଁ ସେମାନେ ମହତ ଭ୍ରମରେ ପଡ଼ିଅଛନ୍ତି । ଅବଶ୍ୟ ଏପ୍ରକାର ଗୁରୁତର ବିଷୟରେ ଲୋକମାନେ ଏକାବେଳକେ ସମ୍ପୂର୍ଣ୍ଣ ଯୋଗ୍ୟତା ଦେଖାଇବେ ଏପରି ଆଶା କରିବା ଅଯୌକ୍ତିକ ଅଟଇ । ହାକିମମାନେ ସର୍ବକାଳ ଏହିପ୍ରକାର କାର୍ଯ୍ୟ କରି ଏବଂ ବିଶେଷ ବହୁଦର୍ଶିତା ଲାଭ କରି ସୁଦ୍ଧା ଯେତେବେଳେ ସମୟେ ସମୟେ ଭ୍ରମରେ ପଡ଼ୁଅଛନ୍ତି ସେ ସ୍ଥଳେ ଅନଭ୍ୟସ୍ତ ଲୋକଙ୍କ କଥା କେତେ ମାତ୍ର । କିନ୍ତୁ ପ୍ରଥମେ ଭ୍ରମ ହେବ ବୋଲି ଯେ ଲୋକଙ୍କୁ ଏ ଭାର ଦିଆ ଯିବ ନାହିଁ ଏହା ଯୁକ୍ତିଯୁକ୍ତ ନୁହଇ । ଯେବେ ଭାର ଦିଆ ନ ଯାଏ ତେବେ ସେମାନେ କଦାଚ ଶିକ୍ଷିତ ହେବେ ନାହିଁ । ଯେ ବ୍ୟକ୍ତି ସାହସ ଓ ଧୈର୍ଯ୍ୟତା ସହିତ କାର୍ଯ୍ୟ କରେ ସେ କେବେ କେବେ ଭ୍ରମରେ ପଡ଼ୁ ପଛକେ କାର୍ଯ୍ୟ ନ କରିବା ବ୍ୟକ୍ତିଠାରୁ ତାହାକୁ ଭଲ ବୋଲିବାକୁ ହେବ । ଘୋର ତୋଫାନରେ ଜାହାଜ ଟଳମଳ ହୋଇ ପ୍ରତିମୁହୂର୍ତ୍ତରେ ନିକଟସ୍ଥ ପାଷାଣ ପଥରରାଶି ଉପରେ ଭଗ୍ନ ପଡ଼ିବାର ଆଶଙ୍କା ସ୍ଥଳେ ଯେଉଁ ନାବିକ ସାହସକୁ ଅବଲମ୍ବନ କରି ମଙ୍ଗଧରିକୁ ମାଡ଼ି ବସିଥିବ ସେ କେତେବେଳେ ଜାହାଜକୁ ସମ୍ଭାଳି ନ ପାରିଲେ ସୁଦ୍ଧା ତାହାକୁ ପ୍ରକୃତ ନାବିକ ବୋଲି ଯିବ । ମାତ୍ର ଯେଉଁ ବ୍ୟକ୍ତି ସେ ସମୟରେ ହତାଶ ହୋଇ ମଙ୍ଗଧରି ପାଖକୁ ଯିବ ନାହିଁ ତାହାକୁ କେହି କିଛି କହିବେ ନାହିଁ । ଅତଏବ ଏଠା ଲୋକଙ୍କୁ ଭାର ଦିଆଗଲେ ସେମାନେ ତାହା ନିର୍ବାହ କରିବାକୁ ଚେଷ୍ଟା କରିବେ ଏବଂ ତହିଁରେ ସଫଳ ହେବେ ଏଥିରେ ସନ୍ଦେହ ନାହିଁ । ବର୍ତ୍ତମାନ ମିଉନିସିପଲ ଇତ୍ୟାଦି କମିଟୀଦ୍ୱାରା କୌଣସି ଉପକାର ନ ହେବାର ଏକମାତ୍ର କାରଣ ଏହି କି ଉପଯୁକ୍ତ ବ୍ୟକ୍ତିଙ୍କୁ ସେ ଭାର ଦିଆ ଯାଉ ନାହିଁ । ହାକିମମାନେ କେବଳ

Digitized by srujanika@gmail.com

ମର୍ଯ୍ୟାଦାବନ୍ତ ଏବଂ ଧନଲୋକଙ୍କୁ ସାଧାରଣଙ୍କ ପ୍ରତିନିଧିସ୍ୱରୂପ ସହର କମେଟିର ନିଯୁକ୍ତ କରନ୍ତୁ କିନ୍ତୁ ସେମାନେ ବୁଝନ୍ତି ନାହିଁ ଯେ ଯାହାର ଧନ ଓ ମର୍ଯ୍ୟାଦା ଯେତେ ଅଧିକ ସେ ସାଧାରଣଙ୍କଠାରୁ ତେତେ ଅନ୍ତରରେ ଅବସ୍ଥିତ କରନ୍ତି । ସୁତରାଂ ଉପଯୁକ୍ତ ସହାନୁଭୂତି ଅଭାବରୁ ତାହାଙ୍କଦ୍ୱାରା କୌଣସି କାର୍ଯ୍ୟ ହୁଅଇ ନାହିଁ ପ୍ରଜାମାନେ ସଭ୍ୟ ମନୋନୀତ କଲେ ସେପରି ସମ୍ଭବ ନାହିଁ । ତହିଁରେ ଅବଶ୍ୟ ଭଲ ଫଳ ଫଳିବ । ବାବୁ ପ୍ରିୟନାଥ ଗଙ୍ଗୋପାଧ୍ୟାୟ କହିଲେ କି ଅଗେ ପହଁରିବା ଶିଖାଇବା ପରେ ପାଣିକୁ ଓହ୍ଲାଇବା ଯୁକ୍ତି ଯେମନ୍ତ ହାସ୍ୟାସ୍ପଦ ଲୋକେ ଉପଯୁକ୍ତ ହେଲେ ତାହାଙ୍କୁ ଆତ୍ମଶାସନର ଭାର ଦେବା କଥା ତଦ୍ରୂପ ଅଟଇ । ପାଣିରେ ନ ପଶିଲେ ପହଁରିବାକୁ ଆସିବ ନାହିଁ ଏଥିରେ କେବେ୨ ବିପଦରେ ପଡ଼ିବାକୁ ହେବ ସତ୍ୟ ମାତ୍ର ତାହା ନ ହେଲେ ଶିଖାର ଅନ୍ୟ ଉପାୟ ନାହିଁ । ଆତ୍ମଶାସନର ଯୋଗ୍ୟତା ଏପରି ନୁହଇ ଯେ ଯାହା କାହାଠାରେ ଥିବା ଅସମ୍ଭବ ; ଏମନ୍ତ ଦେଖା ଯାଉଅଛି ଯେ ଏକାଧିକ ବ୍ୟକ୍ତି ଅଳ୍ପବୟସରେ ପିତୃହୀନ ହୋଇ ବହୁ ପରିବାର ଏବଂ ବହୁ ସମ୍ପତ୍ତି ରକ୍ଷଣାବେକ୍ଷଣର ଉତ୍ତମ ବ୍ୟବସ୍ଥା କରିବାକୁ ସକ୍ଷମ ହୋଇଅଛନ୍ତି ଏବଂ ଆତ୍ମଶାସନ କେବଳ ଏଥିର ବିସ୍ତୃତ ଭାବ ଭିନ୍ନ ଆଉ କିଛି ନୁହଇ । ଏଠା ଲୋକେ ସେ ଭାର ବହନ କରିବାକୁ ସମର୍ଥ ତହିଁରେ ସନ୍ଦେହ ନାହିଁ । ବର୍ତ୍ତମାନ କମିଟିର ମେମ୍ବରମାନେ କେବଳ ହାକିମଙ୍କର ଯାଉଅ ଅଟନ୍ତି ଏମନ୍ତକର ଅସ୍ୱପଦ ଶୀଘ୍ର ଉଠିଯିବା ନିତାନ୍ତ ଆବଶ୍ୟକ । ଇତ୍ୟାଦ—

ସମସ୍ତଙ୍କର ବକ୍ତୃତା ଉତ୍ତମ ଓ ଯଥାଯୋଗ୍ୟ ହୋଇଥିଲା ଓ ପୁନଃପୁନ କରତାଳିଦ୍ୱାରା ସଭ୍ୟମାନେ ତହିଁରେ ଆନନ୍ଦ ଓ ସମ୍ମତି ପ୍ରକାଶ କରିଥିଲେ । ସମସ୍ତ ଉତ୍ତମ ବକ୍ତୃତାମଧ୍ୟରେ ବାବୁ ମଧୁସୂଦନ ଦାସ ଏବଂ ବାବୁ ପ୍ରିୟନାଥ ଗଙ୍ଗୋପାଧ୍ୟାୟଙ୍କ ଇଂରାଜୀ ବକ୍ତୃତା ଅତ୍ୟନ୍ତ କର୍ଣ୍ଣପ୍ରିୟ ବୋଧ ହୋଇଥିଲା । ପ୍ରାୟ ଦୁଇଘଣ୍ଟା କାଳରେ ସଭାର କାର୍ଯ୍ୟ ଶେଷ ହେଲା ଏବଂ ସଭାପତିଙ୍କୁ ଧନ୍ୟବାଦ ଦିଆ ଯାଇ ସଭା ଭଙ୍ଗ ହେବା କାଳରେ ଗୋଟିଏ ବଡ଼ କୌତୁକଜନକ ଘଟନା ହୋଇଥିଲା ଯେ ତାହା ନ ଲେଖି ଏ ପ୍ରସ୍ତାବ ଶେଷ କରି ନ ପାରୁଁ । ଘଟନାଟି ଏହି ଯେ ଶେଷ ବକ୍ତା ବାବୁ ହରିଚରଣ ବାନାର୍ଜି ଆପଣା ବକ୍ତବ୍ୟ ବିଷୟ ମଧ୍ୟରେ ବର୍ତ୍ତମାନ ମିଉନିସିପାଲିଟୀର କାର୍ଯ୍ୟର ଉଦାହରଣ ସ୍ୱରୂପ ନୂତନ ମିଉନିସିପଲ୍ କଟିଙ୍ଗରେ ଅନର୍ଥକ ଟଙ୍କା ବ୍ୟୟ ହେବାର କହିବାରୁ ଷ୍ଟାଉନ ଓଭରସିଅର୍ ବାବୁ କ୍ଷେତ୍ରମୋହନ ରାୟ ତହିଁର ପ୍ରତିବାଦ କରିବା ସକାଶେ ଦଣ୍ଡାୟମାନ ହୋଇ ଦୁଇ ଏକ କଥା କହିବା ମାତ୍ରକେ ଦର୍ଶକମାନେ ଯାଃ ଯାଃ କରତାଳି ପ୍ରଦାନ ପୂର୍ବକ ତାହାଙ୍କ ମୁହଁ ବନ୍ଦ କରି ଦେଲେ ଏବଂ ସେ ଆଉ କିଛି କହିବାକୁ ଅବସର ନ ପାଇ ଭଗ୍ନ ହୋଇ ଆପଣା ସ୍ଥାନକୁ ଫେରି ଆସିଲେ । ସେ ମନେ [illegible]ଥିଲେ ଯେ ବର୍ତ୍ତମାନ ମିଉନିସିପାଲିଟୀର କାର୍ଯ୍ୟ ଉତ୍ତମ ଏବଂ ଟାକ୍ସଦାତାଙ୍କ ସନ୍ତୋଷ ମତେ ଚଳୁଅଛି ବୋଲି ଉପସ୍ଥିତ ସଭ୍ୟଙ୍କୁ ବୁଝାଇ ଦେଇ ପାରନ୍ତେ ମାତ୍ର ଏଠା ଲୋକଙ୍କର ମତ ଯେ ତହିଁର ସମ୍ପୂର୍ଣ୍ଣ ବିପରୀତ ତାହା ସେ ଅନେକ ବକ୍ତାଙ୍କ ମୁଖରୁ ଶୁଣି ଏବଂ ଅପର ସଭ୍ୟମାନଙ୍କ ଭାବରୁ ଜାଣି ପାରି ସୁଦ୍ଧା ତାହାଙ୍କର ଜ୍ଞାନ ଉଦୟ ହେଲା ନାହିଁ ବଡ଼ ଆଶ୍ଚର୍ଯ୍ୟର ବିଷୟ । ବାସ୍ତବରେ କେହି୨ ବକ୍ତା ଏଠା ମିଉନିସିପାଲିଟୀର କାର୍ଯ୍ୟ ଏବଂ ଅନେକ କମିଶ୍ନରଙ୍କର ଅମନୋଯୋଗିତା ଏବଂ କାର୍ଯ୍ୟ ଶିଥିଳତାକୁ ଯଥେଷ୍ଟରୂପେ ନିନ୍ଦା କରିଥିଲେ ଏବଂ ଆମ୍ଭେମାନେ କେତେକ ସପ୍ତାହ ହେଲା ପୁନଃପୁନ ଏ ବିଷୟରେ ଯାହା ଲେଖିଥିଉଁ ତହିଁର ସାର୍ଥକତା ପ୍ରତିପାଦନ କରିଥିଲେ । ଟାକ୍ସଦାତାଙ୍କ ହିତକାମନାରେ ନଗରର ଅବସ୍ଥା ପ୍ରତି ଦୃଷ୍ଟି କରି ଯେବେ କମିଶ୍ନରମାନେ ଉଚିତ ସଚେତନା ପୂର୍ବକ କାର୍ଯ୍ୟ କରୁ ଥାନ୍ତେ ତେବେ ପ୍ରକାଶ୍ୟ ସଭାରେ ତାହାଙ୍କ ବକ୍ତୃତାରେ ଏପ୍ରକାର ମତ ପ୍ରଦାନ କେହି ବ୍ୟକ୍ତି କରନ୍ତେ ନାହିଁ କିମ୍ବା ସଭ୍ୟମଣ୍ଡଳୀ ତାହା ଅନୁମୋଦନ କରନ୍ତେ ନାହିଁ ଏହିପରି କାର୍ଯ୍ୟ ଦୃଷ୍ଟିରେ ଆତ୍ମଶାସନ ପ୍ରଣାଳୀର ଅଧିକ ଗୌରବ ବଢ଼ିଅଛି ଏବଂ ତାହା ଶୀଘ୍ର ଲାଭ କରିବା କାରଣ ପ୍ରଜାସାଧାରଣର ମନ ଏତେ ବ୍ୟଗ୍ର ହୋଇଅଛି । ଆମ୍ଭେମାନେ ଆଶା କରୁଁ କମିଶ୍ନରମାନେ ଏଥିରୁ ଉପଯୁକ୍ତ ଶିକ୍ଷା ଲାଭ କରିବେ ।

## ସାପ୍ତାହିକ ସଂବାଦ ।

[illegible] ପ୍ରେସିଡେନ୍ସିରେ [illegible] ସ୍ଥାନରେ ଦୁର୍ଭିକ୍ଷ [illegible] ହେବାର ଜଣେ [illegible] ଲେଖିଅଛନ୍ତି । ପ୍ରଥମ [illegible] ଠାରେ ହେବ । [illegible] ଗୋଟିଏ ଉପଯୁକ୍ତ କମିଟୀ ସ୍ଥାପିତ ହୋଇଅଛି ଅନେକ ଦେଶ [illegible] ବୃଦ୍ଧିରେ [illegible] ସାମ୍ନାରେ ଦେଖାଇବା ଓ ତହିଁର [illegible] କରିବା କାରଣ [illegible] ପ୍ରାର୍ଥନା କରାଯାଇଅଛି [illegible] ସ୍ଥାନରେ ମେଳା ହେବାର [illegible] କରିବା କାରଣ [illegible] । ଏଠାରେ କି କେବେ ମେଳା ହୋଇ ନ ପାରେ ?

[illegible]

[illegible]

[illegible]

[illegible] ହୋଇଅଛି । [illegible] ଠାରେ [illegible] ତା ୧୦ ଦିନରେ [illegible] ବୃଷ୍ଟି ହେଉଥିଲା ତା ୧୬ ଦିନ ପର୍ଯ୍ୟନ୍ତ ଭଲ ବୃଷ୍ଟି ହୋଇଥିଲା ଏବଂ [illegible] ମଧ୍ୟପ୍ରଦେଶରେ [illegible] ଓ ବୃଷ୍ଟି ହୋଇଅଛି ।

[illegible] ସନ ୧୮୮୦ [illegible] ତା ୧୮ ଣ [illegible] ଯାହାହେଉ [illegible] ।

[illegible] ଏହି ଉତ୍କଳଦୀପିକା [illegible] ପ୍ରକାଶିତ ହେଲା ।

# ଅତିରିକ୍ତ

ଉତ୍କଳଦୀପିକା ଭା° ୮ ରଖ ମାହେ ଜୁଲାଇ ସନ୍ ୧୮୮୨ ମସିହା ।

ବୁଦ୍ଧ ପେଟ୍ରୁ ଅଛନ୍ତି ଅବଗତ ହେଲୁଁ ଯେ କୁଇନ ନାମକ ଜଣେ ଡାକ୍ତର ସାହେବ ଔଷଧଠାରେ ଏକ ସ୍ୱତନ୍ତ୍ର ଔଷଧ ଆବିଷ୍କୃତ କରି ଅଛନ୍ତି । କପୁର ୬ ଗ୍ରେନ ଓ ଲଙ୍କାମରିଚ ଏକ ଗ୍ରେନ ମଧ୍ୟରେ ମିଶାଇ ବଟିକା ପ୍ରସ୍ତୁତ କରି ଓଲାଉଠା ହୋଇଥିବା ସ୍ଥାନରେ ସକାଳ ଓ ସନ୍ଧ୍ୟାରେ ଗୋଟିଏ ଲେଖାଏ ସେବନ କଲେ ଆଉ ସେ ରୋଗ ଧରେ ନାହିଁ ଏବଂ ରୋଗୀର ପ୍ରଥମ ଅବସ୍ଥାରେ ଦେଲେ ଆରୋଗ୍ୟ ହେବ ଏହା ଡାକ୍ତର କହନ୍ତି ।

ମଜଫରପୁରଠାରେ ଜଣେ ଭଦ୍ର ଗୃହସ୍ଥଙ୍କ ଘର କୋଣରେ ଏକ ଗର୍ତ୍ତ ଥିଲା ଯେ ତହିଁ ମଧ୍ୟରେ ଗୋଟିଏ ନାଗ ସର୍ପ ବାସ କରୁଥିବାର ଲୋକେ ଦେଖିଲେ । ଏଣୁ ସମସ୍ତେ ସେହି ଘରକୁ ବିଶେଷ ସାବଧାନ ହୋଇ ଯିବା ଆସିବା କଲେ । ମୋତି ନାମକ ସେହି ପରିବାରରେ ଏକ ପୁଅ ଥିଲା ବ ସେ ଯେତେବେଳେ ଏହି ଗର୍ତ୍ତ ନିକଟକୁ ଆସେ ସର୍ପ ତାହାର କାନ୍ଧୋପରିରେ ଦୁଏ ଯେତେବେଳେ ସର୍ପ ତାହାକୁ ଦଂଶନ କରିବ ଏବଂ ମୋତି ସେଠାରୁ ତାଙ୍କ ଗର୍ତ୍ତ ତାହାକୁ ଧରା ଦେବ ଏବଂ ମୋତି ସେଠାରୁ ଦୌଡ଼ ଜବର ଚଳିବା ତମ୍ଭା ଲୋକେ ଭାଙ୍ଗିଲା କଲା ପର୍ଯ୍ୟନ୍ତ ସେ ସ୍ଥାନ ଛାଡ଼ିଲା ନାହିଁ । ସମସ୍ତେ ଏ ବିଷୟ ଅନୁସନ୍ଧାନରେ ପରୀକ୍ଷା କରି ଦେଖିଲେ । ଏସ୍ଥଳେ ଅବଶ୍ୟ ଲେଖକଙ୍କ ଭୟ ହେଲା ଏବଂ ମେ ତାର ଅଧିକ ଗାତକୁ ଆସିବାର ଗଡ଼ ହେଲା । ଶେଷକୁ ସେହି ଗାତ ଖୋଳି ଲୋକେ ସେ ସାପକୁ ମାରି ପକାଇଲେ । ଏ ସମୟରେ ମୋତି ଦୂରସ୍ଥ ପରିବାରରେ ଥିଲା ଏବଂ ବର୍ତ୍ତମାନ ସେ କହୁଛି କାଳ ଅସି ଖଣ୍ଡେ ନାଠଯାଇଥିଲା ନେଇ ମୃତସର୍ପର ମୁଣ୍ଡରେ ପ୍ରବେଶ କରାଇଲା । ସଙ୍ଗେ ସଙ୍ଗେ ନାଠଖଣ୍ଡ ଭାଙ୍ଗି ଯିବାରୁ ମୋତିର ହାତ ସେ ସର୍ପର ମୁଖ ଭିତରକୁ ଗଲା ଏବଂ ତତ୍‌କ୍ଷଣାତ୍ ମୃତସର୍ପର ଓଷ୍ଠଦ୍ୱୟ ଅନିଚ୍ଛାପୂର୍ବକ ବନ୍ଦ ହୋଇ ଚାପି ପଡ଼ିଗଲା ଏବଂ ଅଳ୍ପ ମଧ୍ୟରେ ଦାନ୍ତ ବସିଗଲା ତହିଁରେ ଅନେକ ଉପାୟ କରି ଗଲେ ମଧ୍ୟ ମୋତି ଅବ୍ୟାହତି ଲାଭ କରି ପାରିଲା ନାହିଁ କ୍ଷଣକ ପରେ ପ୍ରାଣ ତ୍ୟାଗ କଲା ।

ବହ୍ମାର ହିତୈଷୀ

ଦାକ୍ଷିଣାତ୍ୟର ନେଲୋର ନାମକ ସ୍ଥାନରେ ଏକ ଆଶ୍ଚର୍ଯ୍ୟ ପ୍ରକାରର ଗଛ ଦେଖା ଯାଇ ଥିବାର ସ୍ଥାନୀୟ ପତ୍ରମାନଙ୍କରେ ଲେଖା ଯାଉ ଅଛି । କେତେ ଗୁଡ଼ିଏ ପିଲା ଘର ଗୁପ୍ତଭାବରେ ସେହି ଗଛରୁ ଫଳ ଖାଇ ପରେ ଅଳି ତାଙ୍କ ପିତାମାନେ ପୁଣି ଲୋକ ସେଥିରେ ଅସି ଦେଖିଲେ ଯେ ଗଛ ଯାହା ପୂର୍ବେ କାଠ ପଡ଼ି ଥିଲା ବର୍ତ୍ତମାନ ତହିଁର ଭାଲ ଗନେକ ଉପଲବ୍ଧ ଅଛି । ସେଠାରୁ ସମସ୍ତଙ୍କ ଦୃଷ୍ଟି ଭାଲ ଗନେକ ଉପଲବ୍ଧ ଅଛି । ସେ ସ୍ଥାନର ମୁନସଫ ସେ ବିଷୟ ଏ ଘଟଣା ଅବଗତ ହେଲା । ସେ ସ୍ଥାନର ମୁନସଫ ପରୀକ୍ଷା କରି ଦେଖି ଥିଲେ ଯେ ବୃକ୍ଷଟି ବନ ଗୁଳ୍ମ ଭଳି ରହିବାକୁ ଅବଲମ୍ବ କରେ ଓ ଏକ ଗୁଳ୍ମ ବେଙ୍ଗ କେଙ୍ଗ ଉଠିବାକୁ ଆରମ୍ଭ କରେ । ଏହାର କୌଣସି କାରଣ ନିର୍ଣ୍ଣୟ କରିବାକୁ ଅସମ୍ଭବ ହେବା ଯାଏ ତହିଁର ସ୍ୱଭାବ ପକ୍ଷରେ ଆମ୍ଭମାନଙ୍କର ସନ୍ଦେହ ହେଉ ଅଛି । କ୍ରମେ ଜଣା ଯିବ ।

## ପ୍ରେରିତପତ୍ର ।

### ଅନ୍ଧଶାସନ ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ
[illegible] ।

ମହାଶୟ !

ସମ୍ପ୍ରତି ଲର୍ଡ ରିପନ ଇଂରାଜ ସିଂହାସନ ଅଧିପତି ହୋଇ ଭାରତରେ ପଦାର୍ପଣ କରିଅଛନ୍ତି । ଲର୍ଡ ଲିଟନଙ୍କର କଠୋରମୟ ଶାସନ ପ୍ରଭାବରେ ଭାରତବାସିମାନେ ମର୍ମାହତ ହୋଇ ଯାଇଥିଲେ । ଇଂରାଜମାନେ ଆପଣାର ପ୍ରତିଜ୍ଞା ବିସ୍ମୃତ ହୋଇ ଏବେ ଅନ୍ୟାୟ ଶାସନରେ ଭାରତ ଶାସନ କରିବାକୁ ବ୍ରତୀ ହେଲେ ବୋଲି ଭାରତବାସିମାନଙ୍କର ସୁକୁମାର ହୃଦୟରେ ବିଶ୍ୱାସ ଜାତ ହୋଇଥିଲା—ଏପରିକି ଅନେକ ସଭ୍ୟଦେଶୀୟ ମହାତ୍ମାମାନେ ତହିଁରେ ଅଭିଭୂତ ହୋଇଥିଲେ । ସେ ଶାସନ ଇଂରାଜଙ୍କ ନିନ୍ଦା କରିବା କାରଣ ଭାରତବାସିଙ୍କୁ ଶିକ୍ଷା ଦେଲା ଏବଂ ଭାରତବାସିମାନେ ଭ୍ରମକ୍ରମେ ବୁଝିନେଲେ ଯେ ଆଉ ତାଙ୍କର ମଙ୍ଗଳ ନାହିଁ । ଆଉ ସେମାନେ ଅସ୍ତ୍ରଶସ୍ତ୍ର ସମ୍ବନ୍ଧୀୟ ଆଇନ ଅବା ଦେଶୀୟ ସମ୍ବାଦପତ୍ର ଆଇନରୁ ରକ୍ଷା ପାଇବେ ନାହିଁ । ସେହିଠାରୁ ସେମାନଙ୍କର ଆଶା ଭରସା ଶେଷ ହେଲା ଏବଂ ସେହିଠାରେ ବ୍ରିଟିଶସିଂହଙ୍କର ନ୍ୟାୟବାଦର ବୃଷୋତ୍ସର୍ଗ ହେଲା ।

ମାତ୍ର ଅକାରଣ ଅନ୍ୟାୟାଚରଣ କେତେଦିନ ସ୍ଥିର ରହିପାରେ ? [illegible] ରେ ବ୍ରିଟିଶସିଂହ ବୁଝି ପାଇଲେ ... ଅଧୀନସ୍ଥ ଗୋଟିଏ ଦୁଷ୍ଟ କ୍ଷମତା ... ଏଣୁ ତାହା ରଖିଅଛି ଇଂଲଣ୍ଡର ଶାସନ ପ୍ରଣାଳୀ ପରିବର୍ତ୍ତିତ ହେବା ସଙ୍ଗେ ସଙ୍ଗେ ମହାତ୍ମା ରିପନ ବାହାଦୁର ଭାରତବର୍ଷକୁ ପ୍ରେରିତ ହେଲେ । ସେ ପ୍ରେରିତ ବାହିକ ମନୋନୀତ ହେଲା ଦିନରୁ ଭାରତ ଆପଣାର ଆଶାପେଡ଼ି ଅଟରୁ ଉଦ୍‌ଘାଟନ କରି ଦେଖାଇବା ଦିନଠାରୁ ହୃଦୟରେ ଉତ୍ତେଜିତ ହୋଇ ମନେ ମନେ କେତେ ସୁଖ ପାଉ ନେଲା—ତହିଁର କାରଣ ଇଂଲଣ୍ଡରେ ଲର୍ଡ ରିପନ ଜଣେ ସୁବିବେଚକ ମହାତ୍ମା ଏବଂ ସତ୍ୟ ଓ ସୁହୃଦୟ ଲୋକ ବୋଲି ବିଖ୍ୟାତ । ପ୍ରକୃତ ତାହା ଦେଖିବାରେ ଆସିଲା । ଅଳ୍ପଦିନ ମଧ୍ୟରେ ସେ ସମ୍ବାଦପତ୍ର ସମ୍ପର୍କୀୟ ଆଇନ ଏକକାଳେ ଉଠାଇ ଦେଇ ଦେଶର ଚିରକୁତ୍ସା ନିବାରଣ କରି ଇଂରାଜ ଜାତିଙ୍କର ଟେକ ରକ୍ଷା କଲେ ଏବଂ ସେଥି ନିମନ୍ତେ ତାଙ୍କୁ ସମୁଦାୟ ସଭ୍ୟଦେଶ ଆନ୍ତରିକ ପ୍ରଶଂସା କରି ଅଛନ୍ତି । ପୁଣି ଯେଉଁଦିନ ସମୁଦାୟ ଭାରତବର୍ଷରୁ ଅଭିନନ୍ଦନପତ୍ର ପ୍ରେରିତ ହେବ ସେତେବେଳେ ସେ ଯେ କି ପରିମାଣରେ ସୁଖୀ ହେବେ କିଏ କହିପାରେ ?

ଏବେ ସେହି ଅନ୍ଧଶାସନ !—ମହାଶୟ, ସେ କଥା କହିବାକୁ ଗଲେ ମନେ ମନେ ଏକାବେଳକେ ଏତେ ଆଶାର ଆବିର୍ଭାବ ହେଉଅଛି ଯେ କ୍ଷୁଦ୍ର ମନ ତାହା ଧାରଣା କରି ନ ପାରି ବାଉଳା ହୋଇ ଯାଉଅଛି । ଗତ ଶୁକ୍ରବାର ଦିନରେ ଆପଣଙ୍କର ଛାପାଖାନା ହୋମହଲଠାରେ ଯେଉଁ ସଭା ହୋଇଥିଲା ତେତେବେଳେ ମନରେ ବଳ ଦେଲେ ମନ ପ୍ରଚାର ଭକ୍ତିଭାବରେ ଉତ୍ସାହିତ ହୋଇ ଇଂରାଜକୁଳତିଳକମାନଙ୍କଠାରେ କୃତଜ୍ଞ ହେବାକୁ ଶିକ୍ଷା କରୁଅଛି । ପ୍ରକୃତ ଆମ୍ଭେ ସଭାସ୍ଥଳରେ ଉପସ୍ଥିତ ଥାଇ ଯେତେବେଳେ ସଭା ଓ ବାହାର ଏକାବେଳକେ ଦେଖୁଥିଲୁଁ ସେତେବେଳେ 'ଇନ୍ଦ୍ରସଭା' ପ୍ରାୟ ବୋଧ ହେଉଥିଲା । ଆମ୍ଭେ କେବେ 'ଇନ୍ଦ୍ରସଭା' ଦେଖି ନାହୁଁ, କେବଳ ପୁସ୍ତକ ଓ ପତ୍ରିକାରେ ପଢ଼ିଅଛୁଁ ଏବଂ ତେଣିକି ମିଳାଇ ନେଇ ସୁନ୍ଦର ସୁଖ ଅନୁଭବ କଲୁଁ । ପ୍ରକୃତରେ ସେ ସଭାରେ ରାଜା, ଜମିଦାର, ମହାଜନ, ବଣିକ, ଉକୀଲ, ସ୍କୁଲମାଷ୍ଟର, ଡେପୁଟୀ, ସୁଲ୍ଟନ୍, କଣ୍ଟେଷ୍ଟକର୍ମଚାରୀ, ଦୋକାନୀ, ମହାଜନ, ସଉଦାଗର, ପଣ୍ଡିତ ଇତ୍ୟାଦି ନାନାଶ୍ରେଣୀୟ ଲୋକେ ଉପସ୍ଥିତ ଥିଲେ ଏବଂ ସଭାଗୋଷ୍ଠୀ ଦେଖିବାକୁ ଚମତ୍କାର ହୋଇଥିଲା । ଲର୍ଡ ରିପନଙ୍କର ଯେଉଁ ମହଦନ୍ତଃକରଣରୁ ଏମନ୍ତ ଭାବ ଆବିର୍ଭୂତ ହୋଇ ଥିଲା ତାହାର ଯାଥାର୍ଥ୍ୟ

ସମ୍ପାଦକ କରିବା ନିମନ୍ତେ ପ୍ରଜାମାନେ ନିଜ ଆପଣାର ଆନନ୍ଦ ବ୍ୟକ୍ତ କରି ସାହେବ ମହୋଦୟଙ୍କୁ ଅଭିନନ୍ଦନପତ୍ର ଦାନ କରିବେ—ଏଥିଁ ଭଳ ଆଉ ଅଧିକ ଶୋଭନୀୟ କ ଅଛି ? ଯେଉଁ ପ୍ରଜାମାନଙ୍କ ନିମନ୍ତେ ଗବର୍ଣ୍ଣମେଣ୍ଟ ଯେବେ ସେହି ପ୍ରଜାମାନେ ସୁଖରେ ଭସି ଗବର୍ଣ୍ଣମେଣ୍ଟଙ୍କ ପାଦତଳେ ଲେପଡ଼ ଆପଣ ଉ ସୁଖ ଜଣାଇଁ ? ସେହି ସୁଖରେ ଗବର୍ଣ୍ଣମେଣ୍ଟଙ୍କୁ ଭସାଇ ନେଲେ ଆଉ ଉଦ୍ଧିତରେ ସମ୍ପ୍ରଦାୟ ପୃଥ୍ୱୀ ଅନଭିଭ ହେଲ ଇନ୍ଦ୍ର ବଳ ଅଧିକ ଗୌରବର ବିଷୟ ଆଉ କ ଅଛି ! ଏହିଭଳି ରାଜନୈତିକ କାର୍ଯ୍ୟରେ ଲୋକେ ରାଜଭକ୍ତ, କର୍ମଶୀଳ, ଶାନ୍ତ, ବୈଷୟିକ ଏବଂ ସାହସୀ ହେବାକୁ ଶିଖନ୍ତି । ଏହିପ୍ରକାର ରାଜନୀତି ଉଭୟ ଗବର୍ଣ୍ଣମେଣ୍ଟ ଓ ପ୍ରଜାଙ୍କୁ ବଳପ୍ରଦାନ କରେ ।

ପ୍ରଜାମାନଙ୍କପ୍ରତି ଗବର୍ଣ୍ଣମେଣ୍ଟଙ୍କର ଯେଉଁ ଦୟା ହୋଇଅଛି ତହିଁ ନିମନ୍ତେ ଦୟାଶୀଳ ଗବର୍ଣ୍ଣମେଣ୍ଟଙ୍କୁ ଅଭିନନ୍ଦନପତ୍ର ପ୍ରଦାନ କରିବାରେ ଅଭିନନ୍ଦନପତ୍ରର ମୁଖ୍ୟ ଉଦ୍ଦେଶ୍ୟ ସାଧିତ ଏବଂ ତହିଁର ମର୍ଯ୍ୟାଦା ରକ୍ଷା ହୁଏ । ଉଦ୍ୟୋଗଟି ଅତି ପ୍ରଶଂସନୀୟ । ପ୍ରଜାମାନେ ମିଉନିସିପାଲଟୀର ଭାର ନେବେ ; ଆପଣା ଟିକସ ଆପେ ଦେଇ ତହିଁରେ କାର୍ଯ୍ୟ ଚଳାଇବେ, ସ୍କୁଲର ଭାର ନେବେ, ହସ୍ପିଟାଲର ଭାର ନେବେ, ଔଷଧାଳୟର ଭାର ନେବେ ସୁସ୍ଥରେ ଆପଣାର ଦେଶ ଚଳାଇବା ନିମନ୍ତେ ଆପେ ଚେଷ୍ଟିତ ହେବେ—ସୁନ୍ଦର କଥା ! ଏଥି ନିମନ୍ତେ ଧନ୍ୟବାଦ ନ ଦେଇ ଆଉ ଧନ୍ୟବାଦ ଦିଆ ଯିବ କାହାକୁ ଓ କେଉଁବେଳେ ଏବଂ କିପାଇ ? ଅମ୍ଭେ ଉକ୍ତ ସଭା ସଂଗଠନର ଉଦ୍ଦେଶ୍ୟର ସମ୍ପୂର୍ଣ୍ଣ ଅନୁମୋଦନ କରୁଅଛୁଁ । ସଭାର ଉଦ୍ଦେଶ୍ୟ ଯେ କଟକରେ Elective Form ଅର୍ଥାତ୍ ସାଧାରଣ ପ୍ରଜାମାନଙ୍କ ପକ୍ଷରୁ ସଭ୍ୟ ନିର୍ବାଚିତ ହୋଇ ତହିଁରେ ସଭା ସଂଗଠନ କରି କାର୍ଯ୍ୟ ଚଳାଇବା କାରଣ ଲେଫ୍ଟେନାଣ୍ଟ ଏବଂ ଗଭର୍ଣ୍ଣରଙ୍କୁ ଅନୁରୋଧ କରା ଯିବ । ଅମ୍ଭେ ସମ୍ପୂର୍ଣ୍ଣ ଆଶା ରଖିଅଛୁଁ ଯେ ଏ ଭଳ ପ୍ରାର୍ଥନା କଦାଚ ଅଗ୍ରାହ୍ୟ ହେବ ନାହିଁ ।

ସଭାର କାର୍ଯ୍ୟ କ୍ରମାନୁସାରେ ଚଳିଥିଲା । ଯାହାକୁ ଯେଉଁ ଭାର ଦିଆଯାଇ ଥିଲା ସେ ସେ ତାହା ସୁନ୍ଦର ସମ୍ପନ୍ନ କଲେ । ଏଥିରେ ଅଧିକ କିଛି ବକ୍ତବ୍ୟ ନାହିଁ । ଅତଏବ ମିଉନିସିପାଲଟିରେ ଅଭ୍ୟାସର କରିବାର ଦନ ଦନ ଲକ୍ଷିତ ହେଉଅଛି । ସାହେବମାନେ ଆପଣା ହାତକୁ ଭାର ନେଇ ଯାହା ଇଚ୍ଛା କରି ଗଲ ଯାଉ ଅଛନ୍ତି ମିଉନିସିପାଲଟି ଟିକସ ଧାର୍ଯ୍ୟ କରିବାକୁ ଯାଇ ଇନ୍‌କମ୍‌ଟିକସ ବସାଉ ଅଛନ୍ତି ଦୁଃଖୀ ପ୍ରଜାଏ କେତେ କାହା ସଙ୍ଗରେ ଲଢ଼ିବେ । ପ୍ରଜାମାନେ ମିଉନିସିପାଲଟିକୁ ଉତ୍ତମରୂପେ ଚିହ୍ନି ଅଛନ୍ତି ଏବଂ ସେହି ଏହି କାରଣ ବଶରୁ ବିଜ୍ଞାପନ ପ୍ରସ୍ତୁତ ହେବା ମାତ୍ର ଏତେ ଅଧିକ ଲୋକେ ସଭାସ୍ଥଳରେ ଉପସ୍ଥିତ ହୋଇଥିଲେ ଏଠା ମିଉନିସିପାଲଟି ଯେଉଁ କଣିକ୍ କଥ ଅଛନ୍ତି କ ସେହି ବିଷୟରେ ଭାବନ୍ତୁ ଜାଣିବା ଲୋକେ ଦବାଇବ ନନ୍ତୁ ଅଛନ୍ତି, କୌଣସି ବକ୍ତା ତହିଁର ଉଦାହରଣ ଦେବାରୁ ଆପଣଙ୍କ ଷ୍ଟାଉନଓ୍ୱାରିସ୍ୱର ଦୁଇଟା କଥା କହିବାକୁ ଯାଇ ଯେପରି ଲଜ୍ଜା ପାଇ ଅଛନ୍ତି ତାହା ସେ କଦାପି ଭୁଲିବେ ନାହିଁ ଏବଂ ତହିଁରୁ ପ୍ରଜାବର୍ଗର ମନର ଭାବ ସହଜରେ ଜଣା ପଡ଼ୁଅଛି ।

ଅନ୍ତର ଗୋଟିଏ କଥା ଅଛି । ଗୋଟିଏ ପରିଷାର ଦନ ସ୍ଥିର କରି ପତ୍ରରେ ସଭା କରିବାର ଉଚିତ । ତାହା ହେଲେ ପ୍ରଜାବର୍ଗଙ୍କୁ ଶୁଣିବା ଓ ବୋଲିବା ପକ୍ଷେ ସହଜ ହେବ । ଅପର ବୋମହଲରେ ସଭାଟିଏ କଲେ କୁଷ୍ଠୀରବାସୀ ପ୍ରଜା ସାହସ କରି ସେଠାକୁ ଯାଇ ନ ପାରିଲେ । ଏଥିରେ ଏପରି କଦାଚ ଅନୁମାନ କରିପାରି ନ ପାରେ ଯେ ଯେଉଁ ସଭାର କଥା ଲେଖା ଯାଉଅଛି ତାହା ଭୂତକାର୍ଯ୍ୟ ରୂପରେ ହୋଇ ନ ଥିଲା । ତାହା ନୁହେ ମାତ୍ର ଯେଉଁ ସଭା ଗତ ଶୁକ୍ରବାର ରାତ୍ରିରେ ହୋଇ ଥିଲା ସେଥିରେ ପ୍ରଜାବର୍ଗର ବହୁତ ସଭା କଟକରେ କେବେ ହୋଇ ଥିବାର ସ୍ମରଣ ହେଉ ନାହିଁ । ଯାହା ହେଉ ଏତିକରୁ କ୍ଷାନ୍ତ ନ ହୋଇ [illegible] ଦଇଥର ପତ୍ରରେ ସଭା କରି ପ୍ରଜା [illegible] ଇଙ୍ଗିତରୁ କରି ଫେଡ଼ି ବୁଝାଇ ଦେଇ ଲୋକଙ୍କୁ କାର୍ଯ୍ୟୋପଯୋଗୀ କରାଇବାର ଉଚିତ ହେଉଅଛି । ଏଥରୁ ସେ ଦନର ସମସ୍ତ ବକ୍ତା ଓ ଉଦ୍‌ଯୋଗକାରୀମାନଙ୍କୁ ଅମ୍ଭେ ଆନ୍ତରିକ ଧନ୍ୟବାଦ ପ୍ରଦାନ କରି ଏହି ବିଷୟର କଟକର ନିମନ୍ତେ ପ୍ରାର୍ଥନା କରୁଅଛୁଁ ।

ଏହି ଅନୁଶାସନ ପ୍ରଣାଳୀ ପ୍ରଚଳିତ ହେବା ପକ୍ଷରେ ଭାରତୀୟ ଇଂରେଜ ସମ୍ବାଦପତ୍ରମାନ ଏକାମେଳ ହୋଇ ବଡ଼ଶ ଭାବ ଧାରଣ କରି ଅଛନ୍ତି—ତହିଁରେ କନ୍ତୁ ଲାଭ ହେବ ନାହିଁ ତଥାପି ଏକାଳ ଲେଫ୍‌ଟେନାଣ୍ଟଙ୍କ ଦୋଷମାନ କେବେ ଯିବ ସହଜରେ ବୁଝା ଯାଉ ନାହିଁ । ସୌଭାଗ୍ୟର ବିଷୟ ସମ୍ପ୍ରଦାୟ ଇଂରେଜ ଜାତି ସେ ଭଳି ଗାତମଳା ନୁହନ୍ତି । ବିଲାତର ସମ୍ବାଦପତ୍ରମାନ ଏକମୁଖରେ ଏଥିର ପ୍ରଶଂସା କରୁଅଛନ୍ତି ।

ଅତଏବ ଆଉ ବିଳମ୍ବ କରିବାର ପ୍ରୟୋଜନ ନାହିଁ । ଶୁଭସ୍ୟ ଶୀଘ୍ରମ୍ । ଏବାକେଳିକେ ଦସ୍ତୋଉଳନ କରି ଲର୍ଡ ରିପନଙ୍କୁ ଆନ୍ତରିକ ଧନ୍ୟବାଦ ଦେଇ ଆସ ବନସ୍ତେ ନିଜ ଅନୁଶାସନପ୍ରଣାଳୀ କାର୍ଯ୍ୟରେ ପରିଣତ କରିବା ଆଉ ଯୋଉଲେ ଚଳିବ ନାହିଁ । ଯତେଳକ ଦନ ଯୋଇ କଟାଇଅଛୁଁ- ଆଉ ଅଧିକଦିନ ଏପରି ଭାବରେ ଗୋଇଲେ ଇତାନ୍ତ ଅଲସୁଆ ଓ ମୂର୍ଖ ବୋଲି ଦୁର୍ନାମ ପୃଥ୍ୱୀରେ ରଟିତ ହେବ । ବଡ଼ ଲାଟ ବାହାଦୂର ନିଜେ କହୁଅଛନ୍ତି ଯେ ପ୍ରଥମୋଦ୍ୟମରେ ଅବଶ୍ୟ ଅନେକ ଭ୍ରମ ହେବ ମାତ୍ର ଜନ୍ମମାନଙ୍କୁ ଯାଏ କାର୍ଯ୍ୟ ହେଲେ ଯେ ଶୀଘ୍ର ସେ ସବୁ ଦୂରୀଭୂତ ହେବ ତହିଁରେ ଆଶ୍ଚର୍ଯ୍ୟ କ ଅଛି । ଏ ନୂତନକଥା—ଏହା ମଜତ ଲୋକର ଉପଯୋଗୀ—ଘୋଡ଼ାରେ ଚଢ଼ି ବାରମ୍ବାର ପଡ଼ିଯିବା ଦ୍ୱାରା ଶେଷକୁ ଜଣେ ଭଲ ଘୋଡ଼ସୱାର ହେବାଠାରୁ ଘୋଡ଼ାରେ ଆଦୌ ନ ଚଢ଼ିବା କଣ ପୌରୁଷର କାର୍ଯ୍ୟ ନୁହେ । ଅତଏବ ହେ ସଙ୍ଗୀ ପ୍ରଜାବର୍ଗ ! ଆସ ସମସ୍ତେ ମିଳି ଏକବାଦ୍ୟରେ ଲର୍ଡ ରିପନ ବାହାଦୂର ଓ ତାଙ୍କର ପରିବାରବର୍ଗର କୁଶଳ କାମନା ଜଗଦୀଶ୍ୱରଙ୍କଠାରେ ଜଣାଇ କାର୍ଯ୍ୟରେ ପ୍ରବୃତ୍ତ ହେବାକୁ ଚେଷ୍ଟା କଲେ ଯେ ପ୍ରଭୂର ସାହାଯ୍ୟ ମିଳିବ ତହିଁରେ ସନ୍ଦେହ ନାହିଁ ।

କଟକ } ଅପଣଙ୍କର ବଶମ୍ବଦ
୨।୭।୮୨ } ଜଣେ ପ୍ରଜା !

ଏଣିକି ପତ୍ରପ୍ରେରକମାନେ ପତ୍ର ଲେଖିବାବେଳେ କାଗଜର ଏକ ପୃଷ୍ଠା ଛାଡ଼ି ଲେଖିଲେ ଆମ୍ଭମାନଙ୍କର ଛାପିବା ପକ୍ଷରେ ସୁବିଧା ହେବ । ଉ, ସ, ସ,

## ମୂଲ୍ୟପ୍ରାପ୍ତି ।

| | | | | |
|---|---|---|---|---|
| ବାବୁ ଲକ୍ଷ୍ମୀନାରାୟଣ ବସୁ ଚୌଧୁରୀ | | କଟକ | ଜିଲ୍ଲା | ଟ ୮୯ |
| ,, ହରେକୃଷ୍ଣ | ମିତ୍ର | ,, | ,, | ଟ ୩୯ |
| ,, ଦିବାକର | ସାହାଣି | ,, | ,, | ଟ ୨୯ |
| ,, ଗୋବିନ୍ଦମୋହନ | ବସୁ | ,, | ,, | ଟ ୩୯ |
| ,, ରଘୁନାଥ | ସାହୁ | ଝାଙ୍କ | ଓଳିନ | ଟ ୨୯ |
| ,, ଚୂଡ଼ାମଣି | ଘୋଷ | କଟକ | ଜିଲ୍ଲା | ଟ ୨୯ |
| ,, ଗୁଣନିଧି | ସିଂହ | ,, | ,, | ଟ ୨୯ |

Digitized by srujanika@gmail.com

Split by PDF Splitter

### ବିଜ୍ଞାପନ ।

ଉପରୋକ୍ତ ସ୍କୁଲର ହେଡ଼ମାଷ୍ଟର କର୍ମ ଏକ ମାସକାଳ ନିମନ୍ତେ ସାହାଯ୍ୟ କରିବା ସକାଶେ ଜଣେ ମେନେଜର ନିଯୁକ୍ତ ହେବାର ଅଛନ୍ତି । ମାସିକ ବେତନ ଟ ୧୦୦ ଙ୍କା । ପ୍ରାର୍ଥୀମାନେ ଆଗାମୀ ଜୁଲାଇ ମାସ ତା ୧୫ ଦିନ ପୂର୍ବରୁ ନିମ୍ନ ସ୍ୱାକ୍ଷରକାରୀଙ୍କ ସମୀପକୁ ଆବେଦନ ପତ୍ର ପଠାଇବେ । ଯେଉଁ ପ୍ରାର୍ଥୀ ଇଂରାଜୀ ଓ ଓଡ଼ିଆ ଭାଷା ଉତ୍ତମରୂପେ ଜାଣନ୍ତି ଓ ସାହାଙ୍କର କମିଟିର କାର୍ଯ୍ୟ ଚଳାଇବା ବିଷୟରେ କ୍ଷମତା ଅଛି ତାଙ୍କୁ ଅଗ୍ରଗଣ୍ୟ କରାଯିବ ।

ଓଡ଼ିଶା ସରକାରୀ ମଦାଲତ } J. M. Roy
ସୁପରିଣ୍ଟେଣ୍ଡେଣ୍ଟ ସ ହେଡ଼ଙ୍କ } ଅଫିସିଏଟ ସୁପରିଣ୍ଟେଣ୍ଡେଣ୍ଟ
କଟକ ତା ୨୧।୬।୮୨ }

### NOTICE.

A meeting of the Cuttack Students Association will be held on Monday the 10th instant at 8 P. M. *precisely* at the Ravenshaw College Hall. Babu Madhoo Sudan Das M. A. B. L. will deliver a lecture on '*The Theory of natural selections in its bearing on the origin of man.*'

Gentlemen are respectfully invited.

8th July 1882. } ATULKRISHNA ROY
*President.*
*Students' Association*
*Cuttack*

## ORIENTAL
**GOVERNMENT SECURITY LIFE ASSURANCE COMPANY "LIMITED"**
*BOMBAY*

For prospectus, yearly reports of meetings, the fast progress of the Co. and for all other information, please apply to

J. WINTERSCALE,
*Agent in Orissa*
No. 1 Cantonments.

ଓରିଏଣ୍ଟାଲ ଗବର୍ଣ୍ଣମେଣ୍ଟ ସିକ୍ୟୁରିଟି ଲାଇଫ୍ ଆସୁରାନ୍ସ କମ୍ପାନୀ ଜୀବନ ବୀମା କରିବାର କମ୍ପାନୀ ମୋକାମ ବମ୍ବେଇ ।

ଏ କମ୍ପାନୀର ଅନୁଷ୍ଠାନପତ୍ର ବାର୍ଷିକ ବିଜ୍ଞାପନ ଏବଂ ବାର୍ଷିକ ସମବୃଦ୍ଧିର ବିବରଣ ଏବଂ ଅନ୍ୟାନ୍ୟ ସମାଚାର ନିମ୍ନସ୍ୱାକ୍ଷରକାରୀଙ୍କଠାରେ ଆବେଦନ କଲେ ପ୍ରାପ୍ତ ହେବ ।

ଜେ ଉଇଣ୍ଟରସ୍କେଲ
ଓଡ଼ିଶାର ଏଜେଣ୍ଟ
କଟକ ନଂ ୧ ମୂଲ କାଣ୍ଟନମେଣ୍ଟ ବଜାର ।

### ନୃପବଲ୍ଲଭ ବଟିକା ।

ଅନୁପାନ ବିଶେଷରେ ସେବନ କଲେ ଆଠ ପ୍ରକାର ଜ୍ୱର ଭଲ ହୁଅଇ । ୧୫ ମାତ୍ରାକୁ ଟ ୧୧ ଙ୍କା ।

### ମୀନକେତନ ବଟିକା ।

ଅତି ଉତ୍କୃଷ୍ଟ ଧାତୁବୃଦ୍ଧିକର ପୁଂସକ ଔଷଧ । ଅନୁପାନ ବିଶେଷରେ ବାୟୁରୋଗ ଶାନ୍ତି ହୁଅଇ । ୪ ମାତ୍ରାକୁ ଟ ୧ ଙ୍କା

### କନ୍ଦର୍ପଚନ୍ଦ୍ରୋଦୟ ବଟିକା ।

ଏ ବଟିକାଦ୍ୱାରା ଧ୍ୱଜଭଙ୍ଗ ଆଦି ଦଶ ବର୍ଷରୁ ନ୍ୟୂନ ପୁଂସ ତ୍ୱହୀନ ରୋଗ ଭଲ ହୁଅଇ । ୪ ମାତ୍ରାକୁ ଟ ୧୧ ଙ୍କା ।

ଏ ସବୁ ଆଉ ନେହ ପ୍ରଭୃତି କୋଶଲ ଉତ୍କୃଷ୍ଟ ଔଷଧମାନ ଆମ୍ଭ ନିକଟରେ ପ୍ରାପ୍ତବ୍ୟ । ଗ୍ରାହକମାନେ ଔଷଧ ଗ୍ରହଣ ସମୟରେ ସେବନ ବିଧିମାନ ଜାଣି ପାରିବେ ।

୧।୭।୮୨ }
କାଙ୍କରିଆ } ଶ୍ରୀ ରାମଚନ୍ଦ୍ର ବେବର୍ତ୍ତ ପଟ୍ଟନାୟକ ।
କଟକ }

### ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫିଉଜ୍ ।

ଏହା ଜ୍ୱରରୋଗରେ କୁଇନାଇନର ପରିବର୍ତ୍ତରେ ଉତ୍କୃଷ୍ଟ ଔଷଧ ବୋଲି ବ୍ୟବହୃତ । କଟକଡାର ପ୍ରଧାନ ପ୍ରଧାନ ଡାକ୍ତରଖାନା ଓ ଦେଶୀୟ ଔଷଧାଳୟରେ ବିକ୍ରୟ ହୁଅଇ । କଲିକତା ବୋଟାନିକାଲ୍ ଗାର୍ଡ଼ନର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ଲିଖିତ ଦରରେ ମିଳିପାରେ ଯଥା,—

ଡାକମାସୁଲ ସହିତ ୪ ଆଉନ୍ସକୁ ଟ ୨ ଙ୍କା । ୮ ଆଉନ୍ସକୁ ଟ ୧୧ ଙ୍କା । ୧୬ ଆଉନ୍ସକୁ ଟ ୬।୦ ମୂଲ୍ୟ ନଗଦ ।

ଶ୍ରୀଯୁକ୍ତ ହେମଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ
କୃତ
ଉଦାସୀନଦତ୍ତ ମହୌଷଧ ।

# ଅମୃତ ଚୂର୍ଣ୍ଣ ।

ଏକପ୍ରସ୍ଥ [ ୨୦ ମାତ୍ରାର ] ମୂଲ୍ୟ ଟ ୪ । ଅଣା ୧୪ ପ୍ରସ୍ଥ ଏକାବେଳକେ ନେଲେ ଟ ୫୦ ଙ୍କା, ଡାକମାସୁଲ ପ୍ରତି ବଣ୍ଡିଲ୍ ଟ ୦ । ଚାରିଅଣା ଏବଂ ୫ ପ୍ରସ୍ଥ ଔଷଧ ଏକ ବଣ୍ଡିଲରେ ଟ ୦ । ଅଣା ମାସୁଲରେ ଯାଇ ପାରେ ।

ଏହି ଔଷଧ ସେବନ କଲେ ଅନେକାନେକ ଦୁଃସାଧ୍ୟ, ଅସାଧ୍ୟ, ଓ କଷ୍ଟସାଧ୍ୟ ରୋଗର ଉପଶମ ହୁଏ । ଏମନ୍ତ କି କ୍ଷୟ, ଯକ୍ଷ୍ମା, କତ୍ତୁକାଳର ଶୂଳ, ଶିରଃପିଡ଼ା, ହୃଦରୋଗ, ଶ୍ୱାସକାସ, ହୃତ୍କମ୍ପ, ଅମ୍ଳପିତ୍ତ, ଅମ୍ଳଶୂଳ, ପୁରାତନ ଜ୍ୱର, ପ୍ଳୀହା, ଯକୃତ, ଅତିସାର, ବାତ, ଅର୍ଶ, ପୁରାତନ ପ୍ରମେହ, ଉପଦଂଶ, ପାରଦଘଟିତ ଦୋଷ, ରକ୍ତବିକାର, ମୂତ୍ରକୃଚ୍ଛ୍ର ବା ବହୁମୂତ୍ର, ଏବଂ ନାନାବିଧ ଜଟିଳ ଓ ଏକତ୍ରୀଭୂତ ପୁରାତନ ଓ କଠିନ ରୋଗ ପ୍ରତୀକାର ପକ୍ଷରେ ଏହା ଅତି ଉତ୍କୃଷ୍ଟ ଔଷଧ ।

ସ୍ତ୍ରୀଲୋକମାନଙ୍କର କେତେଗୁଡ଼ିଏ ବିଶେଷ ରୋଗର ଏହା ଶୀଘ୍ର ପ୍ରତୀକାରକ ଅଟଇ । ଯଥା; ସୂତିକା, ରକ୍ତସ୍ରାବ, ପ୍ରଦର, ମୂର୍ଚ୍ଛା, ଭୌତିକ ରୋଗ, ସ୍ୱପ୍ନରେ ଭୟ ଦର୍ଶନ, ମୃତବତ୍ସା ପ୍ରଭୃତି ରୋଗରେ ସ୍ୱଚ୍ଛନ୍ଦ ବ୍ୟବହାର୍ଯ୍ୟ ଅଟଇ । ଏହା ଏରୂପ ନିର୍ଦ୍ଦୋଷ ଔଷଧ ଯେ ଦୁଗ୍ଧପୋଷ୍ୟ ଶିଶୁ ଓ ଗର୍ଭବତୀ ସ୍ତ୍ରୀମାନେ ମଧ୍ୟ ସେବନ କରି ପାରନ୍ତି । ଏଥିରେ କୌଣସି ପ୍ରକାର ମାଦକ ଓ ବିଷାକ୍ତ ବସ୍ତୁର ଲେଶମାତ୍ର ନାହିଁ । ଏହା ସେବନ କଲେ ରକ୍ତ ପରିଷ୍କାର କ୍ଷୁଧାବୃଦ୍ଧି ପୁଷ୍ଟି ଏବଂ ବଳବୃଦ୍ଧି ହୁଏ ।

ଆମ୍ଭଠାକୁ ପତ୍ର ଲେଖିବାକୁ ହେଲେ ବଙ୍ଗଳା କିମ୍ବା ଇଂରାଜୀରେ ଲେଖିବ କାରଣ ଏଠାରେ କେହି ଓଡ଼ିଆ ଭାଷା ଜାଣନ୍ତି ନାହିଁ ।

# ଓଲାଉଠାର ଅମୋଘ ଏବଂ

### ଅଦ୍ୱିତୀୟ ବଟିକା ।

ସର୍ବ ପ୍ରକାର ଔଷଧଠାରୁ ଏହି ବଟିକା ଫଳପ୍ରଦ ଅଟେ । ଶତକରା ଜ୯୫ଣରୁ ଅଧିକ ରୋଗୀ ଆରୋଗ୍ୟ ହୋଇଅଛନ୍ତି । ଓଲାଉଠାର ୫୦ଟି ବଟିକାର ମୂଲ୍ୟ ବର୍ତ୍ତମାନ ଟ ୪ଙ୍କା । ଏଥିରେ ଜ୨୦ଣରୁ ଅଧିକ ରୋଗୀ ଆରୋଗ୍ୟ ହୋଇ ପାରନ୍ତି । ୨୫ ଗୋଟି ବଟିକାର ମୂଲ୍ୟ ଟ ୨ । ଏହା ସେବନ କଲେ ସର୍ଦ୍ଦି ଗର୍ମି ରୋଗ ଅତି ଅଳ୍ପ ସମୟ ମଧ୍ୟରେ ସମ୍ପୂର୍ଣ୍ଣ ଆରୋଗ୍ୟ ହୁଏ । ଏହା ସେବନ କରାଇ ଅନ୍ୟ ଔଷଧ ସେବନ ନ କରାଇଲେ ନିଶ୍ଚୟ ରୋଗୀ ଆରୋଗ୍ୟ ହେବ ।

ଶ୍ରୀ ହେମଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ
ମହଲ୍ଲା ମିସିର୍ ପୋଖରା, ସହର ବନାରସ

ସାନୁନୟ ନିବେଦନ ମିଦଂ ।

ମହାଶୟ !

୨ୟ ଥର ଅମୃତଚୂର୍ଣ୍ଣ ଅଣାଇ ଆମ୍ଭର ଜଣେ ଆତ୍ମୀୟଙ୍କୁ ସେବନ କରାଇବାରୁ ସେ ପୁରାତନ ପ୍ରମେହ ପାରଦ ଘଟିତ ବାତ ଓ ଜ୍ୱର ପ୍ରଭୃତି ଦୁର୍ନିବାର୍ଯ୍ୟ ବ୍ୟାଧିସମୂହରୁ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରି ଅଛନ୍ତି । ଆମ୍ଭର ଉପଦେଶାନୁସାରେ ସେଦିନ ଆମ୍ଭର ଆତ୍ମୀୟ ସୁକପୋଡ଼ାନିବାସୀ ଶ୍ରୀଯୁକ୍ତ ଗିରୀଶଚନ୍ଦ୍ର ମଣ୍ଡଳ ଅମୃତଚୂର୍ଣ୍ଣ ଅଣାଇ ଅଳ୍ପ ଦିନ ହେଲା ସେବନ କରିବାରୁ ଜ୍ୱର କାଶ ଓ ଅର୍ଶ ରୋଗର ଅନେକ ଉପଶମ ବୋଧ କରି ଅଛନ୍ତି । ଆପଣଙ୍କର ଅମୃତଚୂର୍ଣ୍ଣର ଗୁଣ ଅସ୍ମଦ୍ଦେଶରେ ଏତେ ଦିନରେ ପ୍ରଚାରିତ ହେବାରୁ ବୋଧହୁଏ ଅନେକ ଲୋକ ରୋଗଯନ୍ତ୍ରଣାରୁ ମୁକ୍ତି ଲାଭ କରି ଦୀର୍ଘଜୀବନ ଲାଭ କରିବେ । ଆମ୍ଭେମାନେ ଏହାର ଉପକାରିତା କୃତଜ୍ଞତାର ସାଧାରଣ ସମାଜରେ ପ୍ରକାଶ-

ଉଚିତ କରିବାକୁ ତ୍ରୁଟୀ କରୁ ନାହୁଁ ବା କରିବୁ ନାହିଁ ।

ଶ୍ରୀ ରାମଦାସ ମଣ୍ଡଳ
ଷ୍ଟାନାଦଦୀ ଜିଲ୍ଲା ବାଙ୍କୁଡ଼ା

ଗୁଣାର୍ଣ୍ଣବେଷୁ ।

ମହାତ୍ମନ୍, ଭବଦୀୟ ପ୍ରେରିତ ସୁବର୍ଣ୍ଣମାଭ ଅମୃତଚୂର୍ଣ୍ଣ ସେବନ କରିବାରୁ ଆମ୍ଭର ନାନାବିଧ ରୋଗର ଶାନ୍ତି ହୋଇଅଛି । ଯଥା ପାରଦ ଦୋଷ ଜାତ ଗଳିଘା, ଶିରଃପୀଡ଼ା, ପଞ୍ଚାସ୍ୟ: ବସ୍ତୁ ପାନ କଲା ସମୟରେ ନାସିକ ବାଟେ ତେତେକ ଅଂଶ ନିଃସୃତ ହେବାର, କୌଣସି ବସ୍ତୁର ଘ୍ରାଣ ଶକ୍ତି ରହିତ ଓ ଉପଦଂଶ ପ୍ରଭୃତି ନାନାବିଧ ଜଟିଲ ଓ ପୁରାତନ ବ୍ୟାଧିରୁ ସମ୍ପୂର୍ଣ୍ଣରୂପେ ଆପଣଙ୍କର ଜଗଦ୍ବିଖ୍ୟାତ ସଦ୍ୟ ରୋଗନାଶକ ଅମୃତଚୂର୍ଣ୍ଣଦ୍ୱାରା ଉତ୍ତମରୂପେ ନିଷ୍କୃତି ଲାଭ କରିଅଛି । ଆମ୍ଭେ ଆପଣଙ୍କ ସମୀପରେ ଅଙ୍ଗୀକାର ପୂର୍ବକ କହୁଅଛୁଁ ଯେ, ଆମ୍ଭେ ଯେତେଦିନ ଜୀବିତ ଥିବୁଁ ସେତେଦିନ ପର୍ଯ୍ୟନ୍ତ ଏହି ପରମ ଔଷଧର ଗୁଣ ବିଜ୍ଞାପନ ଓ ମୌଖିକ କୀର୍ତ୍ତନ ଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତ କରିବାକୁ କଦାପି ତ୍ରୁଟି କରିବୁ ନାହିଁ । ବିବେଚନା କରୁଁ ଏହି ମହୌଷଧୀର ଗୁଣ ସର୍ବସାଧାରଣରେ ଜ୍ଞାତ ଥିଲେ କେହିକେହି ଲୋକେ ବ୍ୟାଧିଗ୍ରସ୍ତ ହୋଇ ଅକାଳରେ କାଳର କରାଳ କବଳରେ ପତିତ ହୁଅନ୍ତେ ନାହିଁ ।

ଶ୍ରୀ ଶ୍ୟାମାଚରଣ ଭଟ୍ଟାଚାର୍ଯ୍ୟ
ନଓହାଟ୍ଟାପୋଷ୍ଟ ଜେଲା ଯଶୋହର

ମହାଶୟ !

ଆପଣଙ୍କ ଡିସ୍ପେନ୍ସାରିରେ କ୍ଷୟ, ଯକ୍ଷ୍ମା ଓ ବହୁକାଳର ପ୍ରମେହ ରୋଗର ଗୋଟିଏ ମହୌଷଧ ଅଛି । ସେହି ବୈଦିକ ସେବନ କରି ଆମ୍ଭର ଶ୍ରଦ୍ଧାସ୍ପଦ ଭ୍ରାତାର ବହୁକାଳର ପ୍ରମେହ କ୍ଷୟ ଓ ଯକ୍ଷ୍ମା ରୋଗ ଏକାବେଳକେ ଆରୋଗ୍ୟ ହୋଇ ଅଛି । ଆପଣଙ୍କର ଏହି ଅମୃତଚୂର୍ଣ୍ଣ ମହୌଷଧୀର ଗୁଣ ଆମ୍ଭେ ଆମ୍ଭର ବନ୍ଧୁମାନଙ୍କ ନିକଟରେ ପ୍ରକାଶ କରିବାକୁ ତ୍ରୁଟି କରିବୁ ନାହିଁ । ଏବଂ ଯହିଁରେ ଦିନାଜପୁର ଜିଲ୍ଲାର ପଲ୍ଲୀ ଗ୍ରାମରେ ପ୍ରଚୁର ହେବ ସେଥିପାଇଁ ଆମ୍ଭେ ସ୍ଥାନେ ହାଟ ବଜାରରେ ଏହି ଅମୃତଚୂର୍ଣ୍ଣର ଗୁଣ ଲୋକରେ କେତେ ପ୍ରକାଶ କଲୁଁ ।

ଶ୍ରୀ ପ୍ରତାପଚନ୍ଦ୍ର ମୁଖୋପାଧ୍ୟାୟ
ସବ୍‌ପୋଷ୍ଟମାଷ୍ଟର ଘୋଡ଼ାଘାଟ ଦିନାଜପୁର

ମହାଶୟ !

ସମ୍ପ୍ରତି ଅମ୍ଭ ସହରରେ ଯେ ଓଲାଉଠା ରୋଗର ପ୍ରାଦୁର୍ଭାବ ହୋଇଥିଲା ତହିଁରେ ଆପଣଙ୍କର ଓଲାଉଠାର ବଟିକା ଏରୂପ ଫଳଦାୟକ ହୋଇଥିଲା ଯେ, ଆମ୍ଭେ ଏହାର ଗୁଣ ବର୍ଣ୍ଣନ କରିବାକୁ ଅସମର୍ଥ ଓ ଯେ କ ପର୍ଯ୍ୟନ୍ତ ଆଶ୍ଚର୍ଯ୍ୟାନ୍ୱିତ ହୋଇଅଛୁଁ ତାହା କହି ପାରୁ ନାହୁଁ । ଶହେ ଅଠର ଜଣ ବ୍ୟକ୍ତିଙ୍କୁ ଏହି ଔଷଧୀଦ୍ୱାରା ଚିକିତ୍ସା କରି ସମ୍ପୂର୍ଣ୍ଣରୂପେ ଆରୋଗ୍ୟ କରିଅଛୁଁ । କେବଳ ଗୋଟିଏ ରୋଗୀ ପ୍ରଥମେ ଆପଣଙ୍କର ଔଷଧୀ ସେବନ କରି ତଦ୍‌ବାଦ ଅନ୍ୟ ଔଷଧୀ ସେବନ କରିବାରୁ ମୃତ୍ୟୁଗ୍ରାସରେ ପତିତ ହେଲା ବୋଧ କରୁଁ ଅନ୍ୟ ଔଷଧ ସେବନ କରି ନ ଥିଲେ ତାହାର ଜୀବନ ରକ୍ଷା ହୋଇ ଥାନ୍ତା କର୍ପାକ ଆପଣଙ୍କ ଔଷଧୀଦ୍ୱାରା ଅନେକ ପରିମାଣରେ ରୋଗ ନିବାରଣ ହୋଇଥିଲା । ଯାହା ହେଉ ଏହା ଗୋଟିଏ ମହତ୍ ଦୁଃଖର ବିଷୟ କହିବାକୁ ହେବ । ଆମ୍ଭର ସମ୍ପୂର୍ଣ୍ଣ ବିଶ୍ୱାସ ଏଥି ସମାନ ଦ୍ୱିତୀୟ ଔଷଧୀ ଏପର୍ଯ୍ୟନ୍ତ ଆବିଷ୍କୃତ ହୋଇ ନାହିଁ ଏବଂ ମନୁଷ୍ୟମାନଙ୍କୁ ଏହି ଭୟାନକ ଦୁର୍ଦ୍ଦମ୍ୟ ରୋଗରୁ ନିଷ୍କୃତ ଦେବା ନିମନ୍ତେ ସୃଷ୍ଟିକର୍ତ୍ତା ଆପଣଙ୍କୁ ଏହି ଅମୂଲ୍ୟ ଔଷଧୀ ପ୍ରଦାନ କରି ଅଛନ୍ତି । ଆମ୍ଭେ ଅନ୍ତୁଚ କହିପାରୁ ଯେ, ଓଲାଉଠାରୋଗପ୍ରପୀଡ଼ିତ ମୁମୂର୍ଷୁ ବ୍ୟକ୍ତିଙ୍କି ମଧ୍ୟ ଅର୍ଥାତ୍ ଶେଷାବସ୍ଥାରେ ରୋଗିକୁ ମଧ୍ୟ ଆପଣଙ୍କର ଏହି ଔଷଧୀ ନିୟମିତରୂପେ ସେବନ କରାଇଲେ ମୃତ୍ୟୁର ଭୟ ନ ଥାଏ । ଆମ୍ଭ ବିବେଚନାରେ ଆପଣଙ୍କର ଔଷଧୀ ସେବନ କରାଇ ଅନ୍ୟ ଔଷଧୀ ସେବନ କରାଇବା କଦାଚ ଉଚିତ ନୁହଇ । ଅତ୍ରନଗରର ମାନ୍ୟବର ଏସିଷ୍ଟାଣ୍ଟ ସାର୍ଜନ ମହାଶୟ ଆପଣଙ୍କର ଔଷଧୀର କ୍ଷମତା ଦେଖି କହିଥିଲେ ଯେ, ଏରୂପ ଆଶ୍ଚର୍ଯ୍ୟ ଘଟଣା ମନୁଷ୍ୟ କୃତ ଔଷଧୀଦ୍ୱାରା ସ୍ୱପ୍ରକାରରେ ସମ୍ପାଦିତ ହୋଇ ପାରେ ।

ଅତୀବ ଦୁଃଖର ବିଷୟ ଯେ, ଏଠାର ମାନ୍ୟବର ଡେପୁଟୀ କମିଶନର ସାହେବ ଆପଣଙ୍କ ପ୍ରେରିତ * ବର୍ଣ୍ଣିତ ଔଷଧୀ ଲାହୋର, ଅମୃତସହର ଓ ଜାଲନ୍ଧରରେ ବିତରଣ କରିବାକୁ ନେବାକୁ ସ୍ୱୀକୃତ ହୋଇ ନାହାନ୍ତି ।

ଶ୍ରୀ ବ୍ରଜବଲ୍ଲଭ ମୁଖୋପାଧ୍ୟାୟ
ହେଡ଼କ୍ଲାର୍କ ଡେପୁଟୀ କମିସନର୍ସ ଅଫିସ,
ଅମ୍ବାଲା

ପ୍ରିୟ ମହାଶୟ !

ଗତ ବର୍ଷ ଆମ୍ଭର ଭଗିନୀ ଶାସ୍ତ୍ରୀ ବାବୁ ଈଶାନଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ ମହାଶୟ ଆପଣଙ୍କ ନିକଟରୁ ଯେଉଁ କଲେରାପିଲ କ୍ରୟ କରି ଥିଲେ ଆମ୍ଭେ ଆହ୍ଲାଦର ସହିତ ତାହାର ମହତ ରୋଗ ନିବାରଣୀ ଶକ୍ତିର ସାକ୍ଷ୍ୟ ଦେଉଅଛୁଁ ।

ବହୁ ବର୍ଷ୍ୟକ ଓଲାଉଠା ରୋଗିଙ୍କର ଏହା ବ୍ୟବହାର କରିବାରେ ଯେଉଁ ଆଶା କରାଯାଇଥିଲା, ତାହା ସମ୍ପୂର୍ଣ୍ଣ ସଫଳ ହୋଇଅଛି ଅର୍ଥାତ୍ ଶୀଘ୍ର ରୋଗର ପ୍ରତୀକାର ହୋଇଅଛି ପ୍ରତ୍ୟେକ ଜଣ ବ୍ୟକ୍ତିଙ୍କୁ ଏହା ସେବନ କରାଇ ଦିଆଯାଇଥିଲା, ସମସ୍ତେ ଆରୋଗ୍ୟଲାଭ କରି ଅଛନ୍ତି । ପ୍ରକୃତ ଏଥିରୁ ଅଲୌକିକ ଶକ୍ତି ଆମ୍ଭମାନଙ୍କ ମଧ୍ୟରେ ପ୍ରକାଶିତ ହୋଇଅଛି ।

ଯଦି ଓଲାଉଠା ରୋଗର କୌଣସି ଯଥାର୍ଥ ଔଷଧୀ ଆବିଷ୍କୃତ ହୋଇଅଛି ତେବେ ଉକ୍ତ ଔଷଧୀ ଆପଣଙ୍କର କଲେରାପିଲ ବ୍ୟତୀତ ଅନ୍ୟ କିଛି ନୁହେ । ଆମ୍ଭେ ସମ୍ଭ୍ରାନ୍ତ ଓ ଭଦ୍ର ମହାଶୟମାନଙ୍କୁ ଉତ୍କଣ୍ଠା ଭାବେ ଅନୁରୋଧ କରୁଅଛୁଁ ଯେ ଯେମନ୍ତ ସେମାନେ ଏହି ଔଷଧୀକୁ ନିଜ ସଙ୍ଗରେ ରଖନ୍ତି । ଯହିଁରେ ଓଲାଉଠାର ପ୍ରାଦୁର୍ଭାବ ସମୟରେ, ସେମାନେ ଏହାଦ୍ୱାରା ବିଶେଷ ଉପକାର ଲାଭ କରି ପାରିବେ । ଆମ୍ଭେ ଏହାକୁ ଆମ୍ଭମାନଙ୍କ ମଧ୍ୟରେ ଗୋଟିଏ ବର ସ୍ୱରୂପ ଜ୍ଞାନ କରୁଁ ଏବଂ ଏହା ମଧ୍ୟ ଆମ୍ଭର ଉଲକ୍ଷଣ ପ୍ରତୀତ ହୋଇଅଛି ଯେ ଏହା ଯେଉଁ ମୂଲ୍ୟରେ ବିକ୍ରୀତ ହୁଏ, ସେଥିର ଅତି ଉପଯୁକ୍ତ !

ଆପଣ ଇଚ୍ଛା କଲେ ଉପରଉକ୍ତ କେତେକ ପଂକ୍ତି ବ୍ୟବହାର କରି ପାରନ୍ତି । ଆମ୍ଭେ ଯାହା କହୁଅଛୁଁ ତାହା ସତ୍ୟ, କିମ୍ବା ଚରିତ୍ରରେ ଅନ୍ୟ କିଛି ନୁହେ ଅର୍ଥାତ୍ ବଢାଇ କରି କହୁ ନାହୁଁ । ଜଗଦୀଶ୍ୱର କରନ୍ତୁ ପ୍ରଚୁର ପରିମାଣରେ ଆପଣଙ୍କର ଏହି ମହାମୂଲ୍ୟ ଔଷଧୀ ବିକ୍ରୟ ହେଉ !

ଶ୍ରୀ ରାମପଲ୍ଲବ ମୁଖୋପାଧ୍ୟାୟ
ହେଡକ୍ଲର୍କ ବେହାର ଇଣ୍ଡିଗୋ ପ୍ଲାଣ୍ଟାର୍ସ
ଏସୋସିଏସନ୍ ।

ଲ ୫୪ ନର

ଅପରପୃଷ୍ଠ ଦେଖ ।

Split by PDF Splitter
Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା

ଭାଗ ୧୭ ଶ
ସଂ ୨୮ ଖ୍ୟା

ତା ୧୪ ଅଗ ମାହେ ଇଂରାଜୀ ସନ ୧୮୮୨ ମସିହା । ମୁ । ଶ୍ରାବଣ ତା ୨ ଉ ସନ ୧୨୮୯ ସାଲ ଶନିବାର

| ମୂଲ୍ୟ | ଅଗ୍ରିମ | ବକେୟା |
|---|---|---|
| ବାର୍ଷିକ | ଟ ୫ ୧ | ଟ ୬ ୧ |
| ଡାକମାସୁଲ | ଟ ୦ ୪ | ଟ ୧ ୧ |

ବ୍ରାହ୍ମପବ୍ଲିକଓପିନିଅନ୍ ଲେଖିଅଛନ୍ତି କଲିକତାର ମାକ୍‌ଫର୍ସନ ସାହେବ ହାଇକୋର୍ଟରେ ନିଯୁକ୍ତ ହୋଇ ବଡ଼ ସୁଖ୍ୟାତି ଲାଭ କରୁଅଛନ୍ତି । ସୁବିଚାରକର ଯେ ସମସ୍ତଗୁଣ ଥିବା ଆବଶ୍ୟକ ସେ ସମସ୍ତ ତାହାଙ୍କଠାରେ ଅଛି । କ୍ଷମା ସହିଷ୍ଣୁତା ଧୈର୍ଯ୍ୟ ସୂକ୍ଷ୍ମବିଚାର କ୍ଷମତା ଏବଂ ନ୍ୟାୟପରତା ସମସ୍ତ ତାହାଙ୍କଠାରେ ବିଦ୍ୟମାନ । ଉକିଲ ଏବଂ ଅମଲା ତାହାଙ୍କର ଏ ସମସ୍ତ ଗୁଣରେ ବଶୀଭୂତ ହୋଇ ତାହାଙ୍କଠାରେ ଅତ୍ୟନ୍ତ ପ୍ରୀତ ହୋଇଅଛନ୍ତି । ଏପରି ଜଜ ହାଇକୋର୍ଟରେ ସ୍ଥାୟୀ ହେଉନ୍ତୁ ଏହା ସମସ୍ତଙ୍କର ପ୍ରାର୍ଥନା । ଶ୍ରୀଯୁକ୍ତ ମାକଫର୍ସନ ସାହେବ ଆମ୍ଭମାନଙ୍କର ପ୍ରକୃତ ବନ୍ଧୁ ଅଟନ୍ତି ତାହାଙ୍କର ସୁଖ୍ୟାତି ଯଦ୍ୟପି ଆମ୍ଭମାନଙ୍କ ପକ୍ଷରେ ନୂତନ କଥା ନୁହଇ ତଥାପି ଏହା ଶୁଣି ପାଠକମାନେ ଆନନ୍ଦିତ ହେବେ ବୋଲି ଏ ସମ୍ବାଦଟି ଲେଖିଲୁଁ ।

---

ସମ୍ବାଦଦାତାଙ୍କଠାରୁ ଅବଗତ ହେଲୁଁ ଯେ ବାଲେଶ୍ୱରରେ ମଙ୍ଗଳପୁର ଭୂୟାଁ ଜମିଦାର ଏବଂ ପ୍ରଜାଙ୍କ ମଧ୍ୟରେ କେତେଦିନରୁ ଯେଉଁ ମାମଲାମାନ ଚଳି ଆସିଥିଲା ଏବଂ ଯହିଁରେ ପ୍ରଜାମାନେ କ୍ଷତଗ୍ରସ୍ତ ହୋଇଥିଲେହେଁ ଧର୍ମବଳରୁ ଫଉଜଦାରୀ ଓ ଦେୱାନୀ ଅଦାଲତମାନଙ୍କରେ ଜୟଲାଭ କରିଅଛନ୍ତି ତହିଁରୁ ବର୍ତ୍ତମାନ ଜାଲ୍ ଇତ୍ୟାଦି ଦଫା ଫଉଜଦାରୀ ମାମଲାମାନ ଜାତ ହୋଇ ସର୍ବସାଧାରଣଙ୍କ ମନ ଆକର୍ଷଣ କରୁଅଛି । ଏମନ୍ତ ଜଣାଯାଏ ଯେ ଜମିଦାର ପ୍ରଜାଙ୍କୁ ଜବ୍ଦ କରିବାପାଇଁ ସେମାନଙ୍କ ନାମରେ ଜାଲ ତମସୁକ ବଳରେ ଅଦାଲତରେ ନାଲିଶ କରିଥିଲେ ସେହି ସମସ୍ତ ଜାଲ ଧରାଇଦେବା ଉଦ୍ଦେଶରେ ବର୍ତ୍ତମାନ ମୋକଦ୍ଦମାମାନ ହେଉଅଛି । ଶୀତଳ ବାବୁ ଡେପୁଟୀ ମାଜିଷ୍ଟ୍ରେଟଙ୍କ ମହକୁମାରେ ଏ ମୋକଦ୍ଦମାର ତଦନ୍ତ ହେଉଅଛି । ପ୍ରତିଦିନ କେତେ ସାକ୍ଷିର ଜୋବାନବନ୍ଦୀ ହେଉଅଛି ଏବଂ ମିସଲରେ ଦର୍ଶକର ଭିଡ଼ ଅତ୍ୟନ୍ତ ହେଉଅଛି । ବାସ୍ତବରେ ଏ ମୋକଦ୍ଦମାର ବିଚାର ଶେଷ ହେଲେ ଗୋଟିଏ ବୃହତ୍ ଜମିଦାରୀର ଅନେକ ଗୂଢ଼ ବୃତ୍ତାନ୍ତ ସାଧାରଣ ଜ୍ଞାତସାରରେ ଆସିବ ।

---

ଅଗ୍ରର ପତ୍ରିକାରେ ପୁଲିସର ଗୋଟିଏ ନୂତନ ଅତ୍ୟାଚାର ବିଷୟରେ ଖଣ୍ଡିଏ ପ୍ରେରିତପତ୍ର ପ୍ରକାଶ କଲୁଁ । ପୁଲିସର ଏହି ଅତ୍ୟାଚାରର ପ୍ରବର୍ତ୍ତକ ମିଉନିସିପାଲିଟୀ ଅଟଇ । ମିଉନିସିପାଲିଟୀ ପୁଲିସବାଲାଙ୍କୁ ପୁରସ୍କାର ଦେବା କାରଣ ଏଥର ବଜେଟରେ କେତେଶତଏ ଟଙ୍କା ମଞ୍ଜୁର କରିଅଛନ୍ତି ଏବଂ ଜଣେ ହେଡକନେଷ୍ଟବଲ ତହିଁରୁ ଟ ୧୦ ଙ୍କା ପୁରସ୍କାର ପାଇଅଛି । ଏହା ଦେଖି ପୁଲିସବାଲାଙ୍କର ଉତ୍ସାହର ସୀମା ନାହିଁ । ମୋଫସଲର ଲୋକମାନେ ସରକାରୀ ପାଇଖାନାର ନିୟମ ଜାଣନ୍ତି ନାହିଁ ସେମାନଙ୍କୁ ପୂର୍ବରୁ ସାବଧାନ କରି ଦେବା ପୁଲିସର କାର୍ଯ୍ୟ ନ କରି ଚାଲାନ କଲେ ପୁରସ୍କାର ମିଳିବ ଏହି ଲୋଭରେ ପୁଲିସବାଲା ଅପରାଧ କରିବାର ଉଦ୍ୟମ ଦେଖିଲେ ସୁଦ୍ଧା ମନା କରୁ ନାହାନ୍ତି ଏବଂ ଅପରାଧ ହେବା ମାତ୍ରକେ ଧରି ଚାଲାନ କରୁଅଛନ୍ତି । ଅମ୍ଭେମାନେ ଶୁଣିଅଛୁଁ ଯେ ଏବେ ଦିନ ତ ୨୦।୨୫ ଣ ଏହି ଅପରାଧରେ ଚାଲାନ ହୋଇଅଛନ୍ତି । ଏମାନେ ସାମାନ୍ୟ ଅର୍ଥଦଣ୍ଡ ଦେଇ ନିସ୍ତାର ପାଉଅଛନ୍ତି ସତ୍ୟ ମାତ୍ର ସକାଳୁ ଦୁଇପ୍ରହର ପର୍ଯ୍ୟନ୍ତ ଥାନା ଓ କଚେରିରେ ପଡ଼ି ରହି ଯେତେ କଷ୍ଟ ଓ କ୍ଷତି ସହୁଅଛନ୍ତି ତହିଁର ସୀମା ନାହିଁ । ମିଉନିସିପାଲିଟୀ ଜ୍ୱାଳାରୁ ଲୋକେ କେବେ ରକ୍ଷା ପାଇବେ !

---

ଏଠା କଲେଜରେ ଷ୍ଟୁଡେଣ୍ଟସ୍ ଆସୋସିଏସନ ନାମରେ ଛାତ୍ରମାନଙ୍କର ଗୋଟିଏ ସମାଜ ଅଛି ଏହି ସଭାର ଉତ୍ସାହ ନିମନ୍ତେ ଏଠାର ଜଣେ ବଡ଼ ଉକିଲ ବାବୁ ମଧୁସୂଦନ ଦାସ ଗୋଟିଏ ବକ୍ତୃତା କରିବାକୁ ସମ୍ମତ ହେବାରୁ ତାହା ଶୁଣିବା କାରଣ ଗତ ସୋମବାର ସନ୍ଧ୍ୟା ସମୟରେ ଉକ୍ତ ସମାଜର ଏକ ବିଶେଷ ଅଧିବେଶନ ହୋଇଥିଲା ଏବଂ ସଭାପତିଙ୍କ ଆମନ୍ତ୍ରଣ ମତେ ଏ ନଗରବାସୀ ଅନେକ ଭଦ୍ରଲୋକ ସେଠାରେ ସମବେତ ହୋଇଥିଲେ । ବାବୁ ମହାଶୟ ଜଣେ ସୁବକ୍ତା ଅଟନ୍ତି ସେ ସୁନ୍ଦର ଇଂରାଜୀଭାଷାରେ ପ୍ରାୟ ଏକଘଣ୍ଟା କାଳ

Digitized by srujanika@gmail.com

Split by PDF Splitter



ବିଖ୍ୟାତ ଅଧ୍ୟାପକ ଡାକ୍ତର ଭିଲ୍ ସାହେବଙ୍କର ଏକ ଜଳ୍ପନା ବିଷୟରେ ବକ୍ତୃତା କରିଥିଲେ ଏବଂ ତହିଁରେ ଦର୍ଶକମାନେ ଯଥେଷ୍ଟ ଆମୋଦ ଓ ଜ୍ଞାନଲାଭ କରିଥିଲେ । ବଡ ସୁଖର ବିଷୟ ଯେ ବାବୁ ମହାଶୟ ସମୟ୨ରେ ଏପରି ବକ୍ତୃତାଦ୍ୱାରା ଏଠା ବିଦ୍ୱାନ୍ମଣ୍ଡଳୀଙ୍କୁ ଆନନ୍ଦିତ କରିବା କାରଣ ପ୍ରସ୍ତୁତ ହୋଇଅଛନ୍ତି । ବର୍ତ୍ତମାନ ଏ ନଗରରେ ବକ୍ତାର ଅତ୍ୟନ୍ତ ଅଭାବ । ବିଦ୍ୱାନ୍ ବ୍ୟକ୍ତି ବିଶେଷରେ ଉକୀଲ ଏବଂ ଶିକ୍ଷା ବିଭାଗର କର୍ମଚାରୀଙ୍କଠାରୁ ସର୍ବସାଧାରଣ ସମୟ ସମୟରେ ନୂତନ ଏବଂ ହିତକଥା ଶୁଣିବାକୁ ଆଶା ରଖନ୍ତି । ଏତାବତ୍ କାଳ ଏ ଆଶା ପୂର୍ଣ୍ଣ କରିବାକୁ କେହି ଅଗ୍ରସର ହୋଇ ନ ଥିଲେ ମଧୁବାବୁ ଏଠାକୁ ଆସି ଏଥିର ପଥପ୍ରଦର୍ଶକ ହୋଇଅଛନ୍ତି ଏଥିପାଇଁ ଆମ୍ଭେମାନେ ତାହାଙ୍କୁ ଧନ୍ୟବାଦ ଦେଉଅଛୁଁ ।

---

ଲବଣକର ବିଷୟରେ ନିମ୍ନଲିଖିତ ପତ୍ର ଖଣ୍ଡିକ ଜଣେ ବନ୍ଧୁଙ୍କଠାରୁ ପ୍ରାପ୍ତ ହୋଇ ଏଠାରେ ପ୍ରକାଶ କଲୁଁ । ଗବର୍ଣ୍ଣମେଣ୍ଟଙ୍କର ଏଥି ପ୍ରତି ଦୃଷ୍ଟି ପଡିବ ଏହା ଆମ୍ଭମାନଙ୍କର ପ୍ରାର୍ଥନା ଅଟଇ ।

"ବର୍ତ୍ତମାନ ଦେଖା ଯାଉଅଛି ଯେ ଏ ଦେଶସ୍ଥ ପ୍ରଜାମାନଙ୍କ ଉପକାରାର୍ଥେ ଶ୍ରୀଯୁତ ମହାମାନ୍ୟ ଗବର୍ଣ୍ଣମେଣ୍ଟ ଲବଣର କର ଯେ ଫି ମ ୧୦।୬ ଟ ୨୫ ଥିଲା ତହିଁରୁ ଊଣା କରି ମ ୧ ଟ ୨୮ କା ଧାର୍ଯ୍ୟ କରିଅଛନ୍ତି ତାହା ସର୍ବସାଧାରଣଙ୍କ ଗୋଚରାର୍ଥେ ନାନାତ ସମ୍ବାଦପତ୍ରରେ ପ୍ରକାଶ ଓ ସେଥିର ବିଜ୍ଞାପନମାନ ଏ ଜିଲାର ନାନାଦ ହାଟ ଓ ବଜାର ଓ ପ୍ରଧାନ ଗ୍ରାମମାନଙ୍କରେ ପ୍ରଚାର କରାଇଅଛନ୍ତି ତଥାତ ଗରିବପ୍ରଜାମାନେ ଯେପରି ପୂର୍ବେ ଟ ୨୫ ମହଣ ଥିଲା ସମୟରେ ଫି ସେ ୧ ରେ ଟ୦।୧ ଓ ଟ୦।୨ କିଣି ଆପଣାର ସଂସାର ନିର୍ବାହ କରୁଥିଲେ ସେହିପରି କିଣୁଅଛନ୍ତି ଶ୍ରୀଯୁତ ଗବର୍ଣ୍ଣମେଣ୍ଟଙ୍କ କୃପାଦୃଷ୍ଟି ହେବାରେ ମଧ୍ୟ ଗରିବପ୍ରଜାଙ୍କ କଷ୍ଟ ଦୂର ହେଉ ନାହିଁ ବେପାରୀ ଓ ମହାଜନମାନେ ସୁଲଭରେ ଲୁଣ ନ ଦେଲେ ବର୍ତ୍ତମାନ ତନତ ଲୁଣ ପ୍ରଚୁର ନ ହେବାର କହି ପ୍ରଜାମାନଙ୍କୁ ବାକ୍ୟ-ପ୍ରବୋଧ କରୁଅଛନ୍ତି ଏଥିରୁ ବୋଧ ହୁଏ ଯେ ମହାଜନ ଓ ବେପାରୀମାନଙ୍କ ଲାଭ ବ୍ୟତିରେକେ ପ୍ରଜାମାନଙ୍କର କେଉଁଶି ଉପକାର ନାହିଁ ଏଥିପ୍ରତି କଲେକ୍ଟର ସାହେବମାନେ ଦୃଷ୍ଟିପାତ କଲେ ଗରିବପ୍ରଜାଙ୍କ କଷ୍ଟ ଦୂର ହୋଇପାରେ ଏତଦ ପ୍ରାର୍ଥନା ।"

---

ମିସର ଦେଶର ଯୁଦ୍ଧ ଲାଗିଲା ପ୍ରାୟ ସବୁ ଲକ୍ଷଣ ଦେଖାଯାଏ । ଅନ୍ତତଃ ଯେପରି ସମ୍ବାଦମାନ ବର୍ତ୍ତମାନ ତାରଯୋଗେ ଆସୁଅଛି ସେ ସମସ୍ତ କେବଳ ଯୁଦ୍ଧର ଉପକ୍ରମଣିକା ଅଟଇ । ଇଂରାଜ ରଣତରୀର ସେନାପତି ସିମର ସାହେବ ଆଜ୍ଞା ପଠାଇଅଛନ୍ତି ଯେ ମିସ୍ରବାସିମାନେ ଯୁଦ୍ଧର ଆୟୋଜନ ପରିତ୍ୟାଗ ନ କଲେ ସେ ଅଲେକଜାଣ୍ଡ୍ରିୟାର ଦୁର୍ଗକୁ ଆକ୍ରମଣ କରିବେ । ଏଣେ ମିସରୀୟମାନେ ସ୍ଥାନେ୨ ତୋପ ବସାଇବାର ମାଟିବନ୍ଧ ଏବଂ କଣ୍ଟା ଇତ୍ୟାଦି ନିର୍ମାଣ ବା ଦୃଢ କରିବାରେ ଲାଗିଅଛନ୍ତି ଏବଂ ୫୧୦୦୦ ସେନାଙ୍କୁ ବନ୍ଧୁକ ଆଦ ଅସ୍ତ୍ରମାନ ଯୋଗାଇ ଠିକ କରି ରଖିଅଛନ୍ତି । ଇଂଲଣ୍ଡ ଏ ସମସ୍ତ ଦେଖି ଚୁପ ହୋଇ ନ ପାରନ୍ତି । ଏଥି ମଧ୍ୟରେ ବିଲାତରୁ ୨୦୦୦୦ ଏବଂ ଭାରତ ବର୍ଷ ଏଡେନ ଓ ମାଲ୍ଟା ଜିବ୍ରାଲ୍ଟରଠାରୁ ୧୦୦୦୦ ସୈନ୍ୟ ମିସର ରାଜ୍ୟକୁ ପ୍ରେରଣ ହେବାର ଆଜ୍ଞା ପ୍ରଚାର ହୋଇଅଛି ଏବଂ ତହିଁର ବନ୍ଦୋବସ୍ତ କରିବାରେ ଭାରତୀୟ ସ୍ଥାନର ଗବର୍ଣ୍ଣମେଣ୍ଟ ବ୍ୟସ୍ତ ଅଛନ୍ତି । ଗତ ମାସ ତା ୨ ରଖରେ ଗୃହିତକାର ପଦାତିକ ୯୦୦ ଅଶ୍ୱ ଯୋଦ୍ଧା ଏବଂ କୁରଥ ଓ ତୋପ ଅବିଳମ୍ବେ ପଠାଇବା ନିମିତ୍ତ ପ୍ରସ୍ତୁତ ରଖିବା କାରଣ ବମ୍ବେଇଠାରେ ଆଜ୍ଞା ପହଞ୍ଚିଥିଲା ଏବଂ ସେଠାର ସାମୁଦ୍ରିକ କର୍ମଚାରୀମାନେ ଜାହାଜ ଭଡା ଏବଂ ଖାଦ୍ୟସାମଗ୍ରୀ ଓ ସାମାନ ଆବଶ୍ୟକୀୟ କାର୍ଯ୍ୟ ଆରମ୍ଭ କରି ଦେଇଥିଲେ । ଗବର୍ଣ୍ଣମେଣ୍ଟ ଇଣ୍ଡିଆ ରାଜ୍ୟରେ ଶାନ୍ତିର ଲକ୍ଷଣ ଦେଖି ଭାରତବର୍ଷର ସୈନିକ ବ୍ୟୟ ଊଣା କରିବା ମତଲବରେ ପଲ୍ଟନମାନ ଭାଙ୍ଗି ଦେଉଅଛନ୍ତି ଏବଂ ସେହି ଆଶାରେ କଟା ମାସୁଲ ଉଠାଇ ଦେଇଅଛନ୍ତି । ଛଅମାସ ଗତ ନ ହେଉଣୁ ପୁନର୍ବାର ଯୁଦ୍ଧର ଆୟୋଜନ କରିବାକୁ ପଡିଲା । ଯଦ୍ୟପି ଏ ଯୁଦ୍ଧ ଭାରତବର୍ଷ ମଧ୍ୟରେ ହେଉ ନାହିଁ ତଥାତ ଏଥିର ବ୍ୟୟଭାର ଯେ ଆମ୍ଭମାନଙ୍କ ଉପରେ ପଡିବ ଏଥିରେ ସନ୍ଦେହ ନାହିଁ ଏବଂ ତାହା ହେଲେ ଆମ୍ଭମାନଙ୍କ ଧନମନ୍ତ୍ରୀ ମେଜର ବେରିଙ୍ଗ ସାହେବ କରମାନ ଉଠାଇ ଦେଇ ଯେଉଁ ସାହସ ଦେଖାଇଅଛନ୍ତି ତାହା ଦୁଃସାହସରେ ପରିଣତ ହେବ ଏପରି ଆଶଙ୍କା ହେଉଅଛି ।

ଏ ପ୍ରସ୍ତାବ ଲେଖା ହେଲା ଉତ୍ତାରୁ ତାରସଂବାଦରୁ ଅବଗତ ହେଲୁଁ ଯେ ଆଡମିରାଲ ସିମୋରଙ୍କ ପ୍ରସ୍ତାବମତେ ମିସରବାସିମାନେ ଯୁଦ୍ଧ ସଜ୍ଜା ସ୍ଥଗିତ କରିବାକୁ ମୁହଁରେ କହିଲେ ସୁଦ୍ଧା କାର୍ଯ୍ୟରେ ସେପରି କଲେ ନାହିଁ ଏବଂ ଏଥିପାଇଁ ସେ ଆପଣା କଥାମତେ ଗତ ମଙ୍ଗଳବାର ସକାଳୁ ଯୁଦ୍ଧ ଆରମ୍ଭ କରିବେ ବୋଲି ବିଜ୍ଞାପନ ଦେଇ ଥିଲେ । ଅଲେକଜାଣ୍ଡ୍ରିୟାର ଦୁର୍ଗ ଉପରେ ବୋଧ ହୁଏ ଏତେବେଳେ ଇଂରାଜସେନା ଗୁଳି ବୃଷ୍ଟି କରୁଅଛନ୍ତି ଏବଂ ଏତେ ଶୀଘ୍ର ଯୁଦ୍ଧ ଆରମ୍ଭ ହେବାର କଥା ଶୁଣି ସମସ୍ତେ ଚମତ୍କୃତ ହୋଇଅଛନ୍ତି । ମିସରୀୟଙ୍କର ଇଂରାଜଙ୍କ ସହିତ ଯୁଦ୍ଧ କରିବା ବଳ ହୋଇ ନାହିଁ କିନ୍ତୁ ଆରବୀ ପାଶା ଭୟାନକ ଉତ୍ତେଜିତ ହୋଇଅଛନ୍ତି ସେ ମିସରର ସ୍ୱାଧୀନତା ନିମିତ୍ତ ପ୍ରାଣର ଆଶା ବିସର୍ଜନ କରିଅଛନ୍ତି ।

—※—

## ଖଜଣାର ବସ୍ତବନ୍ଦୀ ।

ଏଡୁକେସନ ଗେଜେଟରୁ ଅବଗତ ହେଲୁଁ ଯେ ପ୍ରଜାଙ୍କଠାରୁ ଜମିଦାରମାନେ ଖଜଣା ଆଦାୟ କରିବାର ସୁବନ୍ଦୋବସ୍ତ ବିଷୟରେ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଏକ ଅଭିପ୍ରାୟଲିପି ପ୍ରକାଶ କରିଅଛନ୍ତି । ମହାମାନ୍ୟ ଗବର୍ଣ୍ଣର ଜେନେରାଲଙ୍କର ମତ ଏହି ଯେ ଖଜଣା ବସ୍ତବନ୍ଦୀ ଏପ୍ରକାର ହେବା ଉଚିତ ଯେ ଯଦ୍ଦ୍ୱାରା ପ୍ରଜାମାନେ ଜମିଦାରଙ୍କ ଖଜଣା ଅକ୍ଳେଶରେ ଆଦାୟ କରି ପାରିବେ । ଅନେକ ସ୍ଥଳରେ ବସ୍ତବନ୍ଦୀ ସୁବିଧାମତେ ହୋଇ ନାହିଁ । ଯେଉଁ ସମୟରେ ଭୂମିରୁ ଶସ୍ୟ ସଂଗ୍ରହ ହୁଅଇ ସେହି ସମୟରେ ଖଜଣାର ବସ୍ତବନ୍ଦୀ ପଡିବାର ଉଚିତ ତାହା ହେଲେ ପ୍ରଜା ଫସଲ ବିକ୍ରୟ କରି ଖଜଣା ଦେବାକୁ କ୍ଲେଶ ମଣିବେ ନାହିଁ ଏବଂ ଜମିଦାରର ମଧ୍ୟ ଖଜଣା ଆଦାୟ କରିବାକୁ ସୁଗମ ହେବ । କିନ୍ତୁ ଭୂମି ଆବାଦ ସମୟରେ ଖଜଣାର ବସ୍ତବନ୍ଦୀ ପଡିଲେ ବଡ ଦୁରବସ୍ଥା ଘଟେ ସେ ସମୟରେ କୃଷିକାର୍ଯ୍ୟ ସକାଶେ ଉପଯୁକ୍ତ ବ୍ୟୟ ଯୋଗାଇବା ପ୍ରଜା ପକ୍ଷରେ କଷ୍ଟକର ହୋଇ ପଡେ ଏଣୁ କରି ମହାଜନଙ୍କଠାରୁ ସେମାନେ ଟଙ୍କା ଋଣ କରନ୍ତି ଏଥି ଉପରେ ଖଜଣା ଦେବା ଅତୁଲ କଷ୍ଟକର । ଅନ୍ତତଃ

Digitized by srujanika@gmail.com

Split by PDF Splitter



ମହାଜନଙ୍କଠାରୁ ଉଚ୍ଚ ସୁଧରେ ଟଙ୍କା ଋଣ କରି ପ୍ରଜାମାନେ ସେହି ଋଣଜାଲରେ ଏମନ୍ତ ଆବଦ୍ଧ ହୁଅନ୍ତି ଯେ ଆଜନ୍ମକାଳ ତହିଁରୁ ମୁକ୍ତି ପାଇବା ଦୂରେଥାଉ ଆପଣା ଉତ୍ତରାଧିକାରିଙ୍କୁ ସୁଦ୍ଧା ତହିଁରେ ଆବଦ୍ଧ କରି ଦଅନ୍ତି । ଗବର୍ଣ୍ଣମେଣ୍ଟ ପ୍ରଜାଙ୍କର ଏପ୍ରକାର କଷ୍ଟ ଉପଶମ କରିବାକୁ ଯତ୍ନ କରୁଅଛନ୍ତି ବଡ ସୁଖର ବିଷୟ ଅଟଇ ମାତ୍ର ଆମ୍ଭେମାନେ ଅନୁମାନ କରୁଁ ତ ଏହା ବନ୍ଦୋବସ୍ତ ପଞ୍ଚାଇତଦ୍ୱାରା ପ୍ରଜାଙ୍କର ଏ କଷ୍ଟ ଘିବ ନାହିଁ । ଅନେକ ଜମିଦାର ବନ୍ଦୋବସ୍ତ ପ୍ରତି ଦୃଢ ଦୃଷ୍ଟି ନ ରଖି ପ୍ରଜାଙ୍କ ସଚ୍ଛଳଅବସ୍ଥାରେ ଖଜଣା ଆଦାୟ କରନ୍ତି ତଥାପି ପ୍ରଜାମାନେ ଋଣରୁ ମୁକ୍ତ ହୋଇ ନାହାନ୍ତି । ଖଜଣାର ଦର ଉଚିତ ପ୍ରକାର ହେବା ସର୍ବାଗ୍ରେ ଆବଶ୍ୟକ ଏବଂ ତଦ୍ୱାରା ଏହା ପ୍ରଜାଙ୍କର ରକ୍ଷା । ସହଜ ଖଜଣା ହେଲେ ପ୍ରଜାମାନେ ଅନାୟାସରେ ତାହା ଦେଇ ନିଶ୍ଚିନ୍ତ ରହନ୍ତି କିନ୍ତୁ ଯେଉଁଠି ସ୍ଥଳରେ ଖଜଣାର ଦର ଉଚ୍ଚ ସେହିସ୍ଥଳରେ ପ୍ରଜାମାନଙ୍କ ଦରିଦ୍ରତା ଘୋଟି ରହିବାର ସର୍ବଦା ଦେଖା ଯାଉଅଛି ।

---

### ବଙ୍ଗପ୍ରଦେଶର ଜେଲଖାନା ।

ବଙ୍ଗଳାର ଜେଲସମୂହର ବାର୍ଷିକ ବିଜ୍ଞାପନୀ ଉପରେ ମାନ୍ୟବର ଲେଫ୍ଟେନାଣ୍ଟ ସାହେବଙ୍କ ମତ ଅଳ୍ପଦିନ ହେଲା କଲିକତା ଗେଜେଟରେ ବାହାରି ଅଛି । ତହିଁରୁ ଦେଖାଗଲା ଯେ ଗତ ବର୍ଷର ଫଳ ଅତ୍ୟନ୍ତ ପ୍ରୀତିକର ହୋଇଅଛି । କଏଦିଙ୍କ ସଂଖ୍ୟା ପୂର୍ବ ଦୁଇବର୍ଷଠାରୁ କ୍ରମଶଃ ଊଣା ହୋଇ ଆସିଅଛି ଯଥା;— ସନ ୧୮୮୦ ସାଲ ଆରମ୍ଭରେ ଜ ୧୮୭୫୫ ଣ ସ୍ଥଳରେ ସନ ୧୮୮୧ ସାଲର ଶେଷଦିନରେ କେବଳ ଜ ୧୬୩୭୭ ଣ କଇଦୀ ଥିଲେ । ସୁଭିକ୍ଷ ଏଥିର ପ୍ରଧାନ କାରଣ ବୋଲି ନିର୍ଦ୍ଦେଶ ହୋଇଅଛି । ଗତ ଦୁଇବର୍ଷ ଖାଦ୍ୟସାମଗ୍ରୀର ମୂଲ୍ୟ ଊଣା ଥିବାରୁ ଲୋକେ ଅଳ୍ପକଷ୍ଟ ଭୋଗ କରି ନାହାନ୍ତି ଏହି ହେତୁ ଚୋରି ଇତ୍ୟାଦି ଅପରାଧ ଊଣା ପଡଅଛି । ପକ୍ଷାନ୍ତରରେ ଦେୱାନି କଏଦିଙ୍କ ସଂଖ୍ୟା ବୃଦ୍ଧି ହୋଇଅଛି ଯଥା;— ସନ ୧୮୮୦ ସାଲରେ ଜ ୨୭୪୯ ଣରୁ ସନ ୧୮୮୧ ସାଲରେ ଜ ୩୦୧୬ ଣ କଏଦ ହୋଇଥିଲେ । ଏଥିର କାରଣ ମଧ୍ୟ ସେହି ସୁଭିକ୍ଷ ଅଟଇ । ଧାନ ଚାଉଳ ଶସ୍ତା ହେବାରୁ ସୁତରାଂ ଟଙ୍କାର ଆମଦାନି ଊଣା ହେଲା ସୁତରାଂ ଅନେକ ଲୋକ ଯଥା ସମୟରେ ଋଣ ପରିଶୋଧ କରି ପାରିଲେ ନାହିଁ । ମଦ ଇତ୍ୟାଦି ମାଦକଦ୍ରବ୍ୟ ବ୍ୟବହାର କରୁଥିବା କେତେକ ଲୋକ ପ୍ରତିବର୍ଷ କଏଦ ହୁଅନ୍ତି ଏଥିର ଭଲ ତାଲିକା ହେଉଥିଲେ ବଡ଼ ଭଲ ହୁଅନ୍ତା । ମଦତଙ୍କଦ୍ୱାରା ଜେଲର ଲୋକସଂଖ୍ୟା ବୃଦ୍ଧି ହୁଅଇ ବୋଲି ସାଧାରଣ ବିଶ୍ୱାସ ଓ ସୁଭିକ୍ଷ ଦୁର୍ଭିକ୍ଷରେ ଏଥିର ତାରତମ୍ୟ ଅଧିକ ଘଟଇ କି ନାହିଁ ଓ ଅବକାରୀ ନିୟମଦ୍ୱାରା କି ପରିମାଣରେ ଶୃଙ୍ଖଳ ଇତ୍ୟାଦି କରୁଅଛି ସେ ସମସ୍ତ ସମ୍ବନ୍ଧରେ ଜଣା ପଡନ୍ତା । ଏ ପକ୍ଷରେ ତଦନ୍ତ ବିଧାନ ହେବା ଉଚିତ ।

ଏଥି ପୂର୍ବେ ବଙ୍ଗଳା ଜେଲସମୂହର ଯେଉଁ ଗୁରୁ ଦୁର୍ନାମ ଥିଲା କି କଏଦମାନେ ଉପଯୁକ୍ତ ଆହାର ନ ପାଇବାରୁ ମୃତ୍ୟୁସଂଖ୍ୟା ଅଧିକ ହୋଇଥିଲା ଏବଂ ଦୈହିକ ଶାସ୍ତିରେ ତାହାଙ୍କର ସ୍ୱାସ୍ଥ୍ୟଭଙ୍ଗ ହେଉଥିଲା ବର୍ତ୍ତମାନ ତାହା ଘୁଞ୍ଚି ଯାଇଥିବାର ଅବଗତ ହୋଇ ବଡ ଆନନ୍ଦିତ ହେଲୁଁ । ଏ ବର୍ଷର ମୃତ୍ୟୁସଂଖ୍ୟା ପୂର୍ବଠାରୁ ଊଣା ପଡଅଛି । ଆହାର ବିଷୟରେ ନୂତନ ନିୟମ ହେବା ଏଥିର କାରଣ ଅଟଇ । ଏଣିକି ଆହାରର ସୁବିଧା ଏପରି ହୋଇଅଛି କି କଏଦିମାନେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ତିନିଥର ଖାଉଅଛନ୍ତି ଏବଂ ଉପଯୁକ୍ତ ପରିମାଣରେ ପରିଶ୍ରମ କଲେ ସୁଦ୍ଧା ତାହାଙ୍କ ଦେହ ଝୁଡ ଯାଉ ନାହିଁ । ଏପରି ସେମାନଙ୍କୁ କଷ୍ଟ ଉଦ୍ଦେଶ୍ୟରେ ଯେଉଁ ଶାରୀରିକ ପୀଡା ଦିଆ ଯାଉଥିଲା ତାହା ବିଶେଷ ଊଣା ପଡଅଛି । ଜେଲଖାନା ନିୟମ ଲଙ୍ଘନ ହେତୁ ସନ ୧୮୮୦ ସାଲରେ ଜ ୪୭୩୫ ଣ ବେତ୍ରାଘାତ ଦଣ୍ଡ ପାଇଥିଲେ କିନ୍ତୁ ସନ ୧୮୮୧ ସାଲରେ କେବଳ ଜ ୧୧୪ ଣ ଏ ଦଣ୍ଡ ପାଇଅଛନ୍ତି । କଏଦିମାନଙ୍କୁ ନିର୍ଦ୍ଦୟରୂପେ ପ୍ରହାର କରିବା କଦାଚ ବାଞ୍ଛନୀୟ ନୁହଇ ବାସ୍ତବରେ ତାହା ରାଗ ନଷ୍ଟ କରିବାର କାର୍ଯ୍ୟ । ଏହା କ୍ରମରେ ଊଣା ପଡଅଛି ବଡ଼ ସୁଖର ବିଷୟ ଅଟଇ । ଅନ୍ୟାନ୍ୟ ବିଷୟରେ ମଧ୍ୟ ଜେଲ ଶାସନର ଉନ୍ନତି ଦେଖା ଯାଏ । ପୁଲିସ ପରିବର୍ତ୍ତରେ ସଇତ୍ରି କାରାବାସିଙ୍କୁ ପହରା କାର୍ଯ୍ୟ ଦିଆ ଯିବାରେ ଯେମନ୍ତ ବ୍ୟୟ ଊଣାପଡଅଛି ତେମନ୍ତ କଏଦିଙ୍କ ଚରିତ୍ର ମଧ୍ୟ ଭଲ ହୋଇଅଛି ଅଥଚ କଏଦି ପଳାଇବା ବୃଦ୍ଧି ହୋଇ ନାହିଁ । ଅନେକ କଏଦିଙ୍କୁ ଅକାରଣ ଦୀର୍ଘକାଳ ଜେଲରେ ପଡି ରହିବାର ଦେଖି ମାନ୍ୟବର ଲେଫ୍ଟେନାଣ୍ଟ ସାହେବ ଅସନ୍ତୋଷ ପ୍ରକାଶ କରିଅଛନ୍ତି ଏବଂ ହୁଗୁଳି ପ୍ରଭୃତି ମାଜିଷ୍ଟ୍ରେଟଙ୍କଠାରୁ ତହିଁର କଇଫିୟତ ତଲବ କରିଅଛନ୍ତି । ମାନ୍ୟବରଙ୍କର ଇଚ୍ଛା ଯେମନ୍ତ ମାଜିଷ୍ଟ୍ରେଟମାନେ ଅପରାଧିମାନଙ୍କୁ ଅକାରଣ ଦୀର୍ଘକାଳ ଜେଲ ଖଟିବାର ଆଜ୍ଞା ନ ଦେଉନ୍ତୁ ।

---

### ଖୋର୍ଦ୍ଧା ବନ୍ଦୋବସ୍ତ ।

ଖୋର୍ଦ୍ଧା ଖାସମହାଲର ପ୍ରାୟ ଦୁଇହଜାର ପ୍ରଜା ଦସ୍ତଖତ କରି ଏକଖଣ୍ଡ ଦରଖାସ୍ତ ସେଠାର ନୂତନ ବନ୍ଦୋବସ୍ତ ବିରୁଦ୍ଧରେ ବଙ୍ଗଳା ଗବର୍ଣ୍ଣମେଣ୍ଟଙ୍କୁ ପଠାଇଅଛନ୍ତି । ଦରଖାସ୍ତ ଖଣ୍ଡିକ ଅତ୍ୟନ୍ତ ଦୀର୍ଘ ଅର୍ଥାତ ଇଂରାଜୀ ଛୋଟ ଅକ୍ଷରରେ ଫୁଲସ୍କାପ ଆକାର ଖୃ ୧୫ ପୃଷ୍ଠା ଛପା ହୋଇଅଛି ଏବଂ ଏହା ୪୫ ଦଫାରେ ସମ୍ପୂର୍ଣ୍ଣ ହୋଇଅଛି । ଦରଖାସ୍ତ ଦୀର୍ଘ ହୋଇଅଛି ବୋଲି ଯେ ତାହା ଅସାର କଥାରେ ଭରତି ହୋଇଅଛି ଏମନ୍ତ ନୁହେ । ବାସ୍ତବରେ ସେ ଦରଖାସ୍ତ ଆମ୍ଭେମାନେ ପଢି ଦେଖିଅଛୁଁ ଯେ ପ୍ରଜାଙ୍କର ଅନେକ ଗୁହାରି ଯଥାର୍ଥ ଅଟଇ ଏବଂ ତାହା ସେମାନେ ଉତ୍ତମ ଯୁକ୍ତିଦ୍ୱାରା ପ୍ରତିପନ୍ନ କରିଅଛନ୍ତି । ପ୍ରଜାଙ୍କର ବନ୍ଦୋବସ୍ତଜନିତ ସମସ୍ତ ଦୁଃଖ ଏହି ଦରଖାସ୍ତରେ ସନ୍ନିବେଶିତ ହୋଇଥିବାରୁ ଏହାର କଳେବର ବୃଦ୍ଧି ହୋଇଅଛି ଏବଂ ଦୀର୍ଘକଳେବର ଦେଖି କାଳେ ମାନ୍ୟବର ଲେଫ୍ଟେନାଣ୍ଟ ସାହେବ ପଢ଼ିବେ ନାହିଁ ଏମନ୍ତ ଆଶଙ୍କା ମଧ୍ୟ ହେଉଅଛି । ଗୋଟିଏ ବିଷୟରେ ସ୍ୱତନ୍ତ୍ର ଦରଖାସ୍ତ ହୋଇଥିଲେ ଅଧିକ ସୁବିଧା ହୋଇଥାନ୍ତା । ମାତ୍ର ଆମ୍ଭେମାନେ ଭରସା କରୁଁ ଯେ ପ୍ରଜାବତ୍ସଳ ନୂତନ ଲେଫ୍ଟେନାଣ୍ଟ ଟମ୍ସନ୍ ସାହେବ ସେପ୍ରକାର ନ କରି ଦରଖାସ୍ତ ଖଣ୍ଡି ଆଦ୍ୟ ପ୍ରାନ୍ତ ପାଠ କରିବେ ଏବଂ ପ୍ରଜାମାନଙ୍କୁ ବହୁତ ପ୍ରତିକାର ପ୍ରଦାନ ପକ୍ଷରେ କୃପଣତା ପ୍ରକାଶ କରିବେ ନାହିଁ ।

ଦରଖାସ୍ତ ଲିଖିତ ସମସ୍ତ ବିବରଣ ପାଠକମାନଙ୍କୁ ଜଣାଇବାକୁ ଆମ୍ଭେମାନେ ସୁବିଧାଜନକ ମନେ କରୁ ନାହୁଁ । ଏକେତ ଦରଖାସ୍ତ ଅତ୍ୟନ୍ତ ବୃହତ ତହିଁରେ ପ୍ରଜାଙ୍କର କେତେକ ଦୁଃଖ ଆମ୍ଭେମାନେ ସମୟ୨ରେ ଏହି ପତ୍ରିକାରେ ସାଧାରଣଙ୍କୁ ଜଣାଇଅଛୁଁ ସୁତରାଂ ସବୁ କଥା ଲେଖିବାର ପ୍ରୟୋଜନ ନାହିଁ । ଖୋର୍ଦ୍ଧା ବନ୍ଦୋବସ୍ତ ସମ୍ପର୍କରେ ଗବର୍ଣ୍ଣମେଣ୍ଟ ଯେଉଁ

Digitized by srujanika@gmail.com

Split by PDF Splitter



ନିର୍ଦ୍ଧାରଣ ଗେଜେଟରେ ପ୍ରକାଶ କରିଥିଲେ ଏବଂ ଯହିଁର ସାରାଂଶ ଆମ୍ଭେମାନେ ପତ୍ରସ୍ଥ କରିଥିଲୁଁ ସେ ନିର୍ଦ୍ଧାରଣର ଅଧିକାଂଶ ବ୍ୟବସ୍ଥାକୁ ଆମ୍ଭେମାନେ ଅନୁମୋଦନ କରିଥିଲୁଁ କାରଣ ତଦ୍ଦ୍ୱାରା ପ୍ରଜାଙ୍କ ପ୍ରତି ଉଚିତ ବିବେଚନା ହୋଇଅଛି ବୋଲି ଆମ୍ଭମାନଙ୍କର ବିଶ୍ୱାସ ଥିଲା ଏବଂ ଆମ୍ଭେମାନେ ନିଶ୍ଚୟ ଜାଣିଥିଲୁଁ ଯେ ପ୍ରଜାମାନେ ବର୍ତ୍ତମାନ ଯେତେ ଦୁଃଖ ଭୋଗ କରୁଅଛନ୍ତି ସେ ସମସ୍ତ ଗବର୍ଣ୍ଣମେଣ୍ଟଙ୍କ ଆଜ୍ଞାର ଫଳ ନୁହଇ ମାତ୍ର ସ୍ଥାନୀୟ ହାକିମଙ୍କର ଅଜ୍ଞତାର ଅଲସ୍ୟ ଅମନୋଯୋଗିତା ବା ସ୍ୱାର୍ଥପରତାରୁ ଘଟୁଅଛି । କିନ୍ତୁ ଦରଖାସ୍ତକାରମାନେ କହନ୍ତି କି ସେମାନଙ୍କର ଦୁଃଖ ଉଭୟ ପ୍ରକାରରେ ଜାତ ହୋଇଅଛି ସେମାନେ ଗବର୍ଣ୍ଣମେଣ୍ଟଙ୍କର ହୁକୁମରେ ଅନେକ ଦୋଷ ଦେଖାଇଅଛନ୍ତି ଏବଂ ସ୍ଥାନୀୟ ହାକିମ ଓ ବନ୍ଦୋବସ୍ତ କର୍ମଚାରୀଙ୍କଦ୍ୱାରା ସେମାନଙ୍କର ଯେପ୍ରକାର କ୍ଷତି ଓ ଅନ୍ୟାୟ ହୋଇଅଛି ତାହା ମଧ୍ୟ ଲେଖିଅଛନ୍ତି ଅବଶ୍ୟ ଏକଥା ସ୍ୱୀକାର କରିବାକୁ ହେବ ଯେ ଲେଃ ଲାଟ ଇଡନ୍ ସାହେବ କେବଳ ସ୍ଥାନୀୟ ହାକିମଙ୍କ ରିପୋର୍ଟ ଉପରେ ନିର୍ଭର କରି ବନ୍ଦୋବସ୍ତ ସମ୍ପର୍କୀୟ ଆଜ୍ଞାମାନ ଦେଇଥିଲେ ଏବଂ ସେହି ରିପୋର୍ଟରୁ ଯାହା ସେ ପ୍ରଜାଙ୍କ ପ୍ରତି ଅନ୍ୟାୟ ବା ଅତିରିକ୍ତ ଭାର ବିବେଚନା କଲେ ତାହା ଅନ୍ତର କରି ସୁବିଚାରର ପରିଚୟ ଦେଇଥିଲେ ମାତ୍ର ତାହାଙ୍କୁ ବିଚାର କରିବାର ଥିଲା କି ଯେତେବେଳେ ପ୍ରଜାମାନଙ୍କ ପକ୍ଷରୁ କୌଣସି କଥା ତାହାଙ୍କ ନିକଟକୁ ଆସିଲା ନାହିଁ ସେ ସ୍ଥଳେ ସେମାନଙ୍କର ମନୋଭାବ ଉପରେ ତାହା ବୁଝିବା ଆବଶ୍ୟକ ଏବଂ ତାହା ବୁଝିବାକୁ ଚେଷ୍ଟା କରିଥିଲେ ଅବଶ୍ୟ ପ୍ରଜାଙ୍କ ଅବସ୍ଥା ଭଲରୂପେ ବୁଝି ସୁବିଚାର କରିବାକୁ ସକ୍ଷମ ହୋଇଥାନ୍ତେ । କେବଳ ସ୍ଥାନୀୟ ହାକିମଙ୍କ କଥାରେ କାର୍ଯ୍ୟ କରିବା ଏବଂ ଅନ୍ୟ କଥା ନ ଶୁଣିବା ଗବର୍ଣ୍ଣମେଣ୍ଟଙ୍କର ଆଜିକାଲି ପ୍ରବୃତ୍ତି ପଡି ଯାଇଅଛି ବୋଲିବାକୁ ହେବ ଏବଂ ଏଥିରୁ ଅନେକ ଅନିଷ୍ଟ ଜାତ ହେଉଅଛି । କଟକ ଖାସମହାଲ ଏବଂ ଖୋରଧା ଖାସମହାଲର ବନ୍ଦୋବସ୍ତ ଏକ ସମୟରେ ହୋଇଅଛି ଏବଂ ଉଭୟ ବନ୍ଦୋବସ୍ତରେ ପ୍ରଜାଙ୍କର ପ୍ରକୃତ ଅବସ୍ଥା ପ୍ରତି ଦୃଷ୍ଟି ନ ହୋଇ କେବଳ ସ୍ଥାନୀୟ ହାକିମଙ୍କର କଥା ରହିଅଛି । ରେଭିନ୍ୟୁ ବୋର୍ଡର ମେମ୍ବର ମାନ୍ୟବର ଡାମ୍ପିୟର ସାହେବ ଏହି ବନ୍ଦୋବସ୍ତମାନ ସ୍ୱୟଂ ତଦାରଖ କରିବାକୁ ଆସିଥିଲେ ମାତ୍ର ସେ ଅଦ୍ୟାପି ଖୋରଧାକୁ ଯାଇ ନାହାନ୍ତି କି ପ୍ରଜାଙ୍କ ଗୁହାରି ଶୁଣି ନାହାନ୍ତି । ବନ୍ଦୋବସ୍ତ କର୍ମଚାରୀଙ୍କୁ ଏହି ନଗରକୁ ଡକାଇ ଆଣି ସବୁ ବୁଝି ଗଲେ ଏବଂ ପଲ୍ଲୀ ହୋଇ ଖୋରଧା ପ୍ରଜା ଏଠାରେ ଉପସ୍ଥିତ ହେବାରେ ସେମାନଙ୍କୁ ମଧୁର କଥା କହି ଗଲେ ଯେ ତାହାଙ୍କର ଏମନ୍ତି ସାମାନ୍ୟ କର ବୃଦ୍ଧି ହେବ ଯେ ଅଦ୍ୟାପି ତାହାଙ୍କୁ ବାଧିବ ନାହିଁ । ଏହି ମହାତ୍ମା କଟକ ଖାସମହାଲ ବନ୍ଦୋବସ୍ତ ଅନ୍ୟାୟ ହୋଇଥିବାର ବୁଝି ଯାଇ ସୁଦ୍ଧା ଉକ୍ତ ବନ୍ଦୋବସ୍ତର ଅଙ୍କ ନ ହେଉ ବାର୍ଷିକ ଟ୧୫୦୦୧ ଘଟି ହେବାର ଆଜ୍ଞା ଦେଲେ ଏବଂ ସେଥିପାଇଁ ବର୍ତ୍ତମାନ ଯେଉଁ କଟକଟା ତାହା ସମସ୍ତେ ଦେଖୁଅଛନ୍ତି । ଶ୍ରୀଯୁକ୍ତ ଡାମ୍ପିୟର ସାହେବ ଯେବେ ସ୍ୱଚକ୍ଷୁରେ ପ୍ରଜାଙ୍କଠାରୁ ବନ୍ଦୋବସ୍ତ ସମ୍ପର୍କୀୟ ବୃତ୍ତାନ୍ତମାନ ବୁଝିବାକୁ ଚେଷ୍ଟା କରିଥାନ୍ତେ ତେବେ ଏପ୍ରକାର ଭ୍ରମରେ ପଡି ନ ଥାନ୍ତେ ଏବଂ ତାହାଙ୍କ ପରାମର୍ଶରେ ଗବର୍ଣ୍ଣମେଣ୍ଟ ମଧ୍ୟ ପ୍ରଜାଙ୍କ ପ୍ରତି ନିର୍ଦ୍ଦୟ ହୋଇ ନ ଥାନ୍ତେ । ଏହି ସବୁ ଫଳ ଦେଖି ଖୋରଧାବାସିମାନେ ଗବର୍ଣ୍ଣମେଣ୍ଟଙ୍କଠାରେ ପ୍ରାର୍ଥନା କରିଅଛନ୍ତି କି ଯଦ୍ୟପି ଗବର୍ଣ୍ଣମେଣ୍ଟ ବାସ୍ତବରେ ପ୍ରଜାଙ୍କ ପ୍ରତି ଦୟାବାନ୍ ହୋଇ ସେମାନଙ୍କ ଦୁଃଖ ନିବାରଣ କରିବାକୁ ପ୍ରବୃତ୍ତ ହୁଅନ୍ତି ତେବେ ସେମାନଙ୍କ ଦୁରବସ୍ଥା ଏବଂ ଦରଖାସ୍ତ ଲିଖିତ ବିଷୟମାନଙ୍କର ସତ୍ୟତା ଅନୁସନ୍ଧାନ କରିବା କାରଣ ଜଣେ ସ୍ୱତନ୍ତ୍ର କର୍ମଚାରୀଙ୍କୁ ପ୍ରେରଣ କରନ୍ତୁ । ସେମାନେ ସ୍ପଷ୍ଟରୂପେ ଏହି ପ୍ରାର୍ଥନାରେ (ଦରଖାସ୍ତର ୨୧ ଦଫା ଦେଖ) ମାନ୍ୟବର ଲେଃ ଲାଟସାହେବଙ୍କୁ ଜଣାଇଅଛନ୍ତି କି ସ୍ଥାନୀୟ ହାକିମମାନଙ୍କଠାରୁ ତଇଫିୟତ ତଲବ ହେଲେ ପ୍ରକୃତ ଅବସ୍ଥା ପ୍ରକାଶ ପାଇବ ନାହିଁ ଏବଂ ବନ୍ଦୋବସ୍ତ ହାକିମମାନେ ଯେପରି ଅନ୍ୟାୟରୂପେ କର ବସାଇ ଜୁଲମ କରି ତାହା ଆଦାୟ କରୁଅଛନ୍ତି ଏବଂ ଅତ୍ୟନ୍ତ କରବୃଦ୍ଧିଦ୍ୱାରା ପ୍ରଜାଙ୍କର ଦୁର୍ଦ୍ଦଶା ଯେ ପରିମାଣରେ ବୃଦ୍ଧି ହୋଇଅଛି ତାହା କିଛି ଗବର୍ଣ୍ଣମେଣ୍ଟ ଜାଣି ପାରିବେ ନାହିଁ । ଦରଖାସ୍ତକାରମାନେ ଆହୁରି କହିଅଛନ୍ତି କି ସେମାନେ ଏଥିପୂର୍ବେ ଅନେକ ଦରଖାସ୍ତ ରେଭିନ୍ୟୁ ବୋର୍ଡ ଏବଂ ଗବର୍ଣ୍ଣମେଣ୍ଟଙ୍କୁ ପଠାଇଥିଲେ ମାତ୍ର ଉତ୍ତରରେ କି ଆଜ୍ଞା ହେଲା, ତାହା ସେମାନଙ୍କୁ କେହି ଜଣାଇଲେ ନାହିଁ ଏଥିର ଉଦାହରଣସ୍ୱରୂପ ସେମାନେ ଲେଖିଅଛନ୍ତି କି ସେମାନଙ୍କର ଏକ ଦରଖାସ୍ତ ବଙ୍ଗଳା ଗବର୍ଣ୍ଣମେଣ୍ଟ ସନ ୧୮୮୦ ସାଲର ତା ୧୨ ରଖ ନବମ୍ବରରେ କମିଶ୍ନରଙ୍କ ନିକଟକୁ ରିପୋର୍ଟ ନିମନ୍ତେ ପଠାଇଲେ । କମିଶ୍ନର ସାହେବ ଉକ୍ତ ଦରଖାସ୍ତ ସେହି ମାସ ତା ୨୪ ରିଖେ ବନ୍ଦୋବସ୍ତ କର୍ତ୍ତାଙ୍କ ନିକଟକୁ ଏହି ଆଦେଶରେ ପଠାଇଲେ କି ଫସଲର ଏକତୃତୀୟ ଖଜଣା ଧାର୍ଯ୍ୟ କରିବା ବାସ୍ତବରେ କଠିଣ କି ନା ପ୍ରଜାଙ୍କଠାରୁ ତଦନ୍ତ କରି ଜଣାଇବେ ମାତ୍ର ବନ୍ଦୋବସ୍ତକର୍ତ୍ତା ତାହା କଲେ ନାହିଁ । ଏଥିରେ ପ୍ରଜାଙ୍କର ଅବିଶ୍ୱାସ କାହିଁକି ନ ହେବ ? ଏବଂ ଯେବେ ସ୍ଥାନୀୟ ହାକିମ ଏବଂ ପ୍ରଜାଙ୍କ ମଧ୍ୟରେ ଏ ପ୍ରକାର ଅବିଶ୍ୱାସ ରହିଲା ତେବେ ଶାସନକାର୍ଯ୍ୟ ଉତ୍ତମରୂପେ ଚଳିବା କଦାପି ସମ୍ଭବ ନୁହଇ । ଖୋରଧା ବନ୍ଦୋବସ୍ତରେ ଅନେକ ଟଙ୍କା ବ୍ୟୟ ହୋଇଅଛି କିନ୍ତୁ ତହିଁରେ କେବଳ ଅସନ୍ତୋଷ ଓ ପ୍ରଜାପୀଡନ ଗବର୍ଣ୍ଣମେଣ୍ଟ କ୍ରୟ କରିଅଛନ୍ତି ଅତଏବ ଏପରି ବ୍ୟାପାର ଲାଭଜନକ ବୋଲାଯାଇ ନ ପାରେ । ଆଉ ଜଣେ ଉପଯୁକ୍ତ ହାକିମଦ୍ୱାରା ଅନୁସନ୍ଧାନ ହେଲେ କିଛି ଅଧିକ ବ୍ୟୟ ପଡିବ ଏବଂ ବନ୍ଦୋବସ୍ତର କେତେକ କାର୍ଯ୍ୟ ଦୋହରା କରିବାରେ ବ୍ୟୟ ବୃଦ୍ଧି ହେବ ମାତ୍ର ଗବର୍ଣ୍ଣମେଣ୍ଟ ଯେବେ ବ୍ୟୟକୁ ଡରି ପ୍ରଜାମାନଙ୍କ ଦୁଃଖ ମେଣ୍ଟାଇବାକୁ ଅନିଚ୍ଛୁକ ହେବେ ତେବେ ଅତ୍ୟନ୍ତ ଦୁଃଖର ବିଷୟ ହେବ ।

---

## ସାପ୍ତାହିକ ସଂବାଦ ।

ଏତେଦିନେ ଏ ନଗରରେ ଉତ୍ତମ ବୃଷ୍ଟି ହେଉଅଛି ଗତ ରବିବାରଠାରୁ ମେଘାଡ଼ମ୍ବର ଓ ପ୍ରତିଦିନ ଅଳ୍ପ ବୃଷ୍ଟି ହୋଇଅଛି ତହିଁ ମଧ୍ୟରେ ମଙ୍ଗଳବାର ଓ ବୁଧବାର ଅଧିକ ଜଳ ବର୍ଷିଥିଲା ତହିଁରେ ରାସ୍ତା ପୁଷ୍କରିଣୀମାନ ଭର୍ତ୍ତି ହୋଇଗଲା ମାତ୍ର କେତେ ଘର ଭାଙ୍ଗିଯାଇଅଛି ।

ଆଜିକାଲି ଏଠାରେ ଜ୍ୱର ଏବଂ ପେଟର ରୋଗ ଦେଖା ଯାଉଅଛି । ଔଷଧଠାରେ ସେତେ ଉପକାର ନ ମିଳିବାରୁ ଅନେକ ନାଶ ହେଉଅଛନ୍ତି । ଭରସା ବୃଷ୍ଟି ଏହି ରୋଗ ନିବାରଣ କଲେ ରୋଗମାନେ ଶାନ୍ତ ହେବେ ।

ଶ୍ରୀଯୁକ୍ତ କମିଶ୍ନର ସାହେବ ପୁରୀ ସନ୍ଦର୍ଶନ କରି ଗତ ରବିବାର ଖୋରଧାକୁ ଯାଇଥିଲେ । ଆଜିକାଲି ଏଠାକୁ ଫେରି ଆସିବେ ।

---

☞ ଏହି ଉତ୍କଳଦୀପିକା ପତ୍ର କଟକ ଦରଘାବଜାରରେ କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

# ଅତିରିକ୍ତ

ଉତ୍କଳଦୀପିକା ତା ୧୭ ରଖ ମାହେ ଜୁଲାଇ ସନ ୧୮୮୬ ମସିହା ।

ଏଥର ବାଲେଶ୍ୱରର ଦୌର ଏକ ମାସ ବସିବ ଜଜ ସାହେବ ଏହି ସପ୍ତାହରେ ଫେର ଆସିବାର କଥା ଅଛି ।

ଗତ ମାସ ତା ୫ ରଖ ବୁଧବାର ପୁରି କାତ୍ରାଦେବା ସାହୁରେ ପ୍ରାୟ ୩୦ ବରଷ ଘର ପୋଡ଼ି ଯିବାର ପୁରୁଷୋତ୍ତମ ପତ୍ରିକାରୁ ଅବଗତ ହେଲୁଁ । ଠାକୁରଙ୍କ ଭୋଗ ପ୍ରସ୍ତୁତ କରୁ ୨ ଧିଅ କରେହି କୁଅ ଉଠିବାଦ୍ୱାରା ଅଗ୍ନି ଲାଗ ହେଲ ସୁଆର ଓ ମାନଙ୍କେ ୫ ଉପସ୍ଥିତ ହୋଇ ବିଶେଷ ସହାୟ ଲଗି ଲଗଗରେ । ଦ୍ରବ୍ୟାଦି ବହୁ କ୍ଷତ ହୋଇ ନାହିଁ ।

ଜଣେ ପତ୍ରପ୍ରେରକ ଲେଖି ଅଛନ୍ତି ଯେ ଦେଉଳପଡ଼ାରେ ଏକ ବ୍ୟକ୍ତି ଗୋପଣୀର କନ୍ୟାର ବିବାହ ନିମିତ୍ତ ଗୋପନ ଭାବରେ ସ୍ୱୀକାର କରି ସହିତ ଏକ ଲଗ୍ନ ସ୍ଥିର କରି ସମସ୍ତଙ୍କଠାରୁ କଛି ୨ ଟଙ୍କା ଗ୍ରହଣ କଲ । ଲଗ୍ନ ଦିନ ଚାରି ଜଣ ବର ତାହା ଦ୍ୱାରେ ଉପସ୍ଥିତ ହେଲେ ତହିଁ ମଧ୍ୟରୁ ଏକଜଣଙ୍କୁ କନ୍ୟା ପ୍ରଦାନ କଲ ଅନ୍ୟ ତିନ ଜଣ ନିରାଶ ହୋଇ ଫେରି ଗଲେ । ଏ ପ୍ରତାରଣାର ଉପାୟ ମନ୍ଦ ନୁହେ କିନ୍ତୁ ସେ ବରମାନେ ଶେଷରେ ନାଲିଶ କଲେ ବଡ ହୁରକତ କଥା ହେବ ।

ବାବୁ ନନ୍ଦକିଶୋର ଦାସ ମହାଶୟ ମୟୂରଭଞ୍ଜ ରାଜାଙ୍କ ମୃତ୍ୟୁ ଉତ୍ତାରୁ କମିଶନର ସାହେବଙ୍କଦ୍ୱାରା ମୟୂରଭଞ୍ଜକୁ ପ୍ରେରିତ ହୋଇ ମୃତରାଜାଙ୍କର ଟଙ୍କା ଏବଂ ଗହଣା ପ୍ରଭୃତି ଜହରତମାନ ସନ୍ଧାଗାରୁ ବାଲେଶ୍ୱରକୁ ପଠାଇ ଅଛନ୍ତି ଟଙ୍କା ଏକଲକ୍ଷ ସାତହଜାର ଏବଂ ଜହରତ ପ୍ରଭୃତ ପ୍ରାୟ ଦେଢ଼ଲକ୍ଷ ହେବ । ଏ ସବୁ ବର୍ତ୍ତମାନ ସରକାର ବାହାଦୁରଙ୍କ ଜିମାରେ ରହିଲ ।

ହୁଗନ ସାହେବ ଓଲନ୍ଦଠାରୁ ଯେଉଁ ନୂତନ ଔଷଧ ଆବିଷ୍କୃତ କରିଥିବାର ଆମ୍ଭେମାନେ ଫ୍ରେଣ୍ଡ ଅଫ୍ ଇଣ୍ଡିଆ ପତ୍ରରୁ ଗତ ସପ୍ତାହରେ ଲେଖିଥିଲୁଁ ତହିଁରେ ବେଟିକୁ କର୍ପୂର ଓ ଲଙ୍କାମରିଚ ଏକ ମଦରାଇ କଟିକା ଖୁଆଇବା ସମୟରେ ପ୍ରତ୍ୟେକ କଟିକାରେ ଏକ ଗ୍ରେନ ଅଫିମ ମିଶାଇ ଖୁଆଇବାକୁ ହେବ । ଭ୍ରମବଶତଃ ଅଫିମ ମିଶାଇବା ବିଷୟ ଲେଖା ଯାଇ ପାରି ନ ଥିଲ ।

ଅନୁଗ୍ରାମକପ୍ରଣାଳୀର ବଙ୍ଗଭାଷୀ କଲିକତାର ଜନ ଷଣ୍ଡ ଇଂରାଜୀ ଦୈନିକ ସମ୍ବାଦପତ୍ରର ସମ୍ପାଦକଙ୍କର ଜନ ଲୋକ ମୂର୍ତ୍ତି ପୋଡ଼ ପକାଇବା ବିଷୟରେ କୃଷ୍ଣନଗରରେ ଉଦ୍ଯୋଗ ହେଉଥିବାର ବଙ୍ଗବାସୀ ଲେଖିଅଛନ୍ତି ।—ପୋଡ଼ାଯାଏ କସ !

ଗତ ମାସ ତା ୫ ରଖରେ କଲିକତାର ପୌଲିସରେ ଗୋଟିଏ ଅଦ୍ଭୁତପ୍ରକାରର ମୋକଦ୍ଦମାର ବିଚାର ହୋଇ ଯାଇଅଛି । ଅସାମୀ ଉପରେ ତହବିଲ ତୋଷରଫ, ଜାଲ ଓ ପ୍ରବଞ୍ଚନାଦି ୧୨ ଗୋଟି ଅଭିଯୋଗ ହୋଇଥିଲ । ସରଂ ଚେମ୍ବରଙ୍କ ପକ୍ଷରେ ଜାଇକସିଲଙ୍କ ବୃତ୍ତାନ୍ତରୁ ପ୍ରକାଶ ଯେ ସନ ୧୮୭୫ ମସିହାର ନବମ୍ବର ମାସ ତା ୨୦ ରଖରେ ଅସାମୀ କ ଯାହାର ପ୍ରକୃତ ନାମ ରବର୍ଟ ପର୍ସି-କଲିନସଲ ଘଟେ ସେ ଦାର୍ଜିଲିଂ ଡେପୋଟି କମିଶନରଙ୍କ ଅଫିସରେ ହେଡ ଅଫିଷ ଓ ମହାଫିଜସ୍ୱରୂପ କର୍ମ କରୁଥିଲ । ପରେ ମନିଅର୍ଡର ଏଜେଣ୍ଟର କର୍ମ ପାଇ ସନ ୧୮୭୭ ମସିହାର ଦୁର୍ଗାପୂଜା ପର୍ଯ୍ୟନ୍ତ ସେଠାରେ କର୍ମରେ ରହିଥିଲ । ସେହି ସନ ଅକ୍ଟୋବର ମାସ ତା ୧୩ ରଖରେ ଦୁର୍ଗାପୂଜାର ଛୁଟି ଆରମ୍ଭ ହେଲ ଓ ଅସାମୀ ୧୫ ଦିନର ଛୁଟି ନେଇ ଗଲ । ସନ ୧୮୭୭ ମସିହା ନବମ୍ବର ମାସ ତା ୨୮ ରଖରେ ସେ ତାହାର କର୍ମରେ ଉପସ୍ଥିତ ହୋଇଥାନ୍ତା ମାତ୍ର ଆଉ ତାହାର ଦେଖା ମିଳିଲ ନାହିଁ । ତାହା ସ୍ଥାନରେ ଅନ୍ୟ ବ୍ୟକ୍ତି ନିଯୁକ୍ତ ହେଲ ଓ କ୍ରମେ ପ୍ରକାଶ ପାଇଲ ଯେ ଅସାମୀ ଟ ୧୧୫୭।୶ ସରକାରୀ ଖଜଣାରେ ଦାଖଲ ନ କରି ନେଇ ପଳାଇଅଛି, ସୁତରାଂ ତାହା ନାମରେ ଓ୍ୱାରେଣ୍ଟ ବାହାରିଲ ମାତ୍ର ଅନୁସନ୍ଧାନରେ ତାହାର ଦର୍ଶନ ମିଳିଲ ନାହିଁ । ଅସାମୀ ଇତ ମଧ୍ୟରେ ଫିଜିଲକୁ ଯାଇ ହେନେରି ଉଇଲସନ ସ୍ମିଥ ନାମ ଧାରଣ କରି ପ୍ରଥମରେ ବିଗସ୍ରେଣୀର କନେଷ୍ଟବଲ ସ୍ୱରୂପ ନିଯୁକ୍ତ ହୋଇ କର୍ମ କଲ । ଅବଶେଷରେ ସନ ୧୮୮୧ ମସିହା ଅକ୍ଟୋବର ମାସରେ ହେନେରି ଉଇଲସନ ସ୍ମିଥ ପ୍ରକୃତ ସଂଗୁର୍ଦ୍ଦ ପର୍ସି କଲିନସଲ ବୋଲି ଚିହ୍ନାଗଲ । ଏବେ ଅସାମୀ ଧୃତ ହୋଇ ପୌଲିସ କଟୁରକୁ ଆସିଲ ମାତ୍ର ଏ ୧୭ ବର୍ଷ ମଧ୍ୟରେ ଏ ସମ୍ବନ୍ଧରେ ସାକ୍ଷୀ ହୋଇ ପାରିବା ଭଳି ଅନେକ ଲୋକଙ୍କର ମୃତ୍ୟୁ ଓ ସ୍ଥାନାନ୍ତରିତ ଘଟନା ହୋଇଅଛି । ଯେଉଁ ମନିଅର୍ଡର ଏଜେଣ୍ଟଙ୍କ ସମୟରେ ଏହା ପ୍ରକାଶ ପାଇଲ ସେ ମଧ୍ୟ ମରି ଯାଇଅଛି । ମନିଅର୍ଡର ବିଧି ଅନୁସାରେ ୫ ବର୍ଷ ପରେ କାଗଜାଦି ଜଳାଇ ଦିଆ ଯାଇଅଛି । ଇତ୍ୟାଦି କାରଣରୁ ମୋକଦ୍ଦମା ଉତ୍ତମରୂପେ ପ୍ରମାଣ ହୋଇ ପାରିଲା ନାହିଁ ସୁତରାଂ ଅସାମୀ ପ୍ରମାଣାଭାବେ ମୁକ୍ତ ହେଲା !—ଏ ଲୋକଟାକୁ ବଡ଼ କପାଳିଆ ବୋଲିବାକୁ ହେବ ।

ଏକ ସମ୍ବାଦପତ୍ରରେ ଲେଖା ଅଛି ଜଣେ ଯୋଗ ଅପେକ୍ଷା ସିଦ୍ଧବାକ୍ୟର ଅଭିନୟ ପ୍ରଦର୍ଶନ କରିବାର ବ୍ୟବସାୟ କରୁଥିଲ । ସେ ବ୍ୟବସାୟ ପଡ଼ ଯିବାରୁ ଲୋକଟା ପାଗଳ ହୋଇଗଲ ଏବଂ ସେହି ହେତୁରୁ ତାହାର ହାସପାତାଲରେ ଚିକିତ୍ସା ହେଉଥିଲ । କାଣ୍ଡାରିଣ ନାମ୍ନୀ ଗୋଟିଏ ସ୍ତ୍ରୀ ସେଠାର ଉତ୍ତମ ଗାୟିକା ଥିଲେ ଏବଂ ସେହି ହେତୁରୁ ତାଙ୍କର ସ୍ୱର ଯଶ ଓ ସମସ୍ତେ ତାଙ୍କୁ ଭଲ ପାଉଥିଲେ ଓ ସବୁଠାରେ ତାଙ୍କର ଆଦର ହେଉଥିଲ । ଦିନେ ହାସପାତାଲ ନିକଟରେ ସେ ସ୍ତ୍ରୀ ଗାନ କରୁଥିବାର ଶୁଣି ପାଗଳଟିର ଗୀତ ଶୁଣିବାକୁ ଇଚ୍ଛା ହେଲ । ଡାକ୍ତରବାରେ ସ୍ତ୍ରୀଲୋକଟି ଇଚ୍ଛା ନ ଥିଲେ ମଧ୍ୟ ପାଗଳ ବନ୍ଦୀ ନିକଟକୁ ଗଲେ ସୁହୃତବେଶାନନ୍ଦର କାମୋଦିଶ ଗୋଟିଏ ଗୀତ ଗାଇଲେ ସେ ତହିଁରେ ପାଗଳ ଟିକିଏ ସୁସ୍ଥ ହେଲ । ମଧ୍ୟ ଶେଷରୁ କାନ୍ଦ ପକାଇଲ କାମୋଦିଶ ତହିଁ ଶଯ୍ୟାପାର୍ଶ୍ୱରୁ ଯାଇ ଆଉ ଥରେ ଗାଇଲେ । ତହିଁ ସେଣୀ ଅପଣା ଯନ୍ତ୍ର ଚକ୍ରିଏ କାଗଜ ବାହାର କରି ତହିଁରେ ଲେଖାଥିବା ଅପଣାର ରଚିତ ଗୋଟିଏ ଗୀତ ଗାଇବାକୁ କହିଲ । ସ୍ତ୍ରୀ ଥରେ ଗାଇଲେ । ତହିଁ ଆଉ ଥରେ ତାକୁ ଗାଇବା କାରଣ ସେଣୀ ଅନୁରୋଧ କରିବାରୁ ସେ ଆଉ ଥରେ ଗାଇଲେ । ସେଣୀ ମୁଗ୍ଧ ହୋଇ ଗାୟିକାଙ୍କ ଅଶ୍ରୁଧାର ବିସର୍ଜନ କଲ । ସ୍ତ୍ରୀଲୋକଟି ପରେ ବିଦାୟ ହୋଇ ଗଲେ ମାତ୍ର କଛଦିନ ପରେ ସେଣୀ ଆରୋଗ୍ୟ ଲାଭ କରି ତାଙ୍କର ଦୟାଗୁଣକୁ ଧନ୍ୟବାଦ ଦେବାକୁ ଯାଇ ସେ ସ୍ତ୍ରୀଲୋକର ଘରକୁ ଯିବାକୁ ସମର୍ଥ ହୋଇଥିଲେ ।—ସଙ୍ଗୀତର ଆଶ୍ଚର୍ଯ୍ୟ କ୍ଷମତା !

ଗୋରୁ ମରିଗଲେ ଯଦି ତହିଁରେ ବିଷ ପ୍ରୟୋଗର ସନ୍ଦେହ ହୋଇଥାଏ ତେବେ ତାହା ଡାକ୍ତରଦ୍ୱାରା ମାଇବା ହେବା ବିଷୟରେ ବଙ୍ଗାଳ ଗବର୍ଣ୍ଣମେଣ୍ଟରୁ ସରକୁଲର ବାହାରି ଅଛି । ଏପ୍ରକାର ପରୀକ୍ଷା ହେବା ସମୟରେ କିଂବା ଉପସ୍ଥିତ ଥାଇ ଡାକ୍ତରଙ୍କ ଜବେଣମତେ ଦରକାର କର୍ମ କରିବ ଓ ଆବଶ୍ୟକ ହେଲେ ଅନ୍ତ୍ରକୁ କେମିକଲ ପରୀକ୍ଷକଙ୍କ ନିକଟକୁ ପଠା ଯିବ ।

ଭିଲମାନଙ୍କୁ ଦମନ କରିବାରେ ଉଦୟପୁର ମହାରଣାଙ୍କ ଦରବାରର ଦସ୍ତୁର, ଦକ୍ଷତା ଏବଂ ଦୟାରେ ବଡ଼ଲାଟ ମହୋଦୟ ସନ୍ତୁଷ୍ଟ ହୋଇ ତାଙ୍କୁ ପତ୍ର ଲେଖିଅଛନ୍ତି । ସୁଖର ବିଷୟ । ଦେଶୀୟ ରାଜାମାନଙ୍କର ଏପରି ଯେତେ ଶୁଣାଯାଏ ତେତେ ଭଲ ।

ମାଲାଗାସ୍କାର ଦ୍ୱୀପରେ ରମ ମଦର ଚଳ ଏତେ ବଢ଼ିଅଛି ଯେ ସେଠା ଘରେ ଘରେ ଏ ମଦର ଦୋକାନ ଥିବାର ବୋଇଲେ ଅତ୍ୟୁକ୍ତି ହେବ ନାହିଁ ଏବଂ ଏକ ଏକ ଗ୍ରାମର ସମୁଦାୟ ଲୋକେ ମଦୁଆ । — କୋହିଲେ କି ?

ଉଲେଲ ମହାରାଜାଙ୍କର ଗୋଟିଏ ପୁତ୍ର ଏବଂ ଉତ୍ତରାଧିକାରୀ ଜନ୍ମ ହେବା ଉପଲକ୍ଷରେ ପ୍ରଜାବର୍ଗଙ୍କୁ ଦଶଲକ୍ଷ ଟଙ୍କାର ବାକି ଖଜଣା ଏବଂ ଜାଗିରଦାରମାନଙ୍କୁ ପାଉଣା ଥିବା ପେସକସ ସମୁଦାୟ ଛାଡ଼ ଦିଆ ଯାଇଅଛି । ଧନ୍ୟ ବଦାନ୍ୟତା ।

ବିଲାତର ସାଇରେନସେଷ୍ଟର କୃଷିବିଦ୍ୟାଳୟର ଛାତ୍ର ସୈୟଦ ମୋହାମ୍ମଦ ହୁସେନ କୃଷିବିଦ୍ୟା, ରସାୟନବିଦ୍ୟା ଓ ଗୃହନିର୍ମାଣ ବିଦ୍ୟା ଓ କହି ଲେଖିବା ପ୍ରଭୃତି ପରୀକ୍ଷାରେ ସର୍ବପ୍ରଥମ ହୋଇ ସମ୍ମାନସୂଚକ ସାର୍ଟିଫିକଟ ପାଇଅଛନ୍ତି ଏବଂ ସେହି କଲେଜର ଶିକ୍ଷକ ଦତ୍ତ ବସୁ ମଧ୍ୟ ଗୃହନିର୍ମାଣ ବିଦ୍ୟାର ପରୀକ୍ଷାରେ ପ୍ରଥମ ହୋଇ ଗୋଟିଏ ସାର୍ଟିଫିକଟ ପାଇଅଛନ୍ତି । ଏବର୍ଡୀନ ବିଦ୍ୟାଳୟର ସଚ୍ଚିଦାନନ୍ଦ ମୁଖୋପାଧ୍ୟାୟ ମେଡିସିନ ( ଔଷଧ ) ର ଡାକ୍ତର ଉପାଧି ପାଇଅଛନ୍ତି । ଏମାନଙ୍କ ମଧ୍ୟରେ ଶିବଣ ବାବୁ ଏଠା କଲେଜର ଅଧ୍ୟାପକ ଥିଲେ । ସେ ଯେ ଏତେ ଶୀଘ୍ର ଯାଇ ବିଲାତରେ ନାମ କରିଅଛନ୍ତି ଅତି ଆନନ୍ଦର ବିଷୟ !

କାନପୁର ନିକଟବର୍ତ୍ତୀ ଦେଓସ୍ଥରଠାରେ ବର୍ଷକୁ ହାରାହାରି ୨୭·୪୬ ଇଞ୍ଚ ଜଳ ବୃଷ୍ଟି ହୁଏ ମାତ୍ର ଗତ ଜୁନମାସ ତା ୧୮ ରଖ ଦିନ ସ ୨୪ ଘଣ୍ଟା ମଧ୍ୟରେ ୨୦ ଇଞ୍ଚ ପାଣି ବର୍ଷିଥିଲ ।

Digitized by srujanika@gmail.com

Split by PDF Splitter



ଅନୁଶାସନ ସମ୍ବନ୍ଧରେ ବଡ଼ଲାଟ ରିପନ ସାହେବଙ୍କୁ ଧନ୍ୟବାଦ ଦେବା କାରଣ କଲିକତାରେ ଗତମାସ ତା ୨୪ ରଖ ଶନିବାର ଦିନ ଗୋଟିଏ ସାଧାରଣ ସଭା ହୋଇଥିଲା ।

ତେଉନ୍ସମୂରୁ ଅବଗତ ହେଲୁଁ ଯେ କଲିକତା ଜନ୍ମ-ଭୂମିର ବଗଡ ସରପୋଷ ସମ୍ବନ୍ଧରେ ପାଣି ଯୋଗାଇବାରେ ବିଳମ୍ବ ହୋଇଥିବା ଓ ଭବିଷ୍ୟତରେ ଅଗ୍ନି ନିବାରଣର ଉପାୟ ସ୍ଥିର କରିବା କାରଣ ଗୋଟିଏ କମିଟି ସ୍ଥାପିତ ହୋଇଅଛି ଏବଂ ତହିଁରେ କି ୧୪ ଜଣର ସ୍ୱବାଷ ସନ୍ତ-ଷ୍ଟିବାରୁ ମିଉନିସିପାଲିଟି ପକ୍ଷରୁ ସେମାନଙ୍କୁ ଟ ୨୦୦୦ ଙ୍କା ସାହାଯ୍ୟ ପ୍ରଦାନ କରିବାର ପ୍ରସ୍ତାବ ହୋଇଅଛି । ଉତ୍ତମ ।

ପାରଶିକାଗସ୍ଥ ଅନ୍ଧକାର ଜାନ୍ନୀ ଅଷ୍ଟାଦଶବର୍ଷୀୟା ଏକ ବାଳିକା ସ୍ୱଶ୍ରୁଶ୍ରାଳୟଠାରୁ ଆପଣାର ମାତା ସହିତରେ ଉପଯୁକ୍ତ ପାନ୍ଥ ଅଭ୍ୟନ୍ତରରେ ଯାତ୍ରା କଲା । ଅନେକ ପାଠ ଶେଷରେ ମାତୃ କନ୍ୟା ବିଶିତ ଓ ଲୁଣ୍ଠିତା ଏବଂ ଧନକାନ୍ କର ଦୋଳାଣୁବାରୁ ସମସ୍ତଙ୍କର ପ୍ରାର୍ଥନା ଅଗ୍ରାହ୍ୟ ହେଲା । ଅବଶେଷରେ ଜଣେ ଧନୀ ବହୁମୂଲ୍ୟ ପୌରୁଷ ଯାତ୍ରୀରୁ ମାତା ଲୋଭଗ୍ରସ୍ତା ହୋଇ କନ୍ୟାକୁ ବିବାହ କରିବା ଚେଷ୍ଟା କଲା । କନ୍ୟାର ଉଦ୍ଦେଶ୍ୟ ବିଷ୍ଣୁପ୍ରକାର—ସୁତରାଂ ମାତା ଓ କନ୍ୟାର ବିବାଦ କଲହ ହେବାରୁ ଅବଶେଷରେ ଅନ୍ଧକାର ଅଷ୍ଟକ ପରିମାଣରେ ଅଫିମ ସେବନ କରି ପ୍ରାଣ ତ୍ୟାଗ କଲା ।

ବୃଦ୍ଧ ବୁନ୍ଦେଲଖଣ୍ଡରେ ଗତବର୍ଷ ଜ ୫୭୧ ଣ କଏଦୀ ଜେଲଖାନାରେ ପଡ଼ିଥିଲେ । ତହିଁ ମଧ୍ୟରୁ ସେମାନଙ୍କ ଜ ୫୦ ଣ ଅଫିମୀ, ଏବଂ ଏମାନଙ୍କର ଅଫିମ ଏକାବେଳକେ ଛଡ଼ାଇ ଦେବାରେ କୌଣସି ଅସୁବିଧା ହୋଇ ନାହିଁ— । ତେବେହେଁ ଅଫିମିମାନେ ଆପଣା ଗୋଲ ଛାଡ଼ିବେ ନାହିଁ ।

ସଙ୍ଗୀତଶାସ୍ତ୍ରବିଶାରଦ ବଣ୍ଡ୍ୟାର ସୌରୀନ୍ଦ୍ରମୋହନ ଠାକୁର ସମ୍ପ୍ରଦାୟ ପୃଥିବୀରୁ ଯେତେ ଯେତେ ଉପାଧି ପାଇଅଛନ୍ତି ତାହା ଅନେକ ଲୋକଙ୍କ ଜ୍ଞାନରେ ଥିବ । ସମ୍ପ୍ରତି ପାରସ୍ୟ ଦେଶର ସାହାଙ୍କ ସମୀପରୁ ସେ 'ନବାବ' ଉପାଧି ପ୍ରାପ୍ତ ହୋଇଅଛନ୍ତି । ଏଥିରୁ ଅଧିକ କ'ଣ ହୋଇପାରେ ?

ଜାପାନ ଦେଶରେ ଗ୍ରୀଷ୍ଟିୟାନମାନେ ସନାତନ ବନ୍ଧୁରେ ସାଧାରଣରେ ବକ୍ତୃତା ପ୍ରଦାନ କରୁଥିବାର ସମ୍ବାଦପତ୍ର-ମାନଙ୍କରେ ଦେଖାଯାଏ । ଜାପାନର ଶ୍ରୀମାନଙ୍କ ଉଦ୍ଧାର ଅନେକ ପୁରୁଷମାନେ କି ଅବଧି ସମ୍ପନ୍ନ ହୋଇ ଜାହାନ୍ତି ? ଏହି ସ୍ୱାଧୀନତାର ପ୍ରଶ୍ନ ।

ଖଲଡପୋଷ୍ଟାଫିସର କର୍ମପ୍ରାର୍ଥୀମାନଙ୍କର ସଂଖ୍ୟା ବର୍ତ୍ତମାନ ଏକଣତରୁ ଅନେକ ଅଧିକ ହୋଇଥିବାରୁ ଲେଫ୍ଟେନେଣ୍ଟ ଗବର୍ଣ୍ଣର ସାହେବ ବାହାଦୁର ଆଦେଶ ପ୍ରଚାର କରିଅଛନ୍ତି ଯେ କୌଣସି ଉପଯୁକ୍ତ ସମୟ ମଧ୍ୟରେ ନୂତନ ପ୍ରାର୍ଥୀମାନେ ଏ କାର୍ଯ୍ୟ ପାଇ ପାରିବାର ଅସମ୍ଭବ । ସୁତରାଂ ଅନେକେ ଯେପରି ନିରାଶ ନ ହେବେ ଏବଂ ନୂତନ ଅଭ୍ୟର୍ଥିତ ଲୋକମାନେ ଆପଣା ଜୀବନରେ ଅନ୍ୟ ପଥ ଅବଲମ୍ବନ କରିବେ ଏଥିନିମନ୍ତେ ଏହା ସର୍ବସାଧାରଣଙ୍କୁ ଜଣାଇ ଦିଆଗଲା । ଏପରି କାର୍ଯ୍ୟ ଅତି ପ୍ରଶଂସନୀୟ ଅଟଇ ଏବଂ ଏଥିରୁ ଲେଫ୍ଟେନେଣ୍ଟ ବାହାଦୁରଙ୍କର ସହୃଦୟତାର ପରିଚୟ ମିଳୁଅଛି ।

ଅନୁଶାସନ ସମ୍ବନ୍ଧରେ ଲୋକମାନଙ୍କୁ ଶିକ୍ଷା ଦେବା କାରଣ କଲିକତା ପ୍ରେସିଡେନ୍‌ସିର ନାନା ସ୍ଥାନରେ ସ୍ଥାନୀୟ ସାହେବ ସଭା ପ୍ରତିଷ୍ଠା ନିଯୁକ୍ତ କରିଅଛନ୍ତି । ଏ କାର୍ଯ୍ୟ ସକଳ ନିତାନ୍ତ ଉପଯୁକ୍ତ ଏବଂ ବଡ଼ ଲାଟ ମହୋଦୟ ଏହା ମନୋଯୋଗ କରିବେ ସନ୍ଦେହ ନାହିଁ ।

ନୱାବଙ୍କର ବହୁମାତା କାଶୀତୀର୍ଥ ଦର୍ଶନ ଏବଂ ଯେଉଁଠାରେ ଭାଙ୍ଗି ସ୍ୱର୍ଗୀୟ ସ୍ୱାମୀଙ୍କର ଅସ୍ଥି ପଡ଼ିଅଛି ସେହିଠାରେ ବାସ କରିବାର ଇଚ୍ଛା କରିଅଛନ୍ତି ।

ଆସନ୍ତା ଶୀତ କାଳରେ ମହାମାନ୍ୟ ଲର୍ଡ ରିପନ ସାହେବ ଲକ୍ଷ୍ନୌଠାରେ ଗୋଟିଏ ଦରବାର କରିବାର କଥିତ ଅଛି ।

ଶୁଣାଯାଏ ଯେ ଏଣିକି ଲେଟ ସାହେବ ଦାର୍ଜିଲିଂକୁ ଆପଣାର ସମସ୍ତ କର୍ମଚାରୀଙ୍କ ସହିତ ଯିବାର ମନସ୍ଥ କରନ୍ତି । କଲିକତାରେ କେବଳ କେତେକ ଜଣ ଅଧିନସ୍ଥ କାର୍ଯ୍ୟ ଚଳାଇବାକୁ ରହିବେ । ବାହୁଁ କି ! ଏକାବେଳେ ଦାର୍ଜିଲିଂଠାରେ ରହିଲେଇ ଭଲ ।

ସୈନ୍ୟମାନଙ୍କୁ ପୁରସ୍କାର ଦେବା ନିମନ୍ତେ ଯେଉଁ ଖଣ୍ଡା ଥିଲା ଅନୁଦାନ ହେବ ତହିଁରେ ୫୦ ଜଣ ସମ୍ବନ୍ଧୀୟ ଅଛନ୍ତି । ଜ ଶତ୍ରୁର ମଣିଷଙ୍କୁ କଡ଼ ଲାଟ ସାହେବ ଗାଳି କରୁଅଛନ୍ତି ।

ଇଂଲଣ୍ଡର ଜେନେରାଲ ଲେଖି ଅଛନ୍ତି ଯେ ମୁଙ୍ଗେର ଜଙ୍ଗଲରେ ସାମାନ୍ୟ ଲୁଣି କାରଣରେ ଜଣେ ଜଣକୁ ପ୍ରାଣରେ ମାରି ପକାଇ ଦେଇ । କଲିଯୁଗ ମହିମାଶୂନ୍ୟ ଗାଳ ।

ଭଲ ପତ୍ରିକା କହନ୍ତି ଯେ ଜଜ ବେଲ ସାହେବଙ୍କ ସମୀପରେ ଗୋଟିଏ ବୃହତ୍ ମୋକଦ୍ଦମା ହୋଇଥିଲା ସେ ସେପରି ମୋକଦ୍ଦମା ପୂର୍ବେ କେବେ ଦେଖା ନ ଥିଲା । ତହିଁରେ ୫୨ ମିସଲ ହୋଇଥିଲା ଏବଂ ମୁଦ୍ଦେଇ ପକ୍ଷରୁ ମକଦ୍ଦମା ଲଢ଼ିବାକୁ ଇନ୍ଦରଗର ସାହେବଙ୍କୁ ଦ୍ୱାଦଶ ଦିନ ଆସିଥିଲା । ଏହା ବଡ଼ ଜମିରୁ ଏପ୍ରେ ଜମି ପାଇ ହେଲ ତହିଁରେ ଟ ୧୨୫୦୦୦ ଙ୍କାରେ ପୁଣ ନିର୍ଣ୍ଣୟ ଦସ୍ତ ସମ୍ବନ୍ଧୀୟ ମୋକଦ୍ଦମା ଥିଲା । ଗତ ଜାନୁଆରି ମାସ ତା ୩୦ ତାରିଖରେ ଏହାର ପ୍ରଥମ ଶୁଣାଣି ହୋଇଥିଲା ଏବଂ ୫ ମାସ ଅବଧିରେ ମୁଦାଲାମାନେ ଦୁଇଥର ମହଲତ ନେବାକୁ ବାଧ୍ୟ ହୋଇଥିଲେ । ମୁଦ୍ଦେଇ ପକ୍ଷରେ ଟ ୨୦୦୦୦ ଙ୍କା ଏବଂ ମୋଟ ଉଭୟ-ମାତ୍ର ଟ ୪୦୦୦୦ ଙ୍କା ଖର୍ଚ୍ଚ ହୋଇ ଅଛି ।

## ପ୍ରେରିତପତ୍ର ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟେଷୁ

ମହାଶୟ !

ଏଠା ମିଉନିସିପାଲିଟିର ସଭା ଗତରେ ସାଧାରଣ ଲୋକେ ଯେପରି ବ୍ୟସ୍ତ ଅଛନ୍ତି ତାହା କାହାକୁହେଁ ଅବିଦିତ ନାହିଁ । ଏଥି ମଧ୍ୟରେ ସ୍ଥାନେ ସ୍ଥାନେ ପାଇଖାନା ଭାଟି ବନ୍ଦ ହେବାରୁ ପୁଲିସର ଅତ୍ୟାଚାର ସବୁଠାରେ ବଢ଼ିଅଛି ଅର୍ଥାତ୍ କେତେକ ଅଳ୍ପଦିନ ପୂର୍ବେ କେହି ମଫସଲୀୟ ବ୍ୟକ୍ତି ଜଣେ ଆସି ଏହି କଟକ ସହର ମଧ୍ୟରେ ବସା କରି ରହୁଥାଏ ତହିଁ ପରଦିନ ସକାଳୁଠାରୁ ସେ ବହିର୍ଦେଶ କରିବାକୁ ଯାଇଁ ( ଭାବୁ ଭାଟି ବନ୍ଦ ହେବାର କାର୍ଯ୍ୟ ପ୍ରଣାଳୀ ଜଣା ନ ଥିବାରୁ ) ଯେଉଁଠାରେ ଭାଟି ବନ୍ଦ ହୋଇଅଛି ତହିଁ ନିକଟରେ ଅନ୍ୟାନ୍ୟ ବ୍ୟକ୍ତି ବହିର୍ଦେଶ ବସି ଯାଇଥିବାରୁ ସେହି ସ୍ଥାନ ଅପରିଷ୍କାର ଓ ମଳମୟ ଦେଖିବାରୁ ସେହି ସ୍ଥାନରେ ପ୍ରକାଶ୍ୟଭାବରେ ବହିର୍ଦେଶ ବସିବାକୁ ଗଲା ବେଳେ ତହିଁରୁ କିଛି ଦୂରରେ ଜଣେ ପୁଲିସ କନେଷ୍ଟବଲ ଆପଣାର ପୋଷାକ ଧାରଣ ନ କରି ଧୋତିକୁଦର ପିନ୍ଧି ଠିଆ ହୋଇ ଥିଲା କିନ୍ତୁ ଉକ୍ତ ବ୍ୟକ୍ତିକି ମନା ସୁଦ୍ଧା କଲା ନାହିଁ । ସେହି ବ୍ୟକ୍ତି ବହିର୍ଦେଶ ଫେରି ଶୌଚ ହୋଇ ଉଠିଲା ବେଳକୁ ତାକୁ ଯାଇଁ ଗ୍ରେପ୍ତାର କରନ୍ତେ ସେ କହିଲା କି ମୋତେ ଜଣା ନ ଥିଲା ଏବଂ ତୁମ୍ଭେ ଏହିଠାରେ ଥିଲ ମୁଁ ଗଲା ବେଳେ ମନା କଲ ନାହିଁ ମୁଁ ଏପରି ଜାଣିଲି ଆଉ ମଧ୍ୟ ସେହି ସ୍ଥାନ ନିତାନ୍ତ ଅପରିଷ୍କାର ଓ ମଳମୟ ଅଛି ଦେଖିବାରୁ ମୁଁ ବସିଲି । ଏପରି ସେତେବେଳେ ଆପତ୍ତି କଲା ତାହା କିଛି ନ ଶୁଣି ( ଏପରି ଦୋଷୀକୁ ଧରିଦେଲେ ସମ୍ମାନ ପାଇବେ ଏହି କଥାକୁ ମୂଳ କରି ) ଏଭଳି ଉତ୍ତର ଦେଲେ କି ତୁମ୍ଭର ବଡ଼ ଆଖି ଦୁଇଟା ଅଛି ଏବଂ ସରକାର ଭାଟି ବାନ୍ଧ ଦେଇଅଛନ୍ତି ଏହା ଯେବେ ତୁମ୍ଭେ ବୁଝି ନ ପାରିଲ ତେବେ ଆମ୍ଭର କି ଗରଜ ଅଛି ଆଗହୁଁ ତୁମ୍ଭଙ୍କୁ ଜଣାଉଁ ଥିଲୁଁ । ଏହା କହି ଉକ୍ତ ବ୍ୟକ୍ତିଙ୍କ ବେଇଜ୍ଜତି କଥା କହିବାର ଆରମ୍ଭ କରିବାରୁ ସେ ବିଚାରା ତାଙ୍କ ସଙ୍ଗେ ସଙ୍ଗେ ଅଭ୍ୟର୍ଥୀ ପୋଷ୍ଟକୁ ଯାଇଁ ମୁଚୁଲିକା ଲେଖି ଦେଇ ବସାକୁ ଆସିଲେ, ସମସ୍ତ କ୍ରମେ କଟକଙ୍କରେ ହାଜର ହୋଇ ଆସାମୀ-ଶ୍ରେଣୀଭୁକ୍ତ ହୋଇ ପରଶେଷରେ ଦୁଇ ଅଣା ଜରିମାନା ଦେଇ ମୁକ୍ତ ହୋଇ ଆସିଲେ । ଏଣୁ ର କନ୍ଷ୍ୟାର ପୁଲିସକର୍ମଚାରୀଙ୍କ ଏପରି କୁତ୍ସିତ ମନୋବେଶରେ ରହି ଅଜ୍ଞାତ ବ୍ୟକ୍ତିଙ୍କ ପ୍ରଥମରୁ ସାବଧାନ ନ କରି ଆପଣାର ମାନ୍ୟ ବଢ଼ିବାପାଇଁ ଯେ ସାଧାରଣ ବ୍ୟକ୍ତିଙ୍କି ଏପରି ଅପମାନିତ କରନ୍ତି ଏହା ଲେଖିଦେଇ ସଙ୍ଗତ ଅବଲୋକରେ ସମସ୍ତେ ବୁଝି ପାରୁଥିବେ । ଅତ-ଏବ ସରକାର ବାହାଦୁରଙ୍କ ହଜୁରରେ ପ୍ରାର୍ଥନା ଏହି ଯେ ମିଉନିସିପାଲିଟିର କାର୍ଯ୍ୟକଳାପ-ଦ୍ୱାର ଏବଂ ପୁଲିସର ଅତ୍ୟୁତ୍ସାହିତା କର୍ମ-କାରକମାନଙ୍କ ଅଯାଉଦ୍ଧାର ଯେପରି ଲୋକ ସାଧାରଣଙ୍କର ଅନିଷ୍ଟ ଓ ଅପମାନ ନ ହେବ ଏଥି ପ୍ରତି ସୁବନ୍ଦୋବସ୍ତ କରିବାର ଧ୍ୟାନ ଦେବେ ଆଉ ସାଧାରଣ ସମସ୍ତେ ସହର ମଧ୍ୟରେ ଥିବା ଦେଇଅଛନ୍ତି କିନ୍ତୁ ସହରବାସୀ ଉତ୍ତା ଅନ୍ୟାନ୍ୟ ଗ୍ରାମ ଓ ଗଡ଼ମାନଙ୍କରେ ବାସ୍ତ ଅପରିଷ୍କାର କାର୍ଯ୍ୟ ମାସକେ ବା ଦେଢ଼ମାସରେ ଥରେ ଦେଖ ସେତେବେଳେ ଭଲ ହୋଇବାକୁ ଦେବ, ସେ-ପ୍ରକାର ଗ୍ରାମରେ ପୁଣି ସେମ ଫେରିବା କଥା ଦେଖା ଯିବାର ଦୁଃଖର ଇତ୍ୟାଦି ବିଷୟ ସବୁ

Digitized by srujanika@gmail.com

Split by PDF Splitter



ପ୍ରତି ସରକାର ବାହାଦୁର ମନୋଯୋଗୀ ନ ହେଲେ ଆମ୍ଭମାନଙ୍କ ପ୍ରାର୍ଥନା ଅରଣ୍ୟରୋଦନ ପ୍ରାୟ ବୃଥା ହୋଇ ଯିବ ଏଥିରେ ସନ୍ଦେହ ନାହିଁ । ଆଉ ପୁଲିସର କର୍ମଚାରୀମାନେ ଯାବନ୍ତ ବିଷୟରେ ସଦରରେ ଓ ମୋଫସଲରେ ଯେପରି ଉପଦ୍ରବ କରନ୍ତି ତାହା ବର୍ଣ୍ଣନ କରିବା ନିରର୍ଥକ ଯେହେତୁ ସମସ୍ତେ ତାହା ଜାଣି ଶୁଣି ଶୁଦ୍ଧା ଭୁଲ; ଏଥିର ଉଚ୍ଚଶ୍ରେଣୀସ୍ଥ ପ୍ରଜାଶାସକ ହାକିମମାନେ ଦୃଷ୍ଟି ନ କଲେ ତ୍ରାଣ ନାହିଁ । ଇତି

। ନ । ଶ୍ରୀ ଦ——

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ହାରକାନାଥ ଚକ୍ରବର୍ତ୍ତୀ | କଟକ କମ୍ପାନୀ | | ଟ ୨॥ |
| ଶ୍ରୀ ମହନ୍ତ ମୋହନ ଦାସ | ସୁଗ | " | ଟ ୨୧୦/ |
| ଦାସରଥୀ ସରତ | କଟକ | ଝଙ୍କିମ | ଟ ୨॥ |

## ବିଜ୍ଞାପନ ।


**ORIENTAL**
**GOVERNMENT SECURITY LIFE ASSURANCE COMPANY "LIMITED"**
*BOMBAY*

For prospectus, yearly reports of meetings, the fast progress of the Co. and for all other information, please apply to

J. WINTERSCALE,
*Agent in Orissa*
No.1 Cantonments.

ଓରିଏଣ୍ଟଲ ଗବର୍ଣ୍ଣମେଣ୍ଟ ସିକୁରିଟି ଲାଇଫ ଅସୁରାନ୍ସ କମ୍ପାନୀ ନାମକ ଜୀବନ ବୀମା କରିବାର କମ୍ପାନୀ ମୋହାମ ଢ଼ରେ ।

ଏ କମ୍ପାନୀର ଅନୁଷ୍ଠାନପତ୍ର ବାର୍ଷିକ ଚିଠାପତ୍ର ଏବଂ ବାର୍ଷିକ ସଭାର ଉନ୍ନତିର ବିବରଣ ଏବଂ ଅନ୍ୟାନ୍ୟ ସମାଚାର ଜାଣିବାର ବିବରଣ ଏବଂ ଅନ୍ୟାନ୍ୟ ସମାଚାର ନିମ୍ନସ୍ୱାକ୍ଷରକାରୀଙ୍କଠାରେ ଆବେଦନ କଲେ ପ୍ରାପ୍ତ ହେବ ।

ଜେ ଉଇଣ୍ଟରସ୍କେଲ
ଓଡ଼ିଶାର ଏଜେଣ୍ଟ
କଟକ ନଂ ୧ ଗୋରା କାଣ୍ଟନମେଣ୍ଟ ବଜାର ।

## ଶିରଃପୀଡ଼ାହରଣ ଭସ୍ମ ।

ଏ ବଟିକାଦ୍ୱାରା ବାତରୋଗ, ଉପଦଂଶ ଅର୍ଥାତ୍ ଗରମୀ ଓ ପରିଣାମଶୂଳ ଆରୋଗ୍ୟ ହୁଏଇ । ମା ୭ ଖାରୁ ଟ ୧୧ ଙ୍କା

## କୃମ୍ଭାକର ବଟିକା ।

ଏଥିରେ ସ୍ତ୍ରୀମାନଙ୍କର ପ୍ରଦର ଓ ରକ୍ତମେହ ନଷ୍ଟସ୍ ହର ହୁଏଇ । ମା ୭ ଖାରୁ ଟ ୧୧ ଙ୍କା ।

## ନୃପବଲ୍ଲଭ ବଟିକା ।

ଅନୁପାନ ବିଶେଷରେ ସେବନ କଲେ ଅଠ ପ୍ରକାର ଶୂଳ ରୋଗ ହୁଏଇ । ୧୪ ମାତ୍ରାରୁ ଟ ୧୧ ଙ୍କା ।

## ମୀନକେତନ ବଟିକା ।

ଅତି ଉତ୍କୃଷ୍ଟ ଧାତୁବର୍ଦ୍ଧକ ପୁଂସକ ଔଷଧ । ଅନୁପାନ ବିଶେଷରେ ବାୟୁରୋଗ ଶାନ୍ତ ହୁଏଇ । ୪ ମାତ୍ରାରୁ ଟ ୧ ଙ୍କା

## କନ୍ଦର୍ପଚନ୍ଦ୍ରୋଦୟ ବଟିକା ।

ଏ ବଟିକାଦ୍ୱାରା ଧ୍ୱଜଭଙ୍ଗ ଆଉ ଦଶ ବର୍ଷରୁ ନୂତନ ପୁଂସରତ୍ୱ ରୋଗ ଭଲ ହୁଏଇ । ୪ ମାତ୍ରାରୁ ଟ ୧୧ ଙ୍କା ।

ଏ ସବୁ ଆଉ ମେହ ପ୍ରଭୃତି ରୋଗର ଉତ୍କୃଷ୍ଟ ଔଷଧମାନ ଆମ୍ଭ ନିକଟରେ ପ୍ରାପ୍ତବ୍ୟ । ଗ୍ରାହକମାନେ ଔଷଧ ଗ୍ରହଣ ସମୟରେ ସେବନ ବିଧିମାନ ଜାଣି ପାରିବେ ।

ଯାଜପୁର
ଜାଜପୁର
କଟକ

ଶ୍ରୀ ରାମଚନ୍ଦ୍ର ବେବର୍ତ୍ତ ପଣ୍ଡାସ୍ୱ ।

## ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫିଉଜ୍ ।

ଏହା ଜ୍ୱରରୋଗରେ କୁଇନାଇନର ପରିବର୍ତ୍ତେ ଉତ୍କୃଷ୍ଟ ଔଷଧ ବୋଲି ବ୍ୟବହୃତ । କଲିକତାର ପ୍ରଧାନ ପ୍ରଧାନ ଇଉରୋପୀୟ ଓ ଦେଶୀୟ ଔଷଧାଳୟରେ ବିକ୍ରୟ ହୁଏଇ । କଲିକତା ବୋଟାନିକଲ୍ ଗାର୍ଡେନର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ଚଳିତ ଦରରେ ମିଳିପାରେ ଯଥା;—

ଡାକମାସୁଲ ସହିତ ୪ ଆଉନ୍ସକୁ ଟ ୨ଙ୍କା । ୮ ଆଉନ୍ସକୁ ଟ ୧୧ ଙ୍କା । ୧୬ ଆଉନ୍ସକୁ ଟ ୨୦॥ ମୂଲ୍ୟ ନଗଦ ।

## ଶ୍ରୀଯୁକ୍ତ ହେମଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ କୃତ ଉଦାସୀନଦତ୍ତ ମହୌଷଧ ।

# ଅ ମୃ ତ ଚୂ ର୍ଣ୍ଣ ।

ଏକପ୍ରସ୍ତ [ ୨୦ ମସାର ] ମୂଲ୍ୟ ଟ ୪ । ଅର୍ଦ୍ଧ ୧୪ ପ୍ରସ୍ତ ଏକାବେଳକେ ନେଲେ ଟ୫୦ ଙ୍କା, ଡାକମାସୁଲ ପ୍ରତି ବଣ୍ଡିଲ ଟ ୦ । ଦୁଇଅର୍ଦ୍ଧ ଏବଂ ୫ ପ୍ରସ୍ତ ଔଷଧ ଏକ ବଣ୍ଡିଲରେ ଟ ୦ । ଅର୍ଦ୍ଧ ମାସୁଲରେ ଯାଇ ପାରେ ।

ଏହି ଔଷଧ ସେବନ କଲେ ଅନେକାନେକ ଦୁଃସାଧ, ଅସାଧ, ଓ କଷ୍ଟସାଧ ରୋଗର ଉପଶମ ହୁଏ । ଏମନ୍ତ କି କ୍ଷୟ, ଯକ୍ଷ୍ମା, ବହୁକାଳର ଶୂଳ, ଶିରଃପିଡ଼ା, ହୃଦରୋଗ, ଶ୍ୱାସକାସ, ଉଦରାମୟ, ଅମ୍ଳପିତ୍ତ, ଅନ୍ନଶୂଳ, ପୁରାତନ ଜ୍ୱର, ପ୍ଲୀହା, ଯକୃତ, ଅତିସାର, ବାତ, ଅର୍ଶ, ପୁରାତନ ପ୍ରମେହ, ଉପଦଂଶ, ପାରଦଦୁଷ୍ଟ ଦୋଷ, ରକ୍ତବିକାର, ମୂତ୍ରକୃଚ୍ଛ୍ର ବା ବହୁମୂତ୍ର, ଏବଂ ନାନାବିଧ ଜଟିଳ ଓ ଏକତ୍ରୀଭୂତ ପୁରାତନ ଓ କଠିନ ରୋଗ ପ୍ରତୀକାର ପକ୍ଷରେ ଏହା ଅତି ଉତ୍କୃଷ୍ଟ ଔଷଧ ।

ସ୍ତ୍ରୀଲୋକମାନଙ୍କର କେତେଗୁଡ଼ିଏ ବିଶେଷ ରୋଗର ଏହା ଶୀଘ୍ର ପ୍ରତୀକାରକ ଅଟଇ । ଯଥା; ସୂତିକା, ରକ୍ତସ୍ରାବ, ପ୍ରଦର, ମୂର୍ଚ୍ଛା, ଭୌତିକ ରୋଗ, ସ୍ୱପ୍ନରେ ଭୟ ଦର୍ଶନ, ମୃତବତ୍ସା ପ୍ରଭୃତି ରୋଗରେ ବିଶେଷ ଉପଯୁକ୍ତ ଅଟଇ । ଏହା ଏରୂପ ନିର୍ଦ୍ଦୋଷ ଔଷଧ ଯେ ଦୁଗ୍ଧପୋଷ୍ୟ ଶିଶୁ ଓ ଗର୍ଭବତୀ ସ୍ତ୍ରୀମାନେ ମଧ୍ୟ ସେବନ କରି ପାରନ୍ତି । ଏଥିରେ କୌଣସି ପ୍ରକାର ମାଦକ ଓ ବିଷାକ୍ତ ବସ୍ତୁର ଲେଶମାତ୍ର ନାହିଁ । ଏହା ସେବନ କଲେ ରକ୍ତ ପରିଷ୍କାର କ୍ଷୁଧାବୃଦ୍ଧି ପୁଷ୍ଟି ଏବଂ ବଳବୃଦ୍ଧି ହୁଏ ।

ଆମ୍ଭଠାକୁ ପତ୍ର ଲେଖିବାକୁ ହେଲେ ବଙ୍ଗଳା କିମ୍ବା ଇଂରାଜୀରେ ଲେଖିବ କାରଣ ଏଠାରେ କେହି ଓଡ଼ିଆ ଭାଷା ଜାଣନ୍ତି ନାହିଁ ।

# ଓଲାଉଠାର ଅମୋଘ ଏବଂ

## ଅଦ୍ୱିତୀୟ ବଟିକା ।

ସର୍ବ ପ୍ରକାର ଔଷଧଠାରୁ ଏହି ବଟିକା ଫଳପ୍ରଦ ଅଟେ । ଶତକଡ଼ା ଜ୯୫ଣରୁ ଅଧିକ ରୋଗୀ ଆରୋଗ୍ୟ ହେଉଅଛନ୍ତି । ଓଲାଉଠାର ୫୦ଟ ବଟିକାର ମୂଲ୍ୟ ବର୍ତ୍ତମାନ ଟ୪୧ଙ୍କା । ଏଥିରେ ଜ୨୦ଣରୁ ଅଧିକ ରୋଗୀ ଆରୋଗ୍ୟ ହୋଇ ପାରନ୍ତି । ୨୫ ଗୋଟି ବଟିକାର ମୂଲ୍ୟ ଟ୨୬ । ଏହା ସେବନ କଲେ ସର୍ଦ୍ଦି ଗର୍ମି ରୋଗ ଅତି ଆଶ୍ଚର୍ଯ୍ୟରୂପେ ଅଧଘଣ୍ଟାକ ମଧ୍ୟରେ ସମ୍ପୂର୍ଣ୍ଣ ଆରୋଗ୍ୟ ହୁଏ । ଏହା ସେବନ କରାଇ ଅନ୍ୟ ଔଷଧ ସେବନ ନ କରାଇଲେ ନିଶ୍ଚୟ ରୋଗୀ ଆରୋଗ୍ୟ ହେବ ।

ଶ୍ରୀ ହେମଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ
ମହଲ୍ଲା ମିଶିର ପୋଖରୀ, ସହର ବନାରସ

ସାନୁନୟ ନିବେଦନ ମିଦଂ ।

ମହାଶୟ !

୨ୟ ଥର ଅମୃତଚୂର୍ଣ୍ଣ ଅଣାଇ ଆମ୍ଭର ଜଣେ ଆତ୍ମୀୟକୁ ସେବନ କରାଇବାରୁ ସେ ପୁରାତନ ପ୍ରମେହ ପାରଦ ଘଟିତ ବାତ ଓ ଜ୍ୱର ପ୍ରଭୃତି ଦୁଶ୍ଚିକିତ୍ସ୍ୟ ବ୍ୟାଧିସମୂହରୁ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରି ଅଛନ୍ତି । ଆମ୍ଭର ଉପଦେଶାନୁସାରେ ସେହିପରି ଆମ୍ଭର ଆତ୍ମୀୟ ସୁକଯୋଡ଼ା ନିବାସୀ ଶ୍ରୀଯୁକ୍ତ ଗିରିଶଚନ୍ଦ୍ର ମଣ୍ଡଳ ଅମୃତଚୂର୍ଣ୍ଣ ଅଣାଇ ଅଳ୍ପ ଦିନ ହେଲା ସେବନ କରିବାରୁ ଜ୍ୱର କାଶ ଓ ଅର୍ଶ ରୋଗର ଅନେକ ଉପଶମ ବୋଧ କରି ଅଛନ୍ତି । ଆପଣଙ୍କର ଅମୃତଚୂର୍ଣ୍ଣର ଗୁଣ ଅସ୍ମଦ୍ଦେଶରେ ଏତେ ଦିନରେ ପ୍ରଚାରିତ ହେବାରୁ ବୋଧହୁଏ ଅନେକ ଲୋକ ଚିରଯନ୍ତ୍ରଣାରୁ ମୁକ୍ତି ଲାଭ କରି ଦୀର୍ଘଜୀବନ ଲାଭ କରିବେ । ଆମ୍ଭେମାନେ ଏହାର ଉପକାରିତା କଳିକତାର ସାଧାରଣ ସମାଜରେ ପ୍ରଚ୍ୟ

Digitized by srujanika@gmail.com

Split by PDF Splitter



ଶତ କରିବାକୁ ତ୍ରୁଟୀ କରି ନାହୁଁ ବା କରିବୁଁ ନାହିଁ ।

ଶ୍ରୀ ରାମଦାସ ମଣ୍ଡଳ
ଷ୍ଟାକାଦର୍ଶୀ କଲ ବାକୁଡ଼ା

ଶ୍ରୀମାଣ୍ଡିବେଷୁ ।

ମହାତ୍ମନ୍, ଭବଦୀୟ ପ୍ରେରିତ ସୁବିଖ୍ୟାତ ଅମୃତଚୂର୍ଣ୍ଣ ସେବନ କରିବାରୁ ଆମ୍ଭର ନାନାବିଧ ରୋଗର ଶାନ୍ତି ହୋଇଅଛି । ଯଥା ପାରଦ ଦୋଷ ଜାତ ଗଲିତା, ଶିରଃପୀଡ଼ା, ପାକାଶୟ ବସ୍ତୁ ପାକ କଲା ସମୟରେ ନାସିକାବାଟେ କେତେକ ଅଂଶ ନିଃସୃତ ହେବାର, କୌଣସି ବସ୍ତୁର ଘ୍ରାଣ ଶକ୍ତି ରହିତତ୍ୱ ଓ ଉପଦଂଶ ପ୍ରଭୃତି ନାନାବିଧ ଜଟିଳ ଓ ଦୁସ୍ଚିକିତ୍ସ୍ୟ ବ୍ୟାଧିରୁ ସମ୍ପୂର୍ଣ୍ଣରୂପେ ଆପଣଙ୍କର ଜଗଦ୍ବିଖ୍ୟାତ ସଦ୍ୟ ରୋଗନାଶକ ଅମୃତଚୂର୍ଣ୍ଣଦ୍ୱାରା ଉତ୍ତମରୂପେ ନିଷ୍କୃତି ଲାଭ କରିଅଛୁଁ । ଆମ୍ଭେ ଆପଣଙ୍କ ସମୀପରେ ଅଙ୍ଗୀକାର ପୂର୍ବକ କହୁଅଛୁଁ ଯେ, ଆମ୍ଭେ ଯେତେଦିନ ଜୀବିତ ଥିବୁଁ ସେତେଦିନ ପର୍ଯ୍ୟନ୍ତ ଏହି ପରମ ଔଷଧର ଗୁଣ ବିଜ୍ଞାପନ ଓ ମୌଖିକ କୀର୍ତ୍ତନଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତ କରିବାକୁ କଦାପି ତ୍ରୁଟି କରିବୁଁ ନାହିଁ । ବିବେଚନା କରୁଁ ଏହି ମହୌଷଧୀର ଗୁଣ ସର୍ବସାଧାରଣରେ ଜାଣିଥିଲେ କେବେହେଁ ଲୋକେ ବ୍ୟାଧିଗ୍ରସ୍ତ ହୋଇ ଅକାଳରେ କାଳର କରାଳ କବଳରେ ପତିତ ହୁଅନ୍ତେ ନାହିଁ ।

ଶ୍ରୀ ଶ୍ୟାମାଚରଣ ଭଟ୍ଟାଚାର୍ଯ୍ୟ
ନଓହାଟ୍ଟାପୋଷ୍ଟ ଜେଲା ଯଶୋହର

ମହାଶୟ !

ଆପଣଙ୍କ ଔଷଧାଳୟରେ କ୍ଷୟ, ଯକ୍ଷ୍ମା ଓ ବହୁକାଳର ପ୍ରମେହ ରୋଗର ଗୋଟିଏ ମହୌଷଧ ଅଛି । ସେହି ଔଷଧ ସେବନ କରି ଆମ୍ଭର ଶ୍ରଦ୍ଧାସ୍ପଦ ଭ୍ରାତାର ବହୁକାଳର ପ୍ରମେହ କ୍ଷୟ ଓ ଯକ୍ଷ୍ମା ରୋଗ ଏକାବେଳକେ ଆରୋଗ୍ୟ ହୋଇ ଅଛି । ଆପଣଙ୍କର ଏହି ଅମୃତଚୂର୍ଣ୍ଣ ମହୌଷଧୀର ଗୁଣ ଆମ୍ଭେ ଆମ୍ଭର ବନ୍ଧୁମାନଙ୍କ ନିକଟରେ ପ୍ରଚାରିତ କରିବାକୁ ତ୍ରୁଟି କରିବୁଁ ନାହିଁ । ଏବଂ ଯହିଁରେ ଦିନାଜପୁର ଜିଲାର ପଲ୍ଲୀ ଗ୍ରାମରେ ପ୍ରଚାର ହେବ ସେଥିପାଇଁ ଆମ୍ଭେ ସ୍ଥାନେ ହାଟ ବଜାରରେ ଏହି ଅମୃତଚୂର୍ଣ୍ଣର ଗୁଣ କାଗଜରେ ଲେଖି ପ୍ରକାଶ କଲୁଁ ।

ଶ୍ରୀ ପ୍ରଭାସଚନ୍ଦ୍ର ମୁଖୋପାଧ୍ୟାୟ
ସବ୍‌ପୋଷ୍ଟମାଷ୍ଟର ଘୋଡ଼ାଘାଟ ଦିନାଜପୁର

ମହାଶୟ !

ସମ୍ପ୍ରତି ଅମ୍ବାଲା ସହରରେ ଯେ ଓଲାଉଠା ରୋଗର ପ୍ରାଦୁର୍ଭାବ ହୋଇଥିଲା ତହିଁରେ ଆପଣଙ୍କର ଓଲାଉଠାର ବଟିକା ଏରୂପ ଫଳଦାୟକ ହୋଇଥିଲା ଯେ, ଆମ୍ଭେ ଏହାର ଗୁଣ ବର୍ଣ୍ଣନ କରିବାକୁ ଅସମର୍ଥ ଓ ଯେ କି ପର୍ଯ୍ୟନ୍ତ ଆଶ୍ଚର୍ଯ୍ୟାନ୍ୱିତ ହୋଇଅଛୁଁ ତାହା କହି ପାରୁ ନାହୁଁ । ଷଏ ଅଠସ୍ଟଳଗଳଣ ବ୍ୟକ୍ତିଙ୍କୁ ଏହି ଔଷଧୀଦ୍ୱାରା ଚିକିତ୍ସା କରି ସମ୍ପୂର୍ଣ୍ଣରୂପେ ଆରୋଗ୍ୟ କରିଅଛୁଁ । କେବଳ ଗୋଟିଏ ରୋଗୀ ପ୍ରଥମେ ଆପଣଙ୍କର ଔଷଧୀ ସେବନ କରି ତତ୍ପରେ ଅନ୍ୟ ଔଷଧୀ ସେବନ କରିବାରୁ ମୃତ୍ୟୁଗ୍ରାସରେ ପତିତ ହେଲା ବୋଧ କରୁଁ ଅନ୍ୟ ଔଷଧ ସେବନ କରି ନ ଥିଲେ ତାହାର ଜୀବନ ରକ୍ଷା ହୋଇ ଥାନ୍ତା ଚରିତ ଆପଣଙ୍କ ଔଷଧୀଦ୍ୱାରା ଅନେକ ପରିମାଣରେ ରୋଗ ନିବାରଣ ହୋଇଥିଲା । ଯାହା ହେଉ ଏହା ଗୋଟିଏ ମହତ୍ ଦୁଃଖର ବିଷୟ କହିବାକୁ ହେବ । ଆମ୍ଭର ସମ୍ପୂର୍ଣ୍ଣ ବିଶ୍ୱାସ ଏଥି ସମାନ ଦ୍ୱିତୀୟ ଔଷଧୀ ଏପର୍ଯ୍ୟନ୍ତ ଆବିଷ୍କୃତ ହୋଇ ନାହିଁ ଏବଂ ମନୁଷ୍ୟମାନଙ୍କୁ ଏହି ଭୟାନକ ଦୁର୍ଦ୍ଦମ୍ୟରୋଗରୁ ନିଷ୍କୃତି ଦେବା ନିମନ୍ତେ ସୃଷ୍ଟିକର୍ତ୍ତା ଆପଣଙ୍କୁ ଏହି ଅମୂଲ୍ୟ ଔଷଧୀ ପ୍ରଦାନ କରି ଅଛନ୍ତି । ଆମ୍ଭେ ଅଧିକ କହିପାରୁଁ ଯେ, ଓଲାଉଠାରୋଗପ୍ରପୀଡ଼ିତ ମୁମୂର୍ଷୁ ବ୍ୟକ୍ତିକି ମଧ୍ୟ ଅର୍ଥାତ୍ ଶେଷାବସ୍ଥାର ରୋଗିକୁ ମଧ୍ୟ ଆପଣଙ୍କର ଏହି ଔଷଧୀ ନିୟମିତରୂପେ ସେବନ କରାଇଲେ ମୃତ୍ୟୁର ଭୟ ନ ଥିବ । ଆମ୍ଭ ବିବେଚନାରେ ଆପଣଙ୍କର ଔଷଧୀ ସେବନ କରାଇ ଅନ୍ୟ ଔଷଧୀ ସେବନ କରାଇବା କଦାଚ ଉଚିତ ନୁହଇ । ଅନ୍ତଃନଗରର ମାନ୍ୟବର ଅସିଷ୍ଟାଣ୍ଟ ସାର୍ଜନ ମହାଶୟ ଆପଣଙ୍କର ଔଷଧୀର କ୍ଷମତା ଦେଖି କହିଥିଲେ ଯେ, ଏରୂପ ଆଶ୍ଚର୍ଯ୍ୟ ଘଟନା ମନୁଷ୍ୟକୃତ ଔଷଧୀଦ୍ୱାରା କଦାଚିତ୍ ସମ୍ପାଦିତ ହୋଇ ପାରେ ।

ଅତୀବ ଦୁଃଖର ବିଷୟ ଯେ, ଏଠାର ମାନ୍ୟବର ଡେପୁଟୀ କମିଷନର ସାହେବ ଆପଣଙ୍କ ପ୍ରେରିତ * ବଣ୍ଡିଲ ଔଷଧୀ ଲାହୋର ଅମୃତସହର ଓ ଜଲନ୍ଧରରେ ବିତରଣ କରିବାକୁ ନେବାକୁ ସ୍ୱୀକୃତ ହୋଇ ନାହାନ୍ତି ।

ଶ୍ରୀ ବ୍ରଜବିହାରୀ ମୁଖୋପାଧ୍ୟାୟ
ହେଡ଼କ୍ଲାର୍କ ଡେପୁଟୀ କମିଶନର୍ସ ଅଫିସ୍,
ଅମ୍ବାଲା

ପ୍ରିୟ ମହାଶୟ !

ଗତ ବର୍ଷ ଆମ୍ଭର ଉଦ୍ଯୋଗ ଶ୍ରୀଯୁକ୍ତ ବାବୁ ଈଶାନଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ ମହାଶୟ ଆପଣଙ୍କ ନିକଟରୁ ଯେଉଁ କଲେରାପିଲ କ୍ରୟ କରି ଥିଲେ ଆମ୍ଭେ ଆହ୍ଲାଦର ସହିତ ତାହାର ମହତ୍ ରୋଗ ନିବାରଣୀ ଶକ୍ତିର ସାକ୍ଷ୍ୟ ଦେଉଅଛୁଁ ।

ବହୁ ସଂଖ୍ୟକ ଓଲାଉଠା ରୋଗିଙ୍କର ଏହା ବ୍ୟବହାର କରିବାରେ ଯେଉଁ ଆଶା କରା ଯାଇଥିଲା, ତାହା ସମ୍ପୂର୍ଣ୍ଣ ସଫଳ ହୋଇଅଛି ଅର୍ଥାତ୍ ଶୀଘ୍ର ରୋଗର ପ୍ରତୀକାର ହୋଇଅଛି ତ୍ରୟଦଶ ଜଣ ବ୍ୟକ୍ତିଙ୍କୁ ଏହା ସେବନ କରାଇ ଦିଆ ଯାଇଥିଲା, ସମସ୍ତେ ଆରୋଗ୍ୟଲାଭ କରି ଅଛନ୍ତି । ପ୍ରକୃତ ଏଥିର ଅଲୌକିକ ଶକ୍ତି ଆମ୍ଭମାନଙ୍କ ମଧ୍ୟରେ ପ୍ରକାଶିତ ହୋଇଅଛି ।

ଯଦି ଓଲାଉଠା ରୋଗର କୌଣସି ଯଥାର୍ଥ ଔଷଧୀ ଆବିଷ୍କୃତ ହୋଇଥାଏ ତେବେ ଉକ୍ତ ଔଷଧୀ ଆପଣଙ୍କର କଲେରାପିଲ ବ୍ୟତିରେକେ ଅନ୍ୟ କିଛି ନୁହେ । ଆମ୍ଭେ ସମ୍ଭ୍ରାନ୍ତ ଓ ଭଦ୍ର ମହାଶୟମାନଙ୍କୁ ଜଣାଇ କରି ଅନୁରୋଧ କରୁଅଛୁଁ ଯେ ଯେମନ୍ତ କି ସେମାନେ ଏହି ଔଷଧୀରୁ କିଛି ସଂଗ୍ରହ କରି ରଖନ୍ତୁ । କାହିଁକି ଓଲାଉଠାର ପ୍ରାଦୁର୍ଭାବ ସମୟରେ ସେମାନେ ଏହାଦ୍ୱାରା ବିଶେଷ ଉପକାର ଲାଭ କରି ପାରିବେ । ଆମ୍ଭେ ଏହାକୁ ଆମ୍ଭମାନଙ୍କ ମଧ୍ୟରେ ଗୋଟିଏ ବଳ ସ୍ୱରୂପ ଜ୍ଞାନ କରୁଁ ଏବଂ ଏହା ମଧ୍ୟ ଆମ୍ଭର ବିଲକ୍ଷଣ ପ୍ରତୀତ ହୋଇଅଛି ଯେ ଏହା ଯେଉଁ ମୂଲ୍ୟରେ ବିକ୍ରୀତ ହୁଏ, ସେଥିର ଅତି ଉପଯୁକ୍ତ ।

ଆପଣ ଇଚ୍ଛା କଲେ ଉପରୋକ୍ତ କେତେକ ପଂକ୍ତି ବ୍ୟବହାର କରି ପାରନ୍ତି । ଆମ୍ଭେ ଯାହା କହୁଅଛୁଁ ତାହା ସତ୍ୟ ବ୍ୟତିରେକେ ଅନ୍ୟ କିଛି ନୁହେ ଅର୍ଥାତ୍ ବଢାଇ କରି କହି ନାହୁଁ । ଜଗଦୀଶ୍ୱର କରନ୍ତୁ ପ୍ରଚୁର ପରିମାଣରେ ଆପଣଙ୍କର ଏହି ମହାମୂଲ୍ୟ ଔଷଧୀ ବିକ୍ରୟ ହେଉ ।

ଶ୍ରୀ ରାମସଦୟ ମୁଖୋପାଧ୍ୟାୟ
ହେଡଭଗିଣୀ ବେହାର ଇଣ୍ଡିଗୋ ପ୍ଲାଣ୍ଟାରସ ଏସୋସିଏସନ୍।

ନ ୫୪ ମୂଲ

☞ ମୂଲପତ୍ର ଦେଖ ।

Digitized by srujanika@gmail.com

Split by PDF Splitter

ED NO. 1

# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା

ଭା ୧୭ ଗ
ସଂ ୨୯ ଖ୍ୟା

ତା ୨୨ ରିଖ ମାହେ ଜୁଲାଇ ସନ ୧୮୮୬ ମସିହା । ମୁ । ଶ୍ରାବଣ ବ ୧ ନ ସନ ୧୨୯୩ ସାଲ ଶନିବାର

| ମୂଲ୍ୟ | ଅଗ୍ରିମ | ବକାୟା |
| --- | --- | --- |
| ବାର୍ଷିକ | ଟ ୫ ୮ | ଟ ୬ ୮ |
| ଡାକମାସୁଲ | ଟ ୦ ୪ | ଟ ୧ ୮ |

ଅମ୍ଭେମାନେ ଅତ୍ୟନ୍ତ ଆନନ୍ଦ ସହିତ ବଙ୍ଗବାସିରେ ପାଠ କଲୁଁ ଯେ କଲିକତା ହାଇକୋର୍ଟର ଉକିଲ ବାବୁ ଦୁର୍ଗାମୋହନ ଦାସଙ୍କ ପୁତ୍ର ବାବୁ ସତ୍ୟରଞ୍ଜନ ଦାସ ବିଲାତରେ ସିବିଲସରଭିସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଯାହାର ବୟସ ତ ୧୯ ବର୍ଷରୁ ଅଧିକ ତାହାଠାରୁ ଏ ପରୀକ୍ଷା ନିଆଯିବ ନାହିଁ ସୁତରାଂ ଏଦେଶୀୟ କେହି ବ ୧୬।୧୭ ବର୍ଷ ବୟସ ବେଳେ ବିଲାତକୁ ନ ଗଲେ ଏ ପରୀକ୍ଷା ଦେବା କଠିନ । ଏହି ହେତୁରୁ ଗତ ୮ବର୍ଷରେ କେହି ଏ ପରୀକ୍ଷା ଦେଇ ନାହାନ୍ତି । ସତ୍ୟରଞ୍ଜନ ବାବୁ ଅଳ୍ପବୟସରେ ଏତେ ବାଧା ଅତିକ୍ରମ କରି ଏ ପରୀକ୍ଷା ଦେବାଦ୍ୱାରା ବିଷମ ସାହସ ଦେଖାଇ ଭାରତବାସିଙ୍କ ମାନ ରକ୍ଷା ଏବଂ ବୟସ ଊଣା କରିବାର ଅଭିସନ୍ଧି ବ୍ୟର୍ଥ କରିଅଛନ୍ତି ।

---

ବାଲେଶ୍ୱରର ବ୍ରାହ୍ମମାନେ ସମଧିକ ଉତ୍ସାହ ସହିତ କାର୍ଯ୍ୟ କରୁଥିବାର ଜଣେ ବନ୍ଧୁଙ୍କଠାରୁ ଶୁଣି ଅମ୍ଭେମାନେ ଆନନ୍ଦିତ ହୋଇଅଛୁଁ । ଦୁଇସପ୍ତାହ ଗତ ହେଲା ସେଠା ବ୍ରାହ୍ମସମାଜର ବାର୍ଷିକ ଆଷାଢ଼ ଉତ୍ସବ ହୋଇଥିଲା ଯେ ବ୍ରାହ୍ମମାନେ ଏଥିରେ ସ୍ୱଉଦନକାଳ ମାତ୍ର ଥିଲେ । ଅନେକ ଗୁଡ଼ିଏ ନୂତନ ବ୍ରାହ୍ମ ହୋଇ ଉତ୍ସବରେ ଯୋଗ ଦେଇଥିଲେ । ନଗର କୀର୍ତ୍ତନ ପ୍ରଭୃତି କାର୍ଯ୍ୟ ଅତି ସୁନ୍ଦରରୂପେ ନିର୍ବାହ ହୋଇଥିଲା ଏବଂ ଏହି ଉତ୍ସବ ସହିତ ନୂତନ ବ୍ରାହ୍ମମନ୍ଦିରର ପ୍ରତିଷ୍ଠା କାର୍ଯ୍ୟ ହୋଇଥିଲା । ଉତ୍ସବର ଶେଷଦିନରେ ବାବୁ ଚତୁର୍ଭୁଜ ପଟ୍ଟନାୟକ ଇଂରାଜୀରେ ଉପଦେଶ ଦେଇଥିଲେ । ବ୍ରାହ୍ମମନ୍ଦିର ନିମିତ୍ତ ବ୍ରାହ୍ମମଣ୍ଡଳୀ ଭିନ୍ନ ବାଲେଶ୍ୱରର ଅପର ଧନାଢ୍ୟ ଭଦ୍ରଲୋକମାନେ [illegible] ସାହାଯ୍ୟ କରିଥିବା ଅଧିକ ସୁଖର ବିଷୟ ଅଟଇ ।

---

ଅମ୍ଭେମାନେ କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ ଯେ ଖଣ୍ଡିଏ ରାଜମାଳା ଅର୍ଥାତ ତ୍ରିପୁରାର ଇତିବୃତ୍ତ ତହିଁର ଗ୍ରନ୍ଥକାର ବାବୁ କୈଳାସଚନ୍ଦ୍ର ସିଂହଙ୍କଠାରୁ ଉପହାର ପାଇଅଛୁଁ । ଏ ଗ୍ରନ୍ଥ ବଙ୍ଗଳା ଭାଷାରେ ରଚିତ । ଗ୍ରନ୍ଥକାର ବୋଲନ୍ତି ଯେ ଭାରତବର୍ଷ ମଧ୍ୟରେ ତ୍ରିପୁରା ଅତି ପ୍ରାଚୀନ ରାଜ୍ୟ ୪୩୮ ବର୍ଷ ପୂର୍ବେ ସେଠାର ଇତିବୃତ୍ତ ରାଜମାଳା ବଙ୍ଗଳା ଭାଷାରେ ଲେଖାଯିବାର ଆରମ୍ଭ ହୋଇଥିଲା ଏବଂ ଅବଧି ଏହା ତ୍ରିପୁରାର ମୁଦ୍ରାରେ ବଙ୍ଗଳା ଅକ୍ଷର ଦେଖାଯାଏ ଅତଏବ ଏ ରାଜ୍ୟର ଇତିହାସ ଲେଖିବାଦ୍ୱାରା ଲେଖକ ସ୍ୱଦେଶାନୁରାଗିତାର ବିଲକ୍ଷଣ ପରିଚୟ ଦେଇଅଛନ୍ତି । ପୁରାବୃତ୍ତ ଅନୁସନ୍ଧାନ ବିଷୟରେ ଲେଖକଙ୍କର ବିଶେଷ ଦୃଷ୍ଟି ଅଛି । ବର୍ତ୍ତମାନ ଏହି ଲେଖକ ଓଡ଼ିଶାର ଇତିହାସ ଭାରତୀ ନାମକ ମାସିକପତ୍ରିକାରେ ପ୍ରକାଶ କରୁଅଛନ୍ତି ।

---

କଲିକତା ହାଇକୋର୍ଟର ଚିଫ୍‌ଜଷ୍ଟିସ ଅର୍ଥାତ ପ୍ରଧାନ ବିଚାରପତି ସର ରିଚାର୍ଡ ଗାର୍ଥସାହେବ ପ୍ରାୟ ଅଢେଇମାସର ଛୁଟି ନେବାରୁ ଶ୍ରୀଯୁକ୍ତ ବିଚାରପତି ରମେଶଚନ୍ଦ୍ର ମିତ୍ର ଏକଟିଂ ସ୍ୱରୂପ ଏହି ପଦରେ ନିଯୁକ୍ତ ହୋଇ ଚଳିତମାସ ତା ୧୩ ରିଖରେ ଚାର୍ଜ ନେଇଅଛନ୍ତି । କେତେଜଣ କ୍ଷୁଦ୍ରମନା ଇଂରାଜ ଏବଂ ତାହାଙ୍କ ମୁଖପତ୍ର ଇଂଲିସମାନ ଏବଂ ପାୟୋନିଅର ରମେଶ ବାବୁଙ୍କ ନିୟୋଗ ବିରୁଦ୍ଧରେ ଅନେକ ଲଢ଼ିଥିଲେ ମାତ୍ର ମହାମାନ୍ୟ ଲର୍ଡ ରିପନ ବାହାଦୁରଙ୍କ ନିରପେକ୍ଷ ସଦ୍ବିଚାର ନିକଟରେ ସେମାନଙ୍କ କଥା ଲାଗି ପାରିଲା ନାହିଁ । ଏତେବେଳେ ସମୁଦାୟ ଭାରତବର୍ଷର ଦେଶୀୟଲୋକମାନେ ଏ ନିୟୋଗରେ ଯେମନ୍ତ ଆନନ୍ଦ ଲାଭ କରୁଅଛନ୍ତି ଉକ୍ତ ପତ୍ରିକାମାନଙ୍କର ସମ୍ପାଦକ ତେମନ୍ତ ଦଗ୍ଧ ହେଉ ଅଛନ୍ତି । ସେମାନେ ଏ ନିୟୋଗର ବିରୁଦ୍ଧରେ ଲେଖନୀ ଧାରଣ କରି ଦେଶୀୟ ଲୋକଙ୍କପ୍ରତି ଘୃଣା ଓ ବିଦ୍ୱେଷ ଦେଖାଇ ଅଛନ୍ତି । ଏ ଉତ୍ତାରୁ ଆଶ୍ଚର୍ଯ୍ୟର ବିଷୟ ଏହି ଯେ ଅଥଚ ବହୁସଂଖ୍ୟକ ଦେଶୀୟ ଲୋକ ଇଂଲିସମାନର ଗ୍ରାହକ ରହିଅଛନ୍ତି । ଶତ୍ରୁକୁ ପୋଷିବାର କେଉଁ ଧର୍ମ ଅମ୍ଭେମାନେ ବୁଝି ପାରିଲୁଁ ନାହିଁ ।

---

ପୁରୁଷୋତ୍ତମପତ୍ରିକାରୁ ଅବଗତ ହେଲୁଁ ଯେ ଶିକ୍ଷାବିଭାଗର ଡାଇରେକ୍ଟର ସ୍କୁଲ ପ୍ରତି [illegible] କଠିନ ନିୟମ ପ୍ରଚାର କରିଅଛନ୍ତି

Digitized by srujanika@gmail.com

ଯଥା କେହି ବାଳକ ବିଦ୍ୟାଳୟରେ ନୂତନ ଭରତି ହେବାକୁ ଇଚ୍ଛା କଲେ ଭରତି ହେବାର ଫିସ ସ୍ୱରୂପ ସେ ବର୍ଷର ଯେତେ ମାସ ଗତ ହୋଇଥିବ ତହିଁର ସମୁଦାୟ ବେତନ ଦେବ ଏବଂ କେହି ନାମ କଟାଇ ପୁନର୍ବାର ଭରତି ହେବାକୁ ପ୍ରାର୍ଥନା କଲେ ଅନୁପସ୍ଥିତ କାଳର ସମୁଦାୟ ବେତନ ଦେବ । ଏ ନିୟମମାନ ପୁରୀର ଅବସ୍ଥା ଦୃଷ୍ଟିରେ କଠିନ ହୋଇଅଛି ଏବଂ ଏହି ହେତୁ ସେଠା ବିଦ୍ୟାଳୟର ଛାତ୍ର ସଂଖ୍ୟା ଊଣା ପଡ଼ୁଅଛି । ଅତ୍ୟନ୍ତ ଦୁଃଖର ବିଷୟ ଯେ ସେଠା ଶିକ୍ଷାକମିଟି ଏ ନିୟମମାନ ରହିତ କରାଇବାର ଚେଷ୍ଟା କରୁ ନାହାନ୍ତି । ଓଡ଼ିଶା ମଧ୍ୟରେ ପୁରୀରେ ଇଂରାଜୀ ଶିକ୍ଷାର ଆଦର ଅତ୍ୟନ୍ତ ଊଣା ସେଠାରେ ପୁଣି ଏପରି କଠିନ ନିୟମମାନ ସ୍ଥିର ରହିଲେ ଲୋକଙ୍କ ଆଗ୍ରହ ଅଧିକ ଊଣା ହେବାରେ ବିଚିତ୍ର କିଛି ନାହିଁ ଅନ୍ୟାନ୍ୟ ଜିଲ୍ଲାସ୍କୁଲଠାରୁ ସେଠା ସ୍କୁଲର ନିୟମମାନ କୋହଳ ହେବା ଉଚିତ । ଅମ୍ଭେମାନେ ଆଶା କରୁଁ ଯେ କର୍ତ୍ତୃପକ୍ଷମାନେ ଶ୍ରୀଯୁକ୍ତ ଡାଇରେକ୍ଟରଙ୍କଠାରେ ଏଥିର ପ୍ରତିବାଦ କରିବେ ଏବଂ ଯେପରି ସେଠା ବାଳକମାନେ ଅଧିକ ପରିମାଣରେ ସ୍କୁଲକୁ ଆସିବା ପକ୍ଷରେ ଉତ୍ସାହିତ ହେବେ ତହିଁର ସୁବିଧା କରି ଦେବେ ।

---

✓ ଅଶିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ବାବୁ ନନ୍ଦକିଶୋର ଦାସ ମୟୂରଭଞ୍ଜରୁ ଫେରି ଆସି ଗତ ଶନିବାର ଏ ନଗରରେ ପ୍ରବେଶ ହୋଇ ଅଛନ୍ତି । ମୟୂରଭଞ୍ଜର ରାଜକାର୍ଯ୍ୟ ବର୍ତ୍ତମାନ ସେଠା ଦେବାନଙ୍କ ହାତରେ ଅଛି ସେ ନୂତନ ବନ୍ଦୋବସ୍ତ ହେବାଯାଏ ଯଥା ନିୟମରେ କାର୍ଯ୍ୟ କରୁଥିବେ ଏବଂ ନାବାଳଗ ରାଜାଙ୍କର ରକ୍ଷାରକ୍ଷଣ ବିଷୟରେ ମଧ୍ୟ ଉଚିତ ବନ୍ଦୋବସ୍ତ ହୋଇଅଛି । ଏଥର ମୟୂରଭଞ୍ଜର ମାନେଜର କିଏ ହେବ ଏବଂ କି ବନ୍ଦୋବସ୍ତରେ କାର୍ଯ୍ୟ ଚଳିବ ତହିଁର ଚର୍ଚ୍ଚା ଲାଗିଅଛି । ମୟୂରଭଞ୍ଜ ଯେମନ୍ତ ବିସ୍ତୀର୍ଣ୍ଣ ରାଜ୍ୟ ତହିଁପାଇଁ ଜଣେ ଉଚ୍ଚଦରର ମାନେଜର ନିଯୁକ୍ତ ହେବେ ସନ୍ଦେହ ନାହିଁ । ଅମ୍ଭେମାନେ ଶୁଣୁଅଛୁଁ ଯେ କେତେଜଣ ଉଚ୍ଚପଦସ୍ଥ ଇଂରାଜ ଓ ଦେଶୀୟ କର୍ମଚାରୀ ଏଥିପାଇଁ ପ୍ରାର୍ଥୀ ହୋଇଅଛନ୍ତି । ଏ ବିଷୟରେ ଅଗ୍ରିମ ପ୍ରେରିତପତ୍ର ଅମ୍ଭେମାନେ ସ୍ଥାନାନ୍ତରରେ ପ୍ରକାଶ କଲୁଁ । ବାବୁ ନନ୍ଦକିଶୋର ଦାସଙ୍କ ବିଷୟରେ ପତ୍ରପ୍ରେରକ ଯାହା ଲେଖି ଅଛନ୍ତି ଅମ୍ଭେମାନେ ସମ୍ପୂର୍ଣ୍ଣରୂପେ ଅନୁମୋଦନ କରୁଁ ମୟୂରଭଞ୍ଜ ଓଡ଼ିଶା ଗଡ଼ଜାତର ଯେମନ୍ତ ସର୍ବପ୍ରଥମ ତେମନ୍ତ ଏହାର ଶାସନ କାର୍ଯ୍ୟ ଆଦର୍ଶସ୍ଥଳ ହେବାର ଉଚିତ ଏବଂ ସେପରି ହେବା ନିମିତ୍ତ ଉଚ୍ଚ ବେତନରେ ଜଣେ ବିଚକ୍ଷଣ ଓ ବହୁଦର୍ଶୀ ଲୋକ ନିଯୋଗ କରିବାର ଆବଶ୍ୟକ ଏବଂ ତାହାଙ୍କ ସାହାଯ୍ୟ କାରଣ ଉପଯୁକ୍ତ ସହକାରୀ ମଧ୍ୟ ପ୍ରୟୋଜନ କାରଣ ଏକ ବ୍ୟକ୍ତିଦ୍ୱାରା ଏଡ଼େ ବଡ଼ ବୃହତ ରାଜ୍ୟର ସକଳ କାର୍ଯ୍ୟ ସୁଶୃଙ୍ଖଳରୂପେ ଚଳିବା କଦାଚ ସହଜ ନୁହଇ ।

---

✓ ଓଡ଼ିଆ ରେଲବାଟ ।

ଓଡ଼ିଶାରେ ଯେ କେବେ ରେଲବାଟ ଫିଟିବ ଯଦ୍ୟପି ଏଥିର କୌଣସି ଅନ୍ତ ନାହିଁ ତଥାଚ ବର୍ତ୍ତମାନ କାଳରେ ପୁନଃ୨ ଓଡ଼ିଶା ରେଲର ପ୍ରସଙ୍ଗ ହେଉଥିବାରୁ ମନର ବେଗ ସମ୍ଭାଳି ହେଉ ନାହିଁ ଓ ଆଶା ହେଉଅଛି ଯେମନ୍ତ କୌଣସି ପ୍ରକାରରେ ହେଲେ ଅଳ୍ପଦିନ ମଧ୍ୟରେ ଓଡ଼ିଶାରେ ଗୋଟିଏ ରେଲ ଫିଟିବ । ସମ୍ବଲପୁରଠାରୁ କଟକକୁ ରେଲ ଆସିଲେ ଲାଭକର ହେବ କି ନାହିଁ ତହିଁର ତାଲିକା ପ୍ରସ୍ତୁତ କରିବା କାରଣ ଅମଲା ନିଯୁକ୍ତ ହୋଇଥିବାର ଏଥି ପୂର୍ବେ ପାଠକମାନଙ୍କୁ ଜଣାଇଅଛୁଁ । ସମ୍ପ୍ରତି ଜନରବ ଶୁଣାଯାଏ ଯେ କଟକଠାରୁ ପୁରୀକୁ ରେଲବାଟ ଫିଟାଇବା ବିଷୟ ଗବର୍ଣ୍ଣମେଣ୍ଟ ଚିନ୍ତା କରୁଅଛନ୍ତି । ଯେବେ ଏକଥା ସତ୍ୟ ହୁଅଇ ତେବେ ଗବର୍ଣ୍ଣମେଣ୍ଟ ଗୋଟିଏ ଭଲ କଳ୍ପନା କରୁଅଛନ୍ତି ବୋଲିବାକୁ ହେବ ଏକା ଦକ୍ଷିଣୀ ଯାତ୍ରୀ ଛଡ଼ା ପୁରୀର ସମସ୍ତ ଯାତ୍ରିଙ୍କ ବାଟ କଟକ ଦେଇଅଛି ବମ୍ବେଇ ପଞ୍ଜାବ ଉତ୍ତର ପଶ୍ଚିମ ଏବଂ ବଙ୍ଗଳାର ଯାତ୍ରିମାନେ ରେଲବାଟେ କଲିକତା ପର୍ଯ୍ୟନ୍ତ ଏବଂ ସେଠାରୁ ଜାହାଜ ବାଟେ କଟକକୁ ଆସୁଅଛନ୍ତି ଏବଂ ମଧ୍ୟପ୍ରଦେଶର ଯାତ୍ରିମାନେ ସୁଦ୍ଧା ସମ୍ବଲପୁର ବାଟେ କଟକକୁ ଆସୁଅଛନ୍ତି ସୁତରାଂ କଟକଠାରୁ ପୁରୀକୁ ରେଲ ହେଲେ ସମସ୍ତ ଯାତ୍ରିଙ୍କର ସୁବିଧା ହେବ ଏବଂ କଟକଠାରୁ ପୁରୀ ପର୍ଯ୍ୟନ୍ତ କୋଷ୍ଟକେନାଲ ଖୋଳିବାର ଆବଶ୍ୟକ ହେବ ନାହିଁ ଏହି ରେଲ ଫିଟିଲେ ଦକ୍ଷିଣର ଲୋକମାନେ କଟକକୁ ଆସିବାର ସୁଯୋଗ ପାଇବେ । ସମ୍ବଲପୁର ବାଟରେ ହେଉ ଅଥବା ବର୍ତ୍ତମାନର ଜଗନ୍ନାଥ ସଡ଼କ ବାଟରେ ହେଉ ଯେ କୌଣସି ପ୍ରକାରରେ ବଙ୍ଗଳା ଓ ହିନ୍ଦୋସ୍ଥାନ ସଙ୍ଗେ ରେଲଦ୍ୱାରା କଟକ ଯୋଗ ହେଲେହେଁ କଟକଠାରୁ ପୁରୀ ପର୍ଯ୍ୟନ୍ତ ଅବଶ୍ୟ ଗୋଟିଏ ରେଲବାଟ ହେବ ଏବଂ ଏହି ବାଟର କୌଣସି ଅବସ୍ଥାରେ ପରିବର୍ତ୍ତନ ହେବ ନାହିଁ । ଅତଏବ ଗବର୍ଣ୍ଣମେଣ୍ଟ ଏହାକୁ ଆଗେ ପ୍ରସ୍ତୁତ କଲେ କୌଣସି କ୍ଷତି ନାହିଁ । ଏହାଦ୍ୱାରା ଆପାତତଃ ବହୁତ ଉପକାର ଅଛି ଏବଂ ଭବିଷ୍ୟତରେ କଟକ ବଙ୍ଗଳା ସଙ୍ଗେ ଯୋଗ ହେଲେ ଏଥିର କାର୍ଯ୍ୟକାରିତା ଅତୁଳ ଅଧିକ ବୃଦ୍ଧି ହେବ । ଅମ୍ଭେମାନେ ଆଶା କରୁଁ କି ସ୍ଥାନୀୟ ହାକିମମାନେ ମାନ୍ୟବର ଛୋଟ ଲାଟ ସାହେବଙ୍କୁ ଶୀଘ୍ର ଏହି ରେଲବାଟ ଫିଟାଇବା କାରଣ ଯଥୋଚିତରୂପେ ପରାମର୍ଶ ଦେବେ ଏବଂ ବାଟଟି ଫିଟିଲେ ଓଡ଼ିଶାରେ ରେଲବାଟ କେମନ୍ତ ଲାଭକର ହେବ ତାହା ଗବର୍ଣ୍ଣମେଣ୍ଟ ପ୍ରତ୍ୟକ୍ଷରେ ଜାଣି ପାରିବେ । ଓଡ଼ିଶାର ନାଳ କାର୍ଯ୍ୟରେ ପ୍ରତିବର୍ଷ ବହୁତ ଟଙ୍କା ବ୍ୟୟ ହେଉଅଛି ମାତ୍ର ତହିଁରୁ ଉପଯୁକ୍ତ ପରିମାଣରେ ଉପକାର ଲାଭ ହେଉ ନାହିଁ । ଏହି ପଚାଶ ମାଇଲ ବାଟ ଫିଟାଇ ଗବର୍ଣ୍ଣମେଣ୍ଟ ଥରେ ରେଲର କାର୍ଯ୍ୟକାରିତା ଦେଖନ୍ତୁ ଏତିକି ଅମ୍ଭମାନଙ୍କର ପ୍ରାର୍ଥନା ।

ପରିଶେଷରେ ଅମ୍ଭେମାନେ ବିବେଚନା କରୁଁ କି କଟକଠାରୁ ପୁରୀକୁ ରେଲବାଟ କରିବାର ସ୍ଥିର ହେଲେ ସେ ରେଲ ଖୋର୍ଦ୍ଧା ବାଟେ ଗଲେ ଅତୁଳ ଭଲ ହେବ । ଏଥିରେ ପ୍ରାୟ ମା ୧୦।୧୫ ଇଲ ବାଟ ବୁଲଣି ପଡ଼ିବ କିନ୍ତୁ ତେମନ୍ତ ଉନୋଇଷ୍ଟ ବଡ଼ ନଦୀ ବଦଳରେ ଗୋଟିଏ ସାନ ଏବଂ କେବଳ ଗୋଟିଏ ବଡ଼ ନଦୀ ପଡ଼ିବ ଏବଂ ବାଟ ନିର୍ମାଣର ପ୍ରୟୋଜନ ସାମଗ୍ରୀ କାଠ ପଥର ଇତ୍ୟାଦି ଅନେକ ସୁବିଧାରେ ମିଳିବ । ଏପରି ବାଣିଜ୍ୟ ଓ ପଥିକ ଉଭୟ ବ୍ୟାପାରର ଅଧିକ ସୁବିଧା ଏ ବାଟରେ ଅଛି । ଦକ୍ଷିଣ ଓ କଟକ ମଧ୍ୟରେ ଯାବନ୍ତ ବାଣିଜ୍ୟ ଖୋର୍ଦ୍ଧା ବାଟେ ଯାତାୟାତ କରଇ ଓ ଖୋର୍ଦ୍ଧା ନିକଟସ୍ଥ ଗଡ଼ଜାତର ବାଣିଜ୍ୟ ମଧ୍ୟ ସେହି ବାଟକୁ ଆଶ୍ରୟ କରୁଅଛି । ଏପରି ମଧ୍ୟ ଭାରତବର୍ଷର ବହୁତ ଯାତ୍ରୀ ଖୋର୍ଦ୍ଧା ବାଟେ ପୁରୀକୁ ଯିବା ଆସିବା କରନ୍ତି ଏମାନଙ୍କର ଏ ବାଟରେ ବିଶେଷ ଉପକାର ହେବ । ଖୋର୍ଦ୍ଧା ପୁରୀର ଏକ ସବଡିଭିଜନ ଅଟଇ ସଦର ସ୍ଥାନ ସହିତ ସବଡିଭିଜନର ଯୋଗଦ୍ୱାରା ଶାସନକାର୍ଯ୍ୟର ବହୁତ ସୁବିଧା ଏବଂ ବ୍ୟୟ ଲାଘବର

Digitized by srujanika@gmail.com

Split by PDF Splitter



ସମ୍ଭାବନା ଅଛି । ଏମନ୍ତ ବୋଲିଯାଇ ପାରେ ଯେ ଜିପଲଠାରୁ ଖୋରଧାକୁ ଗୋଟିଏ ଶାଖାରେଲ ହେଲେ ମଧ୍ୟ ସେହି ସମସ୍ତ ଲାଭ ହେବ ଏଥିରୁ ଆମ୍ଭେମାନେ ଜାଣୁଁ ଯେ ଜଗନ୍ନାଥ ସଡ଼କ କେବଳ ପୁରୀର ବାଟ ମାତ୍ର ଖୋରଧା ସଡ଼କ କେବଳ ପୁରୀର ବାଟ ମାତ୍ର ଖୋରଧା ସମ୍ପ୍ରଦାୟ ଦକ୍ଷିଣର ବାଟ ହେଉଅଛି । ଏପର ଜଗନ୍ନାଥ ସଡ଼କରେ ନଷ୍ଟର ଭୟ ଅଧିକ ଖୋରଧା ବାଟରେ ତାହା ନାହିଁ ଅତଏବ ଆମ୍ଭେମାନେ ଖୋରଧା ବାଟକୁ ଅଧିକ ପସନ୍ଦ କରୁଁ ।

---

## ମିସର ଦେଶର ଯୁଦ୍ଧ ।

ଗତ ସପ୍ତାହରେ ଆମ୍ଭେମାନେ ଯୁଦ୍ଧ ଆରମ୍ଭ ହେବାର ସମ୍ବାଦ ମାତ୍ର ଦେଇଥିଲୁଁ । ଆଡମିରଲ ସିମୋର ପ୍ରଥମ ଦିନ ସକାଳେ ଅଲେକଜାଣ୍ଡ୍ରିୟା ନଗର ଉପରେ ଜାହାଜରୁ ଗୁଳିବୃଷ୍ଟି ଆରମ୍ଭ କଲେ । ଅଳ୍ପକ୍ଷଣେ ଦୁଇଗୋଟା କିଲ୍ଲା ଧ୍ୱଂସ ଏବଂ ଆଉ କିଲ୍ଲା ସବୁର ତୋପ ଧ୍ୱନି ସ୍ଥଗିତ ହେଲା । ସନ୍ଧ୍ୟାସମୟରେ ଯୁଦ୍ଧ ଶେଷ ହେଲା । ସନ୍ଧ୍ୟାରେ ମିସରୀୟମାନେ ଗୋଟିଏ କିଲ୍ଲାକୁ ପ୍ରାଣପଣେ ମରାମତ କରି ପୁଣି ଯୁଦ୍ଧ ନିମିତ୍ତ ପ୍ରସ୍ତୁତ ହେଲେ । ଦ୍ୱିତୀୟ ଦିନ ସକାଳ ଦଶଘଣ୍ଟା ସମୟରେ ଯୁଦ୍ଧ ଆରମ୍ଭ ହେଲା ଏବଂ ଦୁଇଘଣ୍ଟା ମଧ୍ୟରେ ପ୍ରାୟ ସକଳ କିଲ୍ଲା ନଷ୍ଟ ହୋଇ ଗଲା ଏହି ସମୟରେ ଆରବି ପାଶା କ୍ଷଣିକ ଯୁଦ୍ଧ ସ୍ଥଗିତ କରିବାର ଧ୍ୱଜା ଉଡାଇବାରୁ ଯୁଦ୍ଧ ବନ୍ଦ ହେଲା ଏବଂ ସନ୍ଧିର କଥାବାର୍ତ୍ତା ଚଳିଲା ସମୁଦ୍ର ଉପକୂଳବର୍ତ୍ତୀ ସମସ୍ତ କିଲ୍ଲା ଛାଡି ନ ଦେଲେ ଆଡମିରାଲ ସିମୋର ସନ୍ଧି କରିବାକୁ ନାସ୍ତି କଲେ ଏବଂ ଆରବି ପାଶା ତହିଁରେ ଅସମ୍ମତ ହେବାରୁ ସନ୍ଧି ଭଙ୍ଗ ଗଲା । ଏହାପରେ ସେ ଦିନ ଗଲା ପରଦିବସ ଜଣା ଗଲା ଯେ ସନ୍ଧି କଥା କେବଳ ଫାଙ୍କି, ଆରବି ପାଶା କିଲ୍ଲା ସମସ୍ତରୁ ସୈନ୍ୟ ବାହାର କରି ନେଇ ସ୍ଥାନାନ୍ତରକୁ ଯିବା କାରଣ ସେପରି ଧ୍ୱଜା ଉଡାଇଥିଲେ । ବାସ୍ତବରେ ଆରବି ପାଶା ସମସ୍ତ ସୈନ୍ୟ ଘେନି ଅଲେକଜାଣ୍ଡ୍ରିଆରୁ ଅନ୍ତର ହୋଇଅଛନ୍ତି । ସୈନ୍ୟ ବାହାରି ଯିବାବେଳେ ଜେଲଖାନାର କଇଦିଙ୍କୁ ଛାଡି ଦିଆ ଗଲା ଏବଂ ସେମାନେ ନଗରର ଅନେକ ସ୍ଥାନରେ ଅଗ୍ନି ଲଗାଇ ଦେଇଅଛନ୍ତି । ନଗରର ଯେଉଁ ଅଂଶରେ ଇଉରୋପୀୟମାନଙ୍କର ନିବାସ ସେଠାରେ ଅଧିକ ଉତ୍ପାତ ହୋଇଥିଲା ସେଠାର ଘରମାନଙ୍କରେ ଅଗ୍ନି ଲଗାଇ ପ୍ରାୟ ଜ ୧୦୦ଣ ଇଉରୋପୀୟଙ୍କୁ ହତ୍ୟା କରିଅଛନ୍ତି । ଅବଶିଷ୍ଟ ଲୋକମାନେ ଯୁଦ୍ଧ କରି ସମୁଦ୍ରକୂଳକୁ ଗଲେ ଏବଂ ସେଠାରୁ ବୋଟରେ ବସି ଜାହାଜର ଆଶ୍ରୟ ନେଲେ । ଅଲେକଜାଣ୍ଡ୍ରିୟା ନଗର ଏକାବେଳକେ ଛାରଖାର ହୋଇ ଯାଇଅଛି ତିନିଦିନ ପର୍ଯ୍ୟନ୍ତ ଅଗ୍ନି ଲିଭି ନ ଥିଲା । ବର୍ତ୍ତମାନ ନଗରଟି ଇଂରାଜଙ୍କ ହସ୍ତଗତ ହୋଇଅଛି ଏବଂ ୬୦୦ ସାମୁଦ୍ରିକ ସେନା କୂଳକୁ ଆସି ନଗରର କୟିଦଂଶ ପରିଷ୍କାର ଏବଂ ଲୁଟପାଟ ନିବାରଣ କରିବାରେ ନିଯୁକ୍ତ ଅଛନ୍ତି । ଏ ଯୁଦ୍ଧରେ ଇଂରାଜଙ୍କର ୫ ଜଣ ହତ ଏବଂ ୨୭ ଜଣ ଆହତ ହୋଇଅଛନ୍ତି ଏବଂ ମିସର ପକ୍ଷର ପ୍ରାୟ ଦୁଇ ହଜାର ଜଣ ମରି ପଡିଅଛନ୍ତି । ସମୁଦ୍ରରେ ଇଂରାଜଙ୍କ ବଳକୁ କେହି ସରି ନୁହନ୍ତି ଅନୁମାନ ଆରବି ପାଶା ଏହା ଉତ୍ତମରୂପେ ଜାଣି ଥିବାରୁ ସମୁଦ୍ରକୂଳରୁ ଅନ୍ତର ହୋଇ ଗଲେ । କଥିତ ହୁଅଇ ସେ ନଗରର ଅନତିଦୂରରେ ସ୍ଥଳଯୁଦ୍ଧ ପ୍ରତୀକ୍ଷା କରୁଅଛନ୍ତି । ଖେଦିବ ଏବଂ ଦରବେସ ପାଶା ନଗ୍ରପଦରେ ଏକ ଜାହାଜରେ ଥିଲେ ବର୍ତ୍ତମାନ ରସଲଟିନ କିଲ୍ଲାରେ ଅଛନ୍ତି ଏବଂ ଅଳ୍ପସଂଖ୍ୟକ ମିସରୀୟ ସେନା ତାହାଙ୍କୁ ସାହାଯ୍ୟ କରୁଅଛନ୍ତି । ଯୁଦ୍ଧର ସମ୍ବାଦ ଏହି ପର୍ଯ୍ୟନ୍ତ କିନ୍ତୁ ଏତେ ଶୀଘ୍ର ଯୁଦ୍ଧ କରିବା ଇଂରାଜଙ୍କ ପକ୍ଷରେ ଉଚିତ ହୋଇଅଛି କି ନା ଏ ବିଷୟରେ ଭିନ୍ନ ମତାନ୍ତର ଦେଖାଯାଏ କେବଳ ଜର୍ମାନୀ ଏବଂ ଅଷ୍ଟ୍ରିୟା ସ୍ପଷ୍ଟରୂପେ କହୁଅଛନ୍ତି କି ଅଲେକଜାଣ୍ଡ୍ରିୟା ଆକ୍ରମଣ କରିବା ଇଂଲଣ୍ଡର ଉଚିତ କାର୍ଯ୍ୟ ହୋଇଅଛି ଆଉ କୌଣସି ଇଉରୋପୀୟ କ୍ଷମତା ମତାମତ ବ୍ୟକ୍ତ କରି ନାହାନ୍ତି । ଏଣେ ଇଂଲଣ୍ଡର ଘର ମଧ୍ୟରେ ଅନେକ ଲୋକ ଏ ଯୁଦ୍ଧକୁ ଅନୁମୋଦନ ଏବଂ ଅନେକ ଏଥିର ବିରୁଦ୍ଧ ମତ ପ୍ରକାଶ କରୁଅଛନ୍ତି ଏବଂ ଚଳିତ ମାସ ତା ୧୫ ରଖର ଏକ ସମ୍ବାଦରୁ ଜଣାଯାଏ ଯେ ଶ୍ରୀଯୁକ୍ତ ବ୍ରାଇଟ୍ ସାହେବ ମନ୍ତ୍ରିସଭାରେ ଆପଣା ପଦତ୍ୟାଗ କରିଅଛନ୍ତି । ପ୍ରଧାନମନ୍ତ୍ରୀ ଗ୍ଲାଡଷ୍ଟୋନଙ୍କର ଦୁଇ ତିନି ଜଣ ପ୍ରଧାନ ମନ୍ତ୍ରଣାକାରଙ୍କ ମଧ୍ୟରେ ବ୍ରାଇଟ୍ ସାହେବ ଜଣେ ଅଟନ୍ତି ସେ ଯେବେ ମିସର ବ୍ୟାପାର ସଂକ୍ରାନ୍ତରେ ପଦତ୍ୟାଗ କଲେ ତେବେ ମନ୍ତ୍ରିସଭାର ଭାରି ବିପଦ ବୋଲିବାକୁ ହେବ । କଥିତ ହୁଅଇ ବ୍ରାଇଟ୍ ସାହେବ ଶାନ୍ତିର ପକ୍ଷପାତୀ ସେ ଯୁଦ୍ଧକୁ ସ୍ୱପ୍ନ ପାନ୍ତି ନାହିଁ ଅତଏବ ଜଣାଯାଏ ଯେ ଏରୂପ ଅବସ୍ଥାରେ ଲିବରଲ ଗବର୍ଣ୍ଣମେଣ୍ଟ ସ୍ଥାୟୀ ହେବ ନାହିଁ । ଯାହା ହେଉ ଉପସ୍ଥିତ ବ୍ୟାପାର ସମୟରେ ଗବର୍ଣ୍ଣମେଣ୍ଟର ପରିବର୍ତ୍ତନ ଘଟିବ ନାହିଁ କାରଣ ସମସ୍ତେ ମିଶି ଇଂଲଣ୍ଡର ଗୌରବ ରକ୍ଷା କରିବେ ଏଥି ଉତ୍ତାରୁ ଯାହା ଘଟିବ ସମୟରେ ଜଣା ଯିବ ।

---

## ଆତ୍ମଶାସନପ୍ରଣାଳୀ ।

ଚଳିତ ମାସ ତା ୧୨ ରଖର କଲିକତା ଗଜେଟରେ ଆତ୍ମଶାସନପ୍ରଣାଳୀ ବିସ୍ତାର ବିଷୟରେ ମାନ୍ୟବର ଲେଫ୍‌ଟେନାଣ୍ଟ ଗବର୍ଣ୍ଣର ଡିଷ୍ଟ୍ରିକ୍ଟ କମିଶନରମାନଙ୍କ ନିକଟକୁ ପଠାଇଥିବା ଏକ ସରକ୍ୟୁଲରର ପତ୍ରର ପ୍ରତିଲିପି ପ୍ରକାଶିତ ହୋଇଅଛି । ମାନ୍ୟବର ଷ୍ଟେଟଲାଟ ଟମଶନ ସାହେବ ଏହି ପତ୍ରରେ ବିଭାଗୀୟ କମିଶ୍ନରମାନଙ୍କୁ ଜଣାଇ ଅଛନ୍ତି କି ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଯେରୂପ ନିୟମରେ ଆତ୍ମଶାସନ ପ୍ରଚାର କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି ତାହା ସମୁଦାୟ ସେ ବଙ୍ଗପ୍ରଦେଶରେ ଚଳାଇବା ନିମିତ୍ତ ପ୍ରସ୍ତୁତ ଅଛନ୍ତି ମାତ୍ର କେଉଁଠାରେ ତ ପରିମାଣରେ ପ୍ରଚଳିତ ହେବା ଉଚିତ ପ୍ରତ୍ୟେକ ସ୍ଥାନର ଅବସ୍ଥା ଉତ୍ତମରୂପେ ଅବଗତ ନ ହେଲେ ସ୍ଥିର କରିବା କଠିନ ଅତଏବ ସେ ପ୍ରାର୍ଥନା କରିଅଛନ୍ତି କି କମିଶ୍ନରମାନେ ଆପଣା ଅଧୀନସ୍ଥ କର୍ମଚାରୀ ଏବଂ ଦେଶୀୟ ଭଦ୍ରଲୋକଙ୍କ ସହିତ ପରାମର୍ଶ କରି କେଉଁ ସ୍ଥାନରେ ନିର୍ବାଚନପ୍ରଣାଳୀ କି ପରିମାଣରେ ଜାରି ହୋଇ ପାରେ ଏବଂ ସ୍ଥାନୀୟ କମିଟୀରେ ବେସରକାରୀ ଲୋକ ସଭାପତି ନିଯୁକ୍ତ ହୋଇ ପାରେ ତହିଁର ବିସ୍ତାରିତ ରିପୋର୍ଟ କରିବେ ।

ଗବର୍ଣ୍ଣମେଣ୍ଟ ଇଣ୍ଡିଆଙ୍କ ସହିତ ଶ୍ରୀଯୁକ୍ତ ଷ୍ଟେଟଲାଟ ସାହେବ ଐକ୍ୟ ହୋଇ କହୁଅଛନ୍ତି କି ଯେତେ ସ୍ଥଳରେ ସୁବିଧା ହେବ ନିର୍ବାଚନପ୍ରଣାଳୀ ଏବଂ ବେସରକାରୀ ଚେଆରମ୍ୟାନ ନିଯୋଗର ନିୟମ ପ୍ରଚଳିତ ହେବ ଏବଂ ଅନେକ ସ୍ଥାନୀୟ ହାକିମ ଏଥିର ବିରୋଧୀ ବୋଲି ତାହାଙ୍କୁ ଜଣା ଥିବାରୁ ସେମାନଙ୍କୁ ସତର୍କ କରି ସେ କହୁଅଛନ୍ତି କି ସେମାନେ ପୂର୍ବସଂସ୍କାର ସମସ୍ତ ପାସୋରି ପକାଇ ଗବର୍ଣ୍ଣମେଣ୍ଟଙ୍କ ଇଚ୍ଛା ସଫଳ ପକ୍ଷରେ ଯୋଗ ଦେବେ ଅର୍ଥାତ୍ ଅକାରଣ କୌଣସି ସ୍ଥାନକୁ ଉକ୍ତ ପ୍ରଚଳନର ଅଯୋଗ୍ୟ ବୋଲି କହିବେ ନାହିଁ । ଷ୍ଟେଟଲାଟ ଟାମସନ

Digitized by srujanika@gmail.com

ସାହେବଙ୍କର ଏହି କଥାରୁ ବିଲକ୍ଷଣ ପ୍ରକାଶ ପାଉଅଛି ଯେ ସେ ଅତ୍ୟନ୍ତ ସରଳଭାବରେ ବଙ୍ଗବାସିଙ୍କୁ ଆତ୍ମଶାସନର ସୁଫଳ ଦାନ କରିବାକୁ ପ୍ରସ୍ତୁତ ହୋଇଅଛନ୍ତି ।

ଆତ୍ମଶାସନପ୍ରଣାଳୀ ଅନ୍ତର୍ଗତ ଦୁଇ ପ୍ରକାର ବନ୍ଦୋବସ୍ତ କରିବାକୁ ହେବ ଯଥା;—୧ ମ ନାଗରିକ ମିଉନିସିପଲ ବୋର୍ଡ ଏବଂ ୨ ୟ ଜିଲ୍ଲା ଏବଂ ସ୍ଥାନୀୟ ବୋର୍ଡ ।

ପ୍ରଥମ ଅର୍ଥାତ ମିଉନିସିପଲ ବୋର୍ଡ ସମ୍ପର୍କରେ ଶ୍ରୀଯୁକ୍ତ ଟାମସନ ସାହେବ କହିଅଛନ୍ତି କି କଲିକତା ଛଡା ଆଉ ଛଅଟା ଯଥା;—କୃଷ୍ଣନଗର ବର୍ଦ୍ଧମାନ ଓ ଶ୍ରୀରାମପୁରରେ ନିର୍ବାଚନପ୍ରଣାଳୀ ପ୍ରଚଳିତ ଅଛି ଏବଂ ଯଦ୍ୟପି କି ଏ ସମସ୍ତ ସ୍ଥାନର କାର୍ଯ୍ୟ ପୂର୍ବାପେକ୍ଷା ଅଧିକ ଉତ୍ତମ ହୋଇ ନାହିଁ ମାତ୍ର କୌଣସିଠାରେ ମନ୍ଦ ହୋଇ ନାହିଁ ଏବଂ ଏମାନଙ୍କର ଦାୟିତ୍ୱ ଓ କ୍ଷମତା ଅଧିକ ବଢିଲେ ଯେ ଏମାନେ ଅଧିକ ଭଲ କର୍ମ କରିବେ ଏମନ୍ତ ମଧ୍ୟ ଆଶା ଅଛି । ତାହାଙ୍କର ଇଚ୍ଛା ଯେ ସକଳ ପ୍ରଥମଶ୍ରେଣୀ ଏବଂ ବଡ଼ ବଡ଼ ଦ୍ୱିତୀୟଶ୍ରେଣୀର ମିଉନିସିପାଲିଟୀରେ ନିର୍ବାଚନପ୍ରଣାଳୀ ପ୍ରଚଳ କରିବେ ମାତ୍ର ପ୍ରଚଳିତ ମିଉନିସିପଲ ଆଇନର ଧା ୧୬ ର ଅନୁସାରେ ଅନ୍ତତଃ କୌଣସି ମିଉନିସିପାଲିଟୀର ତୃତୀୟାଂଶ କରଦାତା ପ୍ରାର୍ଥନା ନ କଲେ ତାହା ହୋଇ ପାରିବ ନାହିଁ । ଅବଧି ଉକ୍ତ ଧାରମତେ କେହି ଦରଖାସ୍ତ କରି ନ ଥିବାରୁ ଷ୍ଟେଟଲିଟ ସାହେବ ବୋଲନ୍ତି ଯେ ଉକ୍ତ ବିଧାନ ସର୍ବସାଧାରଣଙ୍କୁ ଜଣାଇବା ପକ୍ଷରେ ସ୍ଥାନୀୟ ହାକିମମାନେ ଯତ୍ନ କରି ନାହାନ୍ତି ଏବଂ ଆପଣା ଲୋକଙ୍କୁ ଉତ୍ତମରୂପେ ଉକ୍ତ ବିଷୟ ଜଣାଇବା କାରଣ ସେମାନଙ୍କପ୍ରତି ବର୍ତ୍ତମାନ ତାକିଦ ହୋଇଅଛି । କମିଶ୍ନରମାନେ ଆପଣା ଅଧୀନସ୍ଥ ପ୍ରତ୍ୟେକ ମିଉନିସିପାଲିଟୀ ଲୋକଙ୍କର ଅଭିପ୍ରାୟ ବୁଝି କେଉଁ ଠାରେ କେଉଁ ନିୟମରେ ନିର୍ବାଚନ କିମ୍ବା ଚଳିବ ତାହା ସ୍ଥିର କରି ଗବର୍ଣ୍ଣମେଣ୍ଟଙ୍କୁ ରିପୋର୍ଟ କରିବେ । ଏଥିରୁ ଦେଖାଯାଏ ନିର୍ବାଚନପ୍ରଣାଳୀ ସମ୍ପୂର୍ଣ୍ଣରୂପେ ଲୋକଙ୍କ ଇଚ୍ଛା ଉପରେ ନିର୍ଭର ରହିଅଛି । ଏଥିକି ଏ ନଗରବାସିମାନେ ପୂର୍ବରୁ ସଭା କରି ନିର୍ବାଚନପ୍ରଣାଳୀ ପ୍ରାର୍ଥନା କରିଅଛନ୍ତି ମାତ୍ର ସେହି ପ୍ରାର୍ଥନା ପ୍ରଚୁର ନୁହଇ । ଖାଜଣାଦାତାମାନେ ଏକତ୍ର ହୋଇ ଏକଖଣ୍ଡ ଦରଖାସ୍ତ କରିବାର ଆବଶ୍ୟକ ଏବଂ ତାହା ହେଲେ ଏଠା ଲୋକଙ୍କୁ ସଭ୍ୟନିର୍ବାଚନ କରିବାର କ୍ଷମତା ଏବଂ ଉକ୍ତ ସଭ୍ୟଙ୍କୁ ଆପଣା ସଭାପତି ନିର୍ବାଚନ କରିବାର କ୍ଷମତା ଗବର୍ଣ୍ଣମେଣ୍ଟ ପ୍ରଦାନ କରିବେ । ଆମ୍ଭେମାନେ ଅବଗତ ହୋଇଅଛୁଁ ଯେ ଏଥି ମଧ୍ୟରେ ଆମ୍ଭମାନଙ୍କ କଲେକ୍ଟର ଏ ବିଷୟରେ ଏ ନଗରବାସୀ କେତେ ଲୋକଙ୍କ ମତ ପ୍ରାର୍ଥନା କରିଅଛନ୍ତି ମାତ୍ର ତଦ୍ୱାରା କି ଫଳ ହେବ ଆମ୍ଭେମାନେ ବୁଝି ପାରୁ ନାହୁଁ । ଏମାନେ ପୂର୍ବରୁ ଆପଣା ମତ ଗତ ସମ୍ବାଦ ଦେଇଅଛନ୍ତି ଏବଂ ତାହା ଏଠାର ସାଧାରଣ ମତ ଅଟଇ କି ନା ଏଡିକ ସ୍ଥାନୀୟ ହାକିମଙ୍କର ବୁଝିବାର ଆବଶ୍ୟକ । ଫଳତଃ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ସାଙ୍ଗରେ ଲୋକଙ୍କୁ ଶିକ୍ଷିତ କରିବା କାରଣ ଯେ ସ୍ଥଳେ ଆତ୍ମଶାସନପ୍ରଣାଳୀ ଦାନ କରିବାକୁ ପ୍ରସ୍ତୁତ ଅଛନ୍ତି ସେ ସ୍ଥଳେ ଲୋକଙ୍କର ଇଚ୍ଛାକୁ ଏତେ ଦୂର ଅନୁସରିବାର କାରଣ ନାହିଁ । ଲୋକମାନେ ଯେଉଁରୂପେ ଏ କାର୍ଯ୍ୟଭାର ଗ୍ରହଣ କରିବାକୁ ଇଚ୍ଛୁକ ହେବେ ଗବର୍ଣ୍ଣମେଣ୍ଟଙ୍କର ତାହା କରିବାର ଉଚିତ । ଅତଏବ ଆମ୍ଭେମାନେ ନିବେଦନ କରୁଁ କି ଷ୍ଟେଟଲିଟ ସାହେବ ସ୍ଥାନୀୟ ହାକିମଙ୍କର ଅପେକ୍ଷା ନ ରଖି ସକଳ ମିଉନିସିପାଲିଟୀରେ ନିର୍ବାଚନପ୍ରଣାଳୀ ଜାରି କରିବାର ଆଜ୍ଞା ଦେଲେ ଭଲ ହୁଅନ୍ତା । ବିଶେଷରେ ଯେ ସ୍ଥଳେ ଏ ପ୍ରଣାଳୀରେ ତିନ ଜିଲ୍ଲାର କାର୍ଯ୍ୟ ଉତ୍ତମରୂପେ ଚଳୁଅଛି ବୋଲି ସେ ସ୍ୱୀକାର କରିଅଛନ୍ତି ଏବଂ ଉତ୍ତରପଡାର ମିଉନିସିପାଲିଟୀର କାର୍ଯ୍ୟରେ ସନ୍ତୁଷ୍ଟ ହୋଇ ଜଣେ ବେସରକାରୀ ଲୋକଙ୍କୁ ତହିଁର ଚେଆର ମ୍ୟାନ ନିଯୁକ୍ତ କରିଅଛନ୍ତି ସେ ସ୍ଥଳେ ତାହାଙ୍କର ଦ୍ୱିଧା କରିବାର କାରଣ ନାହିଁ ।

ଦ୍ୱିତୀୟ ବିଷୟ ଅର୍ଥାତ ଜିଲ୍ଲା ଓ ସ୍ଥାନୀୟ ବୋର୍ଡ ସଙ୍ଗଠନ ସମ୍ପର୍କରେ ମାନ୍ୟବର ଷ୍ଟେଟଲିଟ ସାହେବ ଯଥାର୍ଥ କହିଅଛନ୍ତି କି ଏହା ଅପେକ୍ଷାକୃତ କଠିନ ବ୍ୟାପାର ଅଟଇ କାରଣ ଏଥିରେ ସକଳ କଥା ନୂଆ ଗଢିବାକୁ ହେବ ଏବଂ ତହିଁର କୌଣସି ପରୀକ୍ଷା ହୋଇ ନାହିଁ । ଗବର୍ଣ୍ଣମେଣ୍ଟଙ୍କର ଇଚ୍ଛା ଯେ ଯେଉଁଠାରେ ନିୟମିତ ସଂଖ୍ୟକ ଉପଯୁକ୍ତ ଲୋକ ସ୍ଥାନୀୟ ବୋର୍ଡ ନିର୍ବାଚନ କରିବାକୁ ପ୍ରାର୍ଥନା କରିବେ ସେଠାରେ ସେପରି ବୋର୍ଡ ବସିବ ଏବଂ ଅପର ସ୍ଥାନର କାର୍ଯ୍ୟ ଜିଲ୍ଲା କମିଟୀଦ୍ୱାରା ନିର୍ବାହ ହେବ । ପ୍ରତ୍ୟେକ ସବଡିଭିଜନରେ ଗୋଟିଏ ଗୋଟିଏ ବୋର୍ଡ ବସିବ ଯେ ତାହାର ନାମ ଲୋକେଲ ବୋର୍ଡ ହେବ ଏବଂ ଯେଉଁ ଜିଲ୍ଲାର ସମସ୍ତ ସବଡିଭିଜନରେ ଗୋଟିଏ ଗୋଟିଏ ଲୋକେଲ ବୋର୍ଡ ବସିବ ସେ ସମସ୍ତର ଲୋକେଲ ଗବର୍ଣ୍ଣମେଣ୍ଟ ଡିଷ୍ଟ୍ରିକ୍ଟ ବୋର୍ଡ ଥିବ । ଯେଉଁମାନେ ଦଶଟଙ୍କା ରୋଡସେସ୍ ବା ଲାଇସେନ୍ସ ଟାକ୍ସ ଦେଉଥିବେ କିମ୍ବା ଅନ୍ୟ ଉପାୟରେ ଯାହାଙ୍କର ବାର୍ଷିକ ଆୟ ଟ ୫୦୦୲ ଙ୍କା ହେବ ସେହିମାନେ ନିର୍ବାଚନର ଅଧିକାର ପାଇବେ ଏବଂ ଯେଉଁମାନେ ଟ ୨୦୲ ଙ୍କା ଲାଇସେନ୍ସ ଟାକ୍ସ ବା ଟ ୨୫୲ ଙ୍କା ରୋଡସେସ୍ ଦେଉଥିବେ ଅଥବା ଅନ୍ୟ ଉପାୟରେ ବର୍ଷକୁ ଟ ୧୦୦୦୲ ଙ୍କା ଆୟ କରୁଥିବେ ସେହିମାନେ ସଭ୍ୟନିର୍ବାଚିତ ହୋଇ ପାରିବେ । ଅନ୍ତତଃ ଯେଉଁଠାରେ ଗବର୍ଣ୍ଣମେଣ୍ଟ ସଭ୍ୟ ନିଯୋଗ କରିବେ ସେଠାରେ ଦୁଇଭାଗ ବେସରକାରୀ ଏବଂ ଏକଭାଗ ସରକାରୀ ଲୋକ ନିଯୁକ୍ତ ହେବେ । ଲାଇସେନ୍ସ ଟାକ୍ସର ବନ୍ଦୋବସ୍ତ ଏବଂ ଉସୁଲ ଏହି ବୋର୍ଡଙ୍କଦ୍ୱାରା ହେବ । ବର୍ତ୍ତମାନପରି ରୋଡସେସ୍, ଡାକ୍ତରଖାନା, ଏବଂ ଶିକ୍ଷାକାର୍ଯ୍ୟ ସକାଶେ ପୃଥକ ପୃଥକ କମିଟୀ ଜିଲ୍ଲାରେ ନିଯୁକ୍ତ ନ ହୋଇ ଏକ କମିଟୀ ସକଳ କାର୍ଯ୍ୟ ସକାଶେ ରହିବ ଯେ ଏଥିର ସଭ୍ୟଶ୍ରେଣୀ ମିଉନିସିପଲ ଏବଂ ସଦର ସବଡିଭିଜନର ଲୋକେଲ ବୋର୍ଡରୁ ଗୃହୀତ ହେବ । ମାନ୍ୟବର ଷ୍ଟେଟଲିଟ ସାହେବ ଯଥାର୍ଥ ବୁଝିଅଛନ୍ତି କି କୌଣସି ସ୍ଥଳରେ ଜିଲ୍ଲା ହାକିମଙ୍କୁ ବୋର୍ଡର କ୍ଷମତା ଦିଆ ଯିବ ନାହିଁ ସେମାନେ କେବଳ କାର୍ଯ୍ୟ ଭଲ ଚଳୁଅଛି କି ନାହିଁ ଦେଖିବେ ମାତ୍ର କୌଣସି ବିଷୟରେ ହସ୍ତକ୍ଷେପ କରି ପାରିବେ ନାହିଁ । ମିଉନିସିପଲ ଓ ଅନ୍ୟାନ୍ୟ ବୋର୍ଡର ତତ୍ତ୍ୱାବଧାରଣ ନିମିତ୍ତ ରାଜଧାନୀରେ ସେଣ୍ଟ୍ରାଲ ବୋର୍ଡ ନାମରେ ଗୋଟିଏ ସଭା ନିଯୋଗ କରିବାକୁ ଗବର୍ଣ୍ଣମେଣ୍ଟ ଇଚ୍ଛା କରିଅଛନ୍ତି । ଏଥିର ସଭ୍ୟମାନେ ବେତନଭୋଗୀ ହେବେ ଓ କୌଣସି ବୋର୍ଡ ଆପଣା କାର୍ଯ୍ୟରେ ତ୍ରୁଟି କଲେ ସେ କାର୍ଯ୍ୟମାନ ନିୟମିତରୂପେ କରାଇବାକୁ ତାହାଙ୍କର କ୍ଷମତା ରହିବ ।

---

☞ ଏହି ଉତ୍କଳଦୀପିକା ସହର କଟକ ଦରଘାବଜାରସ୍ଥିତ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com